# ଧରିତ୍ରୀ
DHARITRI

ରାୟଗଡ଼ା, ମଙ୍ଗଳବାର, ନଭେମ୍ବର ୧୯ /୨୦୧୯ (୧୬ ପୃଷ୍ଠା) | Rayagada, Tuesday, November 19 / 2019 ★

୯ମ ଭାଗ ୨୮୦ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹ ୪/-




**ନଖରା ଦେଖାଇ ଫିଲ୍ମରୁ ଆଉଟ୍**

ବଲିଉଡ୍ ନାୟିକା କ୍ରିତି ଖର୍‌ବନ୍ଦା ଫିଲ୍ମ 'ଚେହ୍‌ରେ'ର ଶୁଟିଂ ସମୟରେ ନଖରା ଦେଖାଇବା ଓ ନିର୍ଦ୍ଦେଶକ ରୁମି ଜାଫ୍‌ରୀଙ୍କ ସହ ବିବାଦ ହେବା କାରଣରୁ ନିର୍ମାତା ତାଙ୍କୁ ଫିଲ୍ମରୁ ବାହାର କରିଦେଇଛନ୍ତି। ୦୨

୧୫ **ସିତ୍‌ସିପାସଙ୍କୁ ଏଟିପି ଫାଇନାଲ୍ସ ଟ୍ରଫି**

ଗ୍ରୀସର ଷ୍ଟିଫାନୋସ ସିତ୍‌ସିପାସ ୬-୭ (୬/୮), ୬-୨, ୭-୬ (୭/୪) ସେଟ୍‌ରେ ଡୋମିନିକ୍ ଥିଏମ୍‌ଙ୍କୁ ପରାସ୍ତ କରି ସମ୍ମାନଜନକ ଏଟିପି ଫାଇନାଲ୍ସ ଟ୍ରଫି ଜିତିଛନ୍ତି।



■ ୧୦ ଖଣି ପାଇଁ ନିଲାମ ପ୍ରକ୍ରିୟା ଆରମ୍ଭ

# ୧୭୬ ବିଡର କରିଛନ୍ତି ଆବେଦନ

■ ଖୋଲିଲା ଟେକ୍ନିକାଲ ବିଡ୍

■ ଡିସେମ୍ବର ୯ରେ ନିଲାମଧାରୀଙ୍କ ଚୂଡ଼ାନ୍ତ ତାଲିକା ପ୍ରକାଶ ପାଇବ

ଭୁବନେଶ୍ୱର,୧୮।୧୧(ବ୍ୟୁରୋ)

ରାଜ୍ୟ ସରକାର ୧୦ଟି ଖଣି ନିଲାମ ପାଇଁ ଟେଣ୍ଡର ପ୍ରକ୍ରିୟା ଆରମ୍ଭ କରିଛନ୍ତି। ସେହି ଖଣିଗୁଡ଼ିକ ହେଲା ନୂଆଗାଁ ଲୁହାପଥର ଖଣି, ଠାକୁରାଣୀ ଲୁହା ପଥର ଖଣି, ସିଲଜୋରା-କାଳିମାଟି ଲୁହାପଥର ଓ ମାଙ୍ଗାନିଜ୍, ଜିଲିଂ-ଲଙ୍ଗଲୋଟା ଲୁହାପଥର, ଜରିବାହାଲ ଲୁହାପଥର, ରଏଡା-୨, ଜୁରୁରୀ ଲୁହାପଥର, ନାରାୟଣପୋଷି ଲୁହାପଥର ଓ ମାଙ୍ଗାନିଜ୍, ମହୁଲ ସୁଖା ଲୁହପଥର ଓ ମାଙ୍ଗାନିଜ୍ ଏବଂ ଗୋନୁଆ ଲୁହାପଥର ଖଣି। ଉକ୍ତ ଖଣି ନିଲାମରେ ୧୭୬ ଜଣ ଭାଗ ନେଇଛନ୍ତି। ରଏଡା-୨ ପାଇଁ ୨୧ ଜଣ ବିଡର ଆବେଦନ କରିଥିବାବେଳେ ନୂଆଗାଁ ଖଣି ପାଇଁ ୧୫, ଠାକୁରାଣୀ ପାଇଁ ୧୫, ଜିଲିଂ-ଲଙ୍ଗଲୋଟା ପାଇଁ ୨୪, ଜୁରୁରୀ ପାଇଁ ୨୨, ଗୋନୁଆ ପାଇଁ ୧୨, ଜରିବାହାଲ ପାଇଁ ୨୫, ମହୁଲସୁଖା ପାଇଁ ୧୮, ନାରାୟଣପୋଷୀ ପାଇଁ ୧୨ ଏବଂ ସିଲଜୋରା-କାଳିମାଟି ଖଣି ପାଇଁ ୧୨ ଜଣ ବିଡର ଆବେଦନ କରିଛନ୍ତି। ସୋମବାର ଏହି ସବୁଖଣି ପାଇଁ ଟେକ୍ନିକାଲ ବିଡ୍ ଖୋଲାଯାଇଛି। ମଙ୍ଗଳବାର ଠାରୁ ଖଣି ବିଭାଗର ବୈଷୟିକ କମିଟି ଦ୍ୱାରା ଉକ୍ତ ବିଡରଙ୍କର ବୈଷୟିକ ମୂଲ୍ୟାୟନ ପ୍ରକ୍ରିୟା ଆରମ୍ଭ ହେବ। ଆସନ୍ତା ଡିସେମ୍ବର ୯ ତାରିଖରେ ଖଣି ପାଇବାକୁ ଯୋଗ୍ୟତା ଅର୍ଜନ କରିଥିବା ବିଡରମାନଙ୍କର ତାଲିକା ପ୍ରକାଶ କରାଯିବ ବୋଲି ଖଣି ନିର୍ଦ୍ଦେଶକ ଦୀପକ କୁମାର ମହାନ୍ତି କହିଛନ୍ତି।

ମିଳିଥିବା ସୂଚନା ଅନୁଯାୟୀ କାଳିମାଟି ଖଣି ପାଇଁ ମିଥ୍ରୀ ଇନଫ୍ରା, ସିପି ଇସ୍ପାତ, ବେଦାନ୍ତ, ଦେବବ୍ରତ ବେହେରା, ଅଲଟ୍ରେଡ ମିନେରାଲ, ସାଉଥ ୱେଷ୍ଟ ମାଇନିଂ, ରୁଙ୍ଗଟା, କେଜେଏସ, ଏମ.ବାବନା, ଫୋରୱେ ଇନଫ୍ରା, ୟାଜଦାନୀ ଏବଂ ଜିଏମ ଆଇରନ ଆବେଦନ କରିଥିବାବେଳେ ନାରାୟଣପୋଷି ଖଣି ପାଇଁ ଇଲେକ୍ଟ୍ରୋଷ୍ଟିଲ, ☞ପୃଷ୍ଠା-୪

■ ଟୋକନ ବ୍ୟବସ୍ଥାକୁ ଚାଷୀଙ୍କ ବିରୋଧ ପ୍ରସଙ୍ଗ

# ଧାନକିଣା ନେଇ ଗୃହରେ ହଟ୍ଟଗୋଳ

■ ଭାଜପାର ବୟକଟ୍

■ ଗୃହ ମୁଲତବୀ

ଭୁବନେଶ୍ୱର,୧୮।୧୧(ବ୍ୟୁରୋ)

ଧାନ କିଣା ପାଇଁ ରାଜ୍ୟସ୍ତରୀୟ ଟୋକନ ବ୍ୟବସ୍ଥାକୁ ନେଇ ବରଗଡ଼, ସୋନପୁର, ସମ୍ବଲପୁର, ବଲାଙ୍ଗୀର ଆଦି ଜିଲାରେ ଚାଷୀମାନେ ଆନ୍ଦୋଳନକୁ ଓହ୍ଲାଇଛନ୍ତି। ଚାଷୀଙ୍କ ଠାରୁ ଧାନ କିଣା ଯାଉ ନାହିଁ। ନଭେମ୍ବର ୧୫ରୁ ଧାନ କିଣା ହେବା କଥା, ୩ ଦିନ ହେଲାଣି ଧାନ କିଣାଯାଇ ନାହିଁ। ମଣ୍ଡି ଖୋଲିବା ଆଗରୁ ଦଲାଲ ଓ ମିଲମାଲିକ ଚାଷୀଙ୍କଠାରୁ କମ୍ ଦାମ୍‌ରେ ଧାନ କିଣି ନେଉଥିବା ଅଭିଯୋଗ ହୋଇଛି। ବିଭିନ୍ନ ଜିଲାରେ ଚାଷୀ ଆନ୍ଦୋଳନ ଜାରି ରଖିଥିବାବେଳେ ସୋମବାର ବିଧାନସଭାରେ ଗୃହ କାର୍ଯ୍ୟ ଆରମ୍ଭ ହେବା ମାତ୍ରେ କଂଗ୍ରେସ ସଦସ୍ୟମାନେ ଧାନ କିଣାକୁ ନେଇ ପ୍ରବଳ ହୋହଲ୍ଲା କରିଥିଲେ। ହଟ୍ଟଗୋଳକୁ ଦେଖି ବାଚସ୍ପତି ମାତ୍ର ୪ ମିନିଟ୍ ପରେ ଗୃହକୁ ଅପରାହ୍ନ ୩ଟା ଯାଏ ମୁଲତବୀ ଘୋଷଣା କରିଥିଲେ।

ପୂର୍ବାହ୍ନ ୧୦ଟା ୩୦ ମିନିଟ୍‌ରେ ବାଚସ୍ପତି ସୂର୍ଯ୍ୟନାରାୟଣ ପାତ୍ର ଗୃହକୁ ପ୍ରବେଶ କରିଥିଲେ। ଗୃହରେ କେବଳ କଂଗ୍ରେସ ଓ ଶାସକ ଦଳର ସଦସ୍ୟମାନେ ବସିଥିଲେ। ଭାଜପା ସଦସ୍ୟମାନେ ଗୃହକୁ ନ ଆସି ଯାଜପୁର ଜିଲା ହରିଦାସପୁର ପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ ସ୍ମିତାରାଣୀ ବିଶ୍ୱାଳଙ୍କ ରହସ୍ୟଜନକ ମୃତ୍ୟୁର ସିବିଆଇ ତଦନ୍ତ ଦାବିରେ ବିଧାନସଭା ପରିସରରେ ଥିବା ଗାନ୍ଧୀମୂର୍ତ୍ତି ସମ୍ମୁଖରେ ଧାରଣାରେ ବସି ରହିଥିଲେ। ଭାଜପା ସଦସ୍ୟଙ୍କ ଅନୁପସ୍ଥିତିରେ ବାଚସ୍ପତି ଗୃହ କାର୍ଯ୍ୟ ଆରମ୍ଭ କରିଥିଲେ। ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ ଆରମ୍ଭ କରିବା ମାତ୍ରେ କଂଗ୍ରେସ ସଦସ୍ୟ ସୁରେଶ କୁମାର ରାଉତରାୟ କହିଲେ ସାର୍ ଧାନ ବିକ୍ରି ହୋଇପାରୁନି। ଧାନ କେମିତି କିଣା ହେବ ବ୍ୟବସ୍ଥା କରନ୍ତୁ କହି ଗୃହର ମଧ ଭାଗକୁ ଆସି ପାଟି କରିଥିଲେ। ତାଙ୍କ ସହ କଂଗ୍ରେସ ସଦସ୍ୟ ସନ୍ତୋଷ ସିଂ ସାଲୁଜା, ତାରା ବାହିନୀପତି ଓ କଂଗ୍ରେସର ଅନ୍ୟ ସଦସ୍ୟମାନେ ଗୃହର ମଧ ଭାଗକୁ ଆସି ପାଟିତୁଣ୍ଡ କଲେ। ପାଟିତୁଣ୍ଡ ମଧ୍ୟରେ ବାଚସ୍ପତି ବିଜେଡି ସଭ୍ୟ ବ୍ୟୋମକେଶ ରାୟ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ପଚାରିଥିବା ୧୨୧ ନମ୍ବର ପ୍ରଶ୍ନର ଉତ୍ତର ପଢ଼ିବାକୁ ଗୃହ ରାଷ୍ଟ୍ରମନ୍ତ୍ରୀ ଦିବ୍ୟ ଶଙ୍କର ମିଶ୍ରଙ୍କୁ କହିଥିଲେ। ମନ୍ତ୍ରୀ ଦୁଇଧାଡ଼ିଆ ଲେଖା ଉତ୍ତର ପଢ଼ି ଶୁଣାଇଥିଲେ। ବର୍ତ୍ତମାନ ରାଜ୍ୟରେ ଅଧିକ ସାମୁଦ୍ରିକ ଥାନା ସ୍ଥାପନ କରିବାର କୌଣସି ଯୋଜନା ନାହିଁ।

ସାମୁଦ୍ରିକ ଥାନାଗୁଡ଼ିକୁ କିଭଳି ସୁଦୃଢ଼ କରାଯିବ ସେ ନେଇ ସରକାର କି ପଦକ୍ଷେପ ନେଉଛନ୍ତି। ନୂଆ ଥାନା ସ୍ଥାପନ କରି ଉପକୂଳ ସୁରକ୍ଷାକୁ ଆହୁରି ସୁଦୃଢ଼ କରିବେ କି। ମନ୍ତ୍ରୀ କହିଲେ, ପ୍ରସ୍ତାବ ଉପରେ ଅନୁଧ୍ୟାନ କରାଯିବ। ପ୍ରଶ୍ନୋତ୍ତର ଗୋଟିଏ ପଟେ ଚାଲିଥିବାବେଳେ ଅନ୍ୟ ପଟେ କଂଗ୍ରେସ ସଦସ୍ୟମାନେ ବାଚସ୍ପତିଙ୍କ ପୋଡିୟମ ଉପରକୁ ଉଠିବାକୁ ଉଦ୍ୟମ କରିଥିଲେ। ବାଚସ୍ପତି ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମକୁ ଆଗକୁ ନ ନେଇ ମାତ୍ର ୪ ମିନିଟ୍ ପରେ ଅର୍ଥାତ୍ ୧୦ଟା ୩୪ ମିନିଟ୍ ପରେ ଗୃହକୁ ଅପରାହ୍ନ ୩ଟା ଯାଏ ମୁଲତବୀ ଘୋଷଣା କରିଥିଲେ। ଅନ୍ୟପକ୍ଷରେ ଭାଜପା ସଦସ୍ୟମାନେ ବିଧାନସଭା ପରିସରରେ ୩ ଘଣ୍ଟା ଧାରଣାରେ ବସିବା ପରେ ରାଜଭବନକୁ ଯାଇ ରାଜ୍ୟପାଳ ଗଣେଶୀ ଲାଲଙ୍କୁ ସାକ୍ଷାତ୍ କରି ସ୍ମିତାରାଣୀ ପ୍ରସଙ୍ଗରେ ଗୃହରେ କହିବାକୁ ସୁଯୋଗ ମିଳୁ ନାହିଁ ବୋଲି ରାଜ୍ୟପାଳଙ୍କ ନିକଟରେ ଫେରାଦ ହୋଇ ସ୍ମାରକ ପତ୍ର ପ୍ରଦାନ କରିଛନ୍ତି। ଅପରାହ୍ନ ୩ଟାରେ ଗୃହ କାର୍ଯ୍ୟ ଆରମ୍ଭ ହୋଇଥିଲା। ପ୍ରଥମ ପର୍ଯ୍ୟାୟରେ ଗୃହରେ ଉପସ୍ଥିତ ନ ଥିବା ଭାଜପା ସଦସ୍ୟମାନଙ୍କୁ ଡାକିବାକୁ ବାଚସ୍ପତି ସଂସଦୀୟ ବ୍ୟାପାର ମନ୍ତ୍ରୀ ବିକ୍ରମ କେଶରୀ ଆରୁଖ ଏବଂ ସରକାରୀ ଦଳ ମୁଖ୍ୟ ସଚେତକ ପ୍ରମିଳା ମଲ୍ଲିକଙ୍କୁ କହିଥିଲେ। ☞ପୃଷ୍ଠା-୪



କଂଗ୍ରେସ ସଦସ୍ୟମାନେ ବାଚସ୍ପତିଙ୍କ ପୋଡ଼ିୟମ ନିକଟକୁ ଯାଇ ହୋହାଲ୍ଲା କରୁଛନ୍ତି।

# ହଟ୍ଟଗୋଳ ମଧ୍ୟରେ ଶୀତ ଅଧିବେଶନ ଆରମ୍ଭ

■ କଶ୍ମୀର ପ୍ରସଙ୍ଗରେ ସରକାରଙ୍କୁ ଘେରିଲେ ବିରୋଧୀ

■ ଶିବସେନା ସଦସ୍ୟଙ୍କ କକ୍ଷତ୍ୟାଗ

ନୂଆଦିଲ୍ଲୀ,୧୮।୧୧(ପି.ଟି.)

ପାର୍ଲାମେଣ୍ଟର ଶୀତ ଅଧିବେଶନ ସୋମବାର ପ୍ରବଳ ହଟ୍ଟଗୋଳ ମଧ୍ୟରେ ଆରମ୍ଭ ହୋଇଛି। କଶ୍ମୀର ସମେତ ବିଭିନ୍ନ ପ୍ରସଙ୍ଗକୁ ନେଇ କଂଗ୍ରେସ ଓ ଅନ୍ୟ ବିରୋଧୀ ଦଳଗୁଡ଼ିକ ସରକାରଙ୍କୁ ତୀବ୍ର ସମାଲୋଚନା କରିଥିଲେ। ଜମ୍ମୁ-କଶ୍ମୀରକୁ ୟୁରୋପୀୟ ସଂଘର ପ୍ରତିନିଧିଙ୍କୁ ପଠାଯାଉଥିଲାବେଳେ ପାର୍ଲାମେଣ୍ଟ ସଦସ୍ୟମାନଙ୍କୁ ଛଡ଼ାଯାଉ ନ ଥିବା ନେଇ ଲୋକ ସଭାରେ କଂଗ୍ରେସ ନେତା ଅଧୀର ରଞ୍ଜନ ଚୌଧୁରୀ ସରକାରଙ୍କ ଉପରେ ବର୍ଷିଥିଲେ। ଜମ୍ମୁ-କଶ୍ମୀରର ପୂର୍ବତନ ମୁଖ୍ୟମନ୍ତ୍ରୀ ଫାରୁକ ଅବଦୁଲ୍ଲାଙ୍କୁ ଲୋକ ସଭା ଅଧିବେଶନରେ ଯୋଗଦେବା ପାଇଁ ସୁଯୋଗ ଦିଆ ନ ଯିବା ଏକପ୍ରକାର ଅତ୍ୟାଚାର ବୋଲି ସେ କହିଥିଲେ। ଫାରୁକ୍‌ଙ୍କୁ ଅଟକ ରଖାଯିବା ବେଆଇନ। ତାଙ୍କୁ ଗୃହକାର୍ଯ୍ୟରେ ଯୋଗଦେବା ଲାଗି ଅନୁମତି ଦେବାକୁ ବିରୋଧୀ ଦଳଗୁଡିକ ଦାବି କରିଥିଲେ।

ଅଧିବେଶନ ଆରମ୍ଭରେ ନବନିର୍ବାଚିତ ୪ ସଦସ୍ୟ ପ୍ରିନ୍ସ ରାଜ୍ (ଏଲ୍‌ଜେପି), ହିମାଦ୍ରି ସିଂ (ଭାଜପା), ଶ୍ରୀନିବାସ ଦାଦାସାହେବ ପାଟିଲ(ଏନ୍‌ସିପି) ଏବଂ ଡି.ଏମ୍. କାଥିର ଆନନ୍ଦ (ଡିଏମ୍‌କେ) ଶପଥ ନେଇଥିଲେ। ଏହାପରେ ନିକଟରେ ପରଲୋକ ହୋଇଥିବା ପୂର୍ବତନ କେନ୍ଦ୍ରମନ୍ତ୍ରୀ ଅରୁଣ ଜେଟଲୀ, ସୁଷମା ସ୍ୱରାଜ, ରାମ ଜେଠ୍‌ମାଲାନିଙ୍କ ସମେତ ଲୋକ ସଭା ଓ ରାଜ୍ୟ ସଭାର ୧୦ ଜଣ ସଦସ୍ୟଙ୍କ ପାଇଁ ଗୃହରେ ଶୋକବ୍ୟକ୍ତ କରାଯାଇଥିଲା। ପ୍ରଶ୍ନୋତ୍ତର କାଳ ଆରମ୍ଭ ହେବା କ୍ଷଣି କଂଗ୍ରେସ ସଦସ୍ୟମାନେ ଗୃହର ମଧଭାଗକୁ ଆସି ସ୍ଲୋଗାନ ଦେବା ସହ ସରକାର ବିରୋଧୀ ଦଳ ☞ପୃଷ୍ଠା-୪

## ବିଜେଡି, ଏନ୍‌ସିପିକୁ ପ୍ରଶଂସା

■ ଗୃହ ମଧଭାଗକୁ ନ ଆସି ମଧ ଲୋକଙ୍କ ହୃଦୟ ଜିତିହେବ : ପ୍ରଧାନମନ୍ତ୍ରୀ



ନୂଆଦିଲ୍ଲୀ,୧୮।୧୧(ପି.ଟି.)

ଗୃହରେ ଶୃଙ୍ଖଳା ରକ୍ଷା ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଦୁଇ ବିରୋଧୀ ଦଳ ବିଜେଡି ଏବଂ ଏନ୍‌ସିପିକୁ ଉଚ୍ଚ ପ୍ରଶଂସା କରିଛନ୍ତି। ରାଜ୍ୟ ସଭାର ୨୫୦ତମ ଅଧିବେଶନ ଅବସରରେ ସ୍ୱତନ୍ତ୍ର ଆଲୋଚନାରେ ଭାଗନେଇ ପ୍ରଧାନମନ୍ତ୍ରୀ କହିଥିଲେ ରାଜନୈତିକ ଦଳଗୁଡିକ ବିଭିନ୍ନ ପ୍ରସଙ୍ଗରେ ପ୍ରତିବାଦ ଜଣାଇବା ପାଇଁ ଗୃହର ମଧଭାଗକୁ ନ ଆସି ମଧ ଲୋକଙ୍କ ହୃଦୟ ଜିତିପାରିବେ। ବିଜେଡି ଏବଂ ଏନ୍‌ସିପି ସଦସ୍ୟମାନେ କେବେ ଗୃହ ମଧଭାଗକୁ ଆସନ୍ତି ନାହିଁ। ସେମାନେ ପାର୍ଲାମେଣ୍ଟ ନିୟମାବଳୀକୁ ଠିକ୍ ଭାବେ ପାଳନ କରିଥାନ୍ତି। ବିଭିନ୍ନ ପ୍ରସଙ୍ଗକୁ ସେମାନେ ପ୍ରଭାବଶାଳୀ ଢଙ୍ଗରେ ଉପସ୍ଥାପନ କରୁଛନ୍ତି। ଏଥିରୁ ତାଙ୍କ ଦଳ ଭାଜପା ସମେତ ଅନ୍ୟମାନେ ଶିକ୍ଷାଗ୍ରହଣ କରିବା ଉଚିତ ବୋଲି ମୋଦି କହିଥିଲେ। ଅପରପକ୍ଷରେ ଶିବସେନା ସହ ମିଶି ଏନ୍‌ସିପି ମହାରାଷ୍ଟ୍ରରେ ସରକାର ଗଠନ ଲାଗି ଉଦ୍ୟମ ଚଳାଇଥିଲାବେଳେ ଉକ୍ତ ଦଳକୁ ପ୍ରଧାନମନ୍ତ୍ରୀ ☞ପୃଷ୍ଠା-୪

## ଚେକିଂ ବେଳେ ଦୁର୍ଘଟଣା, ପୋଲିସ ଏସ୍ଆଇ ମୃତ

ବାରିପଦା ଅଫିସ,୧୮।୧୧

ବାରିପଦା ଟାଉନ ଥାନା ପୋଲିସ ପକ୍ଷରୁ ତକତପୁରଠାରେ ଯାନବାହନ ଚେକିଂ ବେଳେ ସୋମବାର ସନ୍ଧ୍ୟାରେ ଦୁର୍ଘଟଣା ଘଟିଛି। ଏଥିରେ ସବ୍ ଇନ୍ସପେକ୍ଟର (ଏସ୍ଆଇ) ଦୟାନିଧି ଦାସଙ୍କ ମୃତ୍ୟୁ ଘଟିଛି। ତକତପୁରସ୍ଥିତ ଉତ୍ତର ଓଡ଼ିଶା ବିଶ୍ୱବିଦ୍ୟାଳୟ ନିକଟରେ ଯାନବାହନ ଚେକିଂ ବେଳେ ଜଣେ ବାଇକ୍ ଚାଳକ ଦ୍ରୁତ ଗତିରେ ଆସି ଏସ୍ଆଇ ଦାସଙ୍କୁ ଧକ୍କା ଦେଇଥିଲେ। ଚିକିତ୍ସା ପାଇଁ ତାଙ୍କୁ ପିଆରଏମ ମେଡିକାଲରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଦୁର୍ଘଟଣା ଘଟାଇଥିବା ବାଇକ୍ ଚାଳକଙ୍କୁ ପୋଲିସ ଅଟକ ରଖିଛି।

ରକ୍ଷୋ ହରି ମାରେ କିଏ

**ପ୍ଲାଟଫର୍ମ-ଟ୍ରେନ ମଝିରେ ଫସି ରହିଲେ ଯୁବତୀ**

୩


ଭାରତର No. 1 ସବୁଠାରୁ ବିଶ୍ୱସନୀୟ୍ ଫାଇନାନ୍ସିୟାଲ ସର୍ଭିସେସ୍ ବ୍ରାଣ୍ଡ

କେବଳ 1 ଭିଜିଟ ରେ ଗୋଲ୍ଡ ଲୋନ୍

କେବଳ 1 % ପ୍ରତି ମାସ ସୁଧ ରେ (12% ପ୍ରତି ବର୍ଷ)






1 ଅକ୍ଟୋବର ରୁ 31 ଡିସେମ୍ବର 2019 ମଧ୍ୟରେ ଗୋଲ୍ଡ ଲୋନ୍ ନିଅନ୍ତୁ ଏବଂ ଜିତନ୍ତୁ କାର, ସ୍କୁଟର, ୱାଶିଂ ମେସିନ୍, ମାଇକ୍ରୋୱେଭ, ମୋବାଇଲ ଫୋନ୍ ଏବଂ ସ୍ୱର୍ଣ୍ଣ ମୁଦ୍ରା !

5000+ ଶାଖା

Power of Trust
*TRA's Brand Trust Report (2016 - 2019)

ବିଗ୍ ବି ଙ୍କୁ ନୂଆ ଅବତାରରେ ଦେଖିବା ପାଇଁ ଏହି QR Code କୁ ସ୍କାନ୍ କରନ୍ତୁ

1800 313 1212
muthootfinance.com

Muthoot Finance
A Muthoot M George Enterprise



**ଆଜିର ସମ୍ପାଦକୀୟ**

କୂଟନୈତିକ ଚ୍ୟାଲେଞ୍ଜ


**ଆଜିର ମନ୍ତବ୍ୟ**

"ମହାରାଷ୍ଟ୍ରରେ ସରକାର ଗଠନ ସମ୍ପର୍କରେ ସୋନିଆ ଗାନ୍ଧୀଙ୍କ ସହ କୌଣସି ଆଲୋଚନା ହୋଇନାହିଁ।

-ଶରଦ ପାୱାର, ଏନ୍‌ସିପି ମୁଖ୍ୟ

**କିଛି ତଥ୍ୟ**

୨୦୧୮-୧୯ ଆର୍ଥିକ ବର୍ଷରେ ଦେଶରୁ ପ୍ରକ୍ରିୟାକୃତ ଇସ୍ପାତ ରପ୍ତାନି ୩୪% ହ୍ରାସ ଘଟି ୬.୩୬ ନିୟୁତ ଟନ୍ ରହିଛି।

- ଇସ୍ପାତ ମନ୍ତ୍ରଣାଳୟ


Vencobb FRESH CHICKEN

18.11.2019

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 84 | 137 | 147 |
| CTC | 84 | 137 | 147 |
| DKL | 84 | 137 | 147 |
| BDK | 84 | 137 | 147 |
| BLS | 84 | 137 | 147 |
| ANG | 84 | 137 | 147 |
| BHM | 84 | 137 | 147 |

*Conditions Apply

Issued in the Interest of Consumers


## କ୍ରାଇମବ୍ରାଞ୍ଚ ତଦନ୍ତରେ ହାଇକୋର୍ଟ ଅସନ୍ତୁଷ୍ଟ

# ଏସ୍ଆଇଟି ତଦନ୍ତ ନିର୍ଦ୍ଦେଶ

**କୁନ୍ଧୁଲି ନାବାଳିକା ଗଣବଳାତ୍କାର ଓ ଆତ୍ମହତ୍ୟା ମାମଲା**

କଟକ ଅଫିସ,୧୮।୧୧

କୁନ୍ଧୁଲି ନାବାଳିକା ଗଣବଳାତ୍କାର ଓ ଆତ୍ମହତ୍ୟା ମାମଲାରେ କ୍ରାଇମବ୍ରାଞ୍ଚ ତଦନ୍ତ ରିପୋର୍ଟକୁ ନେଇ ସୋମବାର ହାଇକୋର୍ଟ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ଆଗକୁ ଏହି ମାମଲାର ତଦନ୍ତ ସ୍ୱତନ୍ତ୍ର ତଦନ୍ତକାରୀ ଟିମ୍ (ଏସ୍ଆଇଟି) ଦ୍ୱାରା କରାଯିବା ପାଇଁ ସୋମବାର ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। କ୍ରାଇମବ୍ରାଞ୍ଚର ତଦନ୍ତ ସନ୍ତୋଷଜନକ ନୁହେଁ ବୋଲି ଖଣ୍ଡପୀଠ ଅନୁଭବ କରି ସ୍ୱତନ୍ତ୍ର ତଦନ୍ତକାରୀ ଟିମ୍ ଗଠନ ଲାଗି ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏହି ଟିମ୍‌ରେ ୩ଟି ରେଞ୍ଜର ଡିଆଇଜି ରହିବେ। ଉକ୍ତ ଟିମ୍ ଆସନ୍ତା ଡିସେମ୍ବର ୧୬ ସୁଦ୍ଧା ତଦନ୍ତ ଶେଷ କରି ରିପୋର୍ଟ ଦେବାକୁ ମୁଖ୍ୟ ବିଚାରପତି କେ.ଏସ୍.ଝାବେରୀ ଓ ବିଚାରପତି କେ.ଆର. ମହାପାତ୍ରଙ୍କୁ ନେଇ ଗଠିତ ଖଣ୍ଡପୀଠ ନିର୍ଦ୍ଦେଶ ଦେଇଛନ୍ତି। ଅନ୍ୟପକ୍ଷରେ ଏସ୍ଆଇଟି ଗଠନ ଲାଗି କେତେଜଣ ଅଧିକାରୀଙ୍କ ନାମ ପ୍ରସ୍ତାବ ଦେବା ପାଇଁ ଖଣ୍ଡପୀଠ ନିର୍ଦ୍ଦେଶ ଦେଇଛନ୍ତି। ଐର ଖାରବେଳ ସ୍ୱାଇଁ ଏବଂ ପୀଡିତାଙ୍କ ମା'ଙ୍କ ପକ୍ଷରୁ ରୁଜୁ ମାମଲାର ଶୁଣାଣି କରି ଖଣ୍ଡପୀଠ ସୋମବାର ଉପରୋକ୍ତ ନିର୍ଦ୍ଦେଶ ଦେଇଛନ୍ତି।

ପ୍ରକାଶ ଯେ, କୁନ୍ଧୁଲି ଗଣବଳାତ୍କାର ଓ ଆତ୍ମହତ୍ୟା ମାମଲାର ତଦନ୍ତ ପାଇଁ ସରକାର କ୍ରାଇମବ୍ରାଞ୍ଚକୁ ନିର୍ଦ୍ଦେଶ ଦେଇଥିଲେ। ଗତ ଅଗଷ୍ଟ ୨ରେ ଅନୁଷ୍ଠିତ ଶୁଣାଣିରେ କ୍ରାଇମବ୍ରାଞ୍ଚ ତଦନ୍ତ ରିପୋର୍ଟ ଦାଖଲ କରିପାରି ନ ଥିବାବେଳେ ଏହାକୁ ନେଇ ହାଇକୋର୍ଟ ଅସନ୍ତୋଷ ବ୍ୟକ୍ତ କରିଥିଲେ। ତେବେ ସେପ୍ଟେମ୍ବର ୪ରେ ଶୁଣାଣିବେଳେ କ୍ରାଇମବ୍ରାଞ୍ଚ ପକ୍ଷରୁ ସିଲ୍ଡ କଭରରେ ତଦନ୍ତ ରିପୋର୍ଟ ଦାଖଲ କରାଯାଇଥିଲା।

କୋରାପୁଟ ଜିଲା ପଟାଙ୍ଗୀ ଥାନା କୁନ୍ଧୁଲି ନିକଟ ଜଙ୍ଗଲରେ ଜଣେ ନାବାଳିକାଙ୍କୁ ୨୦୧୭ ଅକ୍ଟୋବର ୧୦ରେ ଗଣବଳାତ୍କାର କରାଯାଇଥିଲା। ନବମ ଶ୍ରେଣୀରେ ପଢୁଥିବା ଏହି ନାବାଳିକାଙ୍କୁ ଯବାନଙ୍କ ଡ୍ରେସ୍ ପିନ୍ଧିଥିବା ୪ଜଣ ବଳାତ୍କାର କରିଥିବା ଅଭିଯୋଗ ହୋଇଥିଲା। ତେବେ ଲୋକଲଜ୍ଜା ପାଇଁ ୨୦୧୮ ଜାନୁୟାରୀ ୨୨ରେ ପୀଡିତା ଆତ୍ମହତ୍ୟା କରିଥିଲେ। ଏହି ଘଟଣାକୁ ନେଇ ରାଜ୍ୟରେ ଆନ୍ଦୋଳନ ହୋଇଥିଲା। ପରେ ରାଜ୍ୟ ସରକାର ଉକ୍ତ ଘଟଣାରେ ପ୍ରଥମେ କ୍ରାଇମବ୍ରାଞ୍ଚ ତଦନ୍ତ ପାଇଁ ନିର୍ଦ୍ଦେଶ ଦେବା ସହ ବିଚାର ବିଭାଗୀୟ ତଦନ୍ତ ପାଇଁ କମିଶନ ବସାଇଥିଲେ। ଏହି ଘଟଣାକୁ ନେଇ ହାଇକୋର୍ଟରେ ପ୍ରାୟ ୭ଟି ମାମଲା ରୁଜୁ ହୋଇଥିଲା। ସେଥିମଧ୍ୟରୁ ୪ଟି ମାମଲା ପ୍ରତ୍ୟାହାର ହୋଇଥିବାବେଳେ ଗୋଟିଏ ମାମଲାକୁ ହାଇକୋର୍ଟ ଖାରଜ କରି ଦେଇଛନ୍ତି।



ବଡି ଫିଟ୍‌ନେସ୍ ଲାଗି ବ୍ୟାୟାମ କରୁଥିବା ଯୁବକମାନେ ଶରୀରରେ ରାସାୟନିକ ବସ୍ତୁ ଲେପନ କରିବା କିମ୍ବା କୌଣସି ଇଞ୍ଜେକ୍ସନ୍‌ଠାରୁ ଦୂରେଇ ରହିବା ଉଚିତ। ନଚେତ୍ ଏହା କିଡ୍‌ନୀ ଓ ଲିଭର୍ ସମସ୍ୟାକୁ ଡ଼ାକିଆଣିବ।

- ସଲ୍‌ମାନ୍ ଖାନ୍, ବଲିଉଡ୍ ଅଭିନେତା



# ସଚେତନ ହେଲେ ଲକ୍ଷ୍ୟ ପ୍ରାପ୍ତି ସମ୍ଭବ

**ଜାତିସଂଘ:** ଜାତିସଂଘ ଅନୁସାରେ ବିଶ୍ୱରେ ପ୍ରାୟ ୪୨୦ କୋଟି ଲୋକଙ୍କୁ ପର୍ଯ୍ୟାପ୍ତ ସୁରକ୍ଷିତ ବ୍ୟବସ୍ଥିତ ସ୍ୱଚ୍ଛତା ଉପଲବ୍ଧ ହୋଇପାରୁନାହିଁ। ପାଖାପାଖି ୭୦ କୋଟି ଲୋକ ଖୋଲାରେ ଶୌଚ କରୁଛନ୍ତି। ଏଣୁ ବିଶ୍ୱରୁ ଏଭଳି ସମସ୍ୟା ଦୂର କରିବା ଲାଗି ପ୍ରତିବର୍ଷ ୧୯ ନଭେମ୍ବରରେ 'ବିଶ୍ୱ ଶୌଚାଳୟ ଦିବସ'ପାଳନ କରାଯାଉଛି। ବିଶ୍ୱରେ ଯେତେ ଲୋକ ଖୋଲାରେ ଶୌଚ କରୁଛନ୍ତି ତା'ର ଅର୍ଦ୍ଧାଧିକ ଲୋକ ଭାରତରେ ରହୁଛନ୍ତି। ୨୦୧୧ ଜନଗଣନା ଅନୁସାରେ ଦେଶରେ ୨୪.୬୬ କୋଟି ଘର ମଧ୍ୟରୁ ୧୨.୨୮ କୋଟି ଘରେ ଶୌଚାଳୟ ନାହିଁ। ଗ୍ରାମାଞ୍ଚଳରେ ୬୭ ପ୍ରତିଶତ ଓ ସହରାଞ୍ଚଳରେ ୧୩ ପ୍ରତିଶତ ଲୋକ ଖୋଲାରେ ଶୌଚ କରନ୍ତି। ରିସର୍ଚ୍ଚ ଇନଷ୍ଟିଚ୍ୟୁଟ ଅଫ୍ କମ୍ପେଶନେଟ ଇକୋନୋମିକ ନାମକ ଏକ ବେସରକାରୀ ସଂସ୍ଥା ଦ୍ୱାରା କରାଯାଇଥିବା ସର୍ଭେରୁ ଜଣାପଡିଛି ଯେ, ଭାରତରେ ୪୦ ପ୍ରତିଶତ ଘରେ ଶୌଚାଳୟ ରହିଛି କିନ୍ତୁ ସେହି ଘରୁ ଜଣେ ନିୟମିତ ଖୋଲାରେ ଶୌଚ କରୁଛନ୍ତି। ଏହାଦ୍ୱାରା ପରିବେଶ ଦୂଷିତ ହେବା ସହ ବିଭିନ୍ନ ରୋଗ ବ୍ୟାପୁଛି। ଏଣୁ ସରକାର ଏହି ସମସ୍ୟା ଦୂର କରିବା ପାଇଁ 'ସ୍ୱଚ୍ଛ ଭାରତ ଅଭିଯାନ' ଆରମ୍ଭ କରିଛନ୍ତି। ବିଶ୍ୱରେ ପ୍ରତି ତିନି ଜଣରେ ଜଣେ ମହିଳାଙ୍କୁ ସୁରକ୍ଷିତ ଶୌଚାଳୟ ଉପଲବ୍ଧ ହୋଇପାରୁନାହିଁ। ଖୋଲାରେ ଶୌଚ କରିବା କାରଣରୁ ଏମାନେ ବହୁ ସମୟରେ ହିଂସା ଓ ବଳାତ୍କାରର ଶିକାର ହେବା ଖବର ସାମ୍ନାକୁ ଆସୁଛି। ଜାତିସଂଘର ସହସ୍ରାବ୍ଦ ବିକାଶ ଲକ୍ଷ୍ୟରେ ସମସ୍ତଙ୍କୁ ଶୁଦ୍ଧ ପାନୀୟ ଜଳ ଓ ସ୍ୱଚ୍ଛତା ସୁବିଧା ଉପଲବ୍ଧ କରାଇବାର ଲକ୍ଷ୍ୟ ରଖାଯାଇଛି। କିନ୍ତୁ ଦୂଷିତ ଜଳ ଓ ଅସ୍ୱଚ୍ଛତା କାରଣରୁ ପ୍ରତିଦିନ ୧ ହଜାର ଶିଶୁଙ୍କର ମୃତ୍ୟୁ ଘଟୁଛି। ୨୦୦୧ରେ ବିଶ୍ୱ ଶୌଚାଳୟ ସଂଗଠନ ଦ୍ୱାରା ଏହି ଦିବସ ପ୍ରଥମେ ବେସରକାରୀ ଭାବେ ପାଳନ କରାଯାଇଥିଲା। ପରେ ୨୦୧୩ରେ ଜାତିସଂଘର ୬୭ତମ ସାଧାରଣ ପରିଷଦ ଅଧିକାରୀ ସ୍ତରରେ ଏହି ଦିବସ ୧୯ ନଭେମ୍ବରରେ ପାଳନ କରାଯିବା ପାଇଁ ଘୋଷଣା କରିଥିଲା। ସେବେଠାରୁ ପ୍ରତିବର୍ଷ ଏକ ସ୍ଲୋଗାନ୍ ନେଇ ଏହି ଦିବସ ପାଳନ କରାଯାଉଛି। 'କାହାକୁ ପଛରେ ଛାଡିଦିଆଯିବନି' ସ୍ଲୋଗାନ୍ ଦେଇ ୨୦୧୯ରେ ଏହି ଦିବସ ପାଳନ କରାଯାଉଛି। ଲୋକମାନେ ପରିବେଶ ଓ ସ୍ୱାସ୍ଥ୍ୟ ଉପରେ ସଚେତନ ହୋଇପାରିଲେ ସ୍ୱଚ୍ଛତାକୁ ନେଇ ଜାତିସଂଘର ସତତ ବିକାଶ ଲକ୍ଷ୍ୟ ଆଉ ଅପହଞ୍ଚ ହୋଇ ରହିବନି। ୨୦୩୦ ସୁଦ୍ଧା ସ୍ଥାୟୀ ସ୍ୱଚ୍ଛତା ସମସ୍ତଙ୍କୁ ଯୋଗାଇ ଦେବା ସମ୍ଭବ ହୋଇପାରିବ।

ବିଶ୍ୱ ଶୌଚାଳୟ ଦିବସ



# ନଖରା ଦେଖାଇ ଫିଲ୍ମରୁ ଆଉଟ୍

**ମୁମ୍ବାଇ:** ବଲିଉଡ୍ ନାୟିକା କ୍ରିତି ଖରବନ୍ଦା ଆଜିକାଲି ଚର୍ଚ୍ଚାରେ। ଗୋଟିଏପଟେ କ୍ରିତି ନିଜ ଫିଲ୍ମ 'ହାଉସ୍‌ଫୁଲ୍'ର ସଫଳତାକୁ ସେଲିବ୍ରେଟ୍ କରୁଛନ୍ତି। ଅନ୍ୟପଟେ ସେ ନିଜ ଅପ୍‌କମିଂ ଫିଲ୍ମ 'ପାଗଲ୍‌ପନ୍ତି'ର ପ୍ରମୋଶନରେ ମଧ୍ୟ ବ୍ୟସ୍ତ ଅଛନ୍ତି। ତେବେ ଆଗକୁ ଅମିତାଭ୍ ବଚ୍ଚନ ଏବଂ ଇମ୍ରାନ୍ ହାଶମୀଙ୍କ ସହ ଫିଲ୍ମ 'ଚେହ୍‌ରେ'ରେ ସେ ମୁଖ୍ୟ ଭୂମିକାରେ ନଜରକୁ ଆସିଥାନ୍ତେ। କିନ୍ତୁ ଏବେ ତାଙ୍କୁ ଏହି ଫିଲ୍ମରୁ ବାହାର କରିଦିଆଯାଇଥିବା ଜଣାପଡ଼ିଛି।

ଫିଲ୍ମ 'ଚେହ୍‌ରେ'ର ଶୁଟିଂ ସମୟରେ କ୍ରିତି ଅନେକ ନଖରା ଦେଖାଉଥିଲେ ବୋଲି ଆଲୋଚନା ହେଉଛି। କ୍ରିତିଙ୍କ ଟିମ୍ ଶୁଟିଂ ଡେଟ୍‌କୁ ନେଇ ପ୍ରଡକ୍ସନ ହାଉସ୍‌କୁ ବିଲ୍‌କୁଲ୍ ସହଯୋଗ କଲେନାହିଁ, ବରଂ ଅବ୍ୟବସ୍ଥା ସୃଷ୍ଟି କରୁଥିଲେ। ଏପରି କି, ଫିଲ୍ମ ନିର୍ମାତା କ୍ରିତିଙ୍କ ଅନେକ ଡିମାଣ୍ଡ୍ ପୂରା ମଧ୍ୟ କରିଥିଲେ। କିନ୍ତୁ ପରିଶେଷରେ ତାଙ୍କ ସହ କାମ କରିବା ନିର୍ମାତାଙ୍କ ପାଇଁ ଅସମ୍ଭବ ହୋଇପଡ଼ିଥିଲା। ଏହାଛଡ଼ା ଫିଲ୍ମର ନିର୍ଦ୍ଦେଶକ ରୁମି ଜାଫ୍‌ରୀଙ୍କ ସହ ମଧ୍ୟ କ୍ରିତିଙ୍କ ବିବାଦ ଉପୁଜିଥିଲା। ଏହିସବୁ କାରଣରୁ ଶେଷରେ ନିର୍ମାତା କ୍ରିତିଙ୍କ ବ୍ୟବହାର ବରଦାସ୍ତ ନ କରିପାରି ତାଙ୍କୁ ଫିଲ୍ମରୁ ବାହାର କରିଦେଇଥିବା ଜଣାପଡ଼ିଛି। ଏବେ ଫିଲ୍ମ 'ଚେହ୍‌ରେ' ପାଇଁ ନୂଆ ହିରୋଇନ୍ ଖୋଜା ଚାଲିଛି। ଅନ୍ୟପକ୍ଷରେ ଫିଲ୍ମର ପ୍ରଥମ ସେଡ୍ୟୁଲର ଶୁଟିଂ କ୍ରିତିଙ୍କୁ ନେଇ ଶେଷ ହୋଇସାରିଥିବାବେଳେ ନୂଆ ହିରୋଇନ୍ ଚୟନ ପରେ ପୁଣି ଏହାକୁ ଶୁଟ୍ କରାଯିବ। ଏବେ କିଏ କ୍ରିତିଙ୍କ ସ୍ଥାନରେ 'ଚେହ୍‌ରେ'ର ହିରୋଇନ୍ ହେଉଛନ୍ତି, ତାହାରି ଉପରେ ସମସ୍ତଙ୍କ ନଜର। ଫିଲ୍ମଟି ୨୦୨୦ ଏପ୍ରିଲ୍‌ରେ ରିଲିଜ୍ ହେବ।



କ୍ରିତି ଖରବନ୍ଦା

## ବିବାହ ଲାଗି ୨୦୦ ପୋଲିସଙ୍କ ଛୁଟି ଆବେଦନ

**ଲକ୍ଷ୍ନୌ:** ବର୍ତ୍ତମାନ ବିବାହ ଋତୁ ଆରମ୍ଭ ହୋଇଯାଇଛି। ସରକାରୀ କର୍ମଚାରୀ ମଧ୍ୟ ଏଥିରୁ ବାଦ୍ ପଡ଼ିନାହାନ୍ତି। ବିବାହ ପାଇଁ କେବଳ ଲକ୍ଷ୍ନୌର ୨୦୦ ପୋଲିସ କର୍ମଚାରୀ ଏକାସଙ୍ଗରେ ଛୁଟି ଆବେଦନ କରିଛନ୍ତି। ଏଥିରେ ପୋଲିସ ବିଭାଗର ୨୪ ଯୋଡ଼ି ବିବାହ କରିବାକୁ ଯାଉଛନ୍ତି। ୧୦୦ ପୋଲିସ କର୍ମଚାରୀଙ୍କ ବିବାହ ଥିବାବେଳେ ସେମାନଙ୍କ ସମ୍ପର୍କୀୟଙ୍କର ମଧ୍ୟ ବିବାହ ହେଉଛି। ଏହି ଛୁଟିକୁ ନେଇ ୟୁପି ପୋଲିସ ଚିନ୍ତାରେ ପଡ଼ିଯାଇଛି।



ଲକ୍ଷ୍ନୌର ବରିଷ୍ଠ ପୋଲିସ ଅଧୀକ୍ଷକ (ଏସ୍‌ଏସ୍‌ପି) କାର୍ଯ୍ୟାଳୟରେ ଛୁଟି ପାଇଁ ଆବେଦନ କରାଯାଇଛି। ଛୁଟି ଦରଖାସ୍ତ ସହ ନିମନ୍ତ୍ରଣ କାର୍ଡ ମଧ୍ୟ ଲଗାଯାଇଛି। ୟୁପି ପୋଲିସ ପ୍ରବକ୍ତା କୁହନ୍ତି, ରାଜ୍ୟର ପ୍ରତ୍ୟେକ ଜିଲାରେ ଥିବା ପୋଲିସ ଷ୍ଟେଶନରେ ବିବାହ ପାଇଁ ୨ /୩ ଜଣ ଛୁଟି ଆବେଦନ ପତ୍ର ଦେଇଛନ୍ତି। ଲକ୍ଷ୍ନୌର ଏସ୍‌ଏସ୍‌ପି କଳାନିଧି ନୈଥାନୀ ବିବାହ ପାଇଁ ଉଦାରପୂର୍ଣ୍ଣ ଭାବେ ଛୁଟି ମଞ୍ଜୁର କରିଛନ୍ତି। ବିବାହ ଉତ୍ସବରେ ବରିଷ୍ଠ ପୋଲିସ ଅଧିକାରୀ ବ୍ୟକ୍ତିଗତ ଭାବେ ଯୋଗଦେବେ। ନୈଥାନୀ କୁହନ୍ତି, ସୁରକ୍ଷା ଚିନ୍ତା ଯେତିକି ତା'ଠୁ ଅଧିକ ଗୁରୁତ୍ୱପୂର୍ଣ୍ଣ ଜଣକ ବିବାହ। ତେଣୁ ଏଥିପାଇଁ ୩୦ ଦିନ ଛୁଟି ଦିଆଯାଇପାରିବ। ଖାସ୍ କରି ଏସ୍‌ଏସ୍‌ପି ଏହି ବିବାହ ଉତ୍ସବ ନିମନ୍ତେ ଅଧିକ ପୋଲିସ ଫୋର୍ସ ମଗାଇଛନ୍ତି।

## ଶୀତଦିନେ ଖାଆନ୍ତୁ ଲାଲ୍ ରଙ୍ଗର ପନିପରିବା

**ନୂଆଦିଲ୍ଲୀ:** ଶୀତଦିନେ ଲାଲ୍ ରଙ୍ଗର ପନିପରିବା ଓ ଫଳ ଖାଇଲେ ବହୁ ଉପକାର ମିଳିଥାଏ। ଏସବୁ ପନିପରିବା ଓ ଫଳ ଶରୀରର ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି କରିଥାଏ ବୋଲି ଚିକିତ୍ସା ବିଜ୍ଞାନୀ ପରାମର୍ଶ ଦେଇଥାନ୍ତି। ତେଣୁ ଶୀତଦିନେ ବିଟ୍, ସେଓ, ଲାଲ୍ କୋଶଳା ଶାଗ, ଲାଲ୍ କ୍ୟାପ୍ସିକମ୍, ଟମାଟୋ ଆଦି ଖାଇବା ଭଲ। ଏହାଦ୍ୱାରା ଶରୀରର ଗୋରାପଣ ବଜାୟ ରହିବା ସହିତ ଶରୀର ଫିଟ୍ ରହିଥାଏ। ଲାଲ ରଙ୍ଗର ପନିପରିବା ଓ ଫଳରେ ପ୍ରଚୁର ମାତ୍ରାରେ ଆଣ୍ଟିଅକ୍ସିଡାଣ୍ଟ୍ ଏବଂ ବିଭିନ୍ନ ପ୍ରକାର ଖଣିଜ ଲବଣ ମହଜୁଦ୍ ରହିଥାଏ। ଫଳରେ ଶୀତଦିନେ ଚର୍ମର ମଏଶ୍ଚର ଏସବୁ ଦ୍ୱାରା ସ୍ୱାଭାବିକ ରହିଥାଏ। ଅଭ୍ୟାସ କରି ଲାଲ୍



ରଙ୍ଗର ପନିପରିବା ଓ ଫଳ ଶୀତଦିନେ ଖାଇଲେ କୋଷ୍ଠକାଠିନ୍ୟ ସମସ୍ୟା ଦୂର ହେବା ସହିତ ପାଚନକ୍ରିୟା ନିୟନ୍ତ୍ରିତ ହୋଇଥାଏ।

## ବର୍ଷକରେ ଥରେ ଖୋଲେ ନାଗଚନ୍ଦ୍ରେଶ୍ୱର ମନ୍ଦିର



**ଉଜ୍ଜୟିନୀ:** ଦେଶରେ ଅନେକ ନାଗ ମନ୍ଦିର ରହିଛି, ଯେଉଁଠାରେ ତାଙ୍କର ପୂଜା କରାଯାଏ। କିନ୍ତୁ ଉଜ୍ଜୟିନୀରେ ଥିବା ଏକ ମନ୍ଦିର ସବୁଠାରୁ ଭିନ୍ନ। କାରଣ ଏହି ମନ୍ଦିରର ଦ୍ୱାର ବର୍ଷରେ ଥରେ ମାତ୍ର ଖୋଲିଥାଏ। ଉଜ୍ଜୟିନୀର ନାଗଚନ୍ଦ୍ରେଶ୍ୱର ମନ୍ଦିର ନାଗଦେବତାଙ୍କୁ ସମର୍ପିତ। ଏହି ମନ୍ଦିରଟି ମହାଦେବ ମନ୍ଦିରର ତୃତୀୟ ମହଲାରେ ଅବସ୍ଥିତ। ଉକ୍ତ ମନ୍ଦିରର ନିର୍ମାଣ ରାଜା ଭୋଜ ୧୦୫୦ରେ କରିଥିଲେ। ଦଶ ଫଣା ଥିବା ନାଗ ଦେବତାଙ୍କ ମୂର୍ତ୍ତି ସହିତ ତାଙ୍କ ଫଣା ତଳେ ଭଗବାନ ଶଙ୍କର, ଦେବୀ ପାର୍ବତୀ ଓ ଗଣେଶ ବିରାଜମାନ ଅଛନ୍ତି। ଏହି ମୂର୍ତ୍ତିକୁ ନେପାଳରୁ ଅଣାଯାଇଥିଲା। ଏହି ମନ୍ଦିରର ଦ୍ୱାର ବର୍ଷରେ ଥରେ ନାଗପଞ୍ଚମୀ ଦିନ ଖୋଲିଥାଏ। କୁହାଯାଏ ଯେ ତକ୍ଷକ ନାମକ ନାଗ ଭଗବାନ ଶିବଙ୍କୁ ତପସ୍ୟା କରିଥିଲେ ଓ ଭଗବାନ ଶିବ ପ୍ରସନ୍ନ ହୋଇ ତାଙ୍କୁ ଅମରବର ପ୍ରଦାନ କରିଥିଲେ। ତପସ୍ୟା ଭଙ୍ଗ ନ ହେବା ପାଇଁ ତକ୍ଷକ ଅଧିକ ସାଧନା ନିମନ୍ତେ ମହାକାଳ ବନକୁ ଚାଲିଯାଇଥିଲେ। ସେଥିପାଇଁ ଅନେକ ବର୍ଷରୁ ଏହି ପ୍ରଥା ଚାଲିଆସୁଛି। ମାତ୍ର ନାଗପଞ୍ଚମୀ ଦିନ ସେ ଦର୍ଶନ ଦେଇଥାନ୍ତି। ମନ୍ଦିରରେ ସ୍ଥାପିତ ମୂର୍ତ୍ତିକୁ ନାଗଦେବତାଙ୍କ ରୂପରେ ପୂଜା କରାଯାଏ। ମାନ୍ୟତା ରହିଛି ଯେ, କୌଣସି ବ୍ୟକ୍ତି ଏହି ନାଗଦେବତାଙ୍କୁ ଦର୍ଶନ କଲେ ସର୍ପଦୋଷରୁ ମୁକ୍ତି ପାଇଥାଏ। ପାଖାପାଖି ୨ ଲକ୍ଷ ଭକ୍ତ ନାଗପଞ୍ଚମୀ ଦିନ ନାଗଦେବଙ୍କୁ ଦର୍ଶନ କରିଥାନ୍ତି।

## ପଣସ ମଣିଷ 'ଜାୟନ'

**ନୂଆଦିଲ୍ଲୀ:** ମନୁଷ୍ୟକୁ ବଞ୍ଚିବା ପାଇଁ ସବୁକିଛି ଦେଇଛି ପ୍ରକୃତି। ହେଲେ ହାତଗଣତି ଲୋକ ହିଁ ପ୍ରକୃତି ପାଇଁ ଚିନ୍ତା କରିଥାନ୍ତି। ଏପରି ଜଣେ ପ୍ରକୃତିପ୍ରେମୀ ହେଉଛନ୍ତି କେ.ଆର୍. ଜାୟନ। କେରଳର ପଣସ ମଣିଷ ଭାବେ ପରିଚିତ ଜାୟନଙ୍କ ପାଇଁ ୨୩ ଦୁର୍ଲଭ ପ୍ରଜାତିର ଦେଶୀ ପଣସ ମଞ୍ଜି ସଂରକ୍ଷିତ ହୋଇପାରିଛି। ଏଥିପାଇଁ କେନ୍ଦ୍ର କୃଷି ଏବଂ କୃଷକ କଲ୍ୟାଣ ମନ୍ତ୍ରଣାଳୟ ପକ୍ଷରୁ ତାଙ୍କୁ ମିଳିଛି 'ପ୍ଲାଣ୍ଟ ଜିନୋମ ସେଭିୟର ଫାର୍ମର ରିକଗ୍‌ନାଇଜେଶନ ଆୱାର୍ଡ'।

କେରଳର ତ୍ରିଶୂର ଜିଲାର ଇରିଜାଲାକୁଡ଼ାରେ ରୁହନ୍ତି ଜାୟନ। ସପ୍ତମ ଶ୍ରେଣୀରେ ପାଠ ପଢୁଥିବାବେଳେ ପଣସ ପ୍ରେମରେ ପଡ଼ିଯାଇଥିଲେ ସେ। ଗାନ୍ଧୀ ଜୟନ୍ତୀ ଅବସରରେ ସାଙ୍ଗସାଥୀଙ୍କ ସହ ଜନସେବାମୂଳକ କାର୍ଯ୍ୟ କରୁ କରୁ ତାଙ୍କ ମୁଣ୍ଡକୁ ଜୁଟିଲା ଦେଶୀ ପ୍ରଜାତିର ପସଣର ସଂରକ୍ଷଣ କଥା। ଘର ଚାରିପାଖ, ଖାଲିଥିବା ସ୍ଥାନ, ରାସ୍ତା ପାର୍ଶ୍ୱରେ ପଣସ ମଞ୍ଜି ଲଗାଇବା ଆରମ୍ଭ କଲେ ସେ। ପ୍ରଥମେ ପ୍ରଥମେ ଏଥିପାଇଁ ତାଙ୍କୁ ଉପହାସର ପାତ୍ର ହେବାକୁ ପଡ଼ିଲା। ମଞ୍ଜି ପୋତିଥିବା ସ୍ଥାନରେ ପାଣିଦେବା ବେଳେ ଲୋକମାନେ ତାଙ୍କୁ ପାଗଳ କହି ଚିଡ଼ାଇବା ଆରମ୍ଭ କଲେ। ହେଲେ ସେ ନିଜର ନିଶା ଛାଡ଼ି ନ ଥିଲେ।

ପଣସ ସଂରକ୍ଷଣକୁ ଜୀବନର ମିଶନ ବୋଲି ମାନିନେଇଥିବା ଜାୟନ କୁହନ୍ତି, ପଣସ ମଞ୍ଜି ସଂଗ୍ରହ କରିବାକୁ ସେ ବିଭିନ୍ନ ଗ୍ରାମକୁ ଯାଇଥାନ୍ତି। ଚାଷୀଙ୍କ ବାଡ଼ିବଗିଚାରୁ ମଞ୍ଜି ସଂଗ୍ରହ କରି ଖାଲି ପଡ଼ିଥିବା ଜମିରେ ପୋତନ୍ତି। କେବଳ ମଞ୍ଜି ପୋତିଦେଲେ ହେବନାହିଁ, ଅଧିକନ୍ତୁ ସେଗୁଡ଼ିକର ନିୟମିତ ଯତ୍ନ ନେଇ ବଡ଼ କରିବା ସବୁଠାରୁ ଚ୍ୟାଲେଞ୍ଜ। ଅଦ୍ୟାବଧି ସେ ୨୦ ହଜାରରୁ ଊର୍ଦ୍ଧ୍ୱ ପଣସ ଚାରା ଲଗାଇ ସାରିଲେଣି। ସେଥିରୁ ଅଧିକାଂଶ ବଡ଼ ବୃକ୍ଷରେ ପରିଣତ ହେଲାଣି। ରାଜ୍ୟର ଅଧିକାଂଶ ସ୍ଥାନରେ ସେ ଲଗାଇଥିବା ପଣସ ଗଛ ଅତି ସହଜରେ ମିଳିଯିବ। ମିଶନକୁ ଆଗକୁ ନେବାକୁ ଜାୟନ ଘରକୁ ଆସୁଥିବା ଅତିଥିଙ୍କୁ ପଣସ ଚାରା ଦେଇଥାନ୍ତି। ଏଥିସହ ଅଧିକରୁ ଅଧିକ ଦେଶୀ ପଣସ ଗଛ ଲଗାଇବାକୁ ପ୍ରବର୍ତ୍ତାଇଥାନ୍ତି। ସବୁଠାରୁ ବଡ଼କଥା ପଣସ ଗଛର ଉପକାରିତା ସମ୍ପର୍କିତ ତାଙ୍କ ଦ୍ୱାରା ଲିଖିତ ବିଷୟକୁ ୮ମ ଶ୍ରେଣୀ ବହିରେ ସ୍ଥାନିତ କରାଯାଇଛି, ଯାହା ତାଙ୍କର ସବୁଠାରୁ ବଡ଼ ଉପଲବ୍ଧି ବୋଲି ଜାୟନ କହିଛନ୍ତି।

ମାଲାୟାଲମ ସମ୍ପ୍ରଦାୟ ଲୋକମାନଙ୍କ ପରି ଜାୟନ ମଧ୍ୟ ନିଜର କିଛି ସମୟ ପଶ୍ଚିମ ଏସିଆରେ ବିତାଇଛନ୍ତି। ୧୯୯୫ରେ ସେ ଦୁବାଇ ଯାଇଥିଲେ। ସେଠାରେ ମନୁଷ୍ୟ ପାଇଁ ଅତ୍ୟାବଶ୍ୟକ ସବୁକିଛି ଅତି ସହଜରେ ମିଳିଯାଉଛି। ହେଲେ ପଣସ ଦେଖିବାକୁ ସାତସପନ। ୨୦୦୬ରେ ସ୍ୱଦେଶ ପ୍ରତ୍ୟାବର୍ତ୍ତନ କରିବା ପରେ ସେ ଅଟୋରିକ୍ସାରେ ବୁଲିବୁଲି ମହମବତି, ସାବୁନ ବିକିବା ଆରମ୍ଭ କରିଥିଲେ। ହେଲେ ଭୁଲି ନ ଥିଲେ ନିଜର ଲକ୍ଷ୍ୟ। ତାଙ୍କ ଉଦ୍ୟମରେ କେରଳରୁ ଆରମ୍ଭ କରି ମହାରାଷ୍ଟ୍ରର ବିଭିନ୍ନ ସ୍ଥାନରେ ପଣସ ଗଛ ଲାଗିପାରିଛି।

ଜାୟନଙ୍କ ମତରେ ପଣସ ଗଛ ହେଉଛି କଳ୍ପବୃକ୍ଷ। ଦେଶୀୟ ପଦ୍ଧତିରେ ପଣସ ମଞ୍ଜିରୁ ଗଛ ହେବ ଏବଂ ଏଥିରେ ଫଳ ଧରିବାକୁ ୫ରୁ ୮ବର୍ଷ ସମୟ ନିଏ। ଗଛର ହାରାହାରି ଆୟୁ ୧୫୦ବର୍ଷ। ହେଲେ ବୈଜ୍ଞାନିକ ଉପାୟରେ ଯଦିଓ ୩ବର୍ଷ ଭିତରେ ଗଛରୁ ଫଳ ଉତ୍ପାଦନ ହେବା ଆରମ୍ଭ ହୋଇଥାଏ ହେଲେ ଗଛର ଆୟୁ ସର୍ବାଧିକ ୮ରୁ ୧୦ ବର୍ଷକୁ ଖସିଆସେ। ତେଣୁ ଦେଶୀୟ ପଦ୍ଧତିରେ ଗଛ ବଢ଼ାଇବାକୁ ସେ ବେଶି ଗୁରୁତ୍ୱ ଦେଉଛନ୍ତି। ସେ ଆହୁରି ମଧ୍ୟ କୁହନ୍ତି, ଏହାର ସବୁ ଅଂଶ ଅତି ଉପକାରୀ। ପଣସ ମଞ୍ଜିରେ କ୍ୟାନ୍‌ସର ପ୍ରତିରୋଧୀ ଗୁଣ ରହିଛି। ଏହାର ଛାଲିରୁ ପ୍ରସ୍ତୁତ ପାଉଡ଼ର ଲଗାଇଲେ ଜଖମ ଶୀଘ୍ର ଭଲ ହୋଇଯାଏ। ପଣସ କାଠର ଫର୍ନିଚରର ଚାହିଦା ବିଦେଶୀ ବଜାରରେ କାହିଁରେ କେତେ। ଏଥିରୁ ପ୍ରସ୍ତୁତ ପ୍ରାକୃତିକ ରଙ୍ଗ ସ୍ୱାସ୍ଥ୍ୟପ୍ରଦ। କେବଳ ଏତିକି ନୁହେଁ, ଏଥିରୁ ଅର୍ଗାନିକ୍ ଉପାୟରେ ବବଲ ଗମ୍ ମଧ୍ୟ ତିଆରି କରାଯାଇପାରିବ ବୋଲି ସେ କହିଛନ୍ତି।



୨୩ ଦୁର୍ଲଭ ପ୍ରଜାତିର ସଂରକ୍ଷକ



## ବିପରୀତ ଦିଗରେ ପ୍ରବାହିତ ହେଉଛି ଜଳ

**ଡବ୍ଲିନ୍:** ଆୟର୍ଲାଣ୍ଡରେ ଏକ ଜଳପ୍ରପାତର ପାଣି ବିପରୀତ ଦିଗରେ ବହୁଥିବା ଦେଖିବାକୁ ମିଳିଛି। ଆୟର୍ଲାଣ୍ଡର ପ୍ରସିଦ୍ଧ ପର୍ଯ୍ୟଟନସ୍ଥଳୀ ତଥା ପ୍ରାକୃତିକ ସୌନ୍ଦର୍ଯ୍ୟରେ ପରିପୂର୍ଣ୍ଣ କ୍ଲିଫ୍‌ସ୍ ଅଫ୍ ମୋହେର୍(ଜଳପ୍ରପାତ)କୁ କେତେଜଣ ସାଙ୍ଗ ବୁଲିବାକୁ ଯାଇଥିବାବେଳେ ସେଠାକାର ଏକ ଭିଡିଓ ଏବେ ସୋସିଆଲ୍ ମିଡିଆରେ ଭାଇରାଲ୍ ହୋଇଛି। ଜଳପ୍ରପାତର ଜଳ ବିପରୀତ ଦିଗରେ ପ୍ରବାହିତ ହେଉଥିବା ଏହି ଭିଡିଓରେ ଦେଖିବାକୁ ମିଳିଛି। ତେବେ ପ୍ରକୃତ କଥା ହେଲା ଆୟର୍ଲାଣ୍ଡର ପଶ୍ଚିମ ସମୁଦ୍ରତଟରେ ପବନର ବେଗ ଅତ୍ୟଧିକ ରହିଥାଏ। ଯଦ୍ୱାରା ସେଠାକାର ଜଳପ୍ରପାତରେ ଅନେକ ସମୟରେ ଜଳ ମଧ୍ୟ ବିପରୀତ ଦିଗରେ ବହିବା ଦେଖିବାକୁ ମିଳିଥାଏ।





## 'ଗୁଡ୍ ନ୍ୟୁଜ୍' ଟ୍ରେଲର୍ ରିଲିଜ୍

**ମୁମ୍ବାଇ:** ବହୁ ପ୍ରତୀକ୍ଷିତ ବଲିଉଡ୍ ଫିଲ୍ମ 'ଗୁଡ୍ ନ୍ୟୁଜ୍'ର ସୋମବାର ଟ୍ରେଲର୍ ରିଲିଜ୍ ହୋଇଛି। ଶୁଟିଂ ଚାଲିଥିବା ସମୟରୁ ହିଁ ଫିଲ୍ମଟି ଚର୍ଚ୍ଚାରେ ରହିଆସିଛି। ଏହି ମଲ୍‌ଟି ଷ୍ଟାରର କମେଡି ଫିଲ୍ମରେ ଅଭିନୟ କରିଛନ୍ତି ସୁପରଷ୍ଟାର ଅକ୍ଷୟ କୁମାର, କରୀନା କପୁର ଖାନ୍, କିୟାରା ଆଡ୍‌ଭାନୀ ଏବଂ ଦିଲ୍‌ଜିତ୍ ଦୋସାଞ୍ଜ୍। କିଛିଦିନ ହେଲା ଲଗାତର ଫିଲ୍ମର ଫନି ପୋଷ୍ଟର ରିଲିଜ୍ କରାଯାଉଥିବାବେଳେ ଏବେ ଆସିଯାଇଛି ଟ୍ରେଲର୍, ଯାହା ଆହୁରି ମଜାଦାର ହୋଇଛି।

ରାଜ୍ ମେହତାଙ୍କ ନିର୍ଦ୍ଦେଶିତ ଫିଲ୍ମ 'ଗୁଡ୍ ନ୍ୟୁଜ୍'ରେ ଦୁଇ ଦମ୍ପତିଙ୍କ କାହାଣୀ ଦେଖିବାକୁ ମିଳିବ। ଉଭୟ ଦମ୍ପତି ଖୁବ୍‌ଶୀଘ୍ର ସନ୍ତାନ ସୁଖ ପାଇବାକୁ ଆଶା ବାନ୍ଧିଥାନ୍ତି। କିନ୍ତୁ ପରେ ସେମାନେ ଜଟିଳ ପରିସ୍ଥିତିରେ ଫସିଯାଆନ୍ତି। ଫିଲ୍ମରେ କରୀନା, ଅକ୍ଷୟଙ୍କ ପତ୍ନୀ ହୋଇଥିବାବେଳେ ଦିଲ୍‌ଜିତ୍‌ଙ୍କ ପତ୍ନୀ ଭୂମିକାରେ କିୟାରା ଅଭିନୟ କରିଛନ୍ତି। ଦମ୍ପତିମାନେ ବୈଜ୍ଞାନିକ ଉପାୟରେ ବାପାମାଆ ହେବାକୁ ଡାକ୍ତରଙ୍କ ପାଖକୁ ଯାଆନ୍ତି। ହେଲେ ତା'ପରେ କ'ଣ ହୁଏ, ତାହା ଆପଣ ଟ୍ରେଲର ଦେଖିଲେ ହିଁ ଜାଣିପାରିବେ। ଟ୍ରେଲର୍ ଏତେ ମଜାଦାର ହୋଇଛି ଲାଗୁଛି ଫିଲ୍ମ ଦେଖିଲା ପରେ ହସି ହସି ଦର୍ଶକଙ୍କ ପେଟ ଦରଜ ତ ନିଶ୍ଚୟ ହୋଇଯିବ। କରଣ ଜୋହରଙ୍କ ପ୍ରଯୋଜିତ ଏହି ଫିଲ୍ମ ଡିସେମ୍ବର ୨୭ରେ ରିଲିଜ୍ ହେବ। ପୂର୍ବରୁ ଏହା ସେପ୍ଟେମ୍ବର ୬ରେ ରିଲିଜ୍ ହେବାର ଥିଲା। ପରେ ରିଲିଜ୍ ଡେଟ୍ ବଦଳାଇ ନଭେମ୍ବର ୨୯ ସ୍ଥିର ହୋଇଥିଲା। ଫିଲ୍ମ ଅଜ୍‌ନବି, ବେୱଫା, କମ୍ବଖ୍‌ତ ଇସ୍କ ଏବଂ ଟଶନ୍ ପରେ ଏବେ ପୁଣି ଅକ୍ଷୟ-କରୀନାଙ୍କ ଯୋଡ଼ି ଫିଲ୍ମ 'ଗୁଡ୍ ନ୍ୟୁଜ୍'ରେ ଦେଖିବାକୁ ମିଳିବ।

# ପ୍ଲାଟଫର୍ମ-ଟ୍ରେନ ମଝିରେ ଫସି ରହିଲେ ଯୁବତୀ

**ବାରିପଦା ଅଫିସ,୧୮।୧୧**

କଥାରେ ଅଛି ରଖେ ହରି ମାରେ କିଏ। ମୟୂରଭଞ୍ଜ ଜିଲା ବାରିପଦା ସହର ଭଞ୍ଜପୁର ରେଳଷ୍ଟେଶନରେ ସୋମବାର ଘଟିଥିବା ଏକ ଘଟଣା ଉପରୋକ୍ତ ଉକ୍ତିକୁ ପ୍ରମାଣିତ କରିଛି। ପ୍ଲାଟଫର୍ମ ଓ ରେଳ ମଝିରେ ଜଣେ ଯୁବତୀ ଦୀର୍ଘ ସମୟ ଫସି ରହିଥିଲେ ମଧ୍ୟ ତାଙ୍କର ବିଶେଷ କିଛି କ୍ଷତି ନ ହେବା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି। ରେଳ ଷ୍ଟେଶନ କର୍ତ୍ତୃପକ୍ଷ ଉକ୍ତ ଯୁବତୀଙ୍କୁ ଉଦ୍ଧାର କରି ତୁରନ୍ତ ପିଆରଏମ ମେଡିକାଲ କଲେଜକୁ ଚିକିତ୍ସା ପାଇଁ ପଠାଇଥିଲେ। ଉଦ୍ଧାର ଯୁବତୀ ଜଣକ ବେତନଟୀ ଅଞ୍ଚଳର ଅନିତା ସାହୁ ବୋଲି ଜଣାପଡ଼ିଛି। ସେ ସାଙ୍ଗମାନଙ୍କ ସହ ବାରିପଦା ମେଳା ଦେଖିବାକୁ ଆସିଥିଲେ।

ପ୍ରତ୍ୟକ୍ଷଦର୍ଶୀଙ୍କ ସୂଚନା ଅନୁଯାୟୀ, ବାଙ୍ଗିରିପୋଷି-ବାରିପଦା-ବାଲେଶ୍ୱର ଡିଏମୟୁ (ନଂ.୭୮୦୧୪) ଟ୍ରେନ ବାଙ୍ଗିରିପୋଷିରୁ ଆସି ଭଞ୍ଜପୁର ଷ୍ଟେଶନରେ ପହଞ୍ଚିଥିଲା। ଅପରାହ୍ନ ପ୍ରାୟ ୧ଟା ୫୨ ମିନିଟରେ ଭଞ୍ଜପୁରଠାରୁ ବାଲେଶ୍ୱର ଅଭିମୁଖେ ଟ୍ରେନ ଛାଡ଼ିଥିଲା। ଟ୍ରେନର ବେଗ କମ୍ ଥିବାବେଳେ ଅନିତା ଦୌଡ଼ି ଦୌଡ଼ି ଆସି ଟ୍ରେନରେ ଚଢ଼ିବାକୁ ଉଦ୍ୟମ କରିଥିଲେ। ହେଲେ ତାଙ୍କ ଗୋଡ଼ ଖସିଯିବାରୁ ପ୍ଲାଟ ଫର୍ମ ଓ ରେଳ ମଝିରେ ଖସି ପଡ଼ିଥିଲେ। ତେବେ ଟ୍ରେନ ଚାଲୁଥିବାରୁ ତାଙ୍କୁ କେହିବି ଉଦ୍ଧାର କରିବାକୁ ସାହସ କରିପାରି ନ ଥିଲେ। ସମସ୍ତେ ଅସହାୟ ଭାବେ ଟ୍ରେନ ଯିବାକୁ ଅପେକ୍ଷା କରି ରହିଥିଲେ। ଟ୍ରେନ ଯିବା ପରେ ତାଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରାଯାଇଥିଲା। ତାଙ୍କର ହାତ, ଗୋଡ଼ ଓ ଅଣ୍ଟା ଆଦିରେ ଆଘାତ ଲାଗିଥିବାବେଳେ ସେ ସୁସ୍ଥ ଥିବା ଜଣାପଡିଛି। ଘଟଣା ବେଳେ ସେଠାରେ ଉପସ୍ଥିତ ଥିବା ଷ୍ଟେଶନ ମ୍ୟାନେଜର ତପନ କୁମାର ଦାସ ତୁରନ୍ତ ଅଗ୍ନିଶମ ବିଭାଗ ଓ ଆମ୍ବୁଲାନ୍ସକୁ ଖବର ଦେଇଥିଲେ। ଏଭଳି ଘଟଣା ଆଶ୍ଚର୍ଯ୍ୟଜନକ ବୋଲି ଷ୍ଟେଶନ ମ୍ୟାନେଜର ଦାସ କହିଛନ୍ତି।


ଟ୍ରେନ ଓ ପ୍ଲାଟଫର୍ମ ମଧ୍ୟରେ ଫସି ରହିଥିବା ଯୁବତୀ।

**ରଖେ ହରି ମାରେ କିଏ**

■ ବାଲ୍ୟବିବାହକୁ ନେଇ ଅପ୍ରୀତିକର ପରିସ୍ଥିତି

# ଚତୁର୍ଥୀ ଭୋଜି ଦିନ ନାବାଳିକା କନ୍ୟାଙ୍କୁ ଧରି ବର ଫେରାର

## ଖାଲି ହାତରେ ଫେରିଲା ପୋଲିସ, ପ୍ରଶାସନ

**କଟକ ଅଫିସ, ୧୮।୧୧**

ବାଲ୍ୟବିବାହକୁ ନେଇ ସୋମବାର କଟକ ଜିଲା ବାଙ୍କୀ ଅଞ୍ଚଳରେ ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହୋଇଛି। ୧୫ ବର୍ଷର ନାବାଳିକାଙ୍କୁ ଜଣେ ଯୁବକ ଗତ ୧୫ ତାରିଖରେ ବିବାହ କରିଥିଲେ। ସୋମବାର ଥିଲା ସେମାନଙ୍କର ଚତୁର୍ଥୀ ଭୋଜି। ଏହି ଖବର ଚାଇଲ୍ଡ ଲାଇନ ନିକଟରେ ପହଞ୍ଚିଥିଲା। ଏହାପରେ ଚାଇଲ୍ଡ ଲାଇନ ପକ୍ଷରୁ ଜିଲା ଶିଶୁ ସୁରକ୍ଷା ଅଧିକାରୀ, ଜିଲା ସମାଜ ମଙ୍ଗଳ ଅଧିକାରୀ ଓ ବାଙ୍କୀ ପୋଲିସକୁ ଖବର ଦିଆଯାଇଥିଲା। ପୂର୍ବ ଯୋଜନା ମୁତାବକ ଚାଇଲ୍ଡ ଲାଇନ ସଂଯୋଜକ ନାରାୟଣ ଶୁକ୍ଳ, ଜିଲା ସମାଜ ମଙ୍ଗଳ ବିଭାଗର ଜଣେ ସୁପରଭାଇଜର ଓ ବାଙ୍କୀ ପୋଲିସ ବର ଘରେ ପହଞ୍ଚିଥିଲେ। ମାତ୍ର ପୂର୍ବରୁ ସୂଚନା ପାଇ ସମ୍ପୃକ୍ତ ବର ନିଜ ନାବାଳିକା ସ୍ତ୍ରୀଙ୍କୁ ଧରି ଫେରାର ହୋଇଯାଇଛନ୍ତି। ଫଳରେ ପୋଲିସ ସହିତ ଚାଇଲ୍ଡ ଲାଇନ କର୍ମକର୍ତ୍ତା ଓ ସମାଜ ମଙ୍ଗଳ ବିଭାଗର ସୁପରଭାଇଜର ଖାଲି ହାତରେ ଫେରିଛନ୍ତି। ଚାଇଲ୍ଡ ଲାଇନ ସଂଯୋଜକ ଶୁକ୍ଳ ଏ ସମ୍ପର୍କରେ ଜିଲା ଶିଶୁ ମଙ୍ଗଳ କମିଟି ଅଧ୍ୟକ୍ଷଙ୍କୁ ଲିଖିତ ଭାବେ ଅବଗତ କରାଇଛନ୍ତି। ଶୁକ୍ଳଙ୍କ ଅଭିଯୋଗ ଅନୁଯାୟୀ, ବିବାହ କରିଥିବା ନାବାଳିକାଙ୍କ ଜନ୍ମ ୨୦୦୫ ଜାନୁୟାରୀ ୧୫ରେ। ଆର୍ଥିକ ସ୍ଥିତି ଖରାପ ଥିବାରୁ ପରିବାର ଲୋକେ ତାଙ୍କୁ ଏକ ଭଲ ପ୍ରସ୍ତାବ ଦେଖି ଗତ ୧୫ରେ ବିବାହ ଦେଇଥିଲେ। ମାତ୍ର ଏହି ବିବାହରେ ନାବାଳିକା ଜଣକ ରାଜି ନ ଥିଲେ। ପରିବାର ଲୋକଙ୍କ ଚାପରେ ପଡ଼ି ସେ ବାଧ ହୋଇ ବିବାହ କରିଥିଲେ।

■ ସ୍ମିତାରାଣୀ ପ୍ରସଙ୍ଗ

# ରାଜ୍ୟପାଳଙ୍କ ହସ୍ତକ୍ଷେପ ଲୋଡ଼ିଲା ଭାଜପା

**ଭୁବନେଶ୍ୱର,୧୮।୧୧(ବ୍ୟୁରୋ)**

ଯାଜପୁର ଜିଲା ହରିଦାଶପୁର ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ(ପିଇଓ) ସ୍ମିତାରାଣୀ ବିଶ୍ୱାଳଙ୍କ ମୃତ୍ୟୁ ପ୍ରସଙ୍ଗ ଲଗାତର ୪ଦିନ ହେଲା ଭାଜପା ସଦସ୍ୟମାନେ ବିଧାନସଭାରେ ଉଠାଇ ଆସୁଛନ୍ତି। ମାତ୍ର ମୁଖ୍ୟ ବିରୋଧୀ ଦଳର ଏହି କଥାକୁ ବାଚସ୍ପତି ଶୁଣୁନାହାନ୍ତି। ବିରୋଧୀ ଦଳ ସଦସ୍ୟଙ୍କ ବିନା ଅନୁପସ୍ଥିତିରେ ବାଚସ୍ପତି ଗୃହ କାର୍ଯ୍ୟ ଚଳାଉଥିବା ବିରୋଧୀ ଦଳ ନେତା ପ୍ରଦୀପ୍ତ କୁମାର ନାଏକ ଅଭିଯୋଗ କରିଛନ୍ତି। ସରକାରୀ ଦଳକୁ ବଞ୍ଚାଇବା ଲାଗି ବାଚସ୍ପତି ସ୍ମିତାରାଣୀ ପ୍ରସଙ୍ଗରେ ମୋଶନ ଆଣି ଆଲୋଚନା କରୁନାହାନ୍ତି ବୋଲି ସେ ଅଭିଯୋଗ କରିବା ସହିତ ଏହି ପ୍ରସଙ୍ଗରେ ଭାଜପା ବିଧାୟକ ଦଳ ସୋମବାର ରାଜ୍ୟପାଳଙ୍କ ସହଯୋଗ ଲୋଡ଼ିଛି। ବିଧାନସଭାରୁ ଏକ ବ୍ୟାନର ଧରି ଭାଜପା ବିଧାୟକମାନେ ଚାଲିଚାଲି ରାଜଭବନ ଯାଇଛନ୍ତି। ଏନେଇ ରାଜ୍ୟପାଳଙ୍କୁ ଏକ ସ୍ମାରକପତ୍ର ମଧ୍ୟ ପ୍ରଦାନ କରାଯାଇଛି। ଭାଜପା ପକ୍ଷରୁ ଅଭିଯୋଗ କରାଯାଇଛି ଯେ, ସ୍ମିତାରାଣୀଙ୍କୁ ବଳାତ୍କାର ଏବଂ ପରବର୍ତ୍ତୀ ସମୟରେ ହତ୍ୟା କରାଯାଇଛି। ମାତ୍ର ଏଥିରେ ଶାସକ ଦଳ କେତେଜଣ ନେତା ସାମିଲ ଥିବାରୁ ଏହାକୁ ଏକ ଆତ୍ମହତ୍ୟାର ରୂପ ଦେବା ପାଇଁ ସରକାରୀ ଷଡ଼ଯନ୍ତ୍ର ଚାଲିଛି। ପ୍ରଥମେ ଏହି ଷଡ଼ଯନ୍ତ୍ର ଘଟଣାରେ ଗିରଫ ହୋଇଥିବା ରୂପେଶ ଭଦ୍ର ଓ ବିଜେଡିର ନେତାମାନେ ଆରମ୍ଭ କରିଥିଲେ ପରବର୍ତ୍ତୀ ସମୟରେ ଏହାକୁ ଏସ୍‌ପି, ମହିଳା କମିଶନ ଅଧ୍ୟକ୍ଷା ଆଗକୁ ନେଲେ। ଆଉ ଏଥିରେ ରାଜ୍ୟ ସରକାରଙ୍କ ମନ୍ତ୍ରୀ ମଧ୍ୟ ସାମିଲ ହେଲେ। ଘଟଣାର ନିରପେକ୍ଷ ତଦନ୍ତ ପାଇଁ ସିବିଆଇ ହାତରେ ତଦନ୍ତ ଭାର ହସ୍ତାନ୍ତର କରିବାକୁ ଭାଜପା ବିଧାୟକମାନେ ୩ଦିନ ହେଲା ନୀରବ ପ୍ରତିବାଦ କରି ଆସୁଥିଲେ। ମାତ୍ର ବିରୋଧୀ ଦଳର ଅନୁପସ୍ଥିତିରେ ବାଚସ୍ପତି ଗୃହ ଚଳାଇ ଆସୁଛନ୍ତି। ବାଚସ୍ପତି ଶାସକ ଦଳର ସମର୍ଥନରେ ପକ୍ଷପାତିତା କରୁଥିବାରୁ ବିରୋଧୀ ଦଳ ନେତା ପ୍ରଦୀପ୍ତ କୁମାର ନାଏକଙ୍କ ନେତୃତ୍ୱରେ ବିଧାୟକମାନେ ରାଜ୍ୟପାଳଙ୍କୁ ଭେଟି ହସ୍ତକ୍ଷେପ ଲୋଡ଼ିଛନ୍ତି। ଏହି ଅବସରରେ ପ୍ରଦୀପ୍ତ କହିଛନ୍ତି ଯେ, ସ୍ମିତାରାଣୀଙ୍କ ବାପା ଥାନାରେ ଏତଲା ଦେବାବେଳେ ଜଣେ ପୋଲିସ ଅଧିକାରୀ ତାଙ୍କୁ ଝିଅ ଆତ୍ମହତ୍ୟା କରିଛି ବୋଲି ଲେଖିବା ପାଇଁ ବାଧ କରିଥିଲେ ବୋଲି କହିଥିଲେ। ପୋଷ୍ଟମର୍ଟମ ରିପୋର୍ଟରେ ଆତ୍ମହତ୍ୟାଜନିତ ମୃତ୍ୟୁ ବୋଲି କେବେ ବି ଲେଖାଯାଇ ନ ଥାଏ। ତେବେ ମନ୍ତ୍ରୀ ବିଧାନସଭାରେ ଏହାକୁ ଆତ୍ମହତ୍ୟା ବୋଲି କହିଲେ। ତେବେ ଏକଥା ସେ କେଉଁ ସୂତ୍ରରୁ ଜାଣିଲେ। ଆମେ ଏହି ଘଟଣା ଉପରେ ଆଲୋଚନା ପାଇଁ ବିଧାନସଭାରେ ମୋଶନ ଆଣିବା ପାଇଁ ଚାହିଁଥିଲୁ। ମାତ୍ର ବାଚସ୍ପତି ଆମ ଦାବିକୁ ଗ୍ରହଣ କଲେ ନାହିଁ। ରାଜ୍ୟର ସାମ୍ବିଧାନିକ ମୁଖ୍ୟଭାବେ ରାଜ୍ୟପାଳ ବାଚସ୍ପତିଙ୍କୁ ଏହି ମର୍ମରେ ନିର୍ଦ୍ଦେଶ ଦେବା ପାଇଁ ଅନୁରୋଧ କରିଛୁ ବୋଲି ପ୍ରଦୀପ୍ତ କହିଛନ୍ତି।

ରାଜ୍ୟ ମାନବାଧିକାର ଆୟୁକ୍ତ ପଦ ଖାଲି ପ୍ରସଙ୍ଗ

# ମାମଲାର ଅନ୍ତ ଘଟାଇଲେ ହାଇକୋର୍ଟ

**କଟକ ଅଫିସ,୧୮।୧୧**

ରାଜ୍ୟ ମାନବାଧିକାର ଆୟୁକ୍ତଙ୍କ ବିଭିନ୍ନ ପଦବୀ ପୂରଣ ନେଇ ହାଇକୋର୍ଟରେ ହୋଇଥିବା ମାମଲାର ଅନ୍ତ ଘଟିଛି। ରାଜ୍ୟ ସରକାର ମାନବାଧିକାର ଆୟୁକ୍ତ ପଦବୀ ଏବଂ ସଦସ୍ୟ ପଦବୀ ପୂରଣ କରିବା ପରେ ଏହି ମାମଲାର ଆଉ ଆବଶ୍ୟକତା ନାହିଁ ବୋଲି ଆବେଦନକାରୀ ଦର୍ଶାଇବା ପରେ ହାଇକୋର୍ଟ ମୁଖ୍ୟ ବିଚାରପତି ଜଷ୍ଟିସ୍ କେ.ଏସ୍. ଝାବେରୀ ଓ ଜଷ୍ଟିସ୍ କେଆର୍ ମହାପାତ୍ରଙ୍କ ଖଣ୍ଡପୀଠ ଏହି ମାମଲାର ଅନ୍ତ ଘଟାଇବାକୁ ନିର୍ଦ୍ଦେଶ ଦେଇଛନ୍ତି। ସୂଚନାଯୋଗ୍ୟ, ରାଜ୍ୟରେ ଶିଶୁ ମୃତ୍ୟୁ ତଥା ଅନ୍ୟାନ୍ୟ ମାନବାଧିକାର ଉଲ୍ଲଂଘନ ଘଟଣା ବୃଦ୍ଧି ପାଇଥିବାବେଳେ ରାଜ୍ୟ ମାନବାଧିକାର ଆୟୁକ୍ତ ଓ ସଦସ୍ୟ ପଦବୀ ଦୀର୍ଘଦିନ ଖାଲି ପଡ଼ିଥିଲା। ଫଳରେ ଏ ନେଇ ଆଇନଜୀବୀ ପ୍ରବୀର ଦାସ ହାଇକୋର୍ଟରେ ଏକ ମାମଲା ରୁଜୁ କରିବା ସହ ଉପରୋକ୍ତ ପଦବୀ ପୂରଣ କରିବାକୁ ହାଇକୋର୍ଟଙ୍କ ହସ୍ତକ୍ଷେପ ଲୋଡ଼ିଥିଲେ।



**ଜିଲା ଚିଠି**

**ଖୋର୍ଦ୍ଧା**

## ବେଆଇନ ପାଥୋଲାବ୍

ଜିଲା ମୁଖ୍ୟ ଚିକିତ୍ସାଳୟର ଚର୍ତ୍ତୁପାର୍ଶ୍ୱରେ ଖୋଲିଛି ଡଜନେରୁ ଅଧିକ ବେଆଇନ ପାଥୋଲାବ। ଜିଲାର ବିଭିନ୍ନ ହସ୍ପିଟାଲ ପାଖରେ ସେହି ଅନୁରୂପ ସମସ୍ୟା। ଏପରି କି ଗଳିକନ୍ଦିରେ ଗଢ଼ିଉଠିଛି ଏହି ବେଆଇନ ଲାବ୍। ବନ୍ଦ କରିବା ଦାବି ନେଇ ବିଭିନ୍ନ ସମୟରେ ପ୍ରତିବାଦ ଓ ଅଭିଯୋଗ ଉଠିଛି। ହେଲେ ଫଳ ଶୂନ। କେମିତି କେଜାଣି ଗତ କିଛିଦିନ ତଳେ ଜିଲାପାଳ ଜିଲା ମୁଖ୍ୟ ଚିକିତ୍ସାଳୟ ଯାଇ କେତେଜଣ ପାଥୋଲାବ୍ କର୍ତ୍ତୃପକ୍ଷଙ୍କୁ ତାଗିଦ୍ କରି ଆସିଥିଲେ। ସେମାନଙ୍କୁ ରାଜ୍ୟ ସରକାରଙ୍କ ଡାଇରେକ୍ଟୋରେଟ୍ ଅଫ୍ ମେଡିକାଲ ଏଜୁକେଶନ ଆଣ୍ଡ ଟ୍ରେନିଂ(ଡିଏମ୍ଇଟି)ଙ୍କ ପାଖରେ ପଞ୍ଜୀକୃତ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ଚଢ଼ାଉକୁ ଦେଖି ଆଉ କେତେଜଣ ପାଥୋଲାବ୍ ବନ୍ଦ କରି ଫେରାର ହୋଇଯାଇଥିଲେ। ଏବେ ପୁଣି ବେଆଇନ ପାଥୋଲାବ୍‌ଗୁଡିକ ପଞ୍ଜୀକୃତ ନ ହୋଇ ପୂର୍ବ ଭଳି କାର୍ଯ୍ୟ ଚଳାଇଛନ୍ତି। ଏନେଇ କୌଣସି କାର୍ଯ୍ୟାନୁଷ୍ଠାନ ନାହିଁ। ୫ରୁ ୧୦ ହଜାର ଟଙ୍କା ଖର୍ଚ୍ଚ କରି କେଉଁ ଅନାମଧେୟ ସଂସ୍ଥାରୁ ଟେକ୍ନିସିଆନ୍ ସାର୍ଟିଫିକେଟ୍ ହାସଲ କରିବା ବଡ଼କଥା ନୁହେଁ। ଉକ୍ତ ସାର୍ଟିଫିକେଟ୍‌ଧାରୀମାନେ କୌଣସି ସ୍ଥାନରେ କ୍ୟାବିନ୍ ଖଣ୍ଡେ ପକାଇ ରକ୍ତ, ମଳ, ମୂତ୍ର ଆଦି ପରୀକ୍ଷା କରି ରୋଜଗାର କରୁଛନ୍ତି। ହେଲେ ସେମାନଙ୍କ ଦ୍ୱାରା ମ୍ୟାଲେରିଆ ରୋଗୀଙ୍କୁ ଟାଇଫଏଡ, 'ବି' ପଜିଟିଭ ବ୍ୟକ୍ତିଙ୍କୁ 'ଓ' ପଜିଟିଭ ରିପୋର୍ଟ ମିଳୁଛି। ବ୍ୟବହାରିକ ଓ ବୃତ୍ତିଗତ ଜ୍ଞାନ ଅଭାବରୁ ରୋଗୀମାନେ କେବଳ ଆର୍ଥିକ ଦୃଷ୍ଟିରୁ ଶୋଷିତ ହେଉନାହାନ୍ତି, ତ୍ରୁଟିପୂର୍ଣ୍ଣ ପରୀକ୍ଷଣ ଯୋଗୁ ଜୀବନ ହରେଇବାକୁ ପଡୁଛି। ପାଥୋଲାବ୍ ଖୋଲିବା ପାଇଁ ସରକାରଙ୍କ ନିର୍ଦ୍ଦିଷ୍ଟ ନିୟମ ରହିଛି। ସ୍ୱୀକୃତିପ୍ରାପ୍ତ ଅନୁଷ୍ଠାନରେ ପାଠପଢ଼ି କୃତକାର୍ଯ୍ୟ ହୋଇଥିବା ଯୁବତୀଯୁବକମାନେ ଡିଏମ୍ଇଟିଙ୍କ ନିକଟରେ ଧାର୍ଯ୍ୟ ଅର୍ଥ ଜମା କରି ପଞ୍ଜୀକୃତ ହେବାପରେ ନିର୍ଦ୍ଧାରିତ ନିୟମ ଅନୁଯାୟୀ ପାଥୋଲାବ୍ ଚଳାଇପାରିବେ। ହେଲେ ଆପେ ବଞ୍ଚିଲେ ବାପର ନାଁ ନୀତିରେ ରୋଗୀଙ୍କୁ ଶୋଷଣ ଚାଲିଛି। କେତେଜଣ ପ୍ରଭାବଶାଳୀଙ୍କ ଆଶୀର୍ବାଦ ସେମାନଙ୍କୁ ବେଆଇନ କାର୍ଯ୍ୟ ଚାଲୁ ରଖିବା ପାଇଁ ପ୍ରୋତ୍ସାହନ ଯୋଗାଉଛି। ଏପରି କି ଆଗକୁ ଏହି ରୋଜଗାର କିପରି ସୁରୁଖୁରୁରେ ଜାରିରହିବ ତାହା ଏବେ ସେମାନଙ୍କର ପ୍ରଧାନ ଚିନ୍ତା।

– ଲୋକନାଥ ମିଶ୍ର

■ ସମୁଦ୍ରରେ ଗାଧୋଇବା ବେଳେ ଭାସିଗଲେ ୫ ଛାତ୍ର

# ୪ ଉଦ୍ଧାର, ଜଣେ ନିଖୋଜ

**ବାଲିଆପାଳ, ୧୮।୧୧(ସ୍ୱ.ପ୍ର./ଡି.ଏନ.ଏ.)**

ବାଲେଶ୍ୱର ଜିଲା ବାଲିଆପାଳ ବ୍ଲକ ଡଗରା ସମୁଦ୍ର ବେଳାଭୂମିରେ ସୋମବାର ମଧ୍ୟାହ୍ନରେ ଏକ ଦୁଃଖଦ ଘଟଣା ଘଟିଛି। ସ୍ଥାନୀୟ ଜାମଶୁଳୀ ଏଲ୍ଏନ୍ କଲେଜର ୫ଜଣ ଛାତ୍ର ସମୁଦ୍ରରେ ଗାଧୋଇବା ବେଳେ ଭାସିଯାଇଥିଲେ। ସେମାନଙ୍କ ମଧ୍ୟରୁ ୪ଜଣଙ୍କୁ ଉଦ୍ଧାର କରାଯାଇଥିବା ବେଳେ ଜଣେ ନିଖୋଜ ଅଛନ୍ତି। ଏନଡିଆରଏଫ୍ ପହଞ୍ଚିବାରେ ବିଳମ୍ବ ହେବାରୁ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଥିଲା। ଅପରାହ୍ନରେ ଏନଡିଆରଏଫ୍ ପହଞ୍ଚି ଖୋଜାଖୋଜି କରିଥିଲେ ମଧ୍ୟ ନିଖୋଜ ଛାତ୍ରଙ୍କ ପତ୍ତା ପାଇ ନ ଥିଲା।

ଏଲ୍ଏନ୍ କଲେଜର ଯୁକ୍ତ ୨ବର୍ଷର ୫ଜଣ ଛାତ୍ର ସିଂଲା ଥାନା ସାନଅସ୍ତି ଗ୍ରାମର ଅଭୟ ମହାନ୍ତିଙ୍କ ପୁଅ ଅନୁଭବ ମହାନ୍ତି(୧୭), ନଇଘାଟି ଗ୍ରାମର ଦେବାଶିଷ ଦାସ(୧୭), ବଡ଼ାସ ଗ୍ରାମର ଶିବଶଙ୍କର କାମିଳା(୧୭), ନଇଘାଟି ଗ୍ରାମର ସ୍ନେହାଶିଷ ଦାସ (୧୭) ସେମାନଙ୍କର ସାଙ୍ଗ ବାଲିଆପାଳ ବ୍ଲକର ବାଲିବିଲ ଗ୍ରାମର ରାକେଶ ବିଶ୍ୱାଳ(୧୭)ଙ୍କ ଘରକୁ କାର୍ତ୍ତିକ ପୂଜା ପାଇଁ ଆସିଥିଲେ। ସେମାନେ ପୂର୍ବାହ୍ନ ସାଢ଼େ ୧୧ଟାରେ ଡଗରା ବେଳାଭୂମିକୁ ଆସି ସମୁଦ୍ରରେ ଗାଧୋଉଥିଲେ। ସମୁଦ୍ରରେ ଜୁଆର ଥିବାରୁ ଅସାବଧାନତାବଶତଃ ଛାତ୍ରମାନେ ଭାସି ଯାଇଥିଲେ। ସ୍ଥାନୀୟ ଲୋକଙ୍କ ସାହାଯ୍ୟରେ ୪ଜଣ ଛାତ୍ରଙ୍କୁ ଉଦ୍ଧାର କରାଯାଇ ଚିକିତ୍ସା ପାଇଁ ବାଲିଆପାଳ ସିଏଚ୍‌ସିକୁ ପଠାଯାଇଛି। ମାତ୍ର ସାନଅସ୍ତି ଗ୍ରାମର ଅନୁଭବ ମହାନ୍ତି ଅଦ୍ୟାବଧି ନିଖୋଜ ଅଛନ୍ତି। ଘଟଣା ସମ୍ପର୍କରେ ଖବରପାଇ ବାଲିଆପାଳର ଅତିରିକ୍ତ ତହସିଲଦାର ସସ୍ମିତା ମୁର୍ମୁ, ଥାନା ଅଧିକାରୀ ଏବଂ ଅଗ୍ନିଶମ ବିଭାଗର ଅଧିକାରୀମାନେ ପହଞ୍ଚି ଉଦ୍ଧାର କାର୍ଯ୍ୟ କରିଥିଲେ। ହେଲେ ନିଖୋଜ ଛାତ୍ରଙ୍କ ସନ୍ଧାନ ପାଇ ନ ଥିଲେ।

ଶଙ୍କରାଚାର୍ଯ୍ୟଙ୍କ ପ୍ରତି ନରସିଂହଙ୍କ ମନ୍ତବ୍ୟ ପ୍ରସଙ୍ଗ

# ମନ୍ତବ୍ୟ ନିନ୍ଦନୀୟ: ଗୋବର୍ଦ୍ଧନ ମଠ ମୁଖପାତ୍ର

**ପୁରୀ ଅଫିସ, ୧୮।୧୧**

ପୁରୀ ଗୋବର୍ଦ୍ଧନ ମଠାଧୀଶ ଶଙ୍କରାଚାର୍ଯ୍ୟ ନିଶ୍ଚଳାନନ୍ଦ ସରସ୍ୱତୀଙ୍କ ପ୍ରତି ବିରୋଧୀ ଦଳ ନେତା ତଥା ବରିଷ୍ଠ କଂଗ୍ରେସ ବିଧାୟକ ନରସିଂହ ମିଶ୍ରଙ୍କ କଟୁ ମନ୍ତବ୍ୟର ଜବାବ ରଖିଛନ୍ତି ଗୋବର୍ଦ୍ଧନ ମଠର ମୁଖପାତ୍ର ମନୋଜ ରଥ। ସେ କହିଛନ୍ତି, ବିଧାୟକ ମିଶ୍ର ଦେଇଥିବା ମନ୍ତବ୍ୟ ଭିତ୍ତିହୀନ। ପୂଜ୍ୟପାଦ ଶଙ୍କରାଚାର୍ଯ୍ୟ ଚାରିଧାମରେ ୪ଟି ପୀଠ ସ୍ଥାପନ କରିଥିଲେ। ତନ୍ମଧ୍ୟରୁ ଅନ୍ୟତମ ଏବଂ ଶ୍ରେଷ୍ଠ ଧାମ ହେଉଛି ଗୋବର୍ଦ୍ଧନ ପୀଠ। ଏହାର ଶଙ୍କରାଚାର୍ଯ୍ୟ ଭାବେ ସ୍ୱାମୀ ନିଶ୍ଚଳାନନ୍ଦ ସରସ୍ୱତୀ ଦୀର୍ଘ ୨୭ବର୍ଷ ଧରି ପୀଠାଧୀଶ ଦାୟିତ୍ୱରେ ରହିଛନ୍ତି। ଶଙ୍କରାଚାର୍ଯ୍ୟ ହେଉଛନ୍ତି କୋଟି କୋଟି ଭାରତୀୟଙ୍କ ଆସ୍ଥା ଓ ବିଶ୍ୱାସର କେନ୍ଦ୍ର। ତାଙ୍କ ପ୍ରତି ଏଭଳି ମନ୍ତବ୍ୟ ନିନ୍ଦନୀୟ। ସେହିପରି ସନାତନ ହିନ୍ଦୁ ଭକ୍ତ ସମାଜର ଆବାହକ ବିରଞ୍ଚି ନାରାୟଣ ମିଶ୍ର ମଧ୍ୟ ନରସିଂହଙ୍କ ମନ୍ତବ୍ୟକୁ ତୀବ୍ର ବିରୋଧ କରିଛନ୍ତି।

# ଖୋଲିପାରେ ଭିତର ରତ୍ନଭଣ୍ଡାର

■ ରତ୍ନଭଣ୍ଡାର ଖୋଲାଯାଇ ଅଳଙ୍କାର ମେଳକ ହେଉ: ସେବାୟତ

■ ପରିଚାଳନା କମିଟିରେ ନିଆଯିବ ନିଷ୍ପତ୍ତି: ନୀତି ପ୍ରଶାସକ

**ପୁରୀ ଅଫିସ,୧୮।୧୧**

ଖୋଲିପାରେ ଶ୍ରୀମନ୍ଦିର ଭିତର ରତ୍ନଭଣ୍ଡାର। ଗତ ୪ତାରିଖରେ ସୁପ୍ରିମ୍‌କୋର୍ଟ ମଧ୍ୟବର୍ତ୍ତିକାଳୀନ ରାୟରେ ରତ୍ନ ଅଳଙ୍କାର ପ୍ରସଙ୍ଗ ନେଇ ଶ୍ରୀମନ୍ଦିର ପରିଚାଳନା କମିଟିକୁ ରିପୋର୍ଟ ପ୍ରଦାନ ଲାଗି ନିର୍ଦ୍ଦେଶ ଦେବା ପରେ ଏହି ପ୍ରସଙ୍ଗ ଏବେ ଜୋର୍ ଧରିଛି। ମହାପ୍ରଭୁଙ୍କ ରତ୍ନଅଳଙ୍କାର ଗଣତି ଓ ସୁରକ୍ଷା ସମ୍ପର୍କରେ କ'ଣ ପ୍ରସ୍ତୁତି ରହିଛି ସେ ସମ୍ପର୍କରେ ଜଣାଇବାକୁ ପରିଚାଳନା କମିଟିକୁ ସୁପ୍ରିମ୍‌କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଶ୍ରୀମନ୍ଦିର ଭିତର ରତ୍ନଭଣ୍ଡାର ସମ୍ପର୍କରେ ପରିଚାଳନା କମିଟି ବୈଠକରେ ନିଷ୍ପତ୍ତି ନିଆଯାଇ ସୁପ୍ରିମ୍‌କୋର୍ଟଙ୍କୁ ରିପୋର୍ଟ ଦିଆଯିବ ବୋଲି ଶ୍ରୀମନ୍ଦିର ନୀତି ପ୍ରଶାସକ ଜିତେନ୍ଦ୍ର କୁମାର ସାହୁ କହିଛନ୍ତି।

ଶ୍ରୀମନ୍ଦିର ରତ୍ନ ଅଳଙ୍କାର ସୁରକ୍ଷିତ ଅଛି କି ନାହିଁ ତାକୁ ନେଇ ବିଭିନ୍ନ ସମୟରେ ଚର୍ଚ୍ଚା ହେଉଥିବାବେଳେ ୨୦୧୮ ମାର୍ଚ୍ଚ ୨୦ରେ ପରିଚାଳନା କମିଟି ବୈଠକ ଅନୁଷ୍ଠିତ ହୋଇଥିଲା। ଏଏସ୍ଆଇ କର୍ତ୍ତୃପକ୍ଷ ଏବଂ କେତେଜଣ ସେବାୟତ ରତ୍ନଭଣ୍ଡାରରୁ ପାଣି ଗଳୁଥିବା ନେଇ କହିବା ପରେ ରତ୍ନଭଣ୍ଡାର ଗୃହ ସ୍ଥିତି ଯାଞ୍ଚ ଲାଗି ନିଷ୍ପତ୍ତି ହୋଇଥିଲା। ଦୀର୍ଘବର୍ଷ ହେବ ଏହା ଖୋଲାଯାଇ ନାହିଁ। ତେଣୁ ରତ୍ନଭଣ୍ଡାର ସବ୍‌କମିଟି ଉପସ୍ଥିତିରେ ଉକ୍ତ ଗୃହ ଖୋଲାଯିବ ବୋଲି ଚୂଡ଼ାନ୍ତ ହୋଇଥିଲା। ୨୦୧୮ ଏପ୍ରିଲ ୪ରେ ଭିତର ରତ୍ନଭଣ୍ଡାର ଖୋଲିବା ପାଇଁ ସମସ୍ତ ପ୍ରକାର ପ୍ରସ୍ତୁତି ସରିଥିଲା। କିନ୍ତୁ ଶେଷ ମୁହୂର୍ତ୍ତରେ ବିଫଳ ହୋଇଥିଲା ପ୍ରଶାସନ। ରତ୍ନଭଣ୍ଡାର ଚାବି ହଜିଥିବାରୁ ଭିତର ଭଣ୍ଡାର ଖୋଲାଯାଇ ପାରି ନ ଥିବା କୁହାଯାଇଥିଲା। ଏହାକୁ ନେଇ ବେଶ୍ ହୋହଲ୍ଲା ହୋଇଥିଲା। ଶ୍ରୀମନ୍ଦିର ପ୍ରଶାସନ ଓ ସରକାରଙ୍କୁ ଘେରିଥିଲେ ବିରୋଧୀ। ଶେଷରେ ଏକ ଡୁପ୍ଲିକେଟ୍ ଚାବି ମିଳିଥିବା କୁହାଯାଇଥିଲା। ତେବେ ଡୁପ୍ଲିକେଟ ଚାବି ମିଳିବାକୁ ନେଇ ସମସ୍ତେ ସନ୍ଦେହରେ ପଡ଼ିଥିଲେ। ମହାପ୍ରଭୁଙ୍କ ରତ୍ନ ଅଳଙ୍କାର ସୁରକ୍ଷାକୁ ନେଇ ମଧ୍ୟ ଉଠିଥିଲା ପ୍ରଶ୍ନ। ତେଣୁ ସରକାର ଚାବି ହଜିବା ଘଟଣାର ବିଚାର ବିଭାଗୀୟ ତଦନ୍ତ ଆଦେଶ ଦେଇଥିଲେ। ଜଷ୍ଟିସ ରଘୁବୀର ଦାଶ ଏହାର ତଦନ୍ତ କରିଥିଲେ। ତଦନ୍ତ ରିପୋର୍ଟ ଏବେ ରାଜ୍ୟ ସରକାରଙ୍କ ପାଖରେ ରହିଥିବାବେଳେ ଅନେକ ସମୟରେ ଭିତର ରତ୍ନଭଣ୍ଡାର ଖୋଲିବାକୁ ଦାବି ଉଠିଛି। ବିଭିନ୍ନ ସମୟରେ ଏକାଧିକ ସଙ୍ଗଠନ ରତ୍ନଭଣ୍ଡାର ଖୋଲିବା ଦାବିରେ ଧାରଣା ଓ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ସେହିପରି ପିପିଲି ବ୍ଲକ କମାକନ୍ତିଆର ଦିଲ୍ଲୀପ ବରାଳ ଗତ ସେପ୍ଟେମ୍ବର ୭ରେ ରାଜ୍ୟପାଳଙ୍କୁ ଭିତର ରତ୍ନଭଣ୍ଡାର ଖୋଲି ରତ୍ନ ଅଳଙ୍କାର ଯାଞ୍ଚ କରାଯିବା ନେଇ ଅନୁରୋଧପତ୍ର ପଠାଇଥିଲେ। ରାଜ୍ୟପାଳ ଏହାକୁ ଗ୍ରହଣ କରି ଗତ ସେପ୍ଟେମ୍ବର ୧୯ରେ ଆଇନ ବିଭାଗ ପ୍ରମୁଖ ସଚିବଙ୍କୁ ଉପଯୁକ୍ତ ପଦକ୍ଷେପ ନେବା ଲାଗି ନିର୍ଦ୍ଦେଶ ଦେଇଥିଲେ। ସେହିପରି ଗତ ମାସ ୨୯ ତାରିଖରେ ବିରୋଧୀ ଦଳ ନେତା ପ୍ରଦୀପ୍ତ ନାୟକ ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖି ରତ୍ନଭଣ୍ଡାରର ଅଡିଟ୍ କରାଯିବା ସହ ଠିକ୍ ଭାବେ ଅଳଙ୍କାର ଯାଞ୍ଚ କରିବାକୁ ଦାବି କରିଥିଲେ। ଏବେ ସୁପ୍ରିମ୍‌କୋର୍ଟଙ୍କ ରାୟ ପରେ ରତ୍ନଭଣ୍ଡାର ଖୋଲିବା ନେଇ ପ୍ରଶାସନିକ ସ୍ତରରେ ଆଲୋଚନା ଚାଲିଥିବା ଶୁଣିବାକୁ ମିଳୁଛି। ଏହାକୁ ନେଇ ସମସ୍ତଙ୍କ ମଧ୍ୟରେ ଉତ୍କଣ୍ଠା ପ୍ରକାଶ ପାଇଛି। ବରିଷ୍ଠ ସେବାୟତ ବିନାୟକ ଦାସମହାପାତ୍ର କହିଛନ୍ତି, ଏ ନେଇ ସେବାୟତଙ୍କ ଉପରକୁ ଅଙ୍ଗୁଳି ଉଠିଲାଣି। ତେଣୁ ଭିତର ରତ୍ନଭଣ୍ଡାର ଖୋଲାଯାଇ ମହାପ୍ରଭୁଙ୍କ ରତ୍ନ ଅଳଙ୍କାର ଗଣତି କରାଯାଉ। ପୂର୍ବ ତାଲିକା ଯାହା ରହିଛି ସେଥିରେ ମେଳକ କରାଗଲେ ସବୁକିଛି ସ୍ପଷ୍ଟ ହୋଇଯିବ। ସୂଚନାଥାଉ କି, ଶ୍ରୀମନ୍ଦିରର ବାହାର ଭଣ୍ଡାର ବର୍ଷକୁ ଏକାଧିକ ଥର ଖୋଲାଯାଏ। କିନ୍ତୁ ୧୯୮୫ରେ ଶେଷଥର ଲାଗି ଭିତର ଭଣ୍ଡାର ଖୋଲା ଯାଇଥିଲା।






## ଜନ୍ମଦିନର ଶୁଭେଚ୍ଛା

ନାମ: ...................................
ବୟସ:...................................
ଜନ୍ମ ତାରିଖ: ...............................



ଅଲିସ୍କା
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


## #MyPaperBagChallengeରେ ଭାଗ ନେଇଥିବା ଧରିତ୍ରୀର ପାଠିକାପାଠକ



ଶିଳା ସାହୁ



କୁବେର ସାହୁ

ଆପଣଙ୍କ ଫଟୋ ଏଠାରେ ସ୍ଥାନିତ ପାଇଁ ପଠାନ୍ତୁ
plasticfreeodishadht@gmail.com

ପୁରସ୍କାର ଜିତିବାକୁ ଯୋଗ୍ୟ ହେବା ପାଇଁ ଆପଣଙ୍କ ଫଟୋ ସହ ପଠାନ୍ତୁ ନାମ, ଠିକଣା ଓ ମୋବାଇଲ ଫୋନ୍ ନମ୍ବର

# ମହାପ୍ରଭୁଙ୍କର ହେଲା ପଇତାଲାଗି

**ପୁରୀ ଅଫିସ, ୧୮।୧୧**

ଶ୍ରୀମନ୍ଦିରରେ ସୋମବାର ମହାପ୍ରଭୁଙ୍କ ପଇତାଲାଗି ନୀତି ସମ୍ପନ୍ନ ହୋଇଛି। ଅପରାହ୍ନ ପ୍ରାୟ ୪ଟା ୫ରୁ ସନ୍ଧ୍ୟା ୭ଟା ୪୦ମିନିଟ୍ ପର୍ଯ୍ୟନ୍ତ ଦଇତାପତି ସେବକମାନେ ଠାକୁରଙ୍କ ଶ୍ରୀଅଙ୍ଗରେ ପଇତାଲାଗି କରିଥିଲେ। ମଧ୍ୟାହ୍ନ ଧୂପ ସରିବା ପରେ ଦଇତାପତି ସେବକମାନେ ଗର୍ଭଗୃହକୁ ପ୍ରବେଶ କରିଥିଲେ। ଦେଉଳକରଣଙ୍କଠାରୁ ବାସୁଙ୍ଗାପାଟରେ ନିର୍ମିତ ପଇତା ନେଇ ଦଇତାପତିମାନେ ଗୋଷ୍ଠୀଗତ ଭାବେ ପଇତାଲାଗି କରିଥିଲେ। ଏହା ଏକ ଗୁପ୍ତ ନୀତି ହୋଇଥିବାରୁ ଏହି ସମୟରେ ଜୟବିଜୟ ଦ୍ୱାର ବନ୍ଦ ରଖାଯାଇଥିଲା। ଫଳରେ ସର୍ବସାଧାରଣ ଦର୍ଶନ ବନ୍ଦ ରହିଥିଲା। ଭକ୍ତମାନେ ବେଢା ପରିସରସ୍ଥ ଅନ୍ୟାନ୍ୟ ଦେବଦେବୀଙ୍କ ମନ୍ଦିର ବୁଲି ଦେଖିଥିଲେ। ପଇତାଲାଗି ନୀତି ସମ୍ପନ୍ନ ହେବା ପରେ ଠାକୁରଙ୍କ ମହାସ୍ନାନ କରାଯାଇ ଅନ୍ୟାନ୍ୟ ନୀତି ଚାଲିଥିଲା। ମହାସ୍ନାନ ପରେ ପୁଣି ଭକ୍ତମାନେ ଠାକୁରଙ୍କୁ ଦର୍ଶନ କରିଥିଲେ ବୋଲି ଶ୍ରୀମନ୍ଦିର ଲୋକ ସମ୍ପର୍କ ଅଧିକାରୀ ଲକ୍ଷ୍ମୀଧର ପୂଜାପଣ୍ଡା କହିଛନ୍ତି।

**ପ୍ରଥମ ପୃଷ୍ଠାରୁ...**

## ହଟ୍ଟଗୋଳ...

ଉପରେ ଆକ୍ରମଣ କରିବା ଓ ମିଥ୍ୟା ମାମଲା ରୁଜୁ କରିବା ବନ୍ଦ କରନ୍ତୁ ବୋଲି ଦାବି କରିଥିଲେ। ନ୍ୟାଶନାଲ କନ୍‌ଫରେନ୍ସ ସଦସ୍ୟମାନେ ସେମାନଙ୍କ ସହ ଯୋଗଦେଇ ଫାରୁକଙ୍କ ଅଟକ ପ୍ରସଙ୍ଗ ଉଠାଇଥିଲେ। ଫାରୁକ୍ ଅବଦୁଲ୍ଲା ଗୃହରେ ନ ଥିବାରୁ ଏହା ଠିକ୍ ଢଙ୍ଗରେ ଚାଲିନାହିଁ। ତେଣୁ ସେ କୌଣସି ପ୍ରଶ୍ନ ପଚାରିବା ସ୍ଥିତିରେ ନାହାନ୍ତି ବୋଲି ଆର୍‌ଏସ୍‌ପି ନେତା ଏନ୍.କେ. ପ୍ରେମଚନ୍ଦ୍ରନ୍ କହିଥିଲେ।

ଭାଜପା ସହ ସମ୍ପର୍କ ତୁଟାଇଥିବା ପୁରୁଣା ସହଯୋଗୀ ଶିବସେନାର ସଦସ୍ୟମାନେ କୃଷକଙ୍କୁ ରିଲିଫ ଦାବି କରିବା ସହିତ ଗୃହରେ ସ୍ଲୋଗାନ ଦେଇଥିଲେ। ପରେ ସେମାନେ କକ୍ଷତ୍ୟାଗ କରିଚାଲିଯାଇଥିଲେ। ସୂଚନାଯୋଗ୍ୟ, ମହାରାଷ୍ଟ୍ରରେ ମୁଖ୍ୟମନ୍ତ୍ରୀ ପଦକୁ ନେଇ ଭାଜପା ସହ ମତପାର୍ଥକ୍ୟ ପରେ ଶିବସେନା ଏନ୍‌ଡିଏ ମେଣ୍ଟରୁ ଓହରିଯାଇଛି। ସେମାନେ ଗୃହରେ ବିରୋଧୀ ଆସନରେ ବସିଥିଲେ।

ଡିଏମ୍‌କେ ସଦସ୍ୟମାନେ ମଧ୍ୟ ସେମାନଙ୍କ ଆସନରେ ଛିଡ଼ାହୋଇ ସେମାନଙ୍କୁ ଆଲୋଚନା ପାଇଁ ସୁଯୋଗ ଦେବାକୁ ଦାବି କରିଥିଲେ। ପ୍ରଶ୍ନୋତ୍ତର କାଳ ପରେ ସେମାନଙ୍କୁ ସୁଯୋଗ ଦିଆଯିବ ବୋଲି ବାଚସ୍ପତି ଓମ୍ ବିର୍ଲା କହିଥିଲେ। ଗୃହରେ ହଟ୍ଟଗୋଳ ସତ୍ତ୍ୱେ ପ୍ରଶ୍ନୋତ୍ତର କାଳରେ ୭ଟି ପ୍ରଶ୍ନ ଓ ଆନୁଷଙ୍ଗିକ ପ୍ରସଙ୍ଗ ଉପରେ ଆଲୋଚନା ହୋଇଥିଲା। ସବୁ ପ୍ରସଙ୍ଗରେ ଆଲୋଚନା ପାଇଁ ସରକାର ପ୍ରସ୍ତୁତ ଅଛନ୍ତି। ସଦସ୍ୟମାନେ ଶାନ୍ତ ହେବା ପାଇଁ ସଂସଦୀୟ ବ୍ୟାପାର ମନ୍ତ୍ରୀ ପ୍ରହ୍ଲାଦ ଜୋଷୀ ଅନୁରୋଧ କରିଥିଲେ।

## ବିଜେଡି...

ପ୍ରଶଂସା କରିବାକୁ ନେଇ ବିଭିନ୍ନ କଳ୍ପନାଜଳ୍ପନା ପ୍ରକାଶ ପାଇଛି।

ରାଜ୍ୟ ସଭା ଦେଶର ସଂଘୀୟ ଢାଞ୍ଚାର ଆତ୍ମା ଏବଂ ଦେଶର ବିକାଶ କ୍ଷେତ୍ରରେ ଏହାର ଗୁରୁତ୍ୱପୂର୍ଣ୍ଣ ଅବଦାନ ରହିଛି ବୋଲି ପ୍ରଧାନମନ୍ତ୍ରୀ କହିଥିଲେ। ନିର୍ବାଚନ ସହ ମନୋନୟନ ବ୍ୟବସ୍ଥା ଥିବାରୁ ଉଚ୍ଚ ସଦନରେ ବୈଜ୍ଞାନିକ, କ୍ରୀଡାବିତଙ୍କଠାରୁ ଆରମ୍ଭ କରି ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ହାସଲ କରିଥିବା ବ୍ୟକ୍ତି ବସିବାର ସୁଯୋଗ ପାଉଛନ୍ତି ଓ ଉପାଦେୟ ପରାମର୍ଶ ଦେଇପାରୁଛନ୍ତି। ସମସ୍ତେ ଭାବୁଥିଲେ ରାଜ୍ୟ ସଭାରେ ସରକାରଙ୍କର ସଂଖ୍ୟାଗରିଷ୍ଠତା ନ ଥିବାରୁ ତିନି ତଲାକ୍ ବିଲ୍ ଅଟକି ଯିବ। କିନ୍ତୁ ଏହି ସଦନ ବିଲ୍‌କୁ ଅନୁମୋଦନ କରି ପରିପକ୍ୱତାର ନିଦର୍ଶନ ଦେଖାଇଥିଲା। ସେହିପରି ସମ୍ବିଧାନର ଅନୁଚ୍ଛେଦ ୩୭୦ ଉଚ୍ଛେଦ ପ୍ରସ୍ତାବ ଏବଂ ଦ୍ରବ୍ୟ ଓ ସେବା ଟିକସ (ଜିଏସ୍‌ଟି) ବିଲ୍‌କୁ ମଧ୍ୟ ରାଜ୍ୟ ସଭା ଅନୁମୋଦନ କରିଥିଲା। ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀଙ୍କ ଉକ୍ତିକୁ ଉଦ୍ଧାର କରି ମୋଦି କହିଥିଲେ, ରାଜ୍ୟ ସଭା ଦ୍ୱିତୀୟ ସଦନ ହୋଇପାରେ କିନ୍ତୁ ଏହା ଆଦୌ ଗୌଣ ନୁହେଁ। ଦେଶର ବିକାଶରେ ରାଜ୍ୟ ସଭାର ଯୋଗଦାନ ଜାରି ରହିବା ଆବଶ୍ୟକ ବୋଲି ସେ ମତ ଦେଇଥିଲେ।

## ୧୭୬ ବିଡର...

ଶ୍ୟାମ ମେଟାଲିକ୍, ଜେଏସପିଏଲ, ବେଦାନ୍ତ, ରୁଙ୍ଗଟା, ଅମ୍ବା ରିଭର କୋ, ଆରଆଇଏନଏଲ, ପ୍ରୋ ମ୍ୟାଟେରିଆଲ, ଓଏମ୍‌ପିଏଲ, ଟିଏସ୍‌ଏଲ ଏବଂ ଆର୍ସେଲର ମିତ୍ତଲ ଆବେଦନ କରିଛନ୍ତି। ସେହିପରି ଜିଲିଂ ଖଣି ପାଇଁ ଆଦାନୀ, ଟିଏସ୍ ଆଲଏଜ୍, ଶ୍ୟାମ ଷ୍ଟିଲ,ଶ୍ୟାମ ମାଇନିଂ, ଜେଏସ୍‌ପିଏଲ, ଶ୍ୟାମ କୋର, ଓଏମ୍‌ପିଏଲ, ଟିପି ସାଓ, ବିଆରପିଏଲ, କେଜେଏସ୍ ପାୱାର, ସିରାଜଉଦ୍ଦିନ, ଆଇପି, ଏସେଲ, ନାରବେହେରାମ ବିଶ୍ରାମ,ଜେଏସପିଏଲ, , ଆମଲଗାମ ପାୱାର, ଜେଏସ୍‌ଡବ୍ଲ୍ୟୁ ଷ୍ଟିଲ, ଫୋମେଣ୍ଟୋ, ପ୍ରୋ ମିନେରାଲସ୍, ରାମଗଡ଼ ମିନେରାଲ୍ସ, ରୁଙ୍ଗଟା ମାଇନ୍ସ, ଆର୍ସେଲର ମିତ୍ତଲ, ଫୋରୱେ ଇନଫ୍ରା, ସାୱନ ଡେସଟିଲିଙ୍ଗ ଏବଂ ବେଦାନ୍ତ ଆବେଦନ କରିଛନ୍ତି।

## ଧାନକିଣା...

ଭାଜପା ସଦସ୍ୟମାନେ ଗୃହ କାର୍ଯ୍ୟରେ ଯୋଗ ଦେଇଥିଲେ। ଧ୍ୟାନ ଆକର୍ଷଣକାରୀ ପ୍ରସ୍ତାବ ମାଧ୍ୟମରେ ପୁଣି ନରସିଂହ ମିଶ୍ର ଧାନ ବିକ୍ରି ପ୍ରସଙ୍ଗ ଉଠାଇଲେ। କହିଲେ ମଣ୍ଡି ଏପର୍ଯ୍ୟନ୍ତ ଠିକ୍ ଭାବରେ କାମ କରୁନାହିଁ। ଫଳରେ କମ୍‌ଦାମ୍‌ରେ ଚାଷୀ ଧାନ ବିକିବାକୁ ବାଧ ହେଉଛନ୍ତି। ଏ କଥା ଗଣମାଧ୍ୟମରେ ପ୍ରକାଶ ପାଇଛି। ଧାନର ସର୍ବନିମ୍ନ ସହାୟକ ମୂଲ୍ୟ(ଏମ୍‌ଏସପି) ଚାଷୀ ଖର୍ଚ୍ଚ ଠାରୁ କମ୍ ବୋଲି ଗୃହରେ ସମସ୍ତେ ଅବଗତ ଅଛନ୍ତି। ମୁଖ୍ୟମନ୍ତ୍ରୀ ବୋନସ କଥା ଘୋଷଣା କରିଥିଲେ । କିନ୍ତୁ ଦିଆଗଲା ନାହିଁ। ଆଗରୁ ଜିଲାରେ ଧାନ ବିକ୍ରି ପାଇଁ ଟୋକନ ଦିଆଯାଉଥିଲା। କିନ୍ତୁ ଏବେ ଚାଷୀଙ୍କୁ ଟୋକନ ପାଇଁ ଅପେକ୍ଷା କରିବାକୁ ପଡୁଛି। ଏଥିରୁ ଜଣାପଡୁଛି ସରକାର, ମିଲ ମାଲିକ ଓ ଦଲାଲଙ୍କ ମଧ୍ୟରେ ବୁଝାମଣା ହୋଇଛି। ଏବେ ସରକାର ମାନୁଛନ୍ତି ଚାଷୀଙ୍କଠାରୁ କମ୍‌ଦାମ୍‌ରେ ଧାନ କିଣି ଦଲାଲମାନେ ମଣ୍ଡିରେ ବିକୁଛନ୍ତି। ସେମାନଙ୍କୁ କାହିଁକି ଗିରଫ କରାଯାଉ ନାହିଁ। ଛତିଶଗଡ଼ରେ ଅଧିକ ମୂଲ୍ୟ ମିଳୁଥିବାରୁ ସେଠାକୁ ଧାନ ପଠାଯାଉଛି। ଧାନ କିଣା ହୋଇ ମିଲକୁ ଯାଉଛି। ଧାନର ଅଭାବୀ ବିକ୍ରି ଆରମ୍ଭ ହୋଇଗଲାଣି। ଧାନ ଅମଳ ହେଲାଣି। ଏ ପର୍ଯ୍ୟନ୍ତ ଚାଷୀ ଟୋକନ ପାଇ ନାହାନ୍ତି। କମ୍ ଦାମ୍‌ରେ ଧାନ ବିକିବାକୁ ଚାଷୀ ବାଧ ହେଲେଣି। ଯେଉଁ ଅଫିସର ଟୋକନ ଦେବାରେ ଖିଲାପ କରିଛନ୍ତି ତାଙ୍କ ବିରୋଧରେ ଦୃଢ଼କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ । ଭୁବନେଶ୍ୱରରୁ ଟୋକନ ଦେବା ବନ୍ଦ କରାଯାଉ। ସରକାର ତୁରନ୍ତ ଧାନ କିଣନ୍ତୁ ବୋଲି ନରସିଂହ କହିଛନ୍ତି। ବିଜେଡି ସଭ୍ୟ ପ୍ରଫୁଲ୍ଲ ସାମଲ, କଂଗ୍ରେସ ସଦସ୍ୟ ତାରାପ୍ରସାଦ ବାହିନୀପତି ମଧ୍ୟ ଧାନ କିଣା ନେଇ ଉଦ୍‌ବେଗ ପ୍ରକାଶ କରିଥିଲେ।

ଗଣମାଧ୍ୟମକୁ ସୂଚନା ଦେଇ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ କହିଛନ୍ତି ଯେ ଚାଷୀଙ୍କ ହିତ ପାଇଁ ଯାହା କରାଯିବା କଥା କରାଯିବ। ଆନ୍ଦୋଳନକୁ ଦୃଷ୍ଟିରେ ରଖି ମନ୍ତ୍ରୀ ପଶ୍ଚିମ ଓଡ଼ିଶାର ବିଜେଡି ନେତା, ମନ୍ତ୍ରୀ, ପୂର୍ବତନ ମନ୍ତ୍ରୀ, ବିଧାୟକ ଏବଂ ପୂର୍ବତନ ବିଧାୟକଙ୍କୁ ଡାକି ଆଲୋଚନା କରିଛନ୍ତି।

### ମାଲକାନଗିରିରେ ଶିଶୁ ମୃତ୍ୟୁ ମାମଲା

# ହାଇକୋର୍ଟରେ ପ୍ରତିଜବାବ ଦାଖଲ

**କଟକ ଅଫିସ,୧୮।୧୧**

୨୦୧୧ରୁ ୨୦୧୮ ପର୍ଯ୍ୟନ୍ତ ମାଲକାନଗିରିରେ ଶିଶୁମୃତ୍ୟୁକୁ ନେଇ ହାଇକୋର୍ଟରେ ଚାଲିଥିବା ମାମଲାରେ ସୋମବାର ଆବେଦନକାରୀଙ୍କ ପକ୍ଷରୁ ପ୍ରତିଜବାବ ଦାଖଲ କରାଯାଇଛି। ମୁଖ୍ୟ ବିଚାରପତି କେ.ଏସ୍. ଝାବେରୀ ଓ ବିଚାରପତି କେ.ଆର୍. ମହାପାତ୍ରଙ୍କୁ ନେଇ ଗଠିତ ଖଣ୍ଡପୀଠରେ ଏହି ମାମଲା ଶୁଣାଣି ହୋଇଥିବାବେଳେ ଆବେଦନକାରୀ ଆଇନଜୀବୀ ପ୍ରବୀର ଦାସ ପ୍ରତିଜବାବ ଦାଖଲ କରିଛନ୍ତି। ଏଥିରେ ଆବେଦନକାରୀ ଦର୍ଶାଇଛନ୍ତି, ମାଲକାନଗିରି ଶିଶୁ ମୃତ୍ୟୁ ମାମଲାରେ ରାଜ୍ୟ ସରକାର ଯେଉଁ ସତ୍ୟପାଠ ଦାଖଲ କରିଛନ୍ତି ତାହା ଅସମ୍ପୂର୍ଣ୍ଣ। ଏହି ସତ୍ୟପାଠରେ ସରକାର ସମ୍ପୂର୍ଣ୍ଣ ତଥ୍ୟ ଦେଇନାହାନ୍ତି। ପୂର୍ବରୁ ରାଜ୍ୟ ସରକାର ଦେଇଥିବା ରିପୋର୍ଟରେ ଦର୍ଶାଯାଇଛି, ଶିଶୁ ମୃତ୍ୟୁହାର ରୋକିବା ପାଇଁ ୨୦୧୭-୧୮ରେ ଏକାଧିକ ଯୋଜନା ପ୍ରଣୟନ କରାଯାଇଛି। ଏହା ଦ୍ୱାରା ମାଲକାନଗିରିରେ ଶିଶୁ ମୃତ୍ୟୁହାର କମିଛି । ତେବେ ଏହି ରିପୋର୍ଟ ତଥ୍ୟ ଉପରେ ଆଧାରିତ ନୁହେଁ ବୋଲି ଆବେଦନକାରୀ ପ୍ରତିଜବାବରେ ଦର୍ଶାଇଛନ୍ତି। ଶିଶୁ ଅପପୁଷ୍ଟି ଜନିତ ମୃତ୍ୟୁ ରୋକିବା ପାଇଁ ରାଜ୍ୟ ସରକାର ଯୋଜନା ପ୍ରଣୟନ କରିବା ଏବଂ ଏହି ଜିଲାରେ ଶିଶୁମୃତ୍ୟୁ ରୋକିବାକୁ ଏକ ଉଚ୍ଚସ୍ତରୀୟ ତଦନ୍ତ ଲାଗି ଆବେଦନକାରୀ ଦାସ ହାଇକୋର୍ଟରେ ପ୍ରାର୍ଥନା କରିଥିଲେ।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ** ଆଜି ସ୍ୱଗୃହୀ ଚନ୍ଦ୍ର ଚତୁର୍ଥ ସ୍ଥାନରେ ରହିଥିବାରୁ ବନ୍ଧୁ ମିଳନ ଘଟିବ। ମଙ୍ଗଳ ନିଜ ରାଶିକୁ ଅବଲୋକନ କରୁଥିବାରୁ ସ୍ୱାସ୍ଥ୍ୟ ପ୍ରାୟତଃ ଭଲ ରହିବ। ସଭାସମିତିରେ ଯୁକ୍ତିଯୁକ୍ତ ଓ ଅପ୍ରିୟ ସତ୍ୟକଥା ପ୍ରକାଶ କରିବା ଦ୍ୱାରା ସାମୟିକ ସମସ୍ୟା ସୃଷ୍ଟି ହୋଇପାରେ। ଆଜିର ପ୍ରତ୍ୟୁଷ ଯାତ୍ରାରେ ସଫଳତା ମିଳିବ ଏବଂ ଆର୍ଥିକ ସ୍ୱଚ୍ଛଳତା ଫେରି ପାଇବେ ।

**ବୃଷ** ତୃତୀୟ ଚନ୍ଦ୍ର ପ୍ରଭାବରୁ ଯାହା କରିବେ କିମ୍ବା କହିବେ ସେଥିରେ ସଫଳତା ନିଶ୍ଚିତ ପାଇବେ। ବିଭିନ୍ନ ଦିଗରେ ପ୍ରଶଂସା ଓ ପ୍ରୋତ୍ସାହନ ପାଇ ମନୋବଳ ବୃଦ୍ଧି ପାଇବ। ଆନୁଷ୍ଠାନିକ କାମରେ ସଫଳତା ମିଳିବ। କିନ୍ତୁ ମତାନ୍ତର ଜନିତ ପାରିବାରିକ ଅଶାନ୍ତି କାରଣରୁ ମାନସିକ ଉଦ୍‌ବେଗ ବଢିପାରେ । କଳା ସାହିତ୍ୟ ଓ ଚୁକ୍ତିପତ୍ର କ୍ଷେତ୍ରରୁ ସୁଫଳ ମିଳିବାର ଆଶା ରହିଛି।

**ମିଥୁନ** ଦିନଟି ଆର୍ଥିକ ଦିଗରୁ ବହୁତ ଭଲ ଖାଲି ସେତିକି ନୁହେଁ ଯାହାକୁ ଯାହା କହିବେ ସେ ନାହିଁ କରିପାରିବ ନାହିଁ। ତଥାପି ବୁଧଙ୍କ ପ୍ରଭାବରୁ କର୍ମକ୍ଷେତ୍ରରେ ପ୍ରତିକୂଳ ପରିସ୍ଥିତିର ଚାପ ବଢ଼ିବ। ଅତୀତ ଘଟଣାକୁ କେନ୍ଦ୍ରକରି ବିବାଦୀୟ ପରିସ୍ଥିତି ସୃଷ୍ଟିର ସୂଚନା ପାଇପାରନ୍ତି। କେତେକ କ୍ଷେତ୍ରରେ ମନକଥା ମନରେ ରଖିପାରିବେ ନାହିଁ।

**କର୍କଟ** ନିଜ ରାଶିରେ ଚନ୍ଦ୍ର ରହିଥିବାରୁ ସ୍ୱାସ୍ଥ୍ୟ ପ୍ରାୟତଃ ଭଲ ରହିବ। କିନ୍ତୁ ବନ୍ଧୁଙ୍କ ଆଲୋଚନା ସମୟରେ ଭାବପ୍ରବଣତାରେ ଭାସିଯାଇ ଗୁରୁତ୍ୱପୂର୍ଣ୍ଣ କଥାଟିକୁ ପାସୋରି ଦେଇପାରନ୍ତି। ନିର୍ମାଣାଧୀନ କାର୍ଯ୍ୟ, ଯୋଗାଯୋଗ, ପ୍ରେସ୍, ପବ୍ଲିକେଶନ, ଆଲୋଚନା ଓ ସଭାସମିତିରେ କାମଗୁଡ଼ିକ ସୁରୁଖୁରୁରେ ସମ୍ପନ୍ନ ହେବ।

**ସିଂହ** ରାଶ୍ୟାଧିପ ରବିଙ୍କ ଦୁର୍ବଳତା କାରଣରୁ ସ୍ୱାସ୍ଥ୍ୟ ସମସ୍ୟା କ୍ରମଶଃ ଦୁଃଶ୍ଚିନ୍ତାର କାରଣ ହୋଇପାରେ। ନୂତନ କର୍ମାରମ୍ଭଟି ସହଯୋଗ ଅଭାବରୁ ମଉଳି ଯିବାକୁ ବସିପାରେ । ପାରିବାରିକ କ୍ଷେତ୍ରରେ କୌଣସି ବ୍ୟକ୍ତିର ସାହାଯ୍ୟ ଆଶା କରି ନିରାଶ ହେବେ । ତଥାପି ସରକାରୀ ସାହାଯ୍ୟର ଆଶା ରହିଛି।

**କନ୍ୟା** ଦ୍ୱିତୀୟ ସ୍ଥାନରେ ବୁଧ ଓ ମଙ୍ଗଳ ରହିଥିବାରୁ ଆପଣଙ୍କର କଡ଼ା କଥା ବନ୍ଧୁଙ୍କ ଗାତ୍ରଦାହର କାରଣ ହୋଇପାରେ। ପ୍ରତ୍ୟେକ କ୍ଷେତ୍ରରେ ନିଜର ସନ୍ଦେହୀ ମନୋଭାବ ହେତୁ ଅନାକାଂକ୍ଷିତ ସମସ୍ୟା ଦେଖାଦେବ। ଆପଣ ପାରିବାରିକ କ୍ଷେତ୍ରରେ ଅନ୍ୟମନସ୍କ ରହି ନୀରବତା ଅବଲମ୍ବନ କରିବା ମଧ୍ୟ ଦୁଃଚିନ୍ତାର କାରଣ ହୋଇପାରେ।

**ତୁଳା** ମଙ୍ଗଳଙ୍କ ସୁପ୍ରଭାବରୁ ଅର୍ଥନୈତିକ ପ୍ରଗତି ସଙ୍ଗକୁ ବନ୍ଧୁମାନଙ୍କ ଭିଡ଼ ଆପଣଙ୍କ ମାନସିକତାକୁ ବିଭ୍ରାନ୍ତ କରାଇପାରେ। ଆଜି ଅଫିସରେ ଅସମ୍ପୂର୍ଣ୍ଣ କାର୍ଯ୍ୟକୁ ସମ୍ପୂର୍ଣ୍ଣ କରି ଆଶ୍ୱସ୍ତି ଲାଭ କରିପାରନ୍ତି। କୌଣସି ବିବାଦୀୟ କ୍ଷେତ୍ରରେ ପରିସ୍ଥିତିକୁ ସମ୍ଭାଳି ନେବେ। ପାରିବାରିକ ସମସ୍ୟାର ସମାଧାନ କ୍ଷେତ୍ରରେ ସହକର୍ମୀ ସାହାଯ୍ୟ କରିବେ।

**ବିଛା** ବନ୍ଧୁମାନଙ୍କ ସମର୍ଥନ କ୍ରମେ କୌଣସି ଆନୁଷ୍ଠାନିକ କାମରେ ନିଜକୁ ନିୟୋଜିତ କରିବେ। ଗୁରୁଶୌରୀ ପ୍ରଭାବରେ ଆର୍ଥିକ ପ୍ରଗତି ମାନସିକ ସୁସ୍ଥତାକୁ ବୃଦ୍ଧି କରିବ। ଯାହାକୁ ନିଜର ମନେ କରୁଛନ୍ତି, ସେହିମାନେ ହିଁ ଆପଣଙ୍କ ପ୍ରଶଂସା ଓ ପ୍ରତିଷ୍ଠାକୁ ସହିପାରିବେ ନାହିଁ। କଳା ସାହିତ୍ୟ, କ୍ରୀଡ଼ା, ଚଳଚ୍ଚିତ୍ରରେ ସମସ୍ୟା ସମାଧାନ ହେବାର ଆଶା ରହିଛି।

**ଧନୁ** ରାଶିରେ ଶନି ଓ ବୃହସ୍ପତି ପାପଯୁକ୍ତ ହେତୁ କିଛି ଭଲ ଓ ମନ୍ଦର ମିଶ୍ରିତ ଅନୁଭୂତି ନେଇ ଦିନଟିକୁ କଟାଇବେ। ଯେତେ ପ୍ରକାରର ସମସ୍ୟା ଆସିଲେ ମଧ୍ୟ ତାକୁ ସାମ୍ନା କରିବା ପାଇଁ ଚେଷ୍ଟା କରିବେ। ବ୍ୟବସାୟ, ପରିବହନ, ନିର୍ମାଣ, ସଭାସମିତି ଓ ପ୍ରଶାସନିକ କ୍ଷେତ୍ରରେ ଦ୍ୱନ୍ଦ୍ୱ ଦୂର ହେବ। ଆଜି ହଠାତ୍ ସାମାନ୍ୟ ଶାରୀରିକ ଅସୁସ୍ଥତା ଅନୁଭବ କରିବେ।

**ମକର** ଭାଗ୍ୟାଧିପ କର୍ମସ୍ଥାନରେ ରହିଥିବାରୁ ଯାହା ଭାବୁଛନ୍ତି କରି ଚାଲନ୍ତୁ, କୌଣସି ଅସୁବିଧା ହେବ ନାହିଁ। ଅବଶ୍ୟ ଆକସ୍ମିକ ଭାବେ ବନ୍ଧୁଙ୍କ ବ୍ୟବହାରରେ ବିଷମତା ପରିଲକ୍ଷିତ ହେବ। ଆଶାନୁଯାୟୀ ଅର୍ଥ ସାହାଯ୍ୟ ପାଇବା ଆଶାରେ ବିନୟପୂର୍ଣ୍ଣ କଥା କହି ସଫଳତା ହାସଲ କରିବେ। ଶିଳ୍ପ,ବ୍ୟବସାୟ ଓ ପରିବହନରେ ପ୍ରତିକୂଳ ପରିସ୍ଥିତିର ଚାପ ବଢିପାରେ।

**କୁମ୍ଭ** ଶନିଙ୍କ ଶୁଭଦୃଷ୍ଟି ରାଶି ପ୍ରତି ରହିଥିବାରୁ ଦେହ ପ୍ରାୟତଃ ଭଲ ରହିବ। କୌଣସି ଗୁରୁତ୍ୱପୂର୍ଣ୍ଣ ସକାଶେ ବନ୍ଧୁମାନଙ୍କ ସହ ଆଲୋଚନା କରିପାରନ୍ତି। ଚୁକ୍ତିପତ୍ର, ସଙ୍ଗଠନ, ରାଜନୀତି କିମ୍ବା ଆଲୋଚନା କ୍ଷେତ୍ରରେ ଜଣେ ବ୍ୟକ୍ତି ଅସୁବିଧାରେ ପକାଇବାର ସୂଚନା ରହିଛି । ପରିବାରର କୌଣସି ସମସ୍ୟା ବିଷୟରେ ଭାବୁଥିବା କଥାଟିକୁ ବନ୍ଧୁଙ୍କୁ କହିପାରିବେ ନାହିଁ।

**ମୀନ** କର୍ମସ୍ଥାନରେ ତିନୋଟି ଗ୍ରହ ଯୋଗୁ କର୍ମକ୍ଷେତ୍ରରେ କୌଣସି ତରବରିଆ ପଦକ୍ଷେପ ନେବା ଠିକ୍ ହେବ ନାହିଁ। ପରିବାରରେ ଶୁଣାକଥାକୁ ବିଶ୍ୱାସ କରି କୌଣସି କାମ କଲେ ଅସୁବିଧାର ସମ୍ମୁଖୀନ ହୋଇପାରନ୍ତି। ଆର୍ଥିକ ସ୍ଥିତିକୁ ମଜବୁତ୍ କରିବା ସହ ଜମିଜମା ସମ୍ବନ୍ଧୀୟ ସମସ୍ୟାର ସମାଧାନ କରିପାରନ୍ତି। ବନ୍ଧୁଙ୍କ ବେଖାତିର ମନୋଭାବ ଯୋଗୁ ଚିନ୍ତା ବଢ଼ିପାରେ।

ଆଜି ମାର୍ଗଶିର କୃଷ୍ଣ ସପ୍ତମୀ ଯୁକ୍ତ ଅଷ୍ଟମୀ ମଙ୍ଗଳବାର, ନଭେମ୍ବର ୧୯ ତାରିଖ, ଜାତୀୟ ସଂହତି ଦିବସ, ପୂର୍ବତନ ସ୍ୱର୍ଗତା ପ୍ରଧାନମନ୍ତ୍ରୀ ଶ୍ରୀମତୀ ଇନ୍ଦିରା ଗାନ୍ଧୀଙ୍କ ଜୟନ୍ତୀ, ରାଶି ନକ୍ଷତ୍ର-ଅଶ୍ଳେଷା/କର୍କଟ, ମକର ରାଶିର ଘାତବାର, ସପ୍ତମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଏବଂ ଅଷ୍ଟମୀର ପାର୍ବଣ ଶ୍ରାଦ୍ଧ, ଅଦ୍ୟ ବିବାହ ପାଣିଗ୍ରହଣ, ଦିବା ଘ୭।୨୯ମି. ଗତେ ଘ୧୧।୧୦ମି. ମଧ୍ୟେ ଅମୃତବେଳା। ଦିବା ଘ୧୦।୧୬ମି. ଗତେ ଘ୧୧।୪୦ମି. ମଧ୍ୟେ ମାହେନ୍ଦ୍ରବେଳା। ଦିବା ଘ୨।୧୭ମି. ଗତେ ଘ୩।୩୯ମି. ମଧ୍ୟେ ରାହୁକାଳ।


## classifieds Everyday 0674-2580101, 2549302

**real estate SALE**

100ft. Revenue ପିଚୁରାସ୍ତାକୁ ଲାଗି ଘରବାରି, ବାଉଣ୍ଡାରୀ Commercial/ Residential ପ୍ଲଟ୍ 14,40,000/- ଧଉଳି ଶାନ୍ତିସ୍ତୁପ ପାଖରେ ମିଳୁଛି। 9437033320. D-68426

ଭୁବନେଶ୍ୱର ପିତାପଲ୍ଲୀଛକ ନିକଟରେ NH-16କୁ ଲାଗିକି ପ୍ଲଟ୍ ବିକ୍ରିହେଉଛି। ପ୍ରଥମେ Possession ଦିଆଯାଉଛି, ତା'ପରେ ରେଜିଷ୍ଟ୍ରିହେଉଛି। Project ଭିତରେ 30ft road ଦିଆଯାଇଛି। 8018474890. D-68431

ଭୁବନେଶ୍ୱର ଜଟଣୀଗେଟ୍‌ଠାରେ 1200sqft. 2,16,000/-, ଅରଗୁଳ IIT ରେଲୱେଷ୍ଟେସନ ପାଖରେ 1200କୁ 2,00,000/- plot (outright/ installment) 8144706560, 9348817649. D-68416

କଟକ-ଗୋପାଳପୁର ଧାବୁଲେଶ୍ୱରପୀଠରୁ 3k.m sqft.250/-, ଭୁବନେଶ୍ୱର ବାଳକାଟି ବଜାରରୁ 2k.m 550/-, ନଖରା DPS ପାଖରେ sqft.700/- ଘରବାରି ପ୍ଲଟ୍ ମିଳୁଅଛି। 9348020724, 7978939440. D-68409

Land for sale at prime location, Baleswar-8917548396. D-15301

Do you want a land in Bhubaneswar, Sundarpada near Xavier University at Lowprice? Litigation free land, first possession then registration. 8847851850. D-68413

Plot for sale at Puri, Sanatan Nagar ploting project per sqft. 700/- including registration, mutation, electricity, gharabari with patta, boundarywall. Plot size minimum 1200 sqft. 1km from Bus-stand & Railway station. Contact: 9861793775, 7077125889. D-68164

30' revenue ରାସ୍ତାଥାଇ 3200sqft. ଘରବାରି, BDA yellowzone boundary plot AIIMS Hospital ପାଖରେ ବିକ୍ରିହେବ। 6370292040. D-68424

Gharabari boundary immediate construction plot at Atala near Hanspal square, Bhubaneswar 30ft. wideroad, electricity- 9438419823, 9437286655. D-68610

Plot sale near AIIMS Hospital, Bhubaneswar yellow zone 30' Road- 8280037688. D-68425

ଭୁବନେଶ୍ୱର ଗ୍ୟାରେଜଛକ ନିକଟରେ ପ୍ଲଟ୍ ବିକ୍ରିହେବ। possession, registration immediately. Contact: 9178660666. D-68177

ଭୁବନେଶ୍ୱର ବାଲିଅନ୍ତାରେ Ready to move Duplex, Tamandoରେ yellowzone plot କିଣନ୍ତୁ। 9348767829. D-68427

ଭୁବନେଶ୍ୱର ପିପିଲି Tol gate ପରେ NH କୁ ଲାଗିକି Plot sqft. 650/-, 8249070901, 9438272948. D-68430

Bhubaneswar Kesura SBI, କଲୋନୀକୁ ଲାଗି ଘରବାରି ପାଚେରୀସହ ଏବଂ Airport ଠାରୁ 5k.m. ସୁନ୍ଦରପଦାରେ plot ବିକ୍ରିହେବ। 9078736851. D-68428

3BHK duplex for sale at Gothapatana, Bhubaneswar, 2.5km from SUM Hospital 9861444497, 8917665342. D-68510

Versa hermitage- 1BHK, studio flats available for sales at the holy land of Puri (Hurry, few flats left) 9861930740, 9437030740. D-68180

Land for sale near Chhatia- Byree Railway Station & another close to Chhatia road each 2600sqft @ 350.00p. sqft, 9337416139. D-15303

Yellowzone plot @ Atala Hanspal. Simplex/Duplex @ Trinath Bazaar, Bhubaneswar. Core house @ Vingarpur, Bhubaneswar. 7681894885. D-15299

ମଙ୍ଗୁଳି ଛକ ଶାଳଗାଁ ଷ୍ଟେସନ୍ ପାଖରେ 1000sqft. 5,50,000. Contact: 8908492594. D-15304

**to-let**

2BHK/1BHK marble flats at main road Unit-8, Soubhagya Nagar. 9000001508. D-67724

**healthcare**

Rejuvenate and ayurvedic full body massage by smart therapist. 9114402304. D-68145

Newly open full body massage by ladies, gents therapist. 8018656899 D-60850

Ayurvedic full body massage ladies & gents smart therapist, 9040900385. D-68701

Ayurvedic full body massage ladies/ gents smart experts therapist: 8480939300. D-66994

Full body herbal massage with refreshment expert therapist. 7381239385, 06742540855. D-68172

Experience full body massage with us (expert). Call: 7377048581, 06742597822. D-68173

Herbal full body massage by smart / expert therapist. Contact: 8338067247. D-68174

Summer special mesmerizing offer expert therapeutic refreshing massage appointment. 9668374480. D-68175

Ayurvedic full body massage ladies & gents smart therapist, 9668814589. D-68702

Kajal Ayurvedic massage club fully relaxed by smart lady, home service available- 9937637219. D-67000

Sai herbal Spa refresh your body with smart and expert therapist, contact: 7608062524. D-68184

Ayurvedic full body massage by ladies, gents therapist. 7008773793 D-60851

Refresh your mind and soul with best therapy at Orchid Salon/Spa. 9937287222. D-68703

Refresh your body with smart and expert therapist, Contact: 6370668486. D-68182

**ASTROLOGY**

ଖବରଦାର କଳାଇଲମ, ଶ୍ମଶାଣୀ ଶକ୍ତି ଦ୍ୱାରା ବାବା ସିକନ୍ଦର ସ୍ପେଶାଲିଷ୍ଟ- ମହାବଶୀକରଣ, ପ୍ରେମବିବାହ, କାନ୍ଦୁଥିବାକୁ ହସେଇବା, ମୁଠକରଣୀ, ଜଟିଳରୁ ଜଟିଳ ସମସ୍ୟାର ସମାଧାନ (କାମ ନ ହେଲେ ପଇସା ଫେରସ୍ତ) 9997928820, 9780806657. D-15270

**AFFIDAVIT**

I, M Prayag Raj S/o- Manoj Kumar Sahu born on 1-Aug-1997 residing at Kumbhari, P.O.- Kumbhari, PS./Tah.- Barpali, Dist.- Bargarh have changed my name to Prayag Raj vide affidavit dated 26.06.2019 at Barpali. D-15298

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# ନବୀନଙ୍କୁ ଭେଟିଲେ କମଲ ହାସନ

ଭୁବନେଶ୍ୱର,୧୮।୧୧(ବ୍ୟୁରୋ)


ନବୀନ ନିବାସରେ ମୁଖ୍ୟମନ୍ତ୍ରୀଙ୍କୁ ଭେଟିବା ଅବସରରେ ଏମ୍‌ଏନ୍‌ଏମ୍ ନେତା କମଲ୍ ହାସନ।

ସାଉଥ୍ ଇଣ୍ଡଷ୍ଟ୍ରିର ସୁପରଷ୍ଟାର ତଥା ଏମ୍‌ଏନ୍‌ଏମ୍(ମକ୍କଲ ନିଧି ମୟମର) ଦଳର ମୁଖ୍ୟ କମଲ ହାସନ ସୋମବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ସାକ୍ଷାତ କରିଛନ୍ତି। ଦୁଇଦିନିଆ ଓଡ଼ିଶା ଗସ୍ତରେ ଆସିଥିବା କମଲ ହାସନ ନବୀନ ନିବାସରେ ମୁଖ୍ୟମନ୍ତ୍ରୀଙ୍କ ସହ ବିଶେଷ ଆଲୋଚନା କରିଛନ୍ତି। ସାକ୍ଷାତ ସମୟରେ ନବୀନ କମଲ ହାସନଙ୍କୁ ଏକ ତାରକସି କାମର ଉପହାର ସହିତ ଉତ୍ତରୀୟ ପ୍ରଦାନ କରିଛନ୍ତି। ଏହି ଭେଟଘାଟ ଅବସରରେ ଉଭୟଙ୍କ ମଧ୍ୟରେ ରାଜନୈତିକ ପ୍ରସଙ୍ଗରେ ଆଲୋଚନା ହୋଇଥିବା ଜଣାପଡ଼ିଛି। ସାକ୍ଷାତ ପରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, କମଲ ହାସନ ଭୁବନେଶ୍ୱର ଆସିଥିବାରୁ ମୁଁ ବହୁତ ଖୁସି। ତାଙ୍କ ରାଜନୈତିକ ଜୀବନ, ଫିଲ୍ମ କ୍ୟାରିୟର ସମ୍ପର୍କରେ ପଚାରି ବୁଝିଛି। ତାଙ୍କ ସଫଳ ରାଜନୈତିକ ଭବିଷ୍ୟତ କାମନା କରୁଛି। ଓଡିଶାର ସୌନ୍ଦର୍ଯ୍ୟପୂର୍ଣ୍ଣ ପର୍ଯ୍ୟଟନ ସ୍ଥଳୀ ଚିଲିକା, କୋଣାର୍କ ଆଦି ସ୍ଥାନ ବୁଲିବା ପାଇଁ କହିଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ସେହିପରି କମଲ ହାସନ କହିଛନ୍ତି, ବରିଷ୍ଠ ନେତା ଭାବେ ମୁଖ୍ୟମନ୍ତ୍ରୀଙ୍କଠାରୁ ଉପଦେଶ ସହ ଅଭିଜ୍ଞତା ଓ ପରାମର୍ଶ ନେଇଛନ୍ତି। ତାଙ୍କ ସଫଳ ରାଜନୈତିକ କ୍ୟାରିୟର ଅନ୍ୟମାନଙ୍କ ପାଇଁ ପ୍ରେରଣା। ତାମିଲନାଡୁକୁ ଅଧିକ ସଫଳ ଓ ସମୃଦ୍ଧ କରିବା ଆମର ଲକ୍ଷ୍ୟ ବୋଲି ଆଞ୍ଚଳିକ ଦଳ ଏମ୍‌ଏନ୍‌ଏମ୍ ମୁଖ୍ୟ କମଲ ହାସନ କହିଛନ୍ତି। ଆଗାମୀ ଦିନରେ ବିଜେଡି ଏବଂ ଏମ୍‌ଏନ୍‌ଏମ୍ ଏକାଠି ହେବା ପ୍ରସଙ୍ଗରେ କମଲ କହିଛନ୍ତି, ଭବିଷ୍ୟତରେ ଦଳର ବରିଷ୍ଠ ନେତା ଚାହିଁଲେ ଏନେଇ ନିଷ୍ପତ୍ତି ନିଆଯାଇପାରେ। କମଲ ହାସନ ଭୁବନେଶ୍ୱର ବିମାନବନ୍ଦରଠାରେ ପହଞ୍ଚିବାପରେ ତାଙ୍କୁ ବିଜେଡି ପକ୍ଷରୁ ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଥିଲା। ହାସନ ମଧ୍ୟ ଏହି ସମୟରେ ହାତ ହଲାଇ ଅଭିବାଦନ ଜଣାଇଛନ୍ତି। ଭୁବନେଶ୍ୱରରେ ଏକ ଘରୋଇ ବିଶ୍ୱବିଦ୍ୟାଳୟ ପକ୍ଷରୁ କମଲ ହାସନଙ୍କୁ ଡକ୍ଟରେଟ୍ ଉପାଧି ପ୍ରଦାନ କରାଯିବ। ସେଥିଲାଗି ସେ ଓଡିଶା ଗସ୍ତରେ ଆସିଥିବା ଜଣାପଡିଛି।

ସିବିଏସ୍‌ଇର ଛାତ୍ରୀଛାତ୍ରଙ୍କ ପରୀକ୍ଷା ଫି’ ବୃଦ୍ଧି ମାମଲା

# ୪ସପ୍ତାହ ମଧ୍ୟରେ ନିଷ୍ପତ୍ତି ନେବାକୁ ସିବିଏସ୍‌ଇକୁ ନିର୍ଦ୍ଦେଶ

କଟକ ଅଫିସ,୧୮।୧୧

ସେଣ୍ଟ୍ରାଲ ବୋର୍ଡ ଅଫ ସେକେଣ୍ଡାରୀ ଏଜୁକେଶନ (ସିବିଏସ୍‌ଇ) ଦଶମ ଏବଂ ଦ୍ୱାଦଶ ଶ୍ରେଣୀ ଛାତ୍ରୀଛାତ୍ରଙ୍କ ପରୀକ୍ଷା ଫି’ ବୃଦ୍ଧି ମାମଲାର ଶୁଣାଣି ସୋମବାର ହାଇକୋର୍ଟରେ ହୋଇଥିଲା। ଏହି ମାମଲାରେ ୪ସପ୍ତାହ ମଧ୍ୟରେ ନିଷ୍ପତ୍ତି ନେବାକୁ ହାଇକୋର୍ଟ ସିବିଏସ୍‌ଇକୁ ନିର୍ଦ୍ଦେଶ ଦେଇଛନ୍ତି। ଆବେଦନକାରୀଙ୍କ ପକ୍ଷରୁ ଦିଆଯାଇଥିବା ରିପ୍ରେଜେଣ୍ଟେଶନ ଉପରେ ନିଷ୍ପତ୍ତି ନେବାକୁ ହାଇକୋର୍ଟ ରାୟରେ ସ୍ପଷ୍ଟ କରିଛନ୍ତି। ପ୍ରକାଶଥାଉ କି, ସିବିଏସ୍‌ଇ କର୍ତ୍ତୃପକ୍ଷ ଏହି ଛାତ୍ରୀଛାତ୍ରଙ୍କ ପରୀକ୍ଷା ଫି’ ଏକାଥରେ ୨୪ ଗୁଣା ବୃଦ୍ଧି କରିଥିଲେ। ପୂର୍ବରୁ ଥିବା ୫୦ଟଙ୍କା ଫି’ ଚଳିତବର୍ଷ ବୃଦ୍ଧି କରାଯାଇ ୧୨୦୦ ଟଙ୍କା ଧାର୍ଯ୍ୟ ହୋଇଥିଲା। ଏଭଳି ପରୀକ୍ଷା ଫି’ ବୃଦ୍ଧିକୁ ନେଇ ଓଡ଼ିଶା ଅଭିଭାବକ ମହାସଂଘ ପକ୍ଷରୁ ହାଇକୋର୍ଟରେ ମାମଲା ରୁଜୁ ହୋଇଥିଲା। ହାଇକୋର୍ଟ ମୁଖ୍ୟ ବିଚାରପତି କେ.ଏସ୍. ଝାବେରୀ ଏବଂ ବିଚାରପତି କେ.ଆର. ମହାପାତ୍ରଙ୍କୁ ନେଇ ଗଠିତ ଖଣ୍ଡପୀଠ ଉପରୋକ୍ତ ନିର୍ଦ୍ଦେଶ ଦେଇଛନ୍ତି।

ସୋମବାର ଅନୁଷ୍ଠିତ ଶୁଣାଣିରେ ଅଭିଭାବକ ସଂଘ ପକ୍ଷରୁ ଦର୍ଶାଯାଇଥିଲା, ସିବିଏସ୍‌ଇ ଚଳିତବର୍ଷ ଦଶମ ଏବଂ ଦ୍ୱାଦଶ ଶ୍ରେଣୀ ପରୀକ୍ଷା ପାଇଁ ଫି’ରେ ଅହେତୁକ ବୃଦ୍ଧି କରିଛି। ପରୀକ୍ଷା ଫି’ ବୃଦ୍ଧିରୁ ଏସ୍‌ସି/ଏସ୍‌ଟି ବର୍ଗର ଛାତ୍ରୀ ବାଦ୍ ପଡିନାହାନ୍ତି। ଯେଉଁ ପରୀକ୍ଷା ଫି’ ପୂର୍ବରୁ ୫୦ ଟଙ୍କା ରହିଥିଲା ତାହାକୁ ବୃଦ୍ଧି କରାଯାଇ ୧୨୦୦ଟଙ୍କା ଧାର୍ଯ୍ୟ କରାଯାଇଛି। ସାଧାରଣ ବର୍ଗର ଛାତ୍ରୀଛାତ୍ରଙ୍କ ପାଇଁ ଯେଉଁ ପରୀକ୍ଷା ଫି’ ୭୫୦ ଟଙ୍କା ରହିଥିଲା ଚଳିତବର୍ଷ ତାହାକୁ ୧୫ଶହ ଟଙ୍କା କରାଯାଇଛି। ସିବିଏସ୍‌ଇ ପକ୍ଷରୁ ଏଭଳି ଫି’ ଧାର୍ଯ୍ୟ କରାଯାଇ ଏସ୍‌ସି/ଏସ୍‌ଟି ଛାତ୍ରୀଛାତ୍ରଙ୍କ ଉପରେ ବୋଝ ଲଦି ଦିଆଯାଇଛି। ତେଣୁ ଏଭଳି ବର୍ଦ୍ଧିତ ଫି’କୁ ଅଦାଲତ ରଦ୍ଦ କରାଯିବା ପାଇଁ ଆବେଦନକାରୀଙ୍କ ପକ୍ଷରୁ ହାଇକୋର୍ଟଙ୍କୁ ପ୍ରାର୍ଥନା କରାଯାଇଥିଲା।




# ୫ ଛାତ୍ରୀଙ୍କୁ ଶିକ୍ଷକଙ୍କ ମାଡ଼ ଅଭିଯୋଗ

## ଗୁରୁତର ଅବସ୍ଥାରେ ଜଣେ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି


କୋରୁକୋଣ୍ଡା ୧୮।୧୧(ଡ଼ି.ଏନ.ଏ)



ମାଲକାନଗିରି ଜିଲା ବାଲିମେଳା ବିଜ୍ଞାପିତ ଅଞ୍ଚଳ ପରିଷଦରେ ଥିବା ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟରେ ୫ଜଣ ଛାତ୍ରୀଙ୍କୁ ଶିକ୍ଷକ ନିସ୍ଠୁକ ମାଡ ମାରିଥିବା ଅଭିଯୋଗ ହୋଇଛି। ବିଦ୍ୟାଳୟର ନବମ ଶ୍ରେଣୀରେ ପଢୁଥିବା ୩ଜଣ ଏବଂ ଦଶମ ଶ୍ରେଣୀରେ ପଢୁଥିବା ୨ଜଣ ଛାତ୍ରୀଙ୍କୁ ଶିକ୍ଷକ ଅଲେଖ ପ୍ରଧାନ ମାଡ ମାରିଥିବା ସମ୍ପୃକ୍ତ ଛାତ୍ରୀମାନେ ଅଭିଯୋଗ କରିଛନ୍ତି। ତେବେ ଶିକ୍ଷକ ପ୍ରଧାନ କିଛି ପ୍ରଶ୍ନ ପଚାରିବାରୁ ଛାତ୍ରୀମାନେ ଉତ୍ତର ଦେଇ ନ ପାରିବା ଏବଂ ପାଠପଢାରେ ଅବହେଳା କରୁଥିବା ହେତୁ ସେମାନଙ୍କୁ ମାଡ଼ ହୋଇଛି ବୋଲି ପ୍ରଧାନଶିକ୍ଷକ କହିଛନ୍ତି। ମାଡ଼ ଖାଇଥିବା ୫ଜଣଙ୍କ ମଧ୍ୟରୁ ୨ଜଣ ଛାତ୍ରୀଙ୍କୁ ବାଲିମେଳା ଆଞ୍ଚଳିକ ସ୍ୱାସ୍ଥ୍ୟକେନ୍ଦ୍ରକୁ ଅଣାଯାଇଥିଲା। ଜଣେ ଛାତ୍ରୀ ପ୍ରାଥମିକ ଚିକିତ୍ସା ପରେ ସୁସ୍ଥ ହୋଇଥିଲେ। ଅନ୍ୟ ଜଣେ ନବମ ଶ୍ରେଣୀର ଛାତ୍ରୀ କୁନି ଗୋଲୋରୀଙ୍କୁ ମାଲକାନଗିରି ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଯାଇଥିବା ଡାକ୍ତର କହିଛନ୍ତି। ହରିବନ୍ଧୁ ଗୋଲୋରୀଙ୍କ ଝିଅ କୁନିଙ୍କ ଘର ଯୋଡ଼ାଆମ୍ବ ପଞ୍ଚାୟତର କଟୁଆଗୁଡା ଗ୍ରାମରେ। ଏନେଇ ଶିକ୍ଷକ ପ୍ରଧାନଙ୍କୁ ପଚାରିବାରୁ ସେ ଏ ବିଷୟରେ କିଛି ଜାଣି ନ ଥିବା କହିଥିଲେ। ଏ ବିଷୟରେ ପ୍ରଧାନଶିକ୍ଷକ ସୁବ୍ରତ ପ୍ରଧାନଙ୍କୁ ପଚାରିବାରୁ ସେ ଏହି ଘଟଣାକୁ ନିନ୍ଦା କରିବା ସହ ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କହିଛନ୍ତି।

# ୪ ପିଏଲ୍‌ଏଫ୍‌ଆଇ ସଦସ୍ୟ ଗିରଫ

ସୁନ୍ଦରଗଡ଼ ,୧୮।୧୧ (ଡି.ଏନ୍.ଏ.)



ଗିରଫ ପିଏଲ୍‌ଏଫ୍‌ଆଇ ସଦସ୍ୟ ଓ ଜବତ ସାମଗ୍ରୀ।

- ଦେଶୀ ପିସ୍ତଲ, ଗୁଳି, ୩୦ହଜାର ଟଙ୍କା ଜବତ
- ସ୍କ୍ରାପ୍ ବ୍ୟବସାୟୀଙ୍କ ମୁଣ୍ଡରେ ପିସ୍ତଲ ଲଗାଇ ଟଙ୍କା ଲୁଟି ନେଇଥିଲେ

ସୁନ୍ଦରଗଡ଼ ପୋଲିସ ସୋମବାର ୪ ପିଏଲ୍‌ଏଫ୍‌ଆଇ ସଦସ୍ୟଙ୍କୁ ଗିରଫ କରିଛି। ସେମାନଙ୍କଠାରୁ ଦେଶୀ ପିସ୍ତଲ, ୨ ଗୁଳି, ୨ ମୋବାଇଲ ଫୋନ, ଗୋଟିଏ ବାଇକ୍ ସହ ନଗଦ ୩୦ହଜାର ଟଙ୍କା ଜବତ କରାଯାଇଛି। ସମସ୍ତ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ହେବାରୁ ସମସ୍ତଙ୍କୁ ଜେଲ ହାଜତକୁ ପଠାଇ ଦିଆଯାଇଛି।

ସୋମବାର ସୁନ୍ଦରଗଡ଼ ଏସ୍‌ପି ସୌମ୍ୟା ମିଶ୍ରା ଜିଲା ପୋଲିସ ମୁଖ୍ୟାଳୟଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ କହିଛନ୍ତି, ବୀରମିତ୍ରପୁର ଥାନା ଆଇଆଇସି ଆନନ୍ଦଚନ୍ଦ୍ର ମାଝିଙ୍କ ନେତୃତ୍ୱରେ ଏକ ସ୍ୱତନ୍ତ୍ର ସ୍କାଡ ଗଠନ କରାଯାଇ ବିଭିନ୍ନ ସ୍ଥାନରେ ଚଢାଉ କରାଯାଇଥିଲା। ସେହି ସ୍କାଡ ଝାଡ଼ଖଣ୍ଡ-ଓଡ଼ିଶା ସୀମାନ୍ତରେ ସକ୍ରିୟ ଥିବା ୪ ଜଣ ପିଏଲ୍‌ଏଫ୍‌ଆଇ(ପିପୁଲ ଲିବରେଶନ ଫ୍ରଣ୍ଟ ଅଫ୍ ଇଣ୍ଡିଆ) ସଦସ୍ୟଙ୍କୁ ଗିରଫ କରିଛି। ସେମାନେ ହେଲେ ଲାସେ ଗ୍ରାମର ଲାଲାବାବୁ ମହାନନ୍ଦିଆ ଓରଫ ଇନ୍ଦୁୱାର (୨୭), ପ୍ରମୋଦ ମିଞ୍ଜ (୨୯), ଜାମବାହାଲର ବୁଢ୍ଢ଼ ଖଣ୍ଡିଆ ଓରଫ ଅରୁଣ ଖଡିଆ (୨୭) ଓ ଜଗଦୀଶପୁରର ରାଜମୋହନ କିଶାନ ଓରଫ ଟିଙ୍କୁଙ୍କୁ ଗିରଫ କରିଛି। ଫେରାର ଅଭିଯୁକ୍ତଙ୍କୁ ଗିରଫ କରିବା ପାଇଁ ପୋଲିସ ତନାଘନା ଚଳାଇଛି। ଗତ ୧୭ ତାରିଖ ଦିନପ୍ରାୟ ୧୧ଟା ୧୫ରୁ ସାଢେ ୧୧ଟା ମଧ୍ୟରେ କୁଆଁରମୁଣ୍ଡାରେ ଥିବା ସ୍କ୍ରାପ୍ ଗୋଦାମରେ ୨ ବାଇକ୍‌ରେ ୫ ଅଭିଯୁକ୍ତ ପହଞ୍ଚିଥିଲେ। ସେହି ସମୟରେ ଗୋଦାମର ମାଲିକ ଶାହାନାୱାଜ୍ ଓରଫ ଲାଲନ ନିଜ କର୍ମଚାରୀଙ୍କ ସହ କାମ କରୁଥିଲେ। ସେମାନେ ଲାଲନଙ୍କ ମୁଣ୍ଡରେ ପିସ୍ତଲ ଲଗାଇ ୧ଲକ୍ଷ ଟଙ୍କା ଦେବାକୁ କହିଥିଲେ। ଲାଲନ ଟଙ୍କା ଦେବାକୁ ଅସମ୍ମତି ପ୍ରକାଶ କରିବାରୁ ଅଭିଯୁକ୍ତମାନେ ତାଙ୍କ ପ୍ୟାଣ୍ଟ ପକେଟରେ ଥିବା ୩୨ହଜାର ଟଙ୍କା ଲୁଟି ନେଇଥିଲେ। ଏ ସମ୍ପର୍କରେ ପୋଲିସ କିମ୍ବା ଅନ୍ୟ କାହାକୁ କହିଲେ ଜୀବନରେ ମାରିଦେବାକୁ ଧମକ ଦେଇ ଫେରାର ହୋଇଯାଇଥିଲେ। ପରେ ଶାହାନାୱାଜ୍ ଏ ନେଇ ବାବୁ ବୀରମିତ୍ରପୁର ଥାନାରେ ଅଭିଯୋଗ କରିଥିଲେ। ପୋଲିସ ତାଙ୍କ ଅଭିଯୋଗକୁ ଭିତ୍ତି କରି ଏକ ମାମଲା(ନଂ. ୧୪୧/୧୯) ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା।

# ପୁଅକୁ ଟାଙ୍ଗିଆରେ ହାଣି ହତ୍ୟା

**କେନ୍ଦୁଝର/ରାଇସୁଆଁ, ୧୮।୧୧(ସ୍ୱ.ପ୍ର./ଡି.ଏନ.ଏ.):** କେନ୍ଦୁଝର ସଦର ଥାନା ଅନ୍ତର୍ଗତ ଶୁଆକାଠି ନିକଟ ଲୁଣଘର ଗ୍ରାମରେ ଏକ ଅଭାବନୀୟ ଘଟଣା ଘଟିଛି। ସାମାନ୍ୟ କଥାକୁ କେନ୍ଦ୍ର କରି ଜଣେ ବାପାଙ୍କ ଟାଙ୍ଗିଆ ଚୋଟରେ ତାଙ୍କ ପୁଅଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ସେହି ଗ୍ରାମର ଘନ ମୁଣ୍ଡା (୨୦)। ଏନେଇ ସୋମବାର ସନ୍ଧ୍ୟାରେ ସଦର ଥାନାରେ ଘନଙ୍କ ବଡ ଭାଇ ଅଭିଯୋଗ କରିବା ପରେ ପୋଲିସ ଅଭିଯୁକ୍ତ ବାପା ଚେରାଙ୍ଗ ମୁଣ୍ଡାଙ୍କୁ ଗିରଫ କରିବା ପାଇଁ ତନାଘନା ଚଳାଇଛି। ସେ ଫେରାର ଥିବାରୁ ତାଙ୍କୁ ଧରିବା ସମ୍ଭବ ହୋଇପାରିନାହିଁ ବୋଲି ସଦର ଥାନା ଅଧିକାରୀ ଜୟନାରାୟଣ ଖିଣ୍ଡେଇ କହିଛନ୍ତି।

ଓଡ଼ିଶା ଶାସନ
ଓଡ଼ିଶା ସରକାର

## ଖରିଫ ଧାନ ସଂଗ୍ରହ, 2019-20

### ଚାଷୀମାନଙ୍କ ନିମନ୍ତେ ସୂଚନା

- ଆମ ରାଜ୍ୟରେ ଖରିଫ ଧାନ ସଂଗ୍ରହ ଆରମ୍ଭ ହୋଇଯାଇଛି।
- ବରଗଡ, ସମ୍ବଲପୁର ଆଦି ପଶ୍ଚିମାଞ୍ଚଳ ଜିଲ୍ଲାରୁ ଏହା ଆରମ୍ଭ ହୋଇଛି ଏବଂ ଅମଳ ସମୟ ଅନୁସାରେ ଏହା ଅନ୍ୟାନ୍ୟ ଜିଲ୍ଲାମାନଙ୍କରେ ଆରମ୍ଭ ହେବ।
- ଧାନ ସଂଗ୍ରହର ଯଥେଷ୍ଟ ପୂର୍ବରୁ ଚାଷୀମାନଙ୍କୁ ସେମାନଙ୍କର ବିକ୍ରିଯୋଗ୍ୟ ଧାନ ସହ ସମ୍ପୃକ୍ତ ମଣ୍ଡିରେ ଉପସ୍ଥିତ ରହିବା ପାଇଁ SMS ମାଧ୍ୟମରେ ପଞ୍ଜିକୃତ ମୋବାଇଲ ନମ୍ବରକୁ ବାର୍ତ୍ତା ପ୍ରେରଣ କରାଯାଉଛି।
- ଅଗ୍ରୀମ ଟୋକେନର ତାଲିକା କ୍ରୟକାରୀ ସୋସାଇଟି / ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ କାର୍ଯ୍ୟାଳୟରେ ମଧ ଉପଲବ୍ଧ ହେଉଛି।
- ଚାଷୀମାନେ ମଧ ସୋସାଇଟି / ଗୋଷ୍ଠୀ କାର୍ଯ୍ୟାଳୟରୁ SMS ବାର୍ତ୍ତା ଅନୁସାରେ ଟୋକେନ ସଂଗ୍ରହ କରି ମଣ୍ଡିକୁ ଧାନ ଆଣି ପାରିବେ।
- ଚଳିତ ବର୍ଷ ପ୍ରଥମ ଥର ପାଇଁ ଟୋକେନ ପ୍ରସ୍ତୁତି ପ୍ରକ୍ରିୟା ମାନବ ହସ୍ତକ୍ଷେପରୁ ମୁକ୍ତ କରାଯାଇଛି। ଏହା ରାଜ୍ୟ ସ୍ତରରେ କମ୍ପ୍ୟୁଟରୀକୃତ ବ୍ୟବସ୍ଥା ମାଧ୍ୟମରେ କରାଯାଉଛି।
- ପ୍ରତ୍ୟେକ ମଣ୍ଡି ତାରିଖରେ କ୍ଷୁଦ୍ର, ନାମମାତ୍ର, ମଧ୍ୟମ ଏବଂ ବଡ ଚାଷୀ ପୂର୍ବ ନିର୍ଦ୍ଧାରିତ ମାପକାଠି ଅନୁସାରେ ସରକାରଙ୍କୁ ଧାନ ବିକ୍ରି କରିବା ପାଇଁ ସୁଯୋଗ ପାଇବେ।
- ନିର୍ଦ୍ଧାରିତ ତାରିଖରେ ମଣ୍ଡିକୁ ଧାନ ନ ଆଣି ପାରିଲେ ପରବର୍ତ୍ତୀ ସମୟରେ ମଧ ଚାଷୀଙ୍କୁ ଧାନ ବିକ୍ରି ପାଇଁ ସୁଯୋଗ ଦିଆଯିବ।
- ତୃଣମୂଳ ସ୍ତରରେ ଟୋକେନ ବଣ୍ଟନରେ ଅନିୟମିତତାକୁ ଏହା ପ୍ରତିହତ କରିବ।
- ଚାଷୀମାନଙ୍କୁ ଟୋକେନ ପାଇଁ କ୍ରୟକାରୀ ସୋସାଇଟି ନିକଟକୁ ବାରମ୍ବାର ଦୌଡିବାକୁ ପଡିବ ନାହିଁ।
- ଚଳିତ ବର୍ଷ ଚାଷୀଙ୍କର ପରିଚୟ ଆଧାର ପ୍ରମାଣୀକରଣ ବ୍ୟବସ୍ଥାରେ କରାଯାଉଛି। ବୃଦ୍ଧ, ରୋଗଗ୍ରସ୍ତ ବା ଅକ୍ଷମ ବ୍ୟକ୍ତିମାନେ, ଆଧାର ପ୍ରମାଣୀକରଣ ପାଇଁ ମଣ୍ଡିରେ ଉପସ୍ଥିତ ନ ରହିପାରିଲେ ମଧ ସେମାନଙ୍କ ଧାନ କ୍ରୟ କରାଯିବ।
- କେନ୍ଦ୍ରୀକୃତ ଟୋକେନ ବ୍ୟବସ୍ଥା ଚାଷୀମାନଙ୍କ ହିତ ଉଦ୍ଦେଶ୍ୟରେ ଅନୁପ୍ରେରିତ। ଏହା ମଣ୍ଡି ସ୍ତରରେ ଧାନ କ୍ରୟ ବିକ୍ରୟ କାର୍ଯ୍ୟକଳାପକୁ ଶୃଙ୍ଖଳିତ କରିବ ଏବଂ ଚାଷୀଙ୍କୁ ଅନିଶ୍ଚିତତା ଓ ଆଶଙ୍କାରୁ ମୁକ୍ତ କରିବ।
- ଧାନ ସଂଗ୍ରହ କାର୍ଯ୍ୟକୁ ସ୍ୱଚ୍ଛତା, ଶୃଙ୍ଖଳା ଓ ପାରଦର୍ଶିତା ସହ ସମ୍ପାଦନ କରିବା ପାଇଁ ରାଜ୍ୟ ସରକାର ସମ୍ପୂର୍ଣ୍ଣ ପ୍ରତିଶ୍ରୁତିବଦ୍ଧ।

ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ

CLASSIFIED DISPLAY







## ସେଣ୍ଟ୍ରାଲ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ

(ଭାରତ ସରକାରଙ୍କ ଏକ ଉପକ୍ରମ)

କ୍ଷେତ୍ରୀୟ କାର୍ଯ୍ୟାଳୟ: ଭୁବନେଶ୍ୱର, ପ୍ଲଟ୍ ନଂ.: ୧୦୮-ବି, ୟୁନିଟ୍-୭, ପ୍ରଥମ ମହଲା, ସୂର୍ଯ୍ୟନଗର, ଗୋପବନ୍ଧୁ ଛକ, ଭୁବନେଶ୍ୱର, ଓଡ଼ିଶା-୭୫୧୦୦୩, ଇମେଲ୍ : recoverybhubro@centralbank.co.in

**ଇ-ନିଲାମ ବିକ୍ରୟ ବିଜ୍ଞପ୍ତି**

"ପରିଶିଷ୍ଟ-୪-ଏ" [ରୁଲ୍ ୮(୬) ଦ୍ରଷ୍ଟବ୍ୟ)] (ସ୍ଥାବର ସମ୍ପତ୍ତିଗୁଡିକ ବିକ୍ରୟ ନିମନ୍ତେ ବିକ୍ରୟ ନୋଟିସ୍)

ଅମାନତ ଜମା ରାଶି ଏବଂ କାଗଜାତ୍ ଦାଖଲ କରିବାର ଅନ୍ତିମ ତାରିଖ ଏବଂ ସମୟ: ତା.୨୦.୧୨.୨୦୧୯ରିଖ ଅପରାହ୍ନ ୫.୦୦ ଘଟିକା ପର୍ଯ୍ୟନ୍ତ

ଇ-ନିଲାମ ତାରିଖ ଏବଂ ସମୟ: ତା.୨୩.୧୨.୨୦୧୯ରିଖ ପୂର୍ବାହ୍ନ ୧୧.୩୦ ଘଟିକାରୁ ଅପରାହ୍ନ ୧୨.୩୦ ଘଟିକା ମଧ୍ୟରେ

ବିକ୍ରୟ ସମାପ୍ତ ପର୍ଯ୍ୟନ୍ତ ସ୍ୱତଃ ୫ ମିନିଟ୍ ବର୍ଦ୍ଧିତ ସମୟ ସହିତ

ସିକ୍ୟୁରିଟାଇଜେସନ ଆଣ୍ଡ ରିକନଷ୍ଟ୍ରକସନ୍ ଅଫ୍ ଫାଇନାନସିଆଲ ଆସେଟ୍ସ ଆଣ୍ଡ୍ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ ଏବଂ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ର ରୁଲ୍ ୮(୬) ଅନୁଯାୟୀ ସ୍ଥାବର ସମ୍ପତ୍ତି ବିକ୍ରୟ ନିମନ୍ତେ ଇ-ନିଲାମ ବିକ୍ରୟ ନୋଟିସ୍। ଏତଦ୍‌ଦ୍ୱାରା ବିଶେଷ ଭାବେ ଋଣଗ୍ରହୀତା (ମାନଙ୍କୁ) ଓ ଗ୍ୟାରେଣ୍ଟିଦାତା (ମାନଙ୍କୁ) ଏବଂ ସର୍ବସାଧାରଣଙ୍କୁ ସମୂହ ଭାବେ ଜଣାଇଦିଆଯାଉଛିକି ନିମ୍ନଦର୍ଶିତ ସ୍ଥାବର ସମ୍ପତ୍ତି ସୁରକ୍ଷିତ ଋଣଦାତାଙ୍କ ନିକଟରେ ବନ୍ଧକ ରହିଛି। ସେଣ୍ଟ୍ରାଲ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ, କ୍ଷେତ୍ରୀୟ କାର୍ଯ୍ୟାଳୟ, ଭୁବନେଶ୍ୱର (ସୁରକ୍ଷିତ ଋଣଦାତା)ର କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ଉକ୍ତ ସମ୍ପତ୍ତି ଗଠନାତ୍ମକ/ଭୌତିକ ଦଖଲ ନିଆଯାଇଛି, ଯାହାକୁ କି **ସେଣ୍ଟ୍ରାଲ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ, ଢ଼େଙ୍କାନାଳ ଶାଖାର** ବକେୟା ଋଣରାଶି: **ତା.୨୩.୦୫.୨୦୧୬ରିଖ ସୁଦ୍ଧା ଟ.୧୬,୪୨,୩୪୭.୦୦** + ସେବାବଦ ସୁଧ ଏବଂ ଅନ୍ୟାନ ଖର୍ଚ୍ଚ ଇତ୍ୟାଦି **ମେସର୍ସ ଶକ୍ତି ଫ୍ଲାଏ ଆଶ୍ ବ୍ରିକ୍ସ (ସ୍ୱତ୍ତ୍ୱାଧିକାରୀ: ଶ୍ରୀ ଅନ୍ତର୍ଯ୍ୟାମୀ ବେହେରା)**, ସା/ପୋ.: ମଙ୍ଗଳପୁର, ଭାୟା: ଭାପୁର, ଥାନା: ସଦର ଢ଼େଙ୍କାନାଳ, ଜିଲ୍ଲା: ଢ଼େଙ୍କାନାଳ **ଏବଂ ଗ୍ୟାରେଣ୍ଟିଦାତାମାନେ: ୧) ଶ୍ରୀ ହେମନ୍ତ କୁମାର ବେହେରା ଏବଂ ୨) ଶ୍ରୀ ଶତ୍ରୁଘନ ବେହେରା,** ଉଭୟଙ୍କ ବାସସ୍ଥାନ ଠିକଣା- ସା/ପୋ.: ମଙ୍ଗଳପୁର, ଭାୟା: ଭାପୁର, ଥାନା: ସଦର ଢ଼େଙ୍କାନାଳ, ଜିଲ୍ଲା: ଢ଼େଙ୍କାନାଳଙ୍କ ଠାରୁ ଆଦାୟ କରିବା ପାଇଁ "ଯେଉଁଠାରେ ଯେପରି ଅଛି", "ଯାହା ଯେପରି ଅଛି" ଏବଂ "ସେଠାରେ ଯାହା ଅଛି" ଭିତ୍ତିରେ **ତା.୨୩.୧୨.୨୦୧୯ରିଖରେ** ସମ୍ପତ୍ତି ବିକ୍ରି କରାଯିବ।

ସମ୍ପତ୍ତିର ସଂରକ୍ଷିତ ମୂଲ୍ୟ: ଟ.୩୦,୧୧,୫୦୦.୦୦ (ତିରିଶ ଲକ୍ଷ ଏଗାର ହଜାର ପାଞ୍ଚ ଶହ ଟଙ୍କା ମାତ୍ର) ଏବଂ ଅମାନତ ଜମା ରାଶି : ଟ.୩,୦୨,୦୦୦.୦୦ (ତିନି ଲକ୍ଷ ଦୁଇ ହଜାର ଟଙ୍କା ମାତ୍ର)

(ସମ୍ପତ୍ତିର ସଂକ୍ଷିପ୍ତ ବିବରଣୀ ସହିତ ଜ୍ଞାତ ଥିବା ଏନ୍‌କମ୍ବ୍ରାନ୍‌ସେସ୍, ଯଦି ଥାଏ)

ଜମି ଏବଂ ଗୃହର ସମସ୍ତ ଅଂଶବିଶେଷ ଯାହାର ମୌଜା: ଢ଼େଙ୍କାନାଳ ଟାଉନ୍, ଥାନା: ଟାଉନ୍ ପୋଲିସ୍ ଷ୍ଟେସନ୍, ତହସିଲ: ଢ଼େଙ୍କାନାଳ, ଜିଲ୍ଲା: ଢ଼େଙ୍କାନାଳ, ଖାତା ନଂ.: (ଏଚ୍-୩୬୧୮)୩୪୭୦/୧୯୬୧, ପ୍ଲଟ୍ ନଂ.: ୫୫୫୩/୬୪୭୨, କ୍ଷେତ୍ର: ଏକର୦.୦୭୦ଡିସିମିଲି, ଏହାର ଚାରିପାର୍ଶ୍ୱରେ ଦକ୍ଷିଣ: ରାସ୍ତା ଏବଂ ଅପର୍ତ୍ତୀ ଖିଲାର ଓ ଅନ୍ୟମାନେ ଏବଂ ଉତ୍ତର: ପ୍ରେମଶିଳା ନନ୍ଦ ଏବଂ ଜଙ୍ଗଲ

ବିକ୍ରୟର ସବିଶେଷ ନିୟମ ଏବଂ ସର୍ତ୍ତାବଳୀ ନିମନ୍ତେ ସୁରକ୍ଷିତ ଋଣଦାତାଙ୍କ ୱେବ୍‌ସାଇଟ୍‌ରେ ପ୍ରଦତ୍ତ www.centralbankofindia.co.in ଲିଙ୍କ୍ ଦେଖନ୍ତୁ, ନିଲାମଧାରୀ https://centralbank.auctiontiger.net & https://ibapi.in ଦେଖିପାରିବେ।

**ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ ୨୦୦୨ର ରୁଲ୍ ୮(୬)/ ରୁଲ୍ ୯(୧) ଅନୁଯାୟୀ ୩୦ ଦିନିଆ ବୈଧାନିକ ବିକ୍ରୟ ନୋଟିସ୍**

ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ର ରୁଲ୍ ୮(୬)/ ରୁଲ୍ ୯(୧) ଅନୁଯାୟୀ ଋଣଗ୍ରହୀତା ଏବଂ ଗ୍ୟାରେଣ୍ଟିଦାତାମାନଙ୍କୁ ଏହା ଏକ ନୋଟିସ୍ କି ଉପରଦର୍ଶିତ ତାରିଖରେ ଉକ୍ତ ସମ୍ପତ୍ତିକୁ ଇ-ନିଲାମ ବିକ୍ରୟ କରାଯିବ।

ସ୍ଥାନ : ଭୁବନେଶ୍ୱର, ତାରିଖ : ୧୮.୧୧.୨୦୧୯ — କ୍ଷମତାପ୍ରାପ୍ତ ଅଧିକାରୀ, ସେଣ୍ଟ୍ରାଲ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ

ମନୁଷ୍ୟର ମହତ୍ତ୍ୱ ସେ ଯେଉଁ ଅବସ୍ଥାରେ ବର୍ତ୍ତମାନ ଅଛି- ସେଥିରେ ନାହିଁ। କିନ୍ତୁ ସେ ଯାହା ହୋଇ ଚାଲିଛି ସେଇଥିରେ ଅଛି। ତା'ର ମହତ୍ତ୍ୱ ହେଲା- ତାରି ରୁଦ୍ଧ ଗୋପନ କର୍ମଶାଳା ଭିତରେ ଚାଲିଛି ଏକ ଜୀବନ୍ତ ଶ୍ରମ। ତାରି ଭିତରେ ବିଶ୍ୱକର୍ମା ଅତିମାନବତ୍ୱକୁ ନିର୍ମାଣ କରିଚାଲିଛନ୍ତି।
-ଶ୍ରୀଅରବିନ୍ଦ

# କୂଟନୈତିକ ଚ୍ୟାଲେଞ୍ଜ

ଦ୍ୱୀପ ଦେଶ ଶ୍ରୀଲଙ୍କାରେ ୧୮ ନଭେମ୍ବର ୨୦୧୯ରେ ଗୋଟାବାୟା ରାଜପାକ୍ସେ ନୂଆ ରାଷ୍ଟ୍ରପତି ଭାବେ ଶପଥ ନେଇଛନ୍ତି। ଦାୟିତ୍ୱ ଗ୍ରହଣ କରିବା ପରେ ଗୋଟାବାୟା କହିଛନ୍ତି ଯେ, ସେ ନିରପେକ୍ଷ ବୈଦେଶିକ ନୀତି ଅନୁସରଣ କରିବେ ଏବଂ ଯେକୌଣସି ବିବାଦରୁ ଦୂରେଇ ରହିବେ। କିନ୍ତୁ ଗୋଟାବାୟାଙ୍କ ଇତିହାସ ଭିନ୍ନ ଚିତ୍ର ଦର୍ଶାଉଛି। ଶ୍ରୀଲଙ୍କାର ପୂର୍ବତନ ରାଷ୍ଟ୍ରପତି ମହିନ୍ଦା ରାଜପାକ୍ସେଙ୍କ ସାନ ଭାଇ ହେଉଛନ୍ତି ଗୋଟାବାୟା। ମହିନ୍ଦା ୨୦୦୫ରୁ ୨୦୧୫ ଯାଏ ସେଠାକାର ରାଷ୍ଟ୍ରପତି ଥିଲେ। ସେହି ଦଶନ୍ଧିରେ ଗୋଟାବାୟା ପ୍ରତିରକ୍ଷା ସଚିବ ଭାବେ କାର୍ଯ୍ୟ କରୁଥିଲେ। ୨୦୦୯ରେ ଲିବରେଶନ ଟାଇଗର୍ସ ଅଫ୍ ତାମିଲ ଇଲମ୍ (ଏଲ୍‌ଟିଟିଇ) ଉଗ୍ରପନ୍ଥୀଙ୍କୁ ନିପାତ କରିବାରେ ତାଙ୍କ ଭୂମିକା ସର୍ବାଗ୍ରେ ଥିଲା। ସେଥିପାଇଁ ତାଙ୍କୁ 'ଧ୍ୱଂସକାରୀ' ଆଖ୍ୟା ଦିଆଯାଇଥିଲା। ଏବେ ଶ୍ରୀଲଙ୍କା ରାଜନୀତିକୁ ତାଙ୍କ ପ୍ରତ୍ୟାବର୍ତ୍ତନ ଦେଶ ଶାସନରେ ରାଜପାକ୍ସେ ବଂଶ ପୁଣି କର୍ତ୍ତୃତ୍ୱ ଜାହିର କଲା ବୋଲି କୁହାଯାଉଛି।

ଶାସକ ଦଳର ପ୍ରାର୍ଥୀ ସାଜିଥ୍ ପ୍ରେମଦାସାଙ୍କୁ ୧୩ ଲକ୍ଷରୁ ଊର୍ଦ୍ଧ୍ୱ ଭୋଟରେ ଗୋଟାବାୟା ପରାସ୍ତ କରିବା ପରେ ତାଙ୍କ ବିଜୟ ଯାତ୍ରାକୁ ନେଇ ଆଲୋଚନା ଆରମ୍ଭ ହୋଇଛି। କୁହାଯାଉଛି, ସରକାରଙ୍କ ବିରୋଧରେ ଦୁର୍ନୀତି ଅଭିଯୋଗ, ଦୁର୍ବଳ ଅର୍ଥନୈତିକ ପ୍ରଦର୍ଶନ ଏବଂ ଗତ ୨୧ ଏପ୍ରିଲ 'ଇଷ୍ଟର ସନ୍‌ଡେ'ରେ ୩ ଚର୍ଚ୍ଚ ଉପରେ ଆତଙ୍କବାଦୀ ଆକ୍ରମଣ ଯୋଗୁ ୨୬୦ ଲୋକଙ୍କ ଜୀବନ ଯିବା ଆଦି ପ୍ରସଙ୍ଗ ତାଙ୍କୁ ନିର୍ବାଚନରେ ଜିତାଇପାରିଛି। ଏଥିସହିତ ଏଲ୍‌ଟିଟିଇ ଉଗ୍ରପନ୍ଥୀଙ୍କୁ ନିପାତ କରି ଦେଶବାସୀଙ୍କ ଆଗରେ ନିଜର ଏକ ଶକ୍ତିଶାଳୀ ଛବି ଆଙ୍କିପାରିଥିବାରୁ ଏଭଳି ସଫଳତା ପାଇଛନ୍ତି। ଆଜିର ବିଶ୍ୱ ରାଜନୈତିକ ପ୍ରେକ୍ଷାପଟକୁ ଦେଖିଲେ ନିର୍ବାଚନ ପୂର୍ବରୁ ଏକ ବୃହତ୍ ସାମରିକ ପଦକ୍ଷେପ ନେଇ ଲୋକଙ୍କୁ ଠକିପାରୁଥିବା ରାଜନେତା ସଫଳତା ସାଉଁଟିବାକୁ ଚେଷ୍ଟା କରୁଛନ୍ତି। ନିକଟରେ ଇସ୍‌ଲାମିକ୍ ଷ୍ଟେଟ୍ (ଆଇଏସ୍) ମୁଖ୍ୟ ଅବୁବକ୍କର ଅଲ୍-ବାଗ୍‌ଦାଦିଙ୍କୁ ନିପାତ କରିବାରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ପ୍ରମୁଖ ଭୂମିକା ନେଇଥିବା ଚର୍ଚ୍ଚା ହୋଇଥିଲା। ଏଠାରେ ଉଲ୍ଲେଖଯୋଗ୍ୟ, ଏବେ ଟ୍ରମ୍ପ୍‌ଙ୍କ ଦ୍ୱିତୀୟ ପାଳି ନିର୍ବାଚନ ପାଇଁ ପ୍ରଚାର ଆରମ୍ଭ ହୋଇସାରିଲାଣି। ଏହିଭଳି ଆଶ୍ଚର୍ଯ୍ୟ କଲା ଭଳି ପଦକ୍ଷେପକୁ ଦର୍ଶାଇ ବିଶ୍ୱବ୍ୟାପୀ କେତେକ ନେତା ବ୍ୟକ୍ତିଗତ ଲାଭ ଉଠାଇପାରୁଛନ୍ତି। କହିବାର ଉଦ୍ଦେଶ୍ୟ ହେଉଛି, ପରାସ୍ତ ହୋଇଥିବା ରାଷ୍ଟ୍ରପତି ପ୍ରାର୍ଥୀ ସାଜିଥ୍ ପ୍ରେମଦାସାଙ୍କ ପ୍ରତି ଦେଶବାସୀଙ୍କ ନୈତିକ ସମର୍ଥନ ଥିଲେ ମଧ୍ୟ ଭୋଟରେ ଗୋଟାବାୟାଙ୍କୁ ରାଷ୍ଟ୍ରପତି ଆସନରେ ବସାଇଛନ୍ତି। ଏଠାରେ ସରକାର ବିରୋଧୀ ହାୱା ମଧ୍ୟ ତାଙ୍କୁ ବିଜୟ ହାସଲରେ ସହାୟକ ହୋଇଛି।

ଅନ୍ତର୍ଜାତୀୟ ସମ୍ପର୍କ ଓ ବୈଦେଶିକ ବ୍ୟାପାର ଦୃଷ୍ଟିକୋଣରୁ ଦେଖିଲେ ଭାରତର ପଡ଼ୋଶୀ ହେଉଛି ଶ୍ରୀଲଙ୍କା। ଦୀର୍ଘବର୍ଷ ଧରି ଦୁଇ ଦେଶ ମଧ୍ୟରେ ଉତ୍ତମ ସମ୍ପର୍କ ରହିଆସିଥିବା ବେଳେ ଏଲ୍‌ଟିଟିଇ ସମସ୍ୟା ସେଠାରେ ଗୃହଯୁଦ୍ଧ ପରିସ୍ଥିତି ସୃଷ୍ଟି କରିଥିଲା। ୨୦୦୯ରେ ଏଲ୍‌ଟିଟିଇ ଉଗ୍ରବାଦକୁ ମହିନ୍ଦା ରାଜପାକ୍ସେ ସରକାର ମୂଳପୋଛ କରିଥିଲେ। ଶ୍ରୀଲଙ୍କାର ସାମରିକ କାର୍ଯ୍ୟାନୁଷ୍ଠାନକୁ ସେତେବେଳେ ଦକ୍ଷିଣ ଭାରତରେ ବିରୋଧ କରାଯାଇଥିଲା। ଠିକ୍ ଏହି ସମୟରେ ଭାରତ ଓ ଶ୍ରୀଲଙ୍କା ଭିତରେ ସମ୍ପର୍କ କିଭଳି ଅଧିକ ବିଗୁଡ଼ୁ ସେହି ଲକ୍ଷ୍ୟରେ ଚାଇନା କଲମ୍ବୋ ସହିତ ସମ୍ବନ୍ଧ ବଢ଼ାଇଥିଲା। ଏପରି କି ଶ୍ରୀଲଙ୍କା ତା'ର ହମ୍ବାନ୍‌ଟୋଟା ବନ୍ଦରକୁ ଚାଇନାକୁ ଲିଜ୍‌ରେ ଦେଇଥିଲା। ଦେଖାଯାଇଛି ରାଜପାକ୍ସେଙ୍କ ଶାସନ ସମୟରେ ଶ୍ରୀଲଙ୍କା ଓ ଚାଇନା ମଧ୍ୟରେ ସମ୍ପର୍କ ଦୃଢ଼ୀଭୂତ ହୋଇଥିଲା। ୨୦୧୫ରେ ମହିନ୍ଦାଙ୍କୁ ହଟାଇ ମୈତ୍ରୀପାଲ ଶିରିସେନା ରାଷ୍ଟ୍ରପତି ହେବା ପରେ ଶ୍ରୀଲଙ୍କା-ଭାରତ ସମ୍ପର୍କ ମଜଭୁତ ହୋଇ ଆସୁଥିଲା। ଏବେ ଗୋଟାବାୟା ରାଜପାକ୍ସେ ଦାୟିତ୍ୱ ଗ୍ରହଣ କରିବା ପରେ ଦୁଇ ଦେଶର ସମ୍ପର୍କ ବିଗିଡ଼ିଯିବାର ସବୁ ଆଶଙ୍କା ରହିଛି। ଚାଇନା ସହ ରାଜପାକ୍ସେ ପରିବାରର ସମ୍ପର୍କକୁ ଦେଖିଲେ ଭାରତକୁ ଅତି ସତର୍କତାର ସହିତ ପଦକ୍ଷେପ ନେବାକୁ ପଡ଼ିବ। ଏଇ କିଛିବର୍ଷର ବୈଦେଶିକ ନୀତି ଦେଖିଲେ ଭାରତର ପଡ଼ୋଶୀ ଦେଶ ସହ ସେଭଳି ଉତ୍ତମ ସମ୍ପର୍କ ନାହିଁ। ସେହି ତାଲିକାରେ ଏବେ ପୁନର୍ବାର ଶ୍ରୀଲଙ୍କା ଯୋଡ଼ି ହୋଇଯାଇଥିବାରୁ ଭାରତର କୂଟନୈତିକ ଦକ୍ଷତା ଉପରେ ଆହୁରି ଏକ ଚ୍ୟାଲେଞ୍ଜ ସୃଷ୍ଟି ହେଲା।

## ଏଇ ଭାରତରେ

ପବିତ୍ର ଧର୍ମଗ୍ରନ୍ଥ କୋରାନ ସହ ତିନି ପିଢି ହେବ ଭଗବତ୍ ଗୀତାକୁ ସାଇତି ରଖିଛନ୍ତି ଏକ ମୁସଲମାନ ପରିବାର। କେବଳ ଏତିକି ନୁହେଁ ତାହାକୁ ପଢୁଛନ୍ତି ଓ ଗୀତାର ଦର୍ଶନ ତାଙ୍କୁ ଜୀବନର ରାସ୍ତା ଦେଖାଉଛି ବୋଲି କହିଛନ୍ତି ଅନିଶ ଅନୱାର। ମଧ୍ୟପ୍ରଦେଶର ରତଲାମ ଜିଲା ଅନ୍ତର୍ଗତ ଜାବରାରେ ସପରିବାର ରୁହନ୍ତି ଅନିଶ। ତାଙ୍କ ବୟସ ୫୭। ସେ ଜଣେ ଠିକାଦାର। ତାଙ୍କ ଘରେ ୧୨୧ ବର୍ଷ ହେବ ଉର୍ଦ୍ଦୁ ଲିଖିତ ଭଗବତ୍ ଗୀତାର ବାଣୀ ଶୁଣିବାକୁ ମିଳୁଛି। ଅନିଶ ତାଙ୍କ ବନ୍ଧୁ କିଶୋର ଶାକଲ୍ୟଙ୍କ ସହ ଗୀତା ପଢନ୍ତି। ମଥୁରାର ପଣ୍ଡିତ ଜାନକୀନାଥ ମଦନ ଦେହଲ୍‌ଭି ମୂଳ ସଂସ୍କୃତରୁ ଏହାକୁ ୧୫ ମାର୍ଚ୍ଚ ୧୮୯୮ରେ ଉର୍ଦ୍ଦୁରେ ଅନୁବାଦ କରିଥିଲେ। ପଣ୍ଡିତ ରାମାୟଣ ଭାର୍ଗବଙ୍କ ଦ୍ୱାରା ଏହା ମଥୁରା ପ୍ରେସ୍‌ରେ ପ୍ରକାଶିତ ହୋଇଥିଲା। ଏଥିରେ ଗୀତାର ୧୮ଟି ଅଧ୍ୟାୟର ସମସ୍ତ ଶ୍ଳୋକକୁ ୨୩୦ ପୃଷ୍ଠାରେ ଉର୍ଦ୍ଦୁରେ ବ୍ୟାଖ୍ୟା କରାଯାଇଛି। ପ୍ରକାଶନ ସମୟରେ ଏହାର ମୂଲ୍ୟ ୬ ପଇସା ଥିଲା। ଉର୍ଦ୍ଦୁରେ ପ୍ରକାଶିତ ଗୀତାର ପୃଷ୍ଠା ୪୧ରେ ପ୍ରକାଶିତ ଶ୍ଳୋକ ପଢି ଅନିଶ ଖୁବ୍ ପ୍ରଭାବିତ ହୋଇଛନ୍ତି। ଏହା ତାଙ୍କ ଜୀବନକୁ ପଥ ଦେଖାଇଛି ବୋଲି ସେ କୁହନ୍ତି। ଏହି ଶ୍ଳୋକର ଅର୍ଥ ହେଉଛି, ଯେଉଁ ମନୁଷ୍ୟକୁ ସ୍ପର୍ଶ ମାତ୍ରକେ କିଛି ପ୍ରଭାବ ପଡେନାହିଁ ଏବଂ ସୁଖ ଓ ଦୁଃଖରେ ସମାନ ସ୍ଥିତିରେ ରହେ, ସେ ଅମର ହୋଇଯାଏ। ଅନିଶ ଓ ତାଙ୍କ ପରିବାରର ଏଭଳି ମହତ୍ ଚିନ୍ତାଧାରା ଭାଇଚାରା ଓ ସର୍ବଧର୍ମ ସମନ୍ୱୟର ପ୍ରତୀକ ସାଜିଛି।

## su | do | ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| | D | | | 2 | | 7 | E | | B | | 4 | | | 0 |
| | 7 | | 6 | | 1 | | C | | | | A | B | 3 | 4 |
| | A | 3 | | | | | | | | D | 6 | 8 | 2 | |
| 6 | | | | | | | | | 7 | 2 | 0 | | 1 | |
| | | | | 8 | | | 3 | | E | | | | | |
| | | | D | | 3 | 6 | | | 4 | | | | B | |
| | E | | | 4 | 9 | | B | | 5 | | | C | | |
| | | C | 0 | | | E | | | | 1 | | 3 | | |
| | | | | | | | | 0 | | E | | 1 | | 8 |
| B | | 5 | | 1 | 7 | | 2 | 8 | | C | | | | |
| | C | | | | | | 4 | | 1 | A | | | 6 | |
| | 1 | | | | | D | | B | | 6 | | E | | |
| 5 | 6 | | | | | | | | | 9 | E | 0 | | 2 |
| | | | 7 | | | | 9 | | 2 | | 3 | | 4 | |
| A | | | | 3 | | | | 1 | | | 5 | | | C |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 2 | 6 | 8 | 5 | 3 | 9 | D | 0 | 7 | 1 | C | E | 4 | A | B |
| 1 | E | A | C | 0 | 7 | 4 | 9 | 6 | 5 | B | 2 | D | 3 | 8 |
| 3 | 0 | 4 | 8 | 6 | A | 5 | C | B | 9 | D | 7 | 1 | 2 | E |
| B | C | 7 | 1 | D | 4 | 2 | 8 | E | A | 0 | 3 | 6 | 5 | 9 |
| D | 9 | 5 | 2 | E | B | 3 | 1 | A | 4 | 6 | 8 | C | 7 | 0 |
| 0 | 1 | 6 | 3 | 8 | 2 | 9 | 7 | 5 | E | 4 | C | B | D | A |
| E | B | 9 | 7 | 1 | C | 6 | A | D | 3 | 8 | 5 | 0 | 4 | 2 |
| 5 | D | C | 4 | B | 0 | 8 | 2 | 3 | 6 | A | 1 | 9 | E | 7 |
| 7 | A | 3 | E | 5 | D | 1 | 4 | 0 | 2 | 9 | B | 8 | C | 6 |
| 4 | 8 | 2 | 9 | A | 6 | B | E | C | D | 7 | 0 | 5 | 1 | 3 |
| 8 | 7 | B | 6 | 2 | 5 | A | D | 1 | C | 3 | 9 | E | 0 | 4 |
| 9 | 2 | 1 | A | 7 | 8 | C | 5 | 4 | 0 | E | 6 | 3 | B | D |
| C | 4 | E | 0 | 9 | 3 | 7 | B | 2 | 8 | 1 | D | A | 6 | 5 |
| 6 | 5 | 0 | D | 4 | 1 | E | 3 | 9 | B | 2 | A | 7 | 8 | C |
| A | 3 | D | B | C | E | 0 | 6 | 8 | 7 | 5 | 4 | 2 | 9 | 1 |

ଗତକାଲିର ଉତ୍ତର

# ବିକୃତ ମାନସିକତାର ପ୍ରତିଫଳନ



ବୈକୁଣ୍ଠନାଥ ମିଶ୍ର

ଯୁଗେ ଯୁଗେ ସମାଜରେ ଏପରି କିଛି ବ୍ୟକ୍ତିତ୍ୱ ଦୃଶ୍ୟ ହୁଅନ୍ତି, ଯେଉଁମାନଙ୍କର କାର୍ଯ୍ୟକଳାପ ସୂଚାଇଦିଏ ସେମାନେ କେତେ ବିକୃତ ମସ୍ତିଷ୍କଧାରୀ ଓ ନୀଚ ମାନସିକତାର ପରିଚାୟକ। ଅବଶ୍ୟ ଏଥିପାଇଁ ଅନେକ କାରଣ ଯଥା ପାରିପାର୍ଶ୍ୱିକ ଅବସ୍ଥା, ନିଜ ମନ ମଧ୍ୟରେ ଜମାଟ ବାନ୍ଧିଥିବା ପୁଞ୍ଜୀଭୂତ ଅସନ୍ତୋଷ, ସାମାଜିକ ଜୀବନରେ ସ୍ନେହ-ସହାନୁଭୂତିର ଅଭାବ ଓ ସର୍ବୋପରି ଯୌନ ବିକାର ଇତ୍ୟାଦିକୁ ଦାୟୀ କରାଯାଇପାରେ। ଅନେକ ସମୟରେ ମଦ୍ୟପାନ ବ୍ୟକ୍ତିସତ୍ତାର ବିଲୋପ କରି ଅସ୍ୱାଭାବିକ ଆଚରଣର ସୂତ୍ରପାତ କରିଥାଏ। ରକ୍ତପାତ, ହତ୍ୟାକାଣ୍ଡ ଯାହା ସାଧାରଣ ମଣିଷ ଦୃଷ୍ଟିରେ ଅପରାଧ, ଜଣେ ବିକୃତ ମସ୍ତିଷ୍କଧାରୀ ପକ୍ଷେ ଏହା ଅତ୍ୟନ୍ତ ସହଜ। ଏହା ଏକ ମାନସିକ ବ୍ୟାଧି, ଯାହା ନାରୀପୁରୁଷ ନିର୍ବିଶେଷରେ ସଞ୍ଚରିତ ହୋଇଥାଏ।

କେରଳର ସିରିୟଲ କିଲର ଜଲି (ପୂରାନାମ ଜଲି ଆମ୍ମା ଯୋଶେଫ୍)ର ଜୀବନକୁ ଅନୁଧ୍ୟାନ କଲେ ଜଣାଯାଏ ଯେ, ତା'ର ସ୍ୱାଭାବିକ ଆଚରଣ ତଳେ ଅପରାଧର ଦାବାନଳ ସୁପ୍ତ ଅବସ୍ଥାରେ ଥାଇ ସୁଯୋଗର ଅପେକ୍ଷାରେ ଥାଏ। ୧୪ ବର୍ଷ ମଧ୍ୟରେ ଛଅଜଣଙ୍କୁ ହତ୍ୟା କରିବାର ବିରଳ ଦୃଷ୍ଟାନ୍ତର ଅଧିକାରିଣୀ ସେ। ଅଚଳାଚଳ ସମ୍ପତ୍ତିର ମାଲିକ ହେବା ମୋହ ତାକୁ ହତ୍ୟାକାରୀ ରୂପେ ଦୁନିଆ ଦାଣ୍ଡରେ ଠିଆ କରାଇଛି। ତା'ର ପ୍ରଥମ ଶିକାର ଥିଲା ତା' ପ୍ରଥମ ସ୍ୱାମୀ ରୟ ଟମାସ। ମାତ୍ର ୧୪ ବର୍ଷ ବୟସରେ ରୟଙ୍କୁ ପ୍ରେମ ବିବାହ କରିଥିଲା ଜଲି। ସ୍ୱାମୀଙ୍କ ମୃତ୍ୟୁ ପରେ ଆଇନତଃ ତାଙ୍କର ସମସ୍ତ ସମ୍ପତ୍ତି ଜଲିକୁ ପ୍ରାପ୍ତ ହେଲା। ଜଲିର ଦ୍ୱିତୀୟ ଶିକାର ଥିଲେ ତା'ର ଶାଶୁ ଆନ୍ନାମ୍ମା ଟମାସ। ଶାଶୁଙ୍କ ମୃତ୍ୟୁର ୬ ବର୍ଷ ପରେ ୨୦୦୮ ମସିହାରେ ସେ ହତ୍ୟାକଲା ତା'ର ଶ୍ୱଶୁର ଟମ୍ ଟମାସଙ୍କୁ। ଗୋଟିଏ ପରେ ଗୋଟିଏ ହତ୍ୟାକାଣ୍ଡ ରଚି ଚାଲିଥିଲେ ମଧ୍ୟ ସେ କେବେ କାହାର ସନ୍ଦେହ ପରିସରକୁ ଆସୁ ନ ଥିଲା। ତା'ର ସଲଜ୍ଜ ମୁଖମଣ୍ଡଳ ଓ ସରଳ ବ୍ୟବହାର ସନ୍ଦେହଠାରୁ ତାକୁ ବହୁଦୂରରେ ରଖିଥିଲା। ଏହାପରେ ଶିକାର ହେଲେ ତା'ର ଦେଢ଼ଶୁରଙ୍କ ଦୁଇ ନିଷ୍ପାପ ଶିଶୁ କନ୍ୟା ଓ ପୁତ୍ର। ଷଷ୍ଠ ଏବଂ ଶେଷରେ ସେ ହତ୍ୟା କଲା ତା'ର ଯାଆ ଶିଲିଙ୍କୁ। ଗୋଟିଏ ପରେ ଗୋଟିଏ ହତ୍ୟାକାଣ୍ଡର ସଫଳତା ତାକୁ ନୂତନ ହତ୍ୟାକାଣ୍ଡ ପାଇଁ ପ୍ରୋତ୍ସାହନ ଯୋଗାଉଥିଲା। ତେଣୁ ନ ଥିଲା ତା' ମନରେ ଅନୁଶୋଚନା କିମ୍ବା ବ୍ୟବହାରରେ ଅସ୍ୱାଭାବିକତା। ଉପରୋକ୍ତ ଛ'ଜଣଙ୍କୁ ହତ୍ୟା କଲା ପରେ ତା'ର କ୍ରୂର ନଜରକୁ ଆସିଥିଲେ ଦେଢ଼ଶୁର ରଜ୍ଜୋ ଟମାସ। ନିଜ ସୌନ୍ଦର୍ଯ୍ୟ ଓ ସରଳତା ବଳରେ ସେ ରଜ୍ଜୋଙ୍କ ହୃଦୟ ଜିଣିପାରିଲେ। ଦେଢ଼ଶୁର ହୋଇ ମଧ୍ୟ ସେ ଜଲି ପ୍ରତି ଆକୃଷ୍ଟ ହେଲେ ଓ ଦୁହେଁ ପରସ୍ପରକୁ ବିବାହ କଲେ। ରଜ୍ଜୋଙ୍କର ଆମେରିକାରେ ବ୍ୟବସାୟ ଥାଇ ସେ ଥିଲେ ପ୍ରଭୂତ ସମ୍ପତ୍ତିର ମାଲିକ। ବିବାହର ପ୍ରଥମ ରାତିରେ ଜଲିର ଧନପିପାସାର ସମ୍ୟକ୍ ସୂଚନା ରଜ୍ଜୋଙ୍କୁ ମିଳିଥିଲା। ସନ୍ଦେହ ହେବାରୁ ସେ ପୋଲିସରେ ଅଭିଯୋଗ କଲେ। ପୋଲିସ ତାକୁ ଗିରଫ କଲା ପରେ ସେ ଦୋଷ ସ୍ୱୀକାର କରିଛି। ସବୁଠାରୁ ବଡ଼କଥା ହେଲା, ସମସ୍ତ ୬ଜଣଙ୍କୁ ରାତ୍ରି ଭୋଜନରେ ସାଏନାଇଡ୍ ପ୍ରୟୋଗ କରି ହତ୍ୟା କରାଯାଇଛି। ସମସ୍ତ ହତ୍ୟାକାଣ୍ଡରେ ଜଲିକୁ ସାହାଯ୍ୟ କରିଥିଲେ ତା'ର ଦୁଇ ପୁରୁଷ ବନ୍ଧୁ ଏମ୍.ଏସ୍. ମାଥ୍ୟୁ ଏବଂ ପ୍ରାଜି କୁମାର। ଜଲି ବର୍ତ୍ତମାନ ଅନ୍ଧକାର ଜେଲ୍ ପ୍ରକୋଷ୍ଠରେ ତା' ଶେଷଦିନର ଅବଗଣନା କରୁଛି। ପୃଥିବୀର ୯୦ଭାଗ ହତ୍ୟାକାଣ୍ଡ ପୁରୁଷଙ୍କ ଦ୍ୱାରା ସଂଘଟିତ ହେଉଥିବା ବେଳେ ଜଲି ନିଶ୍ଚିତ ଏକ ବ୍ୟତିକ୍ରମ ଓ ବିରଳ ହତ୍ୟାକାରିଣୀ।

ଆମେରିକାର ଜଘନ୍ୟ ସିରିୟଲ କିଲର ଥିଲା ୭୯ ବର୍ଷ ବୟସ୍କ ସାମୁଏଲ ଲିଟିଲ୍। ୧୯୭୦ ମସିହାରେ ତା' ହତ୍ୟାକାରୀ ଜୀବନର ଆରମ୍ଭ ହୋଇ ୨୦୦୫ ମସିହାରେ ଯବନିକା ପଡ଼ିଲା। ଏହି ୩୫ ବର୍ଷ ମଧ୍ୟରେ ସେ ହତ୍ୟା କରିଛି ୯୩ ଜଣଙ୍କୁ; ଯେଉଁମାନଙ୍କ ମଧ୍ୟରେ ଅଛନ୍ତି ଅଧିକାଂଶ ମହିଳା। ୨୦୦୫ରେ ସେ ପୋଲିସ ଦ୍ୱାରା ଗିରଫ ହୋଇ ନିଜ ଦୋଷ ସ୍ୱୀକାର କରିଛି। ଇଚ୍ଛା କରିଥିଲେ ସେ ପୋଲିସକୁ ଭୁଆଁ ବୁଲାଇ ପାରିଥାନ୍ତା। କିନ୍ତୁ ବୟସାଧିକ୍ୟ ଯୋଗୁ ହେଉ ବା ଅନ୍ୟ କୌଣସି କାରଣରୁ ସେ ଅପରାଧୀ ଜୀବନର ପୂର୍ଣ୍ଣଚ୍ଛେଦ ଟାଣି ଏକପ୍ରକାର ଆତ୍ମସମର୍ପଣ କରିଥିଲା। ସେ ନିଜେ ନିଜ ଦୋଷ ସ୍ୱୀକାର କଲାପରେ ତା' ଜୀବନର ଅପଢ଼ା ଫର୍ଦ୍ଦ ଲୋକଲୋଚନକୁ ଆସିଥିଲା। ଅବଶିଷ୍ଟ ଜୀବନ ଯେ ତାକୁ ଜେଲର ଅନ୍ଧକାର ପ୍ରକୋଷ୍ଠରେ ଅତିବାହିତ କରିବାକୁ ହେବ କିମ୍ବା ମୃତ୍ୟୁଦଣ୍ଡ ଭୋଗିବାକୁ ହେବ ଏହା ତାକୁ ଭଲଭାବେ ଜଣାଥିଲେ ମଧ୍ୟ ସେ ଦୋଷ ସ୍ୱୀକାର କରିବାରେ କୁଣ୍ଠାବୋଧ କରିନାହିଁ। ବର୍ତ୍ତମାନ ତା'ର ବିଚାର ଚାଲୁ ରହିଛି। ୭୯ ବର୍ଷ ବୟସରେ ତା'ର ଶେଷ ତଥା ୯୩ତମ ଶିକାର ଥିଲା ମାତ୍ର ୧୪ ବର୍ଷର ଜଣେ ନାବାଳିକା। ତା' ସହ ବଳାତ୍କାର ଉଦ୍ୟମ କରୁଥିବା ସମୟରେ ତା' ତୁଣ୍ଡରୁ 'ଡାଡ୍' ଉଚ୍ଚାରଣ ସାମୁଏଲକୁ ବିଚଳିତ କରିଦେଇଥିଲା। ଚାହିଁଥିଲା ସେ ଝିଅଟିକୁ ବଞ୍ଚାଇବା ପାଇଁ, ମାତ୍ର ପରମୁହୂର୍ତ୍ତରେ ସେ ତାକୁ ହତ୍ୟାକଲା। ତା' ସ୍ୱୀକାରୋକ୍ତିରେ ସେ ସ୍ୱୀକାର କରିଛି ଯେ, ହତ୍ୟା କରିବା ତା'ର ଏକ ସଉକ ଭିନ୍ନ ଅନ୍ୟ କିଛି ନୁହେଁ।

ସେହି ଆମେରିକାର ଆଉ ଜଣେ ସିରିୟଲ କିଲର ହେଲା 'ଟେଡ୍ ବଣ୍ଡି'। ୧୯୭୪ରୁ ୧୯୭୮ ମାତ୍ର ୪ ବର୍ଷ ମଧ୍ୟରେ ସେ ହତ୍ୟା କରିଥିଲା ୩୦ ଜଣ ମହିଳାଙ୍କୁ। ସମସ୍ତଙ୍କ ସହ ସେ ଆଚରିଥିଲା ଯୌନ ଦୁଷ୍କର୍ମ। ଅବଶ୍ୟ ଏହି ୪ ବର୍ଷ ମଧ୍ୟରେ ସେ ଦୁଇଥର ଜେଲ ଯାଇଛି; କିନ୍ତୁ ପ୍ରମାଣ ଅଭାବରୁ ମୁକ୍ତି ପାଇଛି। ସଦା ହସ ହସ ପ୍ରଫୁଲ୍ଲମନା ବଣ୍ଡି ଯେ ଜଣେ ଜଘନ୍ୟ ହତ୍ୟାକାରୀ ଏ କଥା କେହି କେବେ ଭାବି ନ ଥିଲେ। ତା' ଜୀବନୀ ଏକ ରହସ୍ୟମୟ କାହାଣୀ। ସେ ଥିଲା ଏକ ବୃଦ୍ଧ ଦମ୍ପତିଙ୍କ ପାଳିତ ପୁତ୍ର। ଶତଚେଷ୍ଟା ସତ୍ତ୍ୱେ ନା ସେ ଠାବ କରିପାରିଥିଲା ନିଜ ମାତାପିତାଙ୍କୁ ନା ଭେଦ କରିପାରିଥିଲା ନିଜ ଜନ୍ମ ରହସ୍ୟକୁ। ତା' ମନୋରାଜ୍ୟରେ ବିପ୍ଳବର ଝଡ଼ ସୃଷ୍ଟି ହେଲା ଯେ, ଯେଉଁ ମା' ପୁତ୍ରକୁ ଜନ୍ମ ଦେଇ ମାତୃତ୍ୱକୁ ସ୍ୱୀକାର କରିପାରେନା, ସେ ମା' ନୁହେଁ- ଜଣେ କଳଙ୍କିନୀ। ତା' ମନରେ ସୃଷ୍ଟିହୁଏ ସମଗ୍ର ନାରୀ ଜାତି ପ୍ରତି ଅବିଶ୍ୱାସ। ତା' ମତରେ ନାରୀ ପାପଲିପ୍ତ ହେବ; ଅଥଚ ପାପର ଫଳ ପ୍ରତି ତା'ର ଘୋର ଭୟ! ନାରୀ ଜାତି ପ୍ରତି ତା' ମନରେ ଜନ୍ମନେଲା ଅସମ୍ମାନ ଓ ସଂଦେହର ଶତ ଉଦ୍‌ବେଳନ। ସୁନ୍ଦରୀ ଅବିବାହିତ ଝିଅଙ୍କୁ ନିଜ ପ୍ରେମଜାଲରେ ଫସାଇ ପାଶବିକ କାମନା ଚରିତାର୍ଥ ପରେ ହତ୍ୟା କରୁଥିଲା ସେମାନଙ୍କୁ ଅତି ନିର୍ମମ ଭାବରେ। ମହିଳାଙ୍କୁ ଯେତେ ଅଧିକ ଶାରୀରିକ କଷ୍ଟ ହେଉଥିଲା, ସେ ସେତେ ଅଧିକ ଉଲ୍ଲସିତ ହେଉଥିଲା। ସେମାନେ ମରିଗଲା ପରେ ସେମାନଙ୍କ ଦୁଃଖର ଅନ୍ତ ଘଟୁଥିଲା ସିନା ହେଲେ ବଣ୍ଡି ଲାଗିପଡୁଥିଲା ପରବର୍ତ୍ତୀ ଶିକାର ଅନ୍ୱେଷଣରେ। ଶୈଶବରେ ବିଲେଇ କୁକୁରଙ୍କୁ ଶକ୍ତ ରଜ୍ଜୁରେ ବନ୍ଧନ କରି ନିର୍ମମ ପ୍ରହାର କରି ତାଙ୍କ ଦେହରୁ ରକ୍ତ ଝରାଇ ଆନନ୍ଦ ଉପଭୋଗ କରୁଥିଲା ବଣ୍ଡି।

ଯୁଦ୍ଧ କିମ୍ବା ସନ୍ତ୍ରାସବାଦୀ ଆକ୍ରମଣରେ ବହୁ ଲୋକ ମୃତ୍ୟୁବରଣ କରିବା ଆମେ ଜାଣୁ। କିନ୍ତୁ ନିଜ ଖିଆଲି ମନୋଭାବରେ ଏତେ ଲୋକଙ୍କୁ ହତ୍ୟା କରାଯିବା ନିଶ୍ଚିତ ଗୋଟିଏ ଗୋଟିଏ ବିରଳ ଘଟଣା। ଏତଦ୍‌ବ୍ୟତୀତ ଏକକ କି ଦ୍ୱୈତ ହତ୍ୟାକାଣ୍ଡ ପ୍ରାୟତଃ ସଂଘଟିତ ହେଉଛି। କିଛିଦିନ ତଳେ ଭୁବନେଶ୍ୱରରେ ଜଣେ ଡାକ୍ତର ନିଜ ପତ୍ନୀଙ୍କୁ ହତ୍ୟା କରି ତାଙ୍କ ଶରୀରକୁ ଖଣ୍ଡ ଖଣ୍ଡ କରି ଟିଫିନ ବାକ୍ସରେ ଭର୍ତ୍ତିକରି କାର୍‌ରେ ନେବାବେଳେ ଧରାପଡ଼ିଥିଲେ। ପୋଲିସକୁ ତାଙ୍କ ବୟାନ ହେଲା ଯେ, ସେ ପତ୍ନୀଙ୍କୁ ଅତି ଭଲପାଆନ୍ତି ଓ ତାଙ୍କ ସ୍ୱାଭାବିକ ମୃତ୍ୟୁ ପରେ ତାଙ୍କ ଶରୀରକୁ ଗଙ୍ଗାରେ ବିସର୍ଜନ କରିବା ପାଇଁ ପରିବହନ ସୁବିଧା ଦୃଷ୍ଟିରୁ ଏପରି କରିଥିଲେ। କିନ୍ତୁ ତାଙ୍କ ନିଜ ପୁତ୍ରକନ୍ୟା ତାଙ୍କୁ ପତ୍ନୀହତ୍ୟା ଦୋଷର ଆରୋପ ଲଗାଇଥିଲେ।

ଏଠାରେ ପ୍ରଶ୍ନ ଉଠେ, ମଣିଷ ଏତେ ହିଂସ୍ର ହୁଏ କିପରି? ମନସ୍ତତ୍ତ୍ୱବିତ୍‌ଙ୍କ ମତରେ, ବ୍ୟକ୍ତି ମାନସିକ ସନ୍ତୁଳନ ହରାଇଲେ ନରହତ୍ୟା ତା' ପାଇଁ ଏକ କ୍ରୀଡ଼ା ସଦୃଶ ହୋଇଯାଏ। ମଦ୍ୟପାନ ମାନସିକ ସନ୍ତୁଳନ ହରାଇବାର ଏକ ପ୍ରମୁଖ କାରଣ। ସୁସ୍ଥ ମସ୍ତିଷ୍କଧାରୀ ପକ୍ଷେ ନରହତ୍ୟା ସମ୍ଭବ ହୋଇ ନ ପାରେ। ଏତଦ୍‌ବ୍ୟତୀତ ଜୀବନର ପ୍ରାକ୍‌କାଳରେ ଘଟିଥିବା କୌଣସି ଦୁର୍ଘଟଣା ସେମାନଙ୍କ ଉତ୍ତର ଜୀବନରେ ଏକ ବୃହତ୍ ଆପରାଧିକ ମାନସିକତା ସୃଷ୍ଟି କରିବାରେ ସହାୟକ ହୋଇଥାଏ; ଯେପରି ଘଟିଥିଲା ଦସ୍ୟୁନାୟିକା ଫୁଲନ ଦେବୀ ଜୀବନରେ। ଏପରି ବ୍ୟକ୍ତି ଅତ୍ୟନ୍ତ ବୁଦ୍ଧିମାନ। ମାତ୍ର ସେମାନେ ତାଙ୍କ ବୁଦ୍ଧିକୁ କୌଣସି ସକାରାତ୍ମକ ଗଠନମୂଳକ କାର୍ଯ୍ୟରେ ପ୍ରୟୋଗ ନ କରି ଅପରାଧ ସୃଷ୍ଟି କରିବା ଓ ତହିଁରୁ ରକ୍ଷା ପାଇବା କୌଶଳ ଆପଣେଇବାରେ ବିନିଯୋଗ କରନ୍ତି। ସେମାନଙ୍କୁ କଠିନରୁ କଠିନତର ଦଣ୍ଡବିଧାନ କରାଯାଇ ସମାଜ ପାଇଁ ଦୃଷ୍ଟାନ୍ତ ସୃଷ୍ଟି କରିବାର ଆବଶ୍ୟକତା ରହିଛି। ତା'ହେଲେ ଅପରାଧ ଜଗତକୁ ପାଦ ବଢ଼ାଉଥିବା ବ୍ୟକ୍ତି ହୁଏତ ସଚେତନ ହୋଇପାରେ ଓ ତା' ମନରେ ଭୀତି ସଞ୍ଚାର ହୋଇପାରେ। ଏପରି ନରରାକ୍ଷସମାନେ ସମାଜର କଳଙ୍କ। ମୃତ୍ୟୁଦଣ୍ଡ ଏମାନଙ୍କ ପାଇଁ ଏକମାତ୍ର ବିକଳ୍ପ।

ସିଦ୍ଧଳ, ଜଗତ୍‌ସିଂହପୁର, ମୋ-୯୯୩୭୪୫୦୫୪୦

# କାହା ପାଇଁ ପୁଣ୍ୟ



ସୁଧାକର ଦାସ

ସକାଳୁ ଚା' କପ୍ ଆଉ ପେପର ଧରି ବସିଥିଲି, ମଝି ମଝିରେ ଗୁଡ୍ ମର୍ନିଂ ମେସେଜ୍ ଆସୁଥାଏ ହ୍ୱାଟ୍ସଆପ୍‌ରେ। ସ୍ତ୍ରୀ ଆସି ପାଖରେ ବସିଲେ। ଜମା ଖବରକାଗଜ ନ ପଢ଼ି କେବଳ ହେଡ୍‌ଲାଇନ ଉପରେ ଆଖି ପକେଇ ଲଘୁଚାପର ସ୍ଥିତି କ'ଣ, କଶ୍ମୀରରେ ଗଣ୍ଡଗୋଳ ବନ୍ଦ ହେଲାଣି କି ନାହିଁ, କୋର୍ଟ ମିତ୍ର କିଏ ଭଳି ମତେ ପ୍ରଶ୍ନ ପଚାରିବା ତାଙ୍କ ପାଇଁ ଗୋଟେ ସବୁଦିନିଆ କଥା। ସେମିତି ଗୋଟେ କ'ଣ ସେଦିନ ପଚାରିବେ ପଚାରିବେ ହେଉଥିବା ବେଳେ ତାଙ୍କ ଫୋନଟା ରିଙ୍ଗ ହେଲା। ପୁଅ ଫୋନ କରିଛି ହଷ୍ଟେଲରୁ... ଫୋନଟାକୁ ରିସିଭ୍ କରି ସ୍ପିକର ଅନ କରି ଥୋଇଦେଲେ ଟି'ପୟ ଉପରେ। ପୁଅ କହିଲା ମାମା, ଆମ କ୍ୟାମ୍ପସରେ ରକ୍ତଦାନ ଶିବିର ଆଜି ହେଉଛି। ମୁଁ ବି ନାଁ ଦେଇଛି, ମୋ ପାଳି ୧୧ଟା ବେଳକୁ ପଡ଼ିବ। ତୁ ପାଗଳ ନା କ'ଣ? ଏତିକି କହି ଫୋନର ସ୍ପିକରଟା ବନ୍ଦ କରିଦେଇ କାନରେ ଲଗେଇ ସ୍ତ୍ରୀ ଉଠିଗଲେ ଶୋଇବା ଘରକୁ। ଶୋଇବା ଘରୁ ଯେତିକି ଶବ୍ଦ ମୋ କାନରେ ପଡୁଥିଲା ସେଥିରୁ ବୁଝିବାରେ ଆଦୌ ଅସୁବିଧା ନ ଥିଲା ଯେ ମୋ ସ୍ତ୍ରୀ ବାରମ୍ବାର ପୁଅକୁ ପ୍ରବର୍ତ୍ତାଉଥିଲେ ରକ୍ତଦାନ ନ କରିବା ପାଇଁ।

ମୁଁ, ମୋ ସ୍ତ୍ରୀ ବୋଲି ବଢ଼େଇ ଚଢ଼େଇ କହୁନି କିନ୍ତୁ ଏହା ସତ୍ୟ ଯେ ଦାନ, ଧର୍ମ, ପୂଜା, ବ୍ରତ, ଓଷା, ଉପବାସ ପାଳନରେ ଯିଏ ତାଙ୍କୁ ଦେଖିଛି, ଜାଣିଛି, ସେ ତାଙ୍କୁ ଶହେକୁ ଶହେ ନମ୍ବର ଦେବ। ବର୍ଷକ ବାରମାସ ମୋ ଘର ମହକୁଥାଏ ଚୁଆ, ଚନ୍ଦନ, ଧୂପ, ଅଗୁରୁ ବାସରେ। ସକାଳଟା ଲାଗୁଥାଏ ପବିତ୍ର ପବିତ୍ର ଆଉ ସଞ୍ଜରେ ଘଣ୍ଟି, ଘଣ୍ଟା, ଶଙ୍ଖର ପାବନ ନିନାଦ। ଯୋଗୀ, ଭିକାରି କେବେ ଦୁଆରୁ ଫେରି ନାହାନ୍ତି କି ସହରଠୁ ନେଇ ଆମ ଗାଁ ଯାଏ, ଏମିତି କୋଉ ମନ୍ଦିର ନାହିଁ ଯୋଉଠିକି ଯାଇ ସେ ଦାନଧର୍ମ ନ କରିଛନ୍ତି। ବର୍ଷକର ସଂକ୍ରାନ୍ତି, ପୂର୍ଣ୍ଣମୀ, ଅମାବାସ୍ୟା, ଏକାଦଶୀ, ପର୍ବପର୍ବାଣି ତାଙ୍କ ମୁହେଁ ମୁହେଁ ଥାଏ। ଆଉ ଆକସ୍ମିକ କୌଣସି ସଙ୍କଟ କି ବିପଦ ଆପଦରୁ ମୁଁ କି ମୋ' ପରିବାର ବର୍ତ୍ତିଗଲେ ମୋତେ ଲାଗେ ବୋଧହୁଏ ମୋ ସ୍ତ୍ରୀଙ୍କ ଧର୍ମବଳରୁ ଆମେ ରକ୍ଷା ପାଇଗଲୁ। ସେଦିନ ଖରାବେଳେ ମୁଁ ଖାଇବସିବା ବେଳେ ସ୍ତ୍ରୀଙ୍କୁ ପଚାରିଲି ଏତେ ଦାନଧର୍ମ କରୁଛ, ରକ୍ତଦାନଠୁ ମହାପୁଣ୍ୟ କାମ କିଛି ଅଛି? ପୁଅକୁ ମନା କଲ କାହିଁକି? ସ୍ତ୍ରୀଙ୍କ ଉତ୍ତର ଥିଲା ଏମିତି... ଏତେ ପୂଜାପାର୍ବଣ, ଦାନଧର୍ମ ଯାହା ପାଇଁ କରୁଛି ସେ ଯଦି ରକ୍ତ ଦେଇ ଶରୀର କ୍ଷୀଣ କରିବ, ତା' ହେଲେ ମୋ ପୂଜାପାଠର ମୂଲ୍ୟ କ'ଣ? କୋଉ ମା' ସଂସାରରେ ପୁଅକୁ କହିବ, ଯା' ତୋ ଦେହରୁ ବୋତଲେ ରକ୍ତ ଦେଇଦେ। ଦୁଇଟି ତାତ୍ପର୍ଯ୍ୟ ଥିଲା ମୋ ସ୍ତ୍ରୀଙ୍କ କଥାରେ। ପ୍ରଥମଟି ହେଲା କିଛି ପାଇବା ଆଶାରେ ସେ ଦାନଧର୍ମ କରୁଛନ୍ତି ଓ ଦ୍ୱିତୀୟଟି ହେଲା ତାଙ୍କର ଅପତ୍ୟ ମୋହ। ମୁଁ କେବଳ ଆଚ୍ଛା, ଆଚ୍ଛା କହି ହାତ ଧୋଇବାକୁ ଉଠିଗଲି।

ସନ୍ଧ୍ୟାରେ ଅଫିସ୍‌ରୁ ଫେରି ମୁଁ ବସିଥାଏ ଟିଭିକୁ ଅନେଇ। ସ୍ତ୍ରୀ ଚା' କପ୍‌ଟେ ଧରି ଆସି ମୋ' ଆଡ଼କୁ ବଢ଼େଇଦେଇ ମୋ କଡ଼ରେ ବସିପଡ଼ିଲେ। କିଛି ଘରୋଇ କଥାବାର୍ତ୍ତା ଚାଲିଥିବାବେଳେ ପୁଅ ମୋତେ ଫୋନ୍ କଲା ହଷ୍ଟେଲ୍‌ରୁ। ଦିନ ତମାମର କଥା ବଡ଼ ଖୁସିରେ କହିଗଲା ମୋତେ। ମଝିରେ କହିଲା ବାପା ତମେ ଜାଣିଲେ ଖୁସି ହେବ ଯେ, ମୁଁ ଆଜି ରକ୍ତଦାନ କରିଛି। ଅଚାନକ ମୋ ନଜର ପଡିଲା ସ୍ତ୍ରୀଙ୍କ ମୁହଁ ଉପରେ। ମୁଁ ଫୋନ୍‌ର ସ୍ପିକର ଅନ୍ କରିଦେଇ କହିଲି- ହଁ, ହାଲୋ... କ'ଣ କଲୁ ଆଜି...? ପୁଅ ସେପଟୁ କହୁଥିଲା ବ୍ଲଡ ଡୋନେଟ୍ କଲି ବାପା...। ତମେ ମାମାକୁ କହିବନି। ବହୁତ ରାଗିବ ସେ, ସକାଳେ ମତେ ମନା କରିଥିଲା। ମୁଁ ବ୍ଲଡ୍ ଦେବାବେଳେ ଭାବୁଥିଲି ମୋ ମାମାର ରକ୍ତ ମୋ ଦେହରେ ବହୁଛି। ସେ ସିନା ମୋତେ ରକ୍ତ ଦେବାକୁ ମନା କଲା ହେଲେ ମୋ ମାଧ୍ୟମରେ ତା' ରକ୍ତ ଯେତେବେଳେ ଜଣଙ୍କ ଜୀବନ ବଞ୍ଚେଇବ ମୋ ମାମାର କେତେ ପୁଣ୍ୟ ହେବ! ବାପା ରିୟଲି ଇଟ୍ସ ଏ ଗ୍ରେଟ୍ ଫିଲିଙ୍ଗ୍‌ସ। ମୁଁ କହିଲି ଠିକ୍ ଅଛି, ଠିକ୍ ଅଛି... ହେଲେ ତୁ ମାମାକୁ ମିଛ କହି ଠକିଦେଲୁ? ପୁଅ ସେପଟୁ କହିଲା- ବାପା, ମାମାକୁ ପରେ କେମିତି ହାଣ୍ଡଲ କରିହେବ ସେ କଥା ମୁଁ ତୁମଠୁ ଶିଖିଯାଇଛି...। ତାକୁ ପଚାରିବ, ମୋ ଉପରେ ଲୋଭ ବୋଲି ସିନା ସେ ବ୍ଲଡ୍ ଦେବାକୁ ମନାକଲା, ହେଲେ ତା' ଭଳି ଗୋଟେ ପୁଣ୍ୟାତ୍ମା କ'ଣ ରକ୍ତ ବିନା ମରି ଯାଉଥିବା ଲୋକଟାକୁ ଦେଖିପାରିବ? ସେ ସାରାଜୀବନ ଆମ ପାଇଁ ଖାଲି ପୁଣ୍ୟ କରୁଥିବ, ମୁଁ ବି ତ ମୋ ମାମାବାପାଙ୍କ ପାଇଁ କିଛି ପୁଣ୍ୟ କରିବି ନା...। ତମେ ଦେଖିବ ବାପା ଏଇ ଡାଏଲଗ୍‌ଟା ଟିକେ ଇମୋଶନାଲ ହୋଇ ତାକୁ କହିଦେବି... ଫଟ୍ କି ତା' ମୁଡ୍ ଚେଞ୍ଜ ହୋଇଯିବ। ଓକେ ବାପା, ଟେକ୍ କେୟାର। ମୁଁ କଲ୍‌ଟା କାଟି ସ୍ତ୍ରୀଙ୍କ ମୁହଁକୁ ଚାହିଁଲି। ସେ ମୁହଁରେ ଯୋଉ ଭାବ ମୁଁ ଦେଖିଲି ମୋ ବାହାଘରର ତେଇଶ ବର୍ଷ ଭିତରେ କେବେ ଦେଖି ନ ଥିଲି... ନା ହସ, ନା ଲୁହ, ନା ଖୁସି ନା ବିଷାଦ...। ସେ ଭାବକୁ ବ୍ୟକ୍ତ କରିବାକୁ କୌଣସି ଲେଖକ କି କବି ପାଖରେ ଶବ୍ଦ ନ ଥିବ ଏ କଥା ମୁଁ ଗ୍ୟାରେଣ୍ଟି ଦେଇ କହିପାରିବି।

ଛତ୍ରବଜାର, କଟକ, ମୋ-୯୪୩୭୨୭୪୮୫୭

## ଚିରନ୍ତନୀ

ହମା ରବ ଛାଡି ଛୁଆକୁ ଆଗରେ ଚାହିଁ
ଫେରୁଥିବ ପରା ଗୋଠୁଁ ତା'ର କାଳୀଗାଈ।
କେଉଁ ରମଣୀର ନୟନ ତାହାରି ପଥ
ଚାହିଁ ଚାହିଁ ପୁଣି ଫେରୁଥିବ ଅବିରତ।
(ଏହି ଯେ ପାହାଡ଼)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

# ଖୁବ୍ ଭଲ ହୋଇଛି

ଗନ୍ଧର୍ବସେନ ରଣା

ଈଶ୍ୱର ଯାହା କରନ୍ତି ପ୍ରାଣୀର ମଙ୍ଗଳ ପାଇଁ। ଏହାକୁ ନେଇ ରହିଛି ଏକ ରୋଚକ କାହାଣୀ। ଅରବିନ୍ଦନଗରର ରାଜା ଶୁକଦେବ ଖୁବ୍ ସଚ୍ଚୋଟ, ଦୟାଳୁ ଓ ପରୋପକାରୀ। ତାଙ୍କର ମନ୍ତ୍ରୀ ସୁମତି ଖୁବ୍ ବୁଦ୍ଧିମାନ ଓ ଚରିତ୍ରବାନ। ହେଲେ ତାଙ୍କର ଗୋଟାଏ ଅଭ୍ୟାସ ହେଉଛି- ଯାହା ବି ଘଟୁ 'ଭଲ ହୋଇଛି' ବୋଲି କୁହନ୍ତି। ଥରେ ରାଜା ଶିକାରକୁ ଯିବାବେଳେ ଘୋଡ଼ାରୁ ଖସି ଗୋଡ଼ ଖଣ୍ଡିଆ ହେଲା। ମନ୍ତ୍ରୀ ଦେଖି ଭଲ ହୋଇଛି ବୋଲି କହିଲେ। ରାଜା ଏହାଦ୍ୱାରା ନିଜକୁ ଅପମାନିତ ମନେକେଲେ ଏବଂ ମନ୍ତ୍ରୀଙ୍କୁ ବନ୍ଦୀଶାଳାରେ ରଖି ଶିକାର କରିବାକୁ ଚାଲିଗଲେ। ମନ୍ତ୍ରୀ ପୁଣି କହିଲେ ଭଲ ହୋଇଛି। ଜଙ୍ଗଲରେ ରାଜା ଦସ୍ୟୁମାନଙ୍କ ହାବୁଡ଼ରେ ପଡିଲେ। ସେମାନେ ତାଙ୍କୁ ବଳି ଦେବାକୁ ଜଙ୍ଗଲର ଠାକୁରାଣୀଙ୍କ ପାଖକୁ ନେଇଗଲେ। ଜଣେ ଖଣ୍ଡା ଉଠାଇ ହାଣିବାକୁ ଗଲାବେଳେ ରାଜାଙ୍କ ପାଦ ଖଣ୍ଡିଆ ଦେଖି ଠାକୁରାଣୀ ଖଣ୍ଡିଆ ଲୋକର ବଳି ଖାଆନ୍ତି ନାହିଁ ଭାବି ଛାଡିଦେଲେ। ରାଜା ଅରବିନ୍ଦନଗରରେ ପହଞ୍ଚି ଜାଣିବାକୁ ପାଇଲେ ତାଙ୍କ ସହ ଯାଇଥିବା ସିପାହିମାନେ ଦସ୍ୟୁମାନଙ୍କ ଦ୍ୱାରା ନିହତ ହୋଇଛନ୍ତି। ଏହାପରେ ସେ ମନ୍ତ୍ରୀଙ୍କୁ ବନ୍ଦୀଶାଳାରୁ ବାହାର କରିଆଣି କ୍ଷମା ମାଗିଲେ। ଆଉ କହିଲେ- ଗଲାବେଳେ ମୁଁ ଘୋଡ଼ାରୁ ପଡିବାରୁ ଗୋଡ଼ ଖଣ୍ଡିଆ ହୋଇଯାଇଥିଲା। ସେଥିପାଇଁ ମୁଁ ଆଜି ବଞ୍ଚିକରି ଆସିଲି। ଆଉ ଆଜି ହିଁ ଜାଣୁଛି ପ୍ରକୃତରେ ଭଗବାନ ଯାହା କରନ୍ତି ମଙ୍ଗଳ ପାଇଁ। ମନ୍ତ୍ରୀ କହିଲେ, ଆପଣ ମୋତେ ବି ଯଦି ବନ୍ଦୀ କରି ନ ଥାନ୍ତେ ଓ ମୁଁ ଆପଣଙ୍କ ସହ ଯାଇଥାନ୍ତି, ତେବେ ଆପଣଙ୍କ ବଦଳରେ ସେମାନେ ମୋତେ ବଳି ପକାଇ ଦେଇଥାନ୍ତେ।

## ପାଠକ ଶ୍ରେଷ୍ଠ ବିଚାରକ

### ୫ଟି ଆଧାରରେ କାର୍ଯ୍ୟାନୁଷ୍ଠାନ ହେଉ

ମହାଶୟ,

ଲୋକଙ୍କର ରାଜଧାନୀ ପ୍ରେମ ଦେଖି ଅନେକ ଜମି ମାଫିଆ ଭୁବନେଶ୍ୱର ଉପକଣ୍ଠରେ ଶାଗମାଛ ଦରରେ ଲୋକଙ୍କଠାରୁ କିଣି ପ୍ଲଟିଂ କରି ବିକ୍ରି କଲେ। ଧୀରେ ଧୀରେ ଭୁବନେଶ୍ୱରର କଳେବର ବଢ଼ିଲା। ବିଲ୍‌ଡରମାନେ ପ୍ରଥମେ ରାସ୍ତାକଡ଼ର ଜମିଗୁଡିକୁ ଅଧିକ ଦାମ୍‌ରେ କିଣି ନେଲେ। ପଛ ଜମିକୁ ଯିବା ଲାଗି ଆଉ ରାସ୍ତା ମିଳିଲାନି। ଫଳରେ ଅଧିକ ଦାମ୍‌ରେ ବିକିବାକୁ ଆଶା କରିଥିବା ଲୋକେ ସେହି ଜମି ମାଫିଆମାନଙ୍କୁ କମ୍ ଦରରେ ବିକିବାକୁ ବାଧ୍ୟ ହେଲେ। ସେସବୁ ଜମିର ନା ମ୍ୟୁଟେଶନ ହୋଇପାରୁଛି ନା କନ୍‌ଭରଜନ। ଲୋକେ ୧୫/୨୦ ବର୍ଷ ଅପେକ୍ଷା କରି କରି ସେଠାରେ ଘରଦ୍ୱାର ବି କରିଗଲେଣି। ୨୦୧୮ରେ ବିଜ୍ଞପ୍ତି ପ୍ରକାଶ ପାଇଲା, ଯେଉଁମାନଙ୍କୁ ଜମି ପଟ୍ଟା ମିଳିନାହିଁ ସେମାନେ ତହସିଲ ଅଫିସରେ ଦରଖାସ୍ତ କଲେ ୩ ମାସ ମଧ୍ୟରେ ପଟ୍ଟା ମିଳିବ। କିନ୍ତୁ ଦୁଇବର୍ଷ ଅତିକ୍ରାନ୍ତ ହେବାକୁ ବସିଲାଣି, ପଟ୍ଟା ମିଳିନି। ତେଣୁ ସରକାରଙ୍କୁ ଅନୁରୋଧ, ୫ଟି ନିୟମ ଆଧାରରେ ଏହା ଉପରେ ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରନ୍ତୁ।

ଅକ୍ଷୟ ମହାନ୍ତି, ତେନ୍ତୁଳିପଦା, ଜଗତ୍‌ସିଂହପୁର

### ନୂତନ ଜାତୀୟ ଶିକ୍ଷାନୀତି

ନୂତନ ଜାତୀୟ ଶିକ୍ଷାନୀତିରେ ଗୁଣାତ୍ମକ ଶିକ୍ଷାକୁ ପ୍ରାଥମିକତା ଦେବା ନିହାତି ଜରୁରୀ। ଗୁଣାତ୍ମକ ଶିକ୍ଷା ମାନେ ଯେଉଁ ଶିକ୍ଷା ଦ୍ୱାରା ଜଣେ ଛାତ୍ର ଭଲ ମଣିଷ ଓ ସୁନାଗରିକ ହୋଇପାରିବ। ଏହି ଶିକ୍ଷା କେବଳ ଅର୍ଥ ରୋଜଗାରର ମାଧ୍ୟମ ନ ହୋଇ ଛାତ୍ରୀଛାତ୍ରଙ୍କ ମାନବୀୟ ଗୁଣ ଯଥା ପ୍ରେମ, ଶ୍ରଦ୍ଧା, ସମ୍ମାନ, ଦେଶପ୍ରେମ, ସମାଜ ସେବା ଓ ପରୋପକାର ଆଦି ସଦ୍‌ଗୁଣର ବିକାଶ ଘଟାଇବାରେ ସାହାଯ୍ୟ କରିପାରିବ। କିନ୍ତୁ ଆମ ରାଜ୍ୟରେ ଦିନକୁ ଦିନ ଗୁଣାତ୍ମକ ଶିକ୍ଷାର ମାନ ହ୍ରାସ ପାଇବାରେ ଲାଗିଛି। ସରକାରୀ ଉଦାସୀନତା, ଶିକ୍ଷାର ଘରୋଇକରଣ, ଛାତ୍ରୀଛାତ୍ର ଅନୁପାତରେ ଶିକ୍ଷକ ନିଯୁକ୍ତ ନ ହେବା, ସୀମିତ ଶିକ୍ଷା ବଜେଟ ଓ ଜନସଚେତନତାର ଅଭାବ ଯୋଗୁ ଶିକ୍ଷାର ଦକ୍ଷତା, ବିକାଶ ତଥା ଗୁଣାତ୍ମକ ଅଭିବୃଦ୍ଧି ବାଟବଣା ହୋଇଛି। ପ୍ରସ୍ତାବିତ ନୂତନ ଜାତୀୟ ଶିକ୍ଷାନୀତିରେ ବିଭିନ୍ନ ଶିକ୍ଷା ସଂସ୍କାରର ପ୍ରସ୍ତାବମାନ ଦିଆଯାଇଛି। କିନ୍ତୁ ସେଗୁଡିକର ସଫଳ କାର୍ଯ୍ୟକାରିତା ପାଇଁ ଶିକ୍ଷା ପ୍ରଶାସକଙ୍କ ସହିତ ଶିକ୍ଷକସମାଜର ଗୁରୁଦାୟିତ୍ୱ ରହିବା ଉଚିତ।

ଭଗବାନ ଦାସ, ହରି ନିବାସ, ନାରାୟଣପୁର, କେନ୍ଦ୍ରାପଡ଼ା


ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ପୁରୁଷ 'ରୋଲ୍ ମଡେଲ'

ମାର୍ଚ୍ଚ ୮ରେ ବିଶ୍ୱ ମହିଳା ଦିବସ ପାଳନ କରାଯାଉଛି। ହେଲେ ପୁରୁଷଙ୍କ ପାଇଁ ଏଭଳି ଏକ ଦିବସ ରହିଛି, ତାହା ଅନେକଙ୍କୁ ଜଣାନାହିଁ। କିନ୍ତୁ ପ୍ରତିବର୍ଷ ୧୯ ନଭେମ୍ବରରେ ୭୦ରୁ ଊର୍ଦ୍ଧ୍ୱ ଦେଶରେ ପାଳନ ହୁଏ ଅନ୍ତର୍ଜାତୀୟ ପୁରୁଷ ଦିବସ। ସେହି ବ୍ୟକ୍ତିଙ୍କ ପାଇଁ ଏହି ଦିବସ ପାଳନ କରାଯାଏ, ଯେଉଁମାନଙ୍କର ସମାଜର ମଙ୍ଗଳ ଲାଗି ଅବଦାନ ରହିଛି। ସେମାନଙ୍କୁ ପ୍ରୋତ୍ସାହିତ କରିବା ହେଉଛି ଏହି ଦିବସ ପାଳନର ଲକ୍ଷ୍ୟ। ମହିଳାମାନଙ୍କ ଭଳି ପୁରୁଷମାନେ ମଧ୍ୟ ସମସ୍ୟାରେ ଛନ୍ଦି ହୋଇପଡୁଛନ୍ତି। ବିଶ୍ୱରେ ମହିଳାଙ୍କ ତୁଳନାରେ ୩ ଗୁଣ ଅଧିକ ପୁରୁଷ ଆତ୍ମହତ୍ୟା କରୁଛନ୍ତି। ପ୍ରତି ୩ ଜଣ ପୁରୁଷରେ ଜଣେ ଘରୋଇ ହିଂସାର ଶିକାର ହେଉଛନ୍ତି। ମହିଳାମାନଙ୍କଠାରୁ ୪ରୁ ୫ ବର୍ଷ ପୂର୍ବରୁ

## ଅନ୍ତର୍ଜାତୀୟ ପୁରୁଷ ଦିବସ

ପୁରୁଷଙ୍କର ମୃତ୍ୟୁ ଘଟୁଛି ଓ ୨ଗୁଣ ପୁରୁଷ ହୃଦ୍‌ଘାତର ଶିକାର ହେଉଛନ୍ତି। ଭାରତରେ ପୁରୁଷଙ୍କ ସହ ନାରୀଙ୍କୁ ସମକକ୍ଷ କରିବା ଲାଗି ନାରୀ ସଶକ୍ତୀକରଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି। ଏଣୁ ମହିଳାଙ୍କ ଭଳି ପୁରୁଷମାନଙ୍କ ସାମାଜିକ ତଥା ସ୍ୱାସ୍ଥ୍ୟଗତ ସମସ୍ୟା ଉପରେ ବି ଧ୍ୟାନ ଦିଆଯିବା ପାଇଁ ପୁରୁଷ ଦିବସ ପାଳନକୁ ଗୁରୁତ୍ୱ ଦିଆଯାଉଛି।

ଆମେରିକାର ପ୍ରାଧ୍ୟାପକ ଥୋମାସ ୟଷ୍ଟରଙ୍କ ଉଦ୍ୟମରେ ଏହି ଦିବସ ଆମେରିକା, କାନାଡ଼ା ଓ ୟୁରୋପର କେତେକ ଦେଶରେ ୭ ଫେବୃୟାରୀ ୧୯୯୨ରେ ପ୍ରଥମେ ପାଳନ କରାଯାଇଥିଲା। ପରେ ୧୯୯୯ ନଭେମ୍ବର ୧୯ରେ ତ୍ରିନିଦାଦ ଓ ଟବାଗୋରେ ଡ. ଜେରୋମ ତେଲକ୍‌ସିଂଙ୍କ ଦ୍ୱାରା ଏହି ଦିବସକୁ ବ୍ୟବସ୍ଥିତ ଢଙ୍ଗରେ ପାଳନ କରାଯାଇଥିଲା। ବିଶେଷକରି ପୁରୁଷ ତଥା ବାଳକଙ୍କ ସ୍ୱାସ୍ଥ୍ୟ ପ୍ରତି ଧ୍ୟାନଦେବା, ଲିଙ୍ଗଗତ ସମାନତାକୁ ପ୍ରୋତ୍ସାହନ, ରୋଲ ମଡେଲ ପୁରୁଷମାନଙ୍କ କୃତିକୁ ବିଶେଷ ଭାବେ ଦର୍ଶାଇବା ପାଇଁ ଏହି ଦିବସକୁ ଉତ୍ସର୍ଗୀକୃତ କରାଯାଇଥିଲା। ସମାଜ, ପରିବାର, ବିବାହ, ଶିଶୁଯତ୍ନ ଆଦି ବିଭିନ୍ନ କ୍ଷେତ୍ରରେ ପୁରୁଷଙ୍କର ଉଲ୍ଲେଖନୀୟ ଭୂମିକାକୁ ପ୍ରୋତ୍ସାହନ ଦେବା ନିମନ୍ତେ ଅନ୍ତର୍ଜାତୀୟ ପୁରୁଷ ଦିବସ ସାରା ବିଶ୍ୱରେ ଆଦୃତି ଲାଭ କରିଛି। ଭାରତରେ ପ୍ରଥମେ ୨୦୦୭ରେ ଏହି ଦିବସ ପାଳନ କରାଯାଇଥିଲା। ପୁରୁଷଙ୍କ ଅଧିକାର ପାଇଁ ଲଢେଇ କରୁଥିବା ସଂସ୍ଥା 'ସେଭ୍ ଇଣ୍ଡିଆନ ଫ୍ୟାମିଲି' ଦ୍ୱାରା ପ୍ରଥମେ ଏହା ଭାରତରେ ପାଳନ କରାଯାଇଥିଲା। ପରେ ଅଲ୍ ଇଣ୍ଡିଆ ମେନ୍‌ସ ୱେଲ୍‌ଫେୟାର ଆସୋସିଏଶନ' ମହିଳା ବିକାଶ ମନ୍ତ୍ରଣାଳୟ ଭଳି ପୁରୁଷ ବିକାଶ ମନ୍ତ୍ରଣାଳୟ ଖୋଲିବା ପାଇଁ ଭାରତ ସରକାରଙ୍କୁ ଦାବି ଜଣାଇଥିଲା। ସେହିପରି ପୁରୁଷଙ୍କ ଉପରେ ହେଉଥିବା ଅତ୍ୟାଚାର ଓ ମିଥ୍ୟା ମକଦ୍ଦମା ବିରୋଧରେ ଗତ ମାସରେ ମହାତ୍ମା ଗାନ୍ଧୀଙ୍କ ୧୫୦ତମ ଜୟନ୍ତୀ ଅବସରରେ ଦେଶର ବିଭିନ୍ନ ରାଜ୍ୟର ପୀଡିତ ପତିମାନେ ଦିଲ୍ଲୀ ଯନ୍ତରମନ୍ତରରେ ବିରୋଧ ପ୍ରଦର୍ଶନ କରିଥିଲେ। ଦିଲ୍ଲୀ, ହରିୟାଣା, ଉତ୍ତରପ୍ରଦେଶ, ରାଜସ୍ଥାନ ଓ ହିମାଚଳ ପ୍ରଦେଶ ଆଦି ରାଜ୍ୟର ପୀଡିତ ପୁରୁଷମାନେ ପୁରୁଷ କମିଶନ ଗଠନ ଲାଗି କେନ୍ଦ୍ର ସରକାରଙ୍କୁ ଦାବି ଜଣାଇଥିଲେ। ୨୦୧୯ରେ ଏହି ଦିବସର ସ୍ଲୋଗାନ ରହିଛି ' ମେକିଂ ଏ ଡିଫରେନ୍ସ ଫର୍ ମେନ୍ ଆଣ୍ଡ ବୟଜ୍'।

*ହିନ୍ଦୀରେ କଥା ଅଛି 'ମର୍ଦ କୋ ଦର୍ଦ ନେହିଁ ହୋତା' ଅର୍ଥାତ୍ ପୁରୁଷକୁ କଷ୍ଟ ହୁଏ ନାହିଁ। ବାସ୍ତବରେ ଏହା ପୁରୁଷର ସହିଯିବା ଗୁଣକୁ ପ୍ରତିପାଦିତ କରୁଛି। ପୁରୁଷକୁ ମଧ୍ୟ ଅନେକ କଥା ଦୁଃଖ ଓ ଯନ୍ତ୍ରଣା ଦେଇଥାଏ, ଆଖିରେ ଲୁହ ଆଣିଦିଏ। କିନ୍ତୁ ସମାଜ ଓ ପରିବାରର ବୃହତ୍ତର ସ୍ୱାର୍ଥ ଭିତରେ ସେ ଦୁଃଖ ଓ ଯନ୍ତ୍ରଣାକୁ ହଜାଇଦିଏ। ଏଭଳି ଅନେକ ପୁରୁଷ ରୋଲ୍ ମଡେଲଙ୍କ ପାଇଁ ଦୁନିଆ ଉପକୃତ ହୋଇଛି। ମହିଳା ଓ ଶିଶୁଙ୍କ ଯତ୍ନ, ସୁରକ୍ଷା ଏବଂ ଜୀବନଧାରଣ ପାଇଁ ଏକ ବଡ଼ ଅବଦାନ ରହିଛି। ତେଣୁ ସେହି ପୁରୁଷମାନଙ୍କୁ ପ୍ରୋତ୍ସାହିତ କରିବାକୁ ଯାଇ ପାଳିତ ହେଉଛି ଅନ୍ତର୍ଜାତୀୟ ପୁରୁଷ ଦିବସ। ଏହି ଉପଲକ୍ଷେ ବିଭିନ୍ନ ବର୍ଗର ଲୋକଙ୍କ ମତକୁ ନେଇ ଏହି ଉପସ୍ଥାପନା...*

### ସମସ୍ତେ ସମାନ



ଇଣ୍ଟରନ୍ୟାଶନାଲ ମେନ୍‌ସ ଡେ' ପାଳନ କରିବା ଏକ ଭଲ କନ୍‌ସେପ୍ଟ। ଏହାଦ୍ୱାରା ମହିଳାଙ୍କ ଭଳି ପୁରୁଷମାନେ ମଧ୍ୟ ନିଜକୁ ସ୍ପେଶାଲ ମନେକରିପାରିବେ। ହେଲେ ଏ ସମ୍ପର୍କରେ ଅଧିକ ସଚେତନତାର ଆବଶ୍ୟକତା ରହିଛି। ଉଭୟ ମହିଳା ଓ ପୁରୁଷ ସମାନ ଏବଂ ସମାଜ ପାଇଁ ସମସ୍ତଙ୍କର ସମାନ ଅବଦାନ ରହୁଛି। ଆମମାନଙ୍କର ମଧ୍ୟ ଆମ ଇମୋଶନ ଶେୟାର କରିବାର ଅଧିକାର ଅଛି, କାନ୍ଦିବାର ଅଧିକାର ଅଛି ଓ ନିଜ ସମସ୍ୟା ସମ୍ପର୍କରେ କହିବାର ଅଧିକାର ଅଛି। ଆମେ ମେଲ୍ ବୋଲି ଏହା ଅର୍ଥ ନୁହେଁ ଯେ, ଆମେ କାନ୍ଦିପାରିବୁନି କି ନିଜ ଇମୋଶନ ଦେଖାଇପାରିବୁନି। ଏହା ସମସ୍ତେ ବୁଝିବା ଆବଶ୍ୟକ।

–ଏମ୍.ଭି. ରମଣ, ସଫ୍ଟୱେର୍ ଇଞ୍ଜିନିୟର

### ନିଜ ଅଧିକାର ସମ୍ପର୍କରେ ସଚେତନ ହୁଅ



ଯାହା ବି ଘଟଣା ହେଉ ନା କାହିଁକି, ସମାଜ ସବୁବେଳେ ପୁରୁଷଙ୍କୁ ଦୋଷ ଦିଏ। ପୁରୁଷମାନେ ନିଜ ଅଧିକାର ଓ ନିଜ ସପକ୍ଷରେ ଥିବା ଆଇନ ସମ୍ପର୍କରେ ଅବଗତ ହେଉ ନ ଥିବାରୁ ସବୁବେଳେ ଦୋଷୀ ସାବ୍ୟସ୍ତ ହୁଅନ୍ତି। ସବୁକ୍ଷେତ୍ରରେ ନ ହେଲେ ବି, ଯୌତୁକ ଓ ଇଭ୍ ଟିଜିଂ ଭଳି ମାମଲାରେ ମହିଳାମାନେ ନିଜ ସପକ୍ଷରେ ଥିବା ଆଇନର ଅପବ୍ୟବହାର କରି ପୁରୁଷଙ୍କୁ ହଇରାଣ କରୁଛନ୍ତି। ଦୋଷ ନଥାଇ ମଧ୍ୟ ଦଣ୍ଡ ପାଉଛନ୍ତି। ଇକ୍ୟୁଆଲିଟି ଓ ଏମ୍‌ପାୱାର କଥା କୁହାଯାଉଥିଲେ ବି ଏବେ ମଧ୍ୟ ମହିଳାଙ୍କୁ ଅବଳା ଦୁର୍ବଳା ଭାବି ପୁରୁଷଙ୍କ ଉପରେ ସବୁ ଦୋଷ ଲଦି ଦିଆଯାଉଛି। ଏକ୍ଷେତ୍ରରେ ଆଇନର ପରିବର୍ତ୍ତନ ହେବା ଆବଶ୍ୟକ। ପ୍ରତ୍ୟେକ ପୁରୁଷ ନିଜ ଅଧିକାର ସମ୍ପର୍କରେ ସଚେତନ ହେବା ଆବଶ୍ୟକ।

– ଅବିନାଶ ଜେନା, ରିସର୍ଚ୍ଚ ଅଫିସର, ଆଇଆଇଏଚ୍‌ଏମ୍‌ଆର୍

### ମୋ ବାବା ମୋ ରୋଲ୍ ମଡେଲ

ଆଗରୁ ମହିଳା ଓ ପୁରୁଷମାନଙ୍କ ମଧ୍ୟରେ ଯେଉଁ ସାମାଜିକ ବ୍ୟବଧାନ ରହୁଥିଲା ତାହାକୁ ଦୂର କରିବା ସହ ସମାନତା ଆଣିବା ଲାଗି ସରକାର ବିଭିନ୍ନ ପ୍ରକାର ଆଇନ ଓ ନିୟମ ଆଣିଲେ। ଏହା ସାହାଯ୍ୟରେ ମହିଳାମାନେ ପୁରୁଷଙ୍କ ଭଳି ଶିକ୍ଷିତ ଓ ରୋଜଗାରକ୍ଷମ ହୋଇ ସେମାନଙ୍କ ସମକକ୍ଷ ହେବାରେ ଆଜି ସଫଳ ହୋଇଛନ୍ତି। ପିଲାବେଳୁ ମୁଁ ଦେଖିଆସିଛି ଆମ ଘରେ ମୋ ବାବା ଆମ ୩ ଭାଇ ଭଉଣୀଙ୍କୁ ସମାନ ଭାବେ ବଡ଼ କରିଛନ୍ତି। କେବେ ସେ ପୁଅ ଝିଅର ଫରକ ଦେଖିନାହାନ୍ତି। ମୋ ମତରେ ଝିଅକୁ ଅଧିକ ନୁହେଁ କି ପୁଅକୁ ଅଧିକ ନୁହେଁ, ସମସ୍ତଙ୍କୁ ସମାନ ଭାବିବା ଉଚିତ୍। ଛୋଟବେଳୁ ନିଜ ପିଲାଙ୍କୁ ଏହି ଧାରଣା ସହ ବଡ଼ କରିବା ଉଚିତ୍। ଘରୁ ପରିବର୍ତ୍ତନ ହେଲେ ସମାଜ ବଦଳିବ।



– ଦୀପ୍ତି, ସିନିୟର୍ ଟାକ୍ସ ଆନାଲିଷ୍ଟ

### ଆଇନ କ୍ଷେତ୍ରରେ ଇକ୍ୟୁଆଲିଟି ଦରକାର



ଜେଣ୍ଡର ଇକ୍ୟୁଆଲିଟି ନାଁ ରେ ମୋ ମତରେ ବର୍ତ୍ତମାନ ସମୟରେ କିଛିଟା ପାର୍ସିଆଲିଟି ହେଉଛି। ଆଇନ କାନୁନ୍ ସମସ୍ତଙ୍କ ପାଇଁ ସମାନ ହେବା ଦରକାର। ଯଦି ମହିଳାମାନେ ସବୁକ୍ଷେତ୍ରରେ ଇକ୍ୟୁଆଲିଟି ଚାହୁଁଛନ୍ତି ତା' ହେଲେ ଆଇନ କ୍ଷେତ୍ରରେ ମଧ୍ୟ ସମାନତା ଅଣାଯିବା ଦରକାର। ଆଇନ କେବେ ମହିଳା ଓ ପୁରୁଷଙ୍କ ମଧ୍ୟରେ ଫରକ ଦେଖିବା ଉଚିତ୍ ନୁହେଁ। ମୁଁ ଖୁସି ଯେ ଧୀରେ ଧୀରେ ସମୟ ବଦଳୁଛି। ସୁପ୍ରିମକୋର୍ଟ ପୁରୁଷମାନଙ୍କ ବିରୋଧରେ ଥିବା ଅନେକ ଆଇନରେ ପରିବର୍ତ୍ତନ ଆଣୁଛନ୍ତି। ଫେମିନିଜିମ୍ ଏକ ଭଲ କନ୍‌ସେପ୍ଟ। ହେଲେ ଏହାକୁ କେତେ ଜଣ ଭୁଲ୍ ଅର୍ଥରେ ନେଉଛନ୍ତି। ନିଜକୁ ଫେମିନିଜିମ୍ କହିବା ଆଗରୁ ପ୍ରଥମେ ଫେମିନିଜିମ୍ କ'ଣ ତାହା ଜାଣିବା ଆବଶ୍ୟକ। ଫ୍ୟାମିଲି, ମ୍ୟାରେଜ ଓ କମ୍ୟୁନିଟିରେ ଉଭୟ ମହିଳା ଓ ପୁରୁଷଙ୍କର ସମାନ ଅବଦାନ ରହୁଛି। କେତେକ କ୍ଷେତ୍ରରେ ମହିଳାମାନେ ଅଧିକ କଣ୍ଟ୍ରିବ୍ୟୁଟ୍ କରୁଛନ୍ତି।

– ଶାଶ୍ୱତ ପାଢୀ, ଫଟୋଗ୍ରାଫର

### ମହିଳାଙ୍କ ଭଳି ପୁରୁଷଙ୍କୁ ସଂରକ୍ଷଣ ମିଳୁ

ଯୌତୁକ ନିର୍ଯାତନାରୁ ଆରମ୍ଭକରି ବଳାତ୍କାର ମାମଲା ପର୍ଯ୍ୟନ୍ତ, କେତେକ କ୍ଷେତ୍ରରେ ପୁରୁଷମାନେ ନିର୍ଯାତନାର ଶିକାର ହେଉଛନ୍ତି। ମିଛ ବଳାତ୍କାର ମାମଲାରେ ସେମାନଙ୍କ ନାଁ, ଗାଁ ଠିକଣା ସବୁକିଛି ଗଣମାଧ୍ୟମରେ ପ୍ରକାଶ ପାଉଛି ଓ ସେମାନଙ୍କ ଭବିଷ୍ୟତ ସବୁଦିନ ପାଇଁ ନଷ୍ଟ ହୋଇଯାଉଛି। ପରେ ନିର୍ଦ୍ଦୋଷ ସାବ୍ୟସ୍ତ ହେଲେ ମଧ୍ୟ କୋର୍ଟ ସେମାନଙ୍କ ହଜିଯାଇଥିବା ସମ୍ମାନ ଫେରାଇ ପାରୁଛି କି। ସେମିତି ବିବାହ ବିଚ୍ଛେଦ ପରେ କ'ଣ ପାଇଁ ଜଣେ ପୁରୁଷକୁ ହିଁ ମେଣ୍ଟେନାନ୍ସ ଅର୍ଥ ଦେବାକୁ ପଡୁଛି। ଇକୁଆଲ ରାଇଟ୍ସ କଥା କେବଳ କାଗଜ କଲମରେ ରହିଯାଉଛି।



– ବ୍ୟୋମକେଶ ତ୍ରିପାଠୀ, ଆବାହକ, ପୁରୁଷ କମିଶନ

### ଆଇନ ପରିବର୍ତ୍ତନ ହେଉଛି



ବର୍ତ୍ତମାନ ସମୟରେ ପୁରୁଷ ଦିବସ ପାଳନ କରିବାର ଆବଶ୍ୟକତା ବଢିଯାଇଛି। ପୂର୍ବରୁ ଶାରୀରିକ ଓ ମାନସିକ ସ୍ତରରେ ପୁରୁଷମାନେ ମହିଳାଙ୍କୁ ନିର୍ଯାତନା ଦେଉଥିଲେ। ହେଲେ ଏବେ ସମୟ ବଦଳିଯାଇଛି। କେତେ ଜଣ ମହିଳା ଆଇନର ଅପବ୍ୟବହାର କରି ନିଜର ଫାଇଦା ଉଠାଇବା ସହ ପୁରୁଷଙ୍କୁ ହଇରାଣ କରୁଥିବା ଦେଖିବାକୁ ମିଳୁଛି। ଏନେଇ ନିକଟରେ ସୁପ୍ରିମକୋର୍ଟ ଓ ହାଇକୋର୍ଟ ଗୁରୁତ୍ୱପୂର୍ଣ୍ଣ ରାୟ ଦେଇଛନ୍ତି। ଯଦି କୌଣସି ମହିଳା ପୁରୁଷଙ୍କ ଉପରେ ନିର୍ଯାତନା ଘଟଣାରେ ଅଭିଯୋଗ ଆଣନ୍ତି, ତେବେ ପୋଲିସ ଉକ୍ତ ଅଭିଯୋଗ ଆଧାରରେ ତୁରନ୍ତ ଜଣେ ପୁରୁଷଙ୍କୁ ଗିରଫ କରିପାରିବ ନାହିଁ। ଘଟଣାର ଉଚିତ ତଦନ୍ତ କରି ପୋଲିସ କାର୍ଯ୍ୟାନୁଷ୍ଠାନ ନେଉଛି, ଯାହାକି ଏକ ଭଲ ପଦକ୍ଷେପ। ମହିଳା ଓ ପୁରୁଷ ସମାଜର ପରିପୂରକ ଅଙ୍ଗ। ସେମାନଙ୍କର ଶାନ୍ତିପୂର୍ଣ୍ଣ, ପ୍ରେମପୂର୍ଣ୍ଣ ଓ ସମ୍ମାନଜନକ ସହବସ୍ଥାନର ଆବଶ୍ୟକ ରହିଛି।

– କମଳାକାନ୍ତ ଦାସ, ପ୍ରଫେସର, ନ୍ୟାଶନାଲ ଲ' ୟୁନିଭର୍ସିଟି




ନଭେମ୍ବର ୧୯: ଅନ୍ତର୍ଜାତୀୟ ପୁରୁଷ ଦିବସ

ଦେଖନ୍ତୁ ଭିଡିଓ

YouTube /dharitrilive

FORM NO. 13
BEFORE THE DEBTS RECOVERY TRIBUNAL, CUTTACK, ORISSA
C-71, SECTOR-7, CDA, CUTTACK, ODISHA
O.A. NO.: 592 OF 2019

Branch Manager, Corporation Bank, Talcher Branch .....Applicant
Versus
Sri Subrat Kumar Sahoo & Others .....Defendant[s]

To,
1) **Sri Subrat Kumar Sahoo,** S/o: Sri Kailash Chandra Sahoo, At/PO: Karnapur, PS: Vikrampur, Dist.: Angul-759103.
2) **Sri Ajaya Kumar Sahoo,** S/o: Sri Kailash Chandra Sahoo, At/PO: Karnapur, PS: Vikrampur, Dist.: Angul-759103.

SUMMONS BY PAPER PUBLICATION
FOR SHOWING CAUSE AS TO WHY THE RELIEF PRAYED SHOULD NOT BE GRANTED

Take notice that the applicant has instituted an **O.A. No. 592 of 2019** in the Court of the Debts of Recovery Tribunal, Cuttack for recovery of **Rs.13,81,839.50** only together with current and future interest, costs and other reliefs. The above mentioned defendants are therefore, directed to appear before this Tribunal in person or through an Advocate or duly authorized agent, in support of their defense to show cause within **30 days** from the date of publication or on **08.01.2019 at 10.30 am** as to why reliefs prayed for should not be granted.

Take notice that in case of default, the application will be heard and determined in their absence.

Given under my hand and seal of this Tribunal on this **14th day of November, 2019.**

Sd/- R.P. Patnaik
REGISTRAR (I/C)

DADLS-52



ରାଜ୍ୟସ୍ତରୀୟ ଜାତୀୟ ସଂହତି ଦିବସ
୧୯ ନଭେମ୍ବର ୨୦୧୯

ସାଧାରଣ ସଭା
ସମୟ – ସନ୍ଧ୍ୟା ଘ.୫.୩୦ ମିନିଟ୍ ସ୍ଥାନ – ଜୟଦେବ ଭବନ

ମୁଖ୍ୟ ଅତିଥି – **ଶ୍ରୀଯୁକ୍ତ ରଘୁନନ୍ଦନ ଦାସ**
ମାନ୍ୟବର ମନ୍ତ୍ରୀ, ଜଳ ସମ୍ପଦ, ସୂଚନା ଓ ଲୋକସମ୍ପର୍କ ବିଭାଗ

ବିଶିଷ୍ଟ ଅତିଥି – **ଶ୍ରୀଯୁକ୍ତ ମାନସ ରଞ୍ଜନ ମଙ୍ଗରାଜ**
ଉପଦେଷ୍ଟା, ଓଡ଼ିଶା ସରକାର (ଗଣମାଧ୍ୟମ ଓ ଲୋକସମ୍ପର୍କ)

ସମ୍ମାନିତ ଅତିଥି – **ଶ୍ରୀଯୁକ୍ତ ଅନନ୍ତ ନାରାୟଣ ଜେନା**
ମାନ୍ୟବର ବିଧାୟକ (ମଧ୍ୟ) ଭୁବନେଶ୍ୱର
**ଶ୍ରୀଯୁକ୍ତ ସୁଶାନ୍ତ କୁମାର ରାଉତ**
ମାନ୍ୟବର ବିଧାୟକ, (ଉତ୍ତର) ଭୁବନେଶ୍ୱର

ମୁଖ୍ୟବକ୍ତା – **ପ୍ରଫେସର ସୂର୍ଯ୍ୟ ନାରାୟଣ ମିଶ୍ର**
ବିଶିଷ୍ଟ ଶିକ୍ଷାବିତ୍

**କୃତୀ ଛାତ୍ରଛାତ୍ରୀମାନଙ୍କୁ ପୁରସ୍କାର ଓ ପ୍ରମାଣ ପତ୍ର ପ୍ରଦାନ।**

**ବିରଜା ରଥ ଓ ସାଥୀ କଳାକାରମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ।**

ସୂଚନା ଓ ଲୋକସମ୍ପର୍କ ବିଭାଗ ଆନୁକୂଲ୍ୟରେ ଆୟୋଜିତ ଉପରୋକ୍ତ କାର୍ଯ୍ୟକ୍ରମରେ ଯୋଗଦେବାକୁ ଅନୁରୋଧ ।

ନିର୍ଦ୍ଦେଶକ
ସୂଚନା ଓ ଲୋକସମ୍ପର୍କ ବିଭାଗ

15001/13/0081/1920

ବ୍ୟାଙ୍କ ଅଫ୍ ଇଣ୍ଡିଆ Bank of India BOI

**ବ୍ୟାଙ୍କ ଅଫ୍ ଇଣ୍ଡିଆ**
କଟକ ଶାଖା, ସା: ନୟାସଡ଼କ, ପୋ: ଚାନ୍ଦିନୀଚୌକ, ଥାନା: ଲାଲବାଗ, କଟକ-୭୫୩୦୦୨, ଫୋନ୍ ନଂ.: ୦୬୭୧-୨୫୧୬୮୪୦/୨୫୧୯୮୪୦

**ଦଖଲ ନୋଟିସ୍**
ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ ୨୦୦୨ର [ରୁଲ୍ -୮(୧)]

ନିମ୍ନ ସ୍ୱାକ୍ଷରକାରୀ **ବ୍ୟାଙ୍କ ଅଫ୍ ଇଣ୍ଡିଆ** ର କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକ୍ସନ୍ ଅଫ ଫାଇନାନ୍‌ସିଆଲ ଆସେଟସ୍ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ ୨୦୦୨ ଏବଂ ଧାରା ୧୩ (୧୨) ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ ୨୦୦୨ର ରୁଲ୍ ୮ ରେ ଦିଆଯାଇଥିବା କ୍ଷମତା ଅନୁଯାୟୀ ନିମ୍ନଲିଖିତ ଋଣଗ୍ରହୀତା ଏବଂ ଜାମିନ୍‌ଦାରମାନଙ୍କୁ ଡ଼ିମାଣ୍ଡ ନୋଟିସ୍ ଜାରିକରି କଥିତ ନୋଟିସ୍ ମାଧ୍ୟମରେ ନୋଟିସ୍ ଦର୍ଶିତ ଅର୍ଥରାଶି ସହିତ ସେବାବଦ ସୁଧ ଏବଂ ଖର୍ଚ୍ଚ କଥିତ ନୋଟିସ୍ ତାରିଖ ଠାରୁ **୬୦ ଦିନ** ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା।

ଯେହେତୁ ଋଣଗ୍ରହୀତା ଦେୟ ପଇଠ କରିବାରେ ବିଫଳ ହେଲେ, ତେଣୁ ଏହି ନୋଟିସ୍ ମାଧ୍ୟମରେ ଋଣଗ୍ରହୀତା, ଜାମିନ୍‌ଦାରମାନଙ୍କୁ ଏବଂ ସର୍ବସାଧାରଣଙ୍କୁ ଜଣାଇ ଦିଆଯାଉଅଛି ଯେ, ନିମ୍ନ ସ୍ୱାକ୍ଷରକାରୀଙ୍କ ଦ୍ୱାରା ଉପର କଥିତ ଆଇନର ଧାରା ୧୩(୪) ଓ କଥିତ ରୁଲ୍ସର ରୁଲ୍ ୮ ଅନୁଯାୟୀ ନିମ୍ନଲିଖିତ ସମ୍ପତ୍ତି **ଦଖଲ**କୁ ନିଆଯାଇଅଛି। ତେଣୁ ବିଶେଷକରି ଋଣଗ୍ରହୀତା, ଜାମିନ୍‌ଦାରମାନଙ୍କୁ ଏବଂ ସର୍ବସାଧାରଣଙ୍କୁ ସତର୍କ କରାଇ ଦିଆଯାଉଛି ଯେ ନିମ୍ନଲିଖିତ ସମ୍ପତ୍ତି ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ଏହି ସମ୍ପତ୍ତି ଉପରେ କୌଣସି କାରବାର ପାଇଁ ନିମ୍ନରେ ଦର୍ଶାଯାଇଥିବା ଦେୟ ରାଶି ସହିତ ସେବାବଦ ସୁଧ ଏବଂ ଖର୍ଚ୍ଚ ନିମନ୍ତେ **ବ୍ୟାଙ୍କ ଅଫ୍ ଇଣ୍ଡିଆ, କଟକ ଶାଖା** ନିକଟରେ ଉତ୍ତରଦାୟୀ ରହିବେ। **ଏତଦ୍‌ଦ୍ୱାରା ଋଣଗ୍ରହୀତାମାନଙ୍କ ଦୃଷ୍ଟି ଆକର୍ଷଣ କରାଯାଉଅଛି କି କଥିତ ଆକ୍ଟର ଧାରା ୧୩ର ଉପଧାରା (୮)ର ବ୍ୟବସ୍ଥା ଅନୁଯାୟୀ ସେମାନଙ୍କର ସୁରକ୍ଷିତ ବନ୍ଧକ ସମ୍ପତ୍ତିକୁ ସମୟ ଥିବା ପୂର୍ବରୁ ବନ୍ଧକ ମୁକ୍ତ କରନ୍ତୁ।**

| ଋଣଗ୍ରହୀତା /ଜାମିନ୍‌ଦାରମାନଙ୍କ ନାମ ଏବଂ ଠିକଣା | ନୋଟିସ୍ ଅନୁଯାୟୀ ବକେୟା ପରିମାଣ | ଡିମାଣ୍ଡ ନୋଟିସ୍ ତାରିଖ/ଦଖଲ ତାରିଖ | ସ୍ଥାବର ସମ୍ପତ୍ତିର ବିବରଣୀ |
|---|---|---|---|
| **ଋଣଗ୍ରହୀତା:** ମେସର୍ସ ତିରୁପତି ରିସୋର୍ସେସ୍ ପ୍ରା. ଲି., **ନିର୍ଦ୍ଦେଶକମାନେ: ୧) ଶ୍ରୀ ପ୍ରସନ୍ନଜିତ ମହାନ୍ତି,** ଶାନ୍ତି କୁଞ୍ଜ, ଲିଙ୍କ୍ ରୋଡ୍, କଟକ-୭୫୩୦୧୨, **୨) ଶ୍ରୀମତୀ ସୁଜାତା ନାୟକ,** ପ୍ଲଟ୍ ନଂ.: ୮୧, ଶକ୍ତି ନଗର, ଲିଙ୍କ୍ ରୋଡ୍, କଟକ-୭୫୩୦୧୨ / **ଜାମିନ୍‌ଦାର: ଶ୍ରୀ ପ୍ରଫୁଲ୍ଲ କୁମାର ପଟ୍ଟନାୟକ,** ପ୍ଲଟ୍ ନଂ.: ୧୯୫/୬୬୯, ପାଇକ ନଗର, ଭୁବନେଶ୍ୱର-୭୫୧୦୦୩ | ଟ.୮୦,୯୨,୪୫୩.୩୮ + ୨୦.୦୪.୨୦୧୯ ଠାରୁ ସୁଧ ଏବଂ ସେବାବଦ ଖର୍ଚ୍ଚ | ୦୪.୦୬.୨୦୧୬ / ୧୫.୧୧.୨୦୧୯ | ଶ୍ରୀ ପ୍ରଫୁଲ୍ଲ କୁମାର ପଟ୍ଟନାୟକ (ଜାମିନ୍‌ଦାର) ଙ୍କ ନାମରେ ଥିବା ଜମି/ଜମି ଏବଂ ଗୃହ ଆଦି ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ଖାତା ନଂ.: ୧୮୪/୫୯, ପ୍ଲଟ୍ ନଂ.: ୧୯୫/୬୬୯, କ୍ଷେତ୍ର: ଏକର୦.୪୫ଡିସିମିଲି ଏବଂ ପ୍ଲଟ୍ ନଂ.: ୧୯୯/୬୭୦, କ୍ଷେତ୍ର: ଏକର୦.୦୧୭ଡିସିମିଲି, ମୌଜା: ପାଇକନଗର, ଥାନା: ନିଉ କ୍ୟାପିଟାଲ ନଂ. ୩୪, ଏସ୍‌ଆରଓ: ଭୁବନେଶ୍ୱର, ସିଟି/ଟାଉନ୍: ଭୁବନେଶ୍ୱର, କିସମ: ଘରବାରି-ଦୁଇ, ଏହାର ଚାରିପାର୍ଶ୍ୱରେ- ଉତ୍ତର: ରାସ୍ତା, ଦକ୍ଷିଣ: ସବ୍ ପ୍ଲଟ୍-୧୯, ପୂର୍ବ: ରାସ୍ତା ଏବଂ ପଶ୍ଚିମ: ସବ୍ ପ୍ଲଟ୍-୧୩ |

ତାରିଖ : ୧୮.୧୧.୨୦୧୯
ସ୍ଥାନ : କଟକ

କ୍ଷମତାପ୍ରାପ୍ତ ଅଧିକାରୀ,
ବ୍ୟାଙ୍କ ଅଫ୍ ଇଣ୍ଡିଆ

SBI **ଭାରତୀୟ ଷ୍ଟେଟ୍ ବ୍ୟାଙ୍କ**
କ୍ଷେତ୍ରୀୟ ବ୍ୟବସାୟିକ କାର୍ଯ୍ୟାଳୟ, କ୍ଷେତ୍ର-୨, ମଧୁପାଟଣା, ଲିଙ୍କ୍ ରୋଡ୍, କଟକ-୭୫୩୦୧୦

**ଦଖଲ ନୋଟିସ୍**
(ସ୍ଥାବର ସମ୍ପତ୍ତି ନିମନ୍ତେ) [ରୁଲ୍ ୮(୧)]

**ସରଫେଶୀ ଆକ୍ଟ ୨୦୦୨ର ଧାରା ୧୩(୪) ଅନୁଯାୟୀ ଦଖଲ ନିଆଯାଇଥିବା ସମ୍ପତ୍ତି ସମ୍ବନ୍ଧୀୟ ବିଜ୍ଞପ୍ତି ପ୍ରକାଶନ**

ଏତଦ୍‌ଦ୍ୱାରା ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକସନ ଅଫ୍ ଫାଇନାନ୍‌ସିଆଲ୍ ଆସେଟସ୍ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ ୨୦୦୨ (୨୦୦୨ ର ୫୪) ଏବଂ ଧାରା ୧୩(୧୨) ଅନୁଯାୟୀ ପ୍ରଦତ୍ତ କ୍ଷମତା ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନଫୋର୍ସମେଣ୍ଟ) ରୁଲ୍ସ ୨୦୦୨ର ରୁଲ ୯ ଅନୁଯାୟୀ ନିମ୍ନଲିଖିତ ଆକାଉଣ୍ଟଗୁଡିକୁ ନିମ୍ନଦର୍ଶିତ ତାରିଖରେ ଡିମାଣ୍ଡ ନୋଟିସ୍ ଜାରି କରାଯାଇ ନୋଟିସ୍ ମାଧ୍ୟମରେ ଦର୍ଶାଯାଇଥିବା ଋଣ ରାଶି କଥିତ ନୋଟିସ୍ ପାଇବାର **୬୦ ଦିନ** ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା।

ଯେହେତୁ ଋଣଗ୍ରହୀତାମାନେ ଋଣ ପଇଠ କରିପାରିଲେ ନାହିଁ, ତେଣୁ ଏହି ନୋଟିସ୍ ମାଧ୍ୟମରେ ଋଣଗ୍ରହୀତା/ଜାମିନ୍‌ଦାରମାନଙ୍କୁ ଏବଂ ସର୍ବସାଧାରଣଙ୍କୁ ଜଣାଇ ଦିଆଯାଉଅଛି ଯେ ଉପରକଥିତ ଆକ୍ଟର ଧାରା ୧୩(୪) ସହିତ କଥିତ ଆକ୍ଟର ରୁଲ ୯ ରେ ଦିଆଯାଇଥିବା କ୍ଷମତା ଅନୁଯାୟୀ ନିମ୍ନସ୍ୱାକ୍ଷରକାରୀ ନିମ୍ନରେ ବର୍ଣ୍ଣିତ ସମ୍ପତ୍ତିଗୁଡିକୁ ନିମ୍ନଦର୍ଶିତ ତାରିଖରେ **ଦଖଲ** ନେଇଛନ୍ତି। ତେଣୁ ବିଶେଷତଃ ଋଣଗ୍ରହୀତା/ଜାମିନ୍‌ଦାରମାନଙ୍କୁ ଏବଂ ସର୍ବସାଧାରଣଙ୍କୁ ଏତଦ୍‌ଦ୍ୱାରା ଜଣାଇ ଦିଆଯାଉଛି ଯେ, ନିମ୍ନଲିଖିତ ସମ୍ପତ୍ତିଗୁଡ଼ିକ ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ଉକ୍ତ ସମ୍ପତ୍ତିଗୁଡିକ ଉପରେ କୌଣସି କାରବାର କଲେ ନିମ୍ନରେ ଦର୍ଶାଯାଇଥିବା ରାଶି ସହିତ ସୁଧ ଏବଂ ସେବାବଦ ଅନ୍ୟାନ୍ୟ ଖର୍ଚ୍ଚ ନିମନ୍ତେ **ଭାରତୀୟ ଷ୍ଟେଟ୍ ବ୍ୟାଙ୍କ** ନିକଟରେ ଉତ୍ତରଦାୟୀ ରହିବେ। **ଏତଦ୍‌ଦ୍ୱାରା ଋଣଗ୍ରହୀତାମାନଙ୍କ ଦୃଷ୍ଟି ଆକର୍ଷଣ କରାଯାଉଅଛି କି କଥିତ ଆକ୍ଟର ଧାରା ୧୩ର ଉପଧାରା (୮)ର ବ୍ୟବସ୍ଥା ଅନୁଯାୟୀ ସେମାନଙ୍କର ସୁରକ୍ଷିତ ବନ୍ଧକ ସମ୍ପତ୍ତିକୁ ସମୟ ଥିବା ପୂର୍ବରୁ ବନ୍ଧକ ମୁକ୍ତ କରନ୍ତୁ।**

| ବଡ଼ମ୍ବା ଶାଖା / ଋଣଗ୍ରହୀତାମାନଙ୍କ ନାମ ଏବଂ ଠିକଣା | ଜାମିନ୍‌ଦାରଙ୍କ ନାମ ଓ ଠିକଣା / ସମ୍ପତ୍ତିର ମାଲିକ | ବନ୍ଧକପ୍ରାପ୍ତ ସମ୍ପତ୍ତିର ବିବରଣୀ | ଡିମାଣ୍ଡ ନୋଟିସ୍ ତାରିଖ | ଦଖଲ ତାରିଖ | ବକେୟା ପରିମାଣ |
|---|---|---|---|---|---|
| **ଋଣଗ୍ରହୀତା: ଶ୍ରୀମତୀ ସଞ୍ଜୁ ଜେନା,** ସ୍ୱାମୀ: ଗିରିଧାରୀ ଜେନା, ସା/ପୋ: କରଡିବନ୍ଧ, ବଡ଼ମ୍ବା, ଜିଲ୍ଲା: କଟକ | **ଜାମିନ୍‌ଦାରମାନେ: ୧) ଶ୍ରୀ ଗିରିଧାରୀ ଜେନା, ୨) ଶ୍ରୀ ଶ୍ରୀଧର ଜେନା,** ପିତା: ବେଣୁଧର ଜେନା, **୩) ବିଦୁ ଦେଇ,** ସ୍ୱାମୀ: ଗୋପାଳ ବାରିକ, **୪) ଶ୍ରୀମତୀ ଅପର୍ଣ୍ଣା ବରାଡ଼,** ସ୍ୱାମୀ: ମାଧବ ବରାଡ଼, ସମସ୍ତଙ୍କ ଠିକଣା- ବଡ଼ମ୍ବା, ଜିଲ୍ଲା: କଟକ / **ସମ୍ପତ୍ତିର ମାଲିକ: ଶ୍ରୀ ଶ୍ରୀଧର ଜେନା** | ଶ୍ରୀ ଶ୍ରୀଧର ଜେନାଙ୍କ ନାମରେ ଥିବା ଜମି ଏବଂ ଗୃହ ଆଦି ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ମୌଜା: କରଡିବନ୍ଧ, ଖାତା ନଂ.: ୮୧୬/୩୫୫, ପ୍ଲଟ୍ ନଂ.: ୧୭୦୯, କ୍ଷେତ୍ର: ଏକର୦.୦୫ଡିସିମିଲି ଏବଂ ପ୍ଲଟ୍ ନଂ.: ୧୭୧୦, କ୍ଷେତ୍ର: ଏକର୦.୧୨୦ଡିସିମିଲି, କିସମ: ଘରବାରି | ୨୭.୦୮.୨୦୧୯ | ୧୫.୧୧.୨୦୧୯ | ୦୨.୦୮.୨୦୧୯ ସୁଦ୍ଧା ଟ.୪,୯୩,୭୨୭/- + ସୁଧ ଏବଂ ସେବାବଦ ଖର୍ଚ୍ଚ |
| **ଋଣଗ୍ରହୀତାମାନେ: ଶ୍ରୀ କୈଳାଶ ଚନ୍ଦ୍ର ଗୋଛି,** ପିତା: ଲୋକନାଥ ଗୋଛି ଏବଂ **ଶ୍ରୀ ରଞ୍ଜନ କୁମାର ଗୋଛି,** ପିତା: ଶ୍ରୀ କୈଳାଶ ଚନ୍ଦ୍ର ଗୋଛି, ଉଭୟଙ୍କ ଠିକଣା- ସା: ସାନବାରସିଂହ, ପୋ: ରଗଡିପଡା, ଥାନା: ବଡ଼ମ୍ବା, ଜିଲ୍ଲା: କଟକ | ସମ୍ପତ୍ତିର ମାଲିକ: ଶ୍ରୀ କୈଳାଶ ଚନ୍ଦ୍ର ଗୋଛି | ଶ୍ରୀ କୈଳାଶ ଚନ୍ଦ୍ର ଗୋଛିଙ୍କ ନାମରେ ଥିବା ଜମି ଏବଂ ଗୃହ ଆଦି ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ମୌଜା: ସାନବାରସିଂହ, ଖାତା ନଂ.: ୩୨୮, ପ୍ଲଟ୍ ନଂ.: ୫୩୨, କ୍ଷେତ୍ର: ଏକର୦.୦୨ଡିସିମିଲି, କିସମ: ଘରବାରି, ଏହାର ଚାରିପାର୍ଶ୍ୱରେ- ପୂର୍ବ: ପଦ୍ମନାଭ ଗୋଛି, ପଶ୍ଚିମ: ଭିକାରୀ ଜେନା, ଉତ୍ତର: ଚନ୍ଦ୍ର ଶେଖର ଗୋଛି, ଦକ୍ଷିଣ: ରାସ୍ତା | ୨୭.୦୮.୨୦୧୯ | ୧୫.୧୧.୨୦୧୯ | ୦୨.୦୮.୨୦୧୯ ସୁଦ୍ଧା ଟ.୪,୪୧,୨୯୫/- + ସୁଧ ଏବଂ ସେବାବଦ ଖର୍ଚ୍ଚ |
| **ଋଣଗ୍ରହୀତା: ଶ୍ରୀ ଆନନ୍ଦ ଚନ୍ଦ୍ର ଜେଠୀ,** ପିତା: ମୁକୁନ୍ଦ ଜେଠୀ, ସା: ଇନ୍ଦ୍ରାଙ୍ଗ, ପୋ/ଥାନା: ବଡ଼ମ୍ବା, ଜିଲ୍ଲା: କଟକ | **ଜାମିନ୍‌ଦାର: ଶ୍ରୀ ସୁରେଶ କୁମାର ବେହେରା,** ପିତା: ନିମେଇଁ ବେହେରା / **ସମ୍ପତ୍ତିର ମାଲିକ: ଶ୍ରୀ ଆନନ୍ଦ ଚନ୍ଦ୍ର ଜେଠୀ** | ଶ୍ରୀ ଆନନ୍ଦ ଚନ୍ଦ୍ର ଜେଠୀଙ୍କ ନାମରେ ଥିବା ଜମି ଏବଂ ଗୃହ ଆଦି ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ମୌଜା: ଇନ୍ଦ୍ରାଙ୍ଗ, ଥାନା/ତହସିଲ: ବଡ଼ମ୍ବା, ଜିଲ୍ଲା: କଟକ, ଖାତା ନଂ.: ୨୦୨/୫୪, ପ୍ଲଟ୍ ନଂ.: ୧୦୭୧/୧୫୯୯, କ୍ଷେତ୍ର: ଏକର୦.୦୪ଡିସିମିଲି, କିସମ: ଘରବାରି, ଏହାର ଚାରିପାର୍ଶ୍ୱରେ- ପୂର୍ବ: କାର୍ତ୍ତିକ ଜେଠୀ, ପଶ୍ଚିମ: କାହ୍ନୁ ଜେଠୀ, ଉତ୍ତର: ରାସ୍ତା, ଦକ୍ଷିଣ: ମକୁନ୍ଦ ଜେଠୀ | ୨୭.୦୮.୨୦୧୯ | ୧୫.୧୧.୨୦୧୯ | ୧୦.୦୬.୨୦୧୯ ସୁଦ୍ଧା ଟ.୧୦,୩୭,୦୮୬/- + ସୁଧ ଏବଂ ସେବାବଦ ଖର୍ଚ୍ଚ |

ତାରିଖ: ୧୮.୧୧.୨୦୧୯
ସ୍ଥାନ: କଟକ

ସ୍ୱା/-କ୍ଷମତାପ୍ରାପ୍ତ ଅଧିକାରୀ,
ଭାରତୀୟ ଷ୍ଟେଟ୍ ବ୍ୟାଙ୍କ

## ସଂକ୍ଷେପରେ

### ୨୦ରେ ଏନ୍ଏଚ୍ରୁ ଉଚ୍ଛେଦ ହେବ ଜବରଦଖଲ

ଜୟପୁର,୧୮।୧୧(ଡି.ଏନ୍.ଏ.) କୋରାପୁଟ ଜିଲା ଜୟପୁର ଗାନ୍ଧିଛକ ଠାରୁ ସହରର ବିଭିନ୍ନ ସ୍ଥାନରେ ଜାତୀୟ ରାଜପଥ ଜବରଦଖଲକାରୀଙ୍କୁ ଆସନ୍ତା ୨୦ ତାରିଖ ଉଚ୍ଛେଦ କରାଯିବ । ଏଥିନେଇ ଜାତୀୟ ରାଜପଥ ବିଭାଗ ପକ୍ଷରୁ ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ରହିଥିବା ବେଳେ ପ୍ରଶାସନ ଓ ପୋଲିସ ସହାୟତାରେ ଏହି ଉଚ୍ଛେଦ କାର୍ଯ୍ୟ ଆରମ୍ଭ କରାଯିବ । ଗତ ୧୫ ତାରିଖରେ ଉଚ୍ଛେଦ ନିମନ୍ତେ ଜାତୀୟରାଜପଥ କର୍ତ୍ତୃପକ୍ଷ ପ୍ରସ୍ତୁତ ହୋଇଥିଲେ । କିନ୍ତୁ ୧୬ ତାରିଖ ଠାରୁ ଜିଲାସ୍ତରୀୟ ମହୋତ୍ସବ ପରବ ପାଳନ ନିମନ୍ତେ ପ୍ରଶାସନ ଏବଂ ପୋଲିସ ବିଭାଗ ମୁଖ୍ୟ ଦାୟିତ୍ୱରେ ରହିଥିବା ଯୋଗୁଁ ଏହାକୁ ୨୦ ତାରିଖକୁ ଘୁଞ୍ଚାଇ ଦିଆଯାଇଥିଲା । ଏହିପରି ରାସ୍ତାର ପ୍ରଶସ୍ତିକରଣ ଏବଂ ନୂତନ ଭାବେ ନିର୍ମାଣ ନିମନ୍ତେ ଟେଣ୍ଡର ଏବଂ ଠିକାସଂସ୍ଥା ସହିତ ଚୁକ୍ତିନାମା ଶେଷ ହୋଇଛି । କିନ୍ତୁ ଜବରଦଖଲ ଯୋଗୁଁ ଏହାର ନିର୍ମାଣ କାର୍ଯ୍ୟ ଆରମ୍ଭ ହେବାର ଅନ୍ୟ ଏକ ମୁଖ୍ୟ କାରଣ ରହିଛି । ବାରିଣିପୁଟ ଠାରୁ ବୋରିଗୁମ୍ମା ମଧ୍ୟରେ ପ୍ରାୟ ୨୫ କିଲୋମିଟର ଜାତୀୟ ରାଜପଥର ଉଭୟ ପାର୍ଶ୍ୱରେ ଜବରଦଖଲ ଉଚ୍ଛେଦ କରାଯିବ । ଏହିପରି ରଣ୍ଡାପାଲୀ, ଆମ୍ବାଗୁଡା, କୁମୁଲିପୁଟ, ଉମୁରୀ ପ୍ରମୁଖ ଗ୍ରାମରେ ଉଚ୍ଛେଦ କରାଯିବ । ସେହିପରି ଜୟପୁର ସହରର ଗାନ୍ଧିଛକରୁ ନୂଆବସଷ୍ଟାଣ୍ଡ ପାର୍ଶ୍ୱରେ ଦୀର୍ଘ ଦିନ ରହିଥିବା ଯାନବାହାନ ଏବଂ ଜବରଦଖଲରେ ରହିଥିବା ଗ୍ୟାରେଜ ଏବଂ ଅନ୍ୟାନ୍ୟ ଅସ୍ଥାୟୀ ଦୋକାନ ଗୁଡିକ ଉଚ୍ଛେଦ ହେବ । କିନ୍ତୁ ସରକାରୀ ବସଷ୍ଟାଣ୍ଡ ନିକଟରେ ରହିଥିବା ସୁଲଭ ଶୌଚାଳୟ ଉଙ୍ଗା ଯିବା ନେଇ ସନ୍ଦେହ ସୃଷ୍ଟି ହୋଇଛି । ଏହାକୁ ଜାତୀୟ ରାଜପଥ ବିଭାଗର ଜମି ଉପରେ ନିର୍ମାଣ କରାଯାଇଛି ।




## ପରବ ପଡ଼ିଆରେ ୫୦ ହଜାର ଦର୍ଶକଙ୍କୁ ନଚେଇଲା ଲୋକନୃତ୍ୟ

# ମୋହିଲା ବିହୁ, ଗାଦବା, ଘୁମୁରା, ମାହାରୀ

କୋରାପୁଟ,୧୮।୧୧(ସ୍ୱ.ପ୍ର.)

କୋରାପୁଟ ଲାଣ୍ଡିଗୁଡ଼ା ପଡ଼ିଆରେ ଅନୁଷ୍ଠିତ ୨୪ତମ ରାଜ୍ୟସ୍ତରୀୟ ପରବ-୨୦୧୯ର ଉଦ୍‌ଯାପନୀ ସନ୍ଧ୍ୟାରେ ସୋମବାର ପ୍ରବଳ ଜନ ସମାଗମ ହୋଇଛି। କୋରାପୁଟ ଜିଲା କୋଟପାଡ଼ର ଢେମସା ନୃତ୍ୟ, ଇଜେଡ୍‌ସିସି କଲକାତାର ପୁରୁଲିଆ ଛଉ, ଆସାମର ବିହୁ ନାଚ ପରବ ପଡ଼ିଆରେ ପ୍ରାୟ ୫୦ ହଜାର ଦର୍ଶକଙ୍କ ମନ ମୋହିଛି। ସେହିପରି କୋରାପୁଟ ଜିଲା ଲମତାପୁଟର ଗାଦବା ନୃତ୍ୟ, କନ୍ଧମାଳର ଘୁମୁରା, କୋରାପୁଟ କଳାନିକେତନର ଓଡ଼ିଶୀ, ପୁରୀର ମାହାରି ନୃତ୍ୟ ମଧ୍ୟ ମଞ୍ଚରେ ରଙ୍ଗ ଭରିଛି।

ଉଦ୍‌ଯାପନୀ ଦିବସରେ ରାଜ୍ୟ ହସ୍ତତନ୍ତ ଓ ବୟନଶିଳ୍ପ ମନ୍ତ୍ରୀ ପଦ୍ମିନୀ ଦିଆନ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପରବ ମାଧ୍ୟମରେ ଜିଲାର ବହୁ ଲୁକ୍କାୟିତ ପ୍ରତିଭା ଲୋକଲୋଚନକୁ ଆସିବା ସହ ଜିଲାର ସାମଗ୍ରିକ ବିକାଶ ଘଟିଛି ବୋଲି ପ୍ରକାଶ ରିଥିଲେ । କୋରାପୁଟ ଜିଲାପାଳ ମଧୁସୂଦନ ମିଶ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ସମ୍ମାନିତ ଅତିଥି ଭାବେ ହାଲ୍‌ର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଦେବାଶିଷ ଦେବ, ନାଲ୍‌କୋ ଦାମନଯୋଡ଼ିର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ରବିଶଙ୍କର ଦାସ, ପୂର୍ବତନ କ୍ରୀଡ଼ାମନ୍ତ୍ରୀ ଚନ୍ଦ୍ରସାରଥୀ ବେହେରା, କୋରାପୁଟ ବିଧାୟକ ରଘୁରାମ ପଡାଲ, ବିହନ ନିଗମ ଅଧ୍ୟକ୍ଷ ଈଶ୍ୱର ଚନ୍ଦ୍ର ପାଣିଗ୍ରାହୀ, ପଦ୍ମଶ୍ରୀ କମଳା ପୂଜାରୀ, ଜିଲା ପରିଷଦ ଅଧ୍ୟକ୍ଷା ତୁଳସୀ କିର୍ସାନୀ, ଅତିରିକ୍ତ ଜିଲାପାଳ ଦେବେନ ପ୍ରଧାନ ଯୋଗ ଦେଇଥିଲେ। ମଞ୍ଚରେ କଳାକାର ଦଳଗୁଡ଼ିକୁ ପରବ ମୋମେଣ୍ଟୋ ଦେଇ ସମ୍ମାନିତ କରିଥିଲେ ଅତିଥି। ସେହିପରି ଉଦ୍‌ଯାପନୀ ଉତ୍ସବରେ ପରବ ଶାବରୀ ସମ୍ମାନ କନ୍ଧମାଳ ଏମ୍‌ପି ଅଚ୍ୟୁତ ସାମନ୍ତଙ୍କୁ ଦିଆଯାଇଥିଲା। ସେ ମଞ୍ଚରେ ଅନୁପସ୍ଥିତ ଥିଲେ। ଡାକ୍ତର ରତିକାନ୍ତ ଖଟୁଆ, ଲକ୍ଷ୍ମୀପୁରର ଚାଷୀ ସାରଥି ମୁସ୍କା, ଜୟପୁରର ବିଶୁ ଶିଶା, ପଞ୍ଚାନନ ମିଶ୍ର, ନନ୍ଦପୁରର କୁଶ ଅରଲାବଙ୍କୁ ପରବ ପ୍ରତିଭା ସମ୍ମାନରେ ସମ୍ବର୍ଦ୍ଧିତ କରାଯାଇଥିଲଶ। ଦ୍ୱିତୀୟ ସନ୍ଧ୍ୟାରେ ସାହିତ୍ୟ କ୍ଷେତ୍ରରେ ଅଧ୍ୟାପକ ରବୀ ଶତପଥୀ ଓ ଅନ୍ୟ ୪ ଜଣଙ୍କୁ ପରବ ସମ୍ମାନ ଦିଆଯାଇଥିଲା। ଚଳିତ ବର୍ଷ ପରବ ଅବସରରେ ହୋଇଥିବା ଜାତୀୟ ପଲ୍ଲିଶ୍ରୀ ମେଳା, ହସ୍ତତନ୍ତ ଶିଳ୍ପ, ଫୁଡ୍ ବଜାର ସହ ଜିଲାର ବିଭିନ୍ନ ଯୋଜନା ସଫଳତାର ଝଲକ ୩୦୦ଟି ଷ୍ଟଲରେ ଦେଖିବାକୁ ମିଳିଥିଲା । ପରବ ମଣ୍ଡପରେ କୋରାପୁଟର ପ୍ରତିଷ୍ଠିତ ଉପସ୍ଥାପିକା ଓ ଉପସ୍ଥାପକଙ୍କ ମଞ୍ଚ ସଂଯୋଜନା ଦର୍ଶକଙ୍କୁ ବାନ୍ଧି ରଖିଥିଲା।



■ ୫ ଜଣଙ୍କୁ ପରବ ପ୍ରତିଭା ସମ୍ମାନ
■ କନ୍ଧମାଳ ଏମ୍‌ପିଙ୍କୁ ଶାବରୀ ସମ୍ମାନ

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଏକୁଟିଆ ବାହାଡ଼ା,**
**ମୁଣ୍ଡି ମୁଣ୍ଡି ସାହାଡ଼ା ।**

କାହା ସାଙ୍ଗରେ ମିଳାମିଶା ନାହିଁ କି କାହାକୁ ସାହାଯ୍ୟ କରିବାକୁ ମନୋବୃତ୍ତି ନାହିଁ। ତେବେ ସହଯୋଗ ଓ ସଂହତି ବିନା ମାନବ ଜୀବନର ପରିପୂର୍ଣ୍ଣତା ଅସମ୍ଭବ। ସବୁବେଳେ ଏକୁଟିଆ ହୋଇ ବସି ରହୁଥିବା ବ୍ୟକ୍ତିଙ୍କ ପ୍ରତି ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ଏକା ଚାହାଳିର ପାଠ,**
**ଏକା ଅବଧାନ ଚାଟ ।**

ଉଭୟ କ୍ଷେତ୍ରରେ ଶିକ୍ଷାଦାନ ପ୍ରଣାଳୀ ତଥା ଶିକ୍ଷାଦୀକ୍ଷା ସବୁ ସମାନ । ପରୋକ୍ଷରେ ସମସ୍ତେ ଏକା ଭଳିଆ, ଏକା ପ୍ରକାର। କେତେଜଣ ବ୍ୟକ୍ତି ସମ ପ୍ରକୃତିର ହୋଇଥାନ୍ତି। ତାଙ୍କ ନୀତି ଓ ସ୍ୱଭାବରେ କୌଣସି ପ୍ରଭେଦ ରହୁ ନ ଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ
-ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

## ୨ କଲେଜର ୱେବ୍‌ସାଇଟ୍ ହ୍ୟାକ୍

ଜୟପୁର,୧୮।୧୧(ଡି.ଏନ୍.ଏ.)

କୋରାପୁଟ ଜିଲା ଜୟପୁର ସହରର ଦୁଇଟ ମୁଖ୍ୟ ଶିକ୍ଷାନୁଷ୍ଠାନ ବିକ୍ରମଦେବ ସ୍ୱୟଂଶାସିତ ମହାବିଦ୍ୟାଳୟ ଓ ସରକାରୀ ମହିଳା ମହାବିଦ୍ୟାଳୟର ୱେବସାଇଟ ସୋମବାର ସନ୍ଧ୍ୟାରେ କିଛି ସମୟ ପାଇଁ ହ୍ୟାକ୍ ହୋଇଛି। ଏହା ଟେକ୍ ବାଇଟ୍ ନାମକ ଏକ ସଂସ୍ଥା ଦ୍ୱାରା ହ୍ୟାକ୍ ହୋଇଥିବା ଜଣାପଡ଼ିଛି। ବିକ୍ରମଦେବ ସ୍ୱୟଂଶାସିତ ମହାବିଦ୍ୟାଳୟର ଅଧ୍ୟକ୍ଷା ଡ. ରଚନା ଆଚାର୍ଯ୍ୟ ଏପରି ସମସ୍ୟା ହୋଇଥିବା ସ୍ୱୀକାର କରିଛନ୍ତି। ବିକ୍ରମଦେବ ସ୍ୱୟଂଶାସିତ ମହାବିଦ୍ୟାଳୟ କର୍ତ୍ତୃପକ୍ଷ ତୁରନ୍ତ ସାଇଟ୍ ଡେଭଲପ୍ କରିଥିବା ସଂସ୍ଥା ନ୍ୟାଟଫରଣ୍ଟକୁ ଅବଗତ କରିଥିଲେ। ଉକ୍ତ ସଂସ୍ଥା ଆନୁସଙ୍ଗିକ ବ୍ୟବସ୍ଥା କରି ସନ୍ଧ୍ୟାରେ ହିଁ ଏହାକୁ ଠିକ୍ କରିଥିଲା। ସେହିପରି ମହିଳା ମହାବିଦ୍ୟାଳୟ ପକ୍ଷରୁ ଚଳିତ ଶିକ୍ଷାବର୍ଷରୁ ୱେବସାଇଟ ଆରମ୍ଭ ହୋଇଥିଲେ ସୁଦ୍ଧା ଏହାର ସୁରକ୍ଷା ପାଇଁ ସର୍ଟିଫାଏଡ ହୋଇ ନ ଥିବା ଯୋଗୁ ସାଇବର ଆକ୍ରମଣର ଆଶଙ୍କା ରହିଛି। କେତେକ ଅସାଧୁ ବ୍ୟକ୍ତି ଓ ସଂସ୍ଥା ଏପରି ହ୍ୟାକ୍ କରୁଥିବା ଡେଭେଲପମେଣ୍ଟ ସଂସ୍ଥାର ବରିଷ୍ଠ କର୍ମଚାରୀ ସାଧୁ ଛେତ୍ରିଆ ପ୍ରକାଶ କରିଛନ୍ତି।

## ଟୋକନ ପାଇଁ ଅଡୁଆରେ ଚାଷୀ

ଜୟପୁର,୧୮।୧୧(ନି.ପ୍ର.)

ରାଜ୍ୟ ସରକାର ଅନଲାଇନରେ ଟୋକନ ଦ୍ୱାରା ଧାନ ବିକ୍ରି ବ୍ୟବସ୍ଥା କରିବା ପରେ ଅଡୁଆରେ ପଡ଼ିଛନ୍ତି ଚାଷୀ। ଏହି ବ୍ୟବସ୍ଥାକୁ କୋରାପୁଟ ଜିଲା ଚାଷୀ କଲ୍ୟାଣ ମଞ୍ଚର ସମ୍ପାଦକ ନରେନ୍ଦ୍ର ପ୍ରଧାନ ବିରୋଧ କରିଛନ୍ତି। ସରକାର ଚାଷୀଙ୍କ ଉତ୍ପାଦିତ ଦ୍ରବ୍ୟକୁ ନେଇ ରାଜନୀତି କରୁଥିବା ସେ କହିଛନ୍ତି। ଚାଷୀ ଋଣ ଆଣି ଚାଷ କରୁଥିବା ବେଳେ ଉତ୍ପାଦିତ ଦ୍ରବ୍ୟ ବିକି ଏହା ଶୁଝିବାକୁ ଭାବିଛି। କିନ୍ତୁ ଧାନ ବିକ୍ରି କରି ନ ପାରିଲେ ଠିକ୍ ସମୟରେ ଋଣ ଶୁଝି ନପାରି ୨ ପରିବର୍ତ୍ତେ ୧୪ ପ୍ରତିଶତ ଚକ୍ରବୃଦ୍ଧି ସୁଧ ଦେବାକୁ ପଡ଼ିବ । ତେଣୁ ଟୋକନ ବ୍ୟବସ୍ଥାକୁ କୃଷକ କଲ୍ୟାଣ ମଞ୍ଚ ବିରୋଧ କରିଛି।


# CLASSIFIED DISPLAY

MORE SPACE • SAME PRICE

TARIFF

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

GST 5%

ALL EDITION - B/W (Everyday)
for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165

FINANCE

SRI RAM FINANCE
Govt. Regd.
ଆପଣଙ୍କୁ ଟଙ୍କା ଦରକାର କି ? ଆମକୁ କୁହନ୍ତୁ. ଆମେ କରିବୁ ଆପଣଙ୍କ ସପ୍ନକୁ ସାକାର । ସବୁ ପ୍ରକାର ଋଣ ମାତ୍ର ୧% ସୁଧରେ, ୫୦୦୦୦ ରୁ ୨୦୦୦୦୦ ପର୍ଯ୍ୟନ୍ତ ଋଣ ମାତ୍ର ୨୪ଘଣ୍ଟା ଭିତରେ ପାଆନ୍ତୁ ।
ଠକଙ୍କ ପ୍ରତି ସାବଧାନ
Trylokya Apartment, New Bus stand Baripada, Odisha.
8763895023

!! ଋଣ ଋଣ ଋଣ !!
1ରୁ 50 ଲକ୍ଷ ପର୍ଯ୍ୟନ୍ତ
ଗୃହ ଋଣ, ମାର୍କଶିଟ୍, ପର୍ସନାଲ୍, ବ୍ୟବସାୟ, କୃଷି, ପ୍ରପର୍ଟି, କୁକୁଡ଼ା ପାଳନ, ଇଟାଭାଟି, ଆଧାରକାର୍ଡ, ରାଶନକାର୍ଡ, ସମୂହ ଋଣ
ବେରୋଜଗାର ମହିଳାଙ୍କ ପାଇଁ ବିଶେଷ ରିହାତି
1% ସୁଧ 50% ରିହାତି
!! ରିଦ୍ଧି ଫାଇନାନ୍ସ !!
E-mail :- ridhifinanceonlinem.p@gmail.com
9911473748
Add : - 41/14, Sec-1 Pushp Vihar, Delhi

ପାଠକଙ୍କ ପାଇଁ ସୂଚନା: ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ନବବର୍ଷର ଶୁଭ ଅବସରରେ
ଭାରତର ନଂ.1 କମ୍ପାନୀ, 1984ଠାରୁ ଆପଣଙ୍କ ସେବାରେ
ଧନଲକ୍ଷ୍ମୀ ଫାଇନାନ୍ସ ପ୍ରା. ଲିଃ REG. NO. BG3274CH1122
ଆଧାରକାର୍ଡ, ଏଗ୍ରିକଲ୍ଚର, ମାର୍କଶିଟ୍, ପର୍ସନାଲ, ପ୍ରପର୍ଟି, BPL ଋଣ ମାତ୍ର 24 ଘଣ୍ଟାରେ
2% ସୁଧ 40% ରିହାତି
ଠକାମିର ଶିକାର ହୋଇଥିବା ବ୍ୟକ୍ତି ଥରେ ନିଶ୍ଚୟ କଲ୍ କରନ୍ତୁ
ମହିଳା ଓ ବିଦ୍ୟାର୍ଥୀଙ୍କ ପାଇଁ ରିହାତି
9499135756
B-34/7 A Block Vijay Enclave, Bururi, New Delhi

BARSA FINANCE
ବ୍ୟବସାୟ, ପର୍ସନାଲ, ପ୍ରପର୍ଟି, ମାର୍କଶିଟ୍, କୃଷି, ଶିକ୍ଷା, କୁକୁଡ଼ା ପାଳନ ଓ ଗୃହ ଋଣ । ସମସ୍ତ ପ୍ରକାର
LOAN BARSA FINANCE
ଯୋଗାଇ ଦେଉଛି । ସୁଧ=1%
MOB-9853098838
7656825259
7656825281
Add - 61/25, SEC-2, Pushp Vihar, Delhi - Laing, Sundargarh, Odisha

E-MUDRA FINANCE
All Odisha
★ Mudra Loan
★ Cash Credit Loan
★ Vehicle Loan
★ Agriculture Loan
★ Personal Loan
★ Business Loan
★ Mortgage Loan
★ Housing Loan
All types of Loan@ 1% Interest 50% Subsidy Fund Received in 24 Hours
9614873562
B-34/A Block, Vijay Enclave, Burari, New Delhi

ନବବର୍ଷର ଶୁଭ ଅବସରରେ
ଋଣ ଧମାକା ଋଣ ଧମାକା ଋଣ ଧମାକା
ଗ୍ଲୋବାଲ ଫାଇନାନ୍ସ ଲିଃ ISO: 9001:2011 Regd. Company
ଆଧାରକାର୍ଡ, ଏଗ୍ରିକଲ୍ଚର, ମାର୍କଶିଟ୍, ପର୍ସନାଲ, ପ୍ରପର୍ଟି, BPL ସମସ୍ତ ଋଣ 3-4 ଦିନରେ
2% ସୁଧ 40% ରିହାତି
ଠକାମିର ଶିକାର ହୋଇଥିବା ବ୍ୟକ୍ତି ଥରେ ନିଶ୍ଚୟ କଲ୍ କରନ୍ତୁ
9415725066
H.No. 12, Sohana Distt. Mohali

ଥରେ ସେବାର ସୁଯୋଗ ନିଶ୍ଚୟ ଦିଅନ୍ତୁ
LOAN
ଟଙ୍କା ନେଉନ୍ତୁ, ଧୋକା ଦେଉନ୍ତୁ
ସମଗ୍ର ଓଡ଼ିଶାରେ ପ୍ରଥମ ଥର ପାଇଁ
ମୁଦ୍ରା ଫାଇନାନ୍ସ
ମାର୍କଶିଟ୍ | ପ୍ରପର୍ଟି
ଆଧାରକାର୍ଡ | ପର୍ସନାଲ
ପଶୁପାଳନ | ଗୃହ ଋଣ
ବ୍ୟବସାୟ | ଗ୍ରୁପ୍ ଋଣ
ଏଗ୍ରିକଲ୍ଚର ଋଣ
ସବୁ ପ୍ରକାର ଋଣ
2% ସୁଧ - 50% ଛାଡ଼ ସହିତ
24 ଘଣ୍ଟାରେ ଘରେ ବସି ଉପଲବ୍ଧ
ଠକମାନଙ୍କ ପ୍ରତି ସାବଧାନ
7289948952
7289999543
SCF-14, Aggarwal Estate, South Delhi

EDUCATION

CONGRATULATIONS TO ALL SUCCESSFUL STUDENTS OF OCS (MAIN) EXAM.-2018
LISAS'IAS CELEBRATES 27th YEAR OF SUCCESS
FREE GUIDANCE FOR OAS (VIVA-VOCE)
BATCH STARTS FROM 17.11.2019
LISAS' SUCCESS IN OAS
2017 : 41 (5 in Top 20)
2016 : 58 (4 in Top 20)
2015 : 155 (6 in Top 20)
2011 : 154 (Topper, 5 in Top 10 & 10 in Top 20)
2010 : 180 (Lady Topper & 6 in Top 10)
2000 : 93 (Topper, Lady Topper & 6 in Top 10)
1997 : 55 (Topper, Lady Topper)
1996 : 7 (Topper)
1995 : 7
LISAS'IAS
2, Budha Nagar (Near Kalpana Chowk), BBSR-6
☎ 9338222113
9337594620
CORRESPONDENCE COURSE ALSO AVAILABLE

BUSINESS

Galaxy Telecom Network Company
ଖାଲିଥିବା ଜମି, କ୍ଷେତ ଓ ଛାତ ସବୁ ସ୍ଥାନରେ ଡିଜିଟାଲ ଉପକରଣ ବସାଇ ଅଗ୍ରୀମ 90,000,00/-, ଭଡ଼ା 50,000/- ଟଙ୍କା ପାଆନ୍ତୁ । ଜଣକୁ ଚାକିରି ମିଳିବ । ମାତ୍ର ୪୮ ଘଣ୍ଟାରେ ଜମି ଯାଞ୍ଚ ଓ ଉପକରଣ ସ୍ଥାପନ + ମୋବାଇଲ + ବାଇକ୍+ 30,000ର ଅନ୍ୟାନ୍ୟ ସୁବିଧା
Plot No 124, MG Road, DLF City Centre Mall, MG Road, Gurgaon, Haryana, 122003.
6204090239
8227843135

ଡାଇରେକ୍ଟ କମ୍ପାନୀର ଡିଜିଟାଲ ଟାୱାର୍
ଟାୱାର୍ କମ୍ପାନୀ ଭାରତ ସରକାରଙ୍କ ଦ୍ୱାରା ସ୍ୱୀକୃତିପ୍ରାପ୍ତ କମ୍ପାନୀ
ନିଜର ଖାଲି ଜମି, ଛାତ, କ୍ଷେତ, ପ୍ଲଟ୍ ଉପରେ ଡିଜିଟାଲ୍ ଟାୱାର୍ ଲଗାନ୍ତୁ । ଅଗ୍ରିମ ୨୦ ଲକ୍ଷ, ଭଡ଼ା ୬୦ ହଜାର + ବାଇକ୍ । 20 ବର୍ଷର କୋର୍ଟ ଏଗ୍ରିମେଣ୍ଟ ।
7838639856
8826558929

ASTROLOGY

ଶକ୍ତିର ଦେଖନ୍ତୁ ଚମତ୍କାର
ସମସ୍ୟା ହୋଇଥାଉ ଯେଉଁଠି ନା କାହିଁକି ସମାଧାନ ଅଛି ମୋ ପାଖରେ ଏଇଠି
2 ଘଣ୍ଟାରେ 100% ସମାଧାନ
ଯେପରିକି: ବ୍ୟବସାୟ ବନ୍ଧନ, ବିବାହରେ ବାଧା, ଗୃହକ୍ଲେଶ, ପ୍ରେମ ବିବାହ, ବିଦେଶ ଯାତ୍ରା, ସଉତୁଣୀ, ଶତ୍ରୁ ମୁକ୍ତି, ଯାଦୁ ଟୋନା ପୋଡାଧନ, ଜୁଆ-ସଟ୍ଟା, ଗୁଣିଗାରେଡ଼ି, ସ୍ୱାମୀ ସ୍ତ୍ରୀଙ୍କ ମନୋମାଳିନ୍ୟ, ଶାରୀରିକ କଷ୍ଟ, ଚାକିରି, କୋର୍ଟ ମାମଲା, ମାନସିକ ଚାପ।
ଆମର ଅଛି ଜ୍ଞାନ ଆମେ ହିଁ କରିବୁ ସବୁ ସମସ୍ୟାର ସମାଧାନ କାରଣ ଆମକୁ ହିଁ ମିଳିଛି ପୂର୍ବପୁରୁଷଙ୍କ ବରଦାନ।
7578028866
ସ୍ପେ. ପୋଡାଧନ, ସଟ୍ଟା, ଜୁଆ, ବଶୀକରଣ, ମୁଠକରଣୀ ଓ ବ୍ୟବସାୟ
ବାବା କବିର ଖାନ ହାଜି ଅଲି ୱାଲେ
ତାରିଣୀ ମନ୍ଦିର ପାଖ, ଆନନ୍ଦ ବଜାର, ଭୁବନେଶ୍ୱର
9599320079

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଘୋଷଣା
ବ୍ୟବସାୟ, ପ୍ରେମରେ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଲେଶ ଓ ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ ମାମଲା, ଗୁପ୍ତରୋଗରେ ଔଷଧ କାମ ନ କରିବା, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ବଶୀକରଣ, ଗୁଣିଗାରେଡ଼ି, ବିବାହରେ ବାଧା, ମନପସନ୍ଦ ପ୍ରେମ।
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ ଯଦି କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ କାଟିଦିଅନ୍ତି ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବାବା ଆମିଲ ସୁଫି
9540938429
9903852257
ରାମ ମନ୍ଦିର, ସତ୍ୟନଗର, ଭୁବନେଶ୍ୱର

ଆମଠାରୁ ଆଗେ କାମ କରିଥିବା ଲୋକଙ୍କୁ ଦାବି ମୁତାବକ ପୁରସ୍କାର
ଖୋଲା ଚ୍ୟାଲେଞ୍ଜ ତନ୍ତ୍ର ମନ୍ତ୍ର ସମ୍ରାଟ
ଘରେ ବସି 2 ଘଣ୍ଟାରେ ସମାଧାନ
ବାବା କମାଲ ଖାନ୍
ବଶୀକରଣ ମୁଠକରଣୀ ସ୍ପେଶାଲିଷ୍ଟ
ପ୍ରେମବିବାହ, ସଉତୁଣୀ, ଶତ୍ରୁ ମୁକ୍ତି, ସ୍ୱାମୀ ସ୍ତ୍ରୀଙ୍କ ମନୋମାଳିନ୍ୟ, ପ୍ରେମରେ ଧୋକା, ରୁଷିଥିବା ବ୍ୟକ୍ତିଙ୍କୁ ମନାଇବା, ବ୍ୟବସାୟ, ଛାଡ଼ପତ୍ରରେ ବାଧା, ସନ୍ତାନ କିମ୍ବା ବିଦେଶ ଯାତ୍ରାରେ ବିଘ୍ନ। ସବୁଠାରୁ ନିରାଶ ହୋଇଥିବା ବ୍ୟକ୍ତି ଫୋନ୍ କରନ୍ତୁ
9911786155
9911786154

COLOR DISPLAY CLASSIFIED

| SIZE | 15 days | 8 days | 4 days | Single day |
|---|---|---|---|---|
| 6 X 8 | 40,000 | 20,000 | 11,000 | 2,800 |

GST 5% will be added extra
on every Tuesday & Friday

## ସଂକ୍ଷେପରେ

### ଗାଡି ସହ କାଠ ଜବତ,୨ ଗିରଫ



**ଉମରକୋଟ,୧୮।୧୧(ଡି.ଏନ୍.ଏ.)-** ଲକ୍ଷାଧିକ ଟଙ୍କାର ଶାଗୁଆନ କାଠ ଗଣ୍ଡି ଗାଡିରେ ଚୋରା ଚାଲାଣ ହେଉଥିବା ବେଳେ ଉମରକୋଟ ବନ ବିଭାଗ ତରଫରୁ ଖଡ଼କା ଗ୍ରାମ ନିକଟରେ ଚଢ଼ାଉ କରି କାଠ ଓ ଗାଡି ଜବତ କରିବା ସହ ୨ ଜଣଙ୍କୁ ଗିରଫ କରିଛି । ହାତିଗାଁ ଜଙ୍ଗଲରୁ ଏକ ମିନିଟ୍ରକ୍ (ସିଜି ୦୪ ଜେ ୪୧୪୪)ରେ ପ୍ରାୟ ୨୦ ସିଫ୍ଟ ଶାଗୁଆନ କାଠ ବୋଝେଇ କରି ଉମରକୋଟ ଆସୁଥିବା କୌଣସି ସୂତ୍ରରୁ ବନବିଭାଗ ଖବର ପାଇଥିଲା। ଖାଡକା ଗ୍ରାମ ନିକଟରେ ଚଢ଼ାଉ କରି ଗାଡି ଓ କାଠ ବନବିଭାଗ ଜବତ କରିଥିଲା। ଏଥିସହ କାଠ ବ୍ୟବସାୟୀ ସପନ ମିସ୍ତ୍ରୀ ଓ ଗାଡି ଚାଳକ ଗଣେଶ ଶବରଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି । ଜବତ କାଠର ଆନୁମାନିକ ମୂଲ୍ୟ ୧ ଲକ୍ଷ ୨୦ ହଜାର ଟଙ୍କା ହେବ ବୋଲି ବନାଧିକାରୀ ପୂର୍ଣ୍ଣଚନ୍ଦ୍ର ନାୟକ ସୂଚନା ଦେଇଛନ୍ତି । ବନାଧିକାରୀ ପୂର୍ଣ୍ଣଚନ୍ଦ୍ର ନାୟକଙ୍କ ନେତୃତ୍ୱରେ ବନପାଳ ସଞ୍ଜୟ କୁମାର ଜୟସିଂ ,ବନରକ୍ଷୀ ଗୁପ୍ତ ପ୍ରସାଦ ମହାନ୍ତି ପାରାଷ୍ଟାଫ ଓ ଆଣ୍ଟି ସ୍ମୋଗ୍ଲିଙ୍ଗ ସ୍କ୍ୱାର୍ଡ ଟିମ୍ ସାମିଲ ହୋଇଥିଲେ ।

### ଦୁରୁଆ ସମ୍ପ୍ରଦାୟଙ୍କୁ ଆଦିବାସୀ ମାନ୍ୟତା ଦିଆଯାଉ



**ନବରଙ୍ଗପୁର,୧୮।୧୧(ବି.ପ୍ର)-** ନବରଙ୍ଗପୁର ଏମପି ରମେଶ ଚନ୍ଦ୍ର ମାଝି ଲୋକସଭାର ଶୂନ୍ୟକାଳରେ ଦୁରୁଆ ସମ୍ପ୍ରଦାୟଙ୍କୁ ଆଦିବାସୀ ମାନ୍ୟତା ମିଳୁ ନଥିବା ସମ୍ପର୍କରେ ପ୍ରଶ୍ନ ପଚାରିଥିଲେ। ନବରଙ୍ଗପୁର ଲୋକସଭା ସଂସଦୀୟ କ୍ଷେତ୍ର କୋଟପାଡ, ବୈପାରୀଗୁଡା, କୁନ୍ଦୁରା ଏବଂ ଅବିଭକ୍ତ କୋରାପୁଟ ଜିଲାରେ ବସବାସ କରୁଥିବା ଦୁରୁଆ ସମ୍ପ୍ରଦାୟକୁ ଏ ପର୍ଯ୍ୟନ୍ତ ଅନୁସୂଚିତ ଜନଜାତିର ମାନ୍ୟତା ମିଳି ନାହିଁ। ରାଜ୍ୟ ସରକାର ଓ ଅନୁସୂଚିତ ଜନଜାତି ପରିଷଦ ମଧ ପୂର୍ବରୁ ଏ ସମ୍ପର୍କରେ କେନ୍ଦ୍ର ସରକାରଙ୍କୁ ଜଣାଇଥିଲେ। ଏ ଯାଏ ଆଦିବାସୀ ମାନ୍ୟତା କାହିଁକି ଦିଆଯାଉ ନାହିଁ ଏମପି ପ୍ରଶ୍ନ କରିଥିଲେ। ଏଥିପ୍ରତି ଦୃଷ୍ଟି ଦେବାକୁ ଲୋକସଭା ବାଚସ୍ପତିଙ୍କୁ ଜଣାଇଥିଲେ।

### ଗୋରୁ ଚୋରକୁ ଧରି ପୋଲିସ ଜିମାଦେଲେ ଗ୍ରାମବାସୀ

**ଖଲିକୋଟ, ୧୮।୧୧ (ଡି.ଏନ.ଏ.)-** ଖଲ୍ଲିକୋଟ ଶ୍ରୀକୃଷ୍ଣଶରଣପୁର ଗ୍ରାମର ସୌରା ଗୌଡ଼ ଗୋଟିଏ ଗାଈ, ବିପ୍ର ପ୍ରଧାନଙ୍କ ଏକ ଗାଈ ଓ ମୋହନପୁର ଗ୍ରାମରେ କେତେକଙ୍କ ଗାଈ କିଛିଦିନ ତଳେ ଚୋରି ହୋଇଥିଲା। ରବିବାର ବିଳମ୍ବିତ ରାତିରେ ଏହି ଗୋରୁ ଚୋର ଗ୍ୟାଙ୍ଗ ଶ୍ରୀକୃଷ୍ଣଶରଣପୁର ପଞ୍ଚାୟତର ହରିଡ଼ାମୂଳ ଗ୍ରାମରେ ପଶି ଗୋରୁମାନଙ୍କୁ କ'ଣ ଖୁଆଇ ଖୁଣ୍ଟରୁ ଫିଟାଇ ସହଜରେ ଟାଣିଟାଣି ନେଉଥିଲେ। କୁକୁର ଭୁକିବାରୁ ଗ୍ରାମର କେତେକ ବ୍ୟକ୍ତି ଉଠି ପଡିଥିଲେ। ଚୋରମାନେ ଦୌଡି ପଳାଇଥିବାବେଳେ ଜଣେ ଯାଇ ନ ପାରି ବୁଦାମୂଳେ ଲୁଚି ଯାଇଥିଲେ। ଗ୍ରାମବାସୀ ତାଙ୍କୁ କାବୁ କରିଥିଲେ। ସେ ଖୋର୍ଦ୍ଧା ଥାନା ନିଆଳି ଗ୍ରାମର ଓ ତାଙ୍କ ନାମ ପ୍ରଫୁଲ୍ଲ ମୁଦୁଲି ବୋଲି କହିଥିଲେ। ହରିଡ଼ାମୂଳ ଗ୍ରାମର ପ୍ରକାଶ ପ୍ରଧାନ, ଦୀନ ପ୍ରଧାନ ଗାଈ ଚୋରି ନେଇ ଖଲ୍ଲିକୋଟ ଥାନାରେ ଏତଲା ଦେଇଛନ୍ତି। ପୋଲିସ ପହଞ୍ଚି ଅଭିଯୁକ୍ତଙ୍କୁ ଗିରଫ କରି ଥାନାକୁ ଆଣିବା ସହ ନଂ.୩୩୩/୧୯ ମାମଲା ରୁଜୁ କରି ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରିଛନ୍ତି।

### ମଦ ଜବତ, ମହିଳା ଗିରଫ

**ଜି.ଉଦୟଗିରି,୧୮।୧୧(ଡି.ଏନ୍.ଏ.)-** ଜି.ଉଦୟଗିରି ପୋଲିସ ସୋମବାର ତକ୍ରିଙ୍ଗିଆ ଗ୍ରାମର ଜଣଙ୍କ ଘର ପଛପଟୁ ୭ ଲିଟର ମହୁଲି ମଦ ଜବତ କରିଛି। ମଦ ରଖିଥିବା ଅଭିଯୋଗରେ ଜଣେ ମହିଳାଙ୍କୁ ଗିରଫ କରିବା ସହ ନଂ.୧୨୫/୧୯ରେ ଏକ ମାମଲା ରୁଜୁ କରିଛି।

# ମଧ୍ୟାହ୍ନଭୋଜନ ଯାଞ୍ଚ କଲେ ଜିଲାପାଳ, ଏସ୍‌ପି

**ଜିଲାପାଳଙ୍କ ସହଯୋଗ ଶିବିର**
- ୧୦ ହିତାଧିକାରୀଙ୍କ ଅଭିଯୋଗ ଶୁଣିଲେ
- ୬ଜଣଙ୍କୁ ପେନସନ୍ ଓ ୨ ଜଣଙ୍କୁ ଟ୍ରାଇ ସାଇକେଲ ପ୍ରଦାନ



ଝରିଗାଁ ଏକ୍ସବୋର୍ଡ ୟୁପି ସ୍କୁଲରେ ମଧ୍ୟାହ୍ନଭୋଜନ ଜିଲାପାଳ ଓ ଏସପି ଯାଞ୍ଚ କରୁଛନ୍ତି ।

**ଝରିଗାଁ,୧୮।୧୧(ସ୍ୱ.ପ୍ର)–** ନବରଙ୍ଗପୁର ଜିଲା ଝରିଗାଁ ପଞ୍ଚାୟତ ସମିତି ରାଜିବଗାନ୍ଧୀ ସେବା କେନ୍ଦ୍ରଠାରେ ଅନୁଷ୍ଠିତ ସହଯୋଗ ଶିବିରରେ ଜିଲାପାଳ ଅଜିତ୍ କୁମାର ମିଶ୍ର ୧୦ ଜଣଙ୍କ ଅଭିଯୋଗର ଶୁଣାଣି କରିଛନ୍ତି। ଏହାପରେ ଜିଲାପାଳ ୬ଜଣ ହିତାଧିକାରୀଙ୍କୁ ପେନସନ୍ ପ୍ରଦାନ କରିବା ସହ ଫୁଫୁଗାଁର ବୁଦୁରାମ ଭତ୍ରା ଏବଂ ଝରିଗାଁର ଜିଦୁ ଭତ୍ରାଙ୍କୁ ଟ୍ରାଇ ସାଇକେଲ ପ୍ରଦାନ କରିଛନ୍ତି। ଏହି ଅବସରରେ ଏସପି ନିତିନ କୁସଲକର ଡୁଗୁଡୁ, ଡିଏଫଓ କୁମାର ମଲ୍ଲିକ, ଉପଜିଲାପାଳ ଭାସ୍କର କୁମାର ରଇତୋ, ବିଡିଓ ଦେବେନ୍ଦ୍ର ବାହାଦୂରସିଂ ଧରୁଆ, ଏସ୍‌ଡିପିଓ ହେମନ୍ତ କୁମାର ପାଢୀ, ଜିଲା ଶିକ୍ଷା ଅଧିକାରୀ ଚନ୍ଦ୍ର ଶେଖର ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ଥିଲେ। ଏହାପରେ ଜିଲାପାଳ ଝରିଗାଁ ସଦର ମହକୁମାରେ ରହିଥିବା ଏକ୍ସବୋର୍ଡ ପ୍ରାଥମିକ ବିଦ୍ୟାଳୟକୁ ଯାଇ ସେଠାରେ ପ୍ରଥମେ ମଧ୍ୟାହ୍ନ ଭୋଜନ ଯାଞ୍ଚ କରି ଜିଲାପାଳ ଏବଂ ଏସ୍‌ପି ପିଲାଙ୍କ ପାଇଁ ପ୍ରସ୍ତୁତ କରାଯାଇଥିବା ମଧ୍ୟାହ୍ନ ଭୋଜନ ଖାଇଥିଲେ। ଏହାପରେ ସେଠାରେ ରହିଥିବା ପାଇଖାନା, ପାନୀୟ ଜଳ , ଛାତ୍ରାବାସ ଏବଂ ଅର୍ଦ୍ଧ ନିର୍ମିତ ଅନସ୍ଥାରେ ରହିଥିବା ଅତିରିକ୍ତ ଶ୍ରେଣୀଗୃହ ବୁଲି ଦେଖିଥିଲେ। ବିଦ୍ୟାଳୟରେ ରହିଥିବା ସମସ୍ୟାର ସମାଧାନ ତୁରନ୍ତ କରିବା ନେଇ ବିଡିଓଙ୍କୁ ଜିଲାପାଳ କହିଥିଲେ।

# ଜିଲା କଂଗ୍ରେସ ସଭାପତି ପାଇଁ ଆଶାବାଦୀ ନାହାନ୍ତି ମୁନା ତ୍ରିପାଠୀ



ମୁନା ତ୍ରିପାଠୀ

**ନବରଙ୍ଗପୁର, ୧୮।୧୧ (ବି.ପ୍ର.)–** ନବରଙ୍ଗପୁର ଜିଲା କଂଗ୍ରେସ ସଭାପତି ମୁନା ତ୍ରିପାଠୀ ଆଉ ଜିଲା ସଭାପତି ଭାବେ ଦାୟିତ୍ୱ ନେବେ ନାହିଁ । ଏପରିକି ସେ ଜିଲା ସଭାପତି ପାଇଁ ଆଉ ଆଶାବାଦୀ ନାହାନ୍ତି ବୋଲି ତାଙ୍କ ବାସଭବନରେ ଏକ ଖବରଦାତା ସମ୍ମିଳନୀ କରି ଜଣାଇଛନ୍ତି। ଅଖିଳ ଭାରତ କଂଗ୍ରେସ କମିଟି ସଭାନେତ୍ରୀ ସୋନିଆ ଗାନ୍ଧୀଙ୍କ ନିର୍ଦ୍ଦେଶ କ୍ରମେ ଓଡିଶାରେ ସଙ୍ଗଠନ ପ୍ରକ୍ରିୟା ଚାଲୁ ରହିଛି । ସେଥିପାଇଁ ରାଜ୍ୟ ଓ ଜିଲା କଂଗ୍ରେସ କମିଟି ଭାଙ୍ଗି ଦିଆଯାଇଛି । ଏବେ ନୂତନ କମିଟି ଚୟନ ପ୍ରକ୍ରିୟା ଆରମ୍ଭ ହୋଇଛି । ସେଥିପାଇଁ ମୋହନା ବିଧାୟକ ଦାଶରଥି ଗମାଙ୍ଗୋ ଅକ୍ଟୋବର ୩୧ ତାରିଖରେ ପର୍ଯ୍ୟବେକ୍ଷକ ଭାବେ ନବରଙ୍ଗପୁର ଆସି ଇନ୍ଦିରାଗାନ୍ଧୀଙ୍କ ୩୫ ତମ ଶ୍ରାଦ୍ଧ ଦିବସରେ ଯୋଗ ଦେଇଥିଲେ। ସମସ୍ତ ପୂର୍ବତନ ବିଧାୟକ, ପୂର୍ବତନ ଏମପି, ଜୋନ ସଭାପତି, ଦଳୀୟ ସାମୁଖ୍ୟର କର୍ମକର୍ତ୍ତାଙ୍କୁ ଜିଲା ସଭାପତି ସମ୍ପର୍କରେ ଖୋଲାଖୋଲି ଭାବେ ସଭାରେ ପଚରାଯାଇଥିଲା । ସେଠାରେ ମୁନା ତ୍ରିପାଠୀଙ୍କ ସପକ୍ଷରେ ସମସ୍ତେ ଥିଲେ। ସେହିଭଳି ବିଭିନ୍ନ ଜନମତ ମଧ ତ୍ରିପାଠୀଙ୍କ ସପକ୍ଷ ରହିଥିଲା । କିନ୍ତୁ ଜିଲା ସଭାପତି ଦାୟିତ୍ୱ ଆଉ ନେବେ ନାହିଁ ବୋଲି ତ୍ରିପାଠୀ କହିଛନ୍ତି। ଗତ ସାଧାରଣ ନିର୍ବାଚନରେ ଜିଲାରେ କଂଗ୍ରେସ ଭଲ ପ୍ରଦର୍ଶନ ନ କରିବ ତେବେ ତ୍ରିପାଠୀ ପଦବୀ ଛାଡି ଦେବେ ବୋଲି ପୂର୍ବରୁ କହିଥିଲେ । ନିର୍ବାଚନ ପରେ ଦଳର କଂଗ୍ରେସ ବିଧାୟକ ଓ ଏମପି ପ୍ରାର୍ଥୀଙ୍କୁ ଦୋଷ ନଦେଇ ନିଜକୁ ସେ ଦାୟୀ କରିଥିଲେ। ସେଥିପାଇଁ ନିଜେ ଦେଇଥିବା ପ୍ରତିଶ୍ରୁତିକୁ ଦୋହରାଇ ତ୍ରିପାଠୀ ଦଳର ସଭାପତି ପଦରେ ରହିବେ ନାହିଁ ବୋଲି ରୋକଠୋକ ଭାବେ କହିଛନ୍ତି। ମୁନା ତ୍ରିପାଠୀ ଦଳ ଛାଡିବେ କି ଏଆଇସିସି ସଭ୍ୟା ତଥା ମୁନାଙ୍କ ଝିଅ ମନୋଷା ତ୍ରିପାଠୀଙ୍କୁ ପଚାରିବାରୁ ତାହାର କୌଣସି ଉତ୍ତର ସେ ଦେଇ ନ ଥିଲେ। ସଭାପତି ପଦବୀରେ ରହିବା ନରହିବା ତାଙ୍କ ବ୍ୟକ୍ତିଗତ କଥା ବୋଲି ସେ କହିଛନ୍ତି।

### ■ ଆକ୍ରମଣ ଘଟଣାରେ ଯୁବକଙ୍କ ଗିରଫ ଦାବି
# ୨ୟ ଦିନରେ ଇନ୍ଦ୍ରାବତୀ ମାର୍କେଟ ବନ୍ଦ

**ନବରଙ୍ଗପୁର,୧୮।୧୧(ବି.ପ୍ର)** ନବରଙ୍ଗପୁର ଜିଲା ତେନ୍ତୁଳିଖୁଣ୍ଟି ବ୍ଲକ ଇନ୍ଦ୍ରାବତୀ ମାର୍କେଟର ବ୍ୟବସାୟୀ କୃପାନିଧି ରାଉତଙ୍କୁ ଆକ୍ରମଣ କରି ଆହତ କରିଥିବା ରିତେଶ ଭଞ୍ଜଙ୍କୁ ଗିରଫ ଦାବିରେ ଇନ୍ଦ୍ରାବତୀ ମାର୍କେଟ ବନ୍ଦ ୨ ୟ ଦିନରେ ପହଞ୍ଚିଛି। ଅଭିଯୁକ୍ତଙ୍କୁ ଗିରଫ କରା ନ ଯିବା ପର୍ଯ୍ୟନ୍ତ ବନ୍ଦ ଜାରି ରହିବ ବୋଲି ମାର୍କେଟ କମିଟି ପକ୍ଷରୁ ଚେତାବନୀ ଦିଆଯାଇଛି। କ୍ରମାଗତ ୨ୟ ଦିନରେ ମାର୍କେଟ ବନ୍ଦ ଜାରି ରହିଥିବାରୁ ଜନସାଧାରଣ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଇନ୍ଦ୍ରାବତୀ ମାର୍କେଟ ଉପରେ କୋରାପୁଟ, କଳାହାଣ୍ଡି, ନବରଙ୍ଗପୁର ଜିଲାର ଉପାନ୍ତ ଅଞ୍ଚଳର ବାସିନ୍ଦା ନିର୍ଭର କରିଥାନ୍ତି। କ୍ରମାଗତ ବନ୍ଦ ଯୋଗୁ ଜନସାଧାରଣ ହଇରାଣ ହେଉଛନ୍ତି। ପରଜାବାରଙ୍ଗପଦର ପଞ୍ଚାୟତ ସରପଞ୍ଚ ଇଂ ବିଜୟ ଝୋଡିଆ, ଲମତାଗୁଡା ସରପଞ୍ଚ ବୃନ୍ଦାବତୀ ମୁଦୁଲି, ମଞ୍ଚାଗାଁ ପଞ୍ଚାୟତ ସରପଞ୍ଚ ଚଞ୍ଚଳା ମୁଦୁଲି, ଗଉଡଦେଓପାଲି ପଞ୍ଚାୟତ ସରପଞ୍ଚ ରଜନୀ ଜାନୀଙ୍କ ସମେତ ପୂର୍ବତନ ଜିଲା ପରିଷଦ ସଭ୍ୟ ସଦାଶିବ ଜାନୀ, ପୂର୍ବତନ ସମିତି ସଭ୍ୟ ହରେକୃଷ୍ଣ ଏକକା, ଟ୍ରାକ୍ଟର ମାଲିକ ସଂଘ ସଭାପତି ଚନ୍ଦ୍ରଶେଖର ଦଳେଇ ପ୍ରମୁଖ ଖାତିଗୁଡା ଥାନାରେ ପହଞ୍ଚି ଯଥାଶୀଘ୍ର ଇନ୍ଦ୍ରାବତୀ ମାର୍କେଟ କମିଟି ସହ ଆଲୋଚନା କରି ମାର୍କେଟ ଖୋଲିବାକୁ ଥାନା ଅଧିକାରୀ ଦାମୋଦର ବିହାରୀଙ୍କୁ ସ୍ମାରକପତ୍ର ଦେଇଥିଲେ। ଅଭିଯୁକ୍ତଙ୍କୁ ଶୀଘ୍ର ଖୋଜି ବାହାର କରାଯିବ ଏବଂ ଯଥାଶୀଘ୍ର ମାର୍କେଟ ଖୋଲି ସାଧାରଣ ଜୀବନଯାତ୍ରା ସ୍ୱାଭାବିକ କରାଯିବ ବୋଲି ଥାନା ଅଧିକାରୀ ଦାମୋଦର ବିହାରୀ ପ୍ରତିଶ୍ରୁତି ଦେଇଛନ୍ତି।

### ପ୍ରାକୃତିକ ବିପର୍ଯ୍ୟୟ ମୁକାବିଲା ପାଇଁ ମକଡ୍ରିଲ

**ଚନ୍ଦାହାଣ୍ଡି,୧୮।୧୧(ଡି.ଏନ.ଏ)** ଚନ୍ଦାହାଣ୍ଡି ବ୍ଲକ ଅଧୀନସ୍ଥ ପାନବେଡା ସରକାରୀ ଉଚ୍ଚ ବିଦ୍ୟାଳୟ ଖେଳ ପଡିଆରେ ଏନଡିଆରଏଫ ତରଫରୁ ପ୍ରାକୃତିକ ବିପର୍ଯ୍ୟୟକୁ କିଭଳି ଭାବେ ମୁକାବିଲ କରାଯାଇ ପାରିବ ସେ ନେଇ ଛାତ୍ରୀଛାତ୍ରଙ୍କୁ ବିଭିନ୍ନ ତାଲିମ ଦିଆଯିବା ସହ ମକଡ୍ରିଲ କରାଯାଇଥିଲା । ଏ ନେଇ ଏକ ସ୍ୱତନ୍ତ୍ର ସଚେତନତା ସଭା ଚନ୍ଦାହାଣ୍ଡି ଅଗ୍ନିଶମ ବିଭାଗ ଓ ବ୍ଲକ ପ୍ରଶାସନର ମିଳିତ ଆନୁକୂଲ୍ୟରେ ଅନୁଷ୍ଠିତ ହୋଇଥିଲା । ଅଗ୍ନିଶମ ବିଭାଗ ଅଧିକାରୀ ଓ ଏନଡିଆରଏଫର ପ୍ରଶିକ୍ଷକମାନେ ଯୋଗ ଦେଇ ଛାତ୍ରୀଛାତ୍ରଙ୍କୁ ଏନେଇ ସଚେତନତା କରାଇଥିଲେ। ପାଣିରେ କିଭଳି ପହଁରିବେ, ନିଆଁ ଲାଗିଲେ କିଭଳି ଭାବେ ନିଆଁକୁ ଆୟତ୍ତ କରିପାରିବେ ସେ ନେଇ ଅଗ୍ନିଶମ ବିଭାଗ କର୍ମଚାରୀମାନେ ତାଲିମ ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ବିଡିଓ ଦେବେନ୍ଦ୍ର ପ୍ରସାଦ ବଳ, ବ୍ଲକ ଶିକ୍ଷା ଅଧିକାରୀ ଭଜନଲାଲ ମାଝି, ପାନାବେଡା ଉଚ୍ଚ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନଶିକ୍ଷକ ଶରତ ମାଝି, ସହକାରୀ ଯନ୍ତ୍ରୀ ମନୋରଞ୍ଜନ ଦାଶ, ଭାରପ୍ରାପ୍ତ ଜିପିଇଓ ସୂର୍ଯ୍ୟ ଭତ୍ରା ଯୋଗ ଦେଇଥିଲେ।

### ■ କୋମ୍ବିଂ ବେଳେ ମହୁମାଛି ଆକ୍ରମଣ
# ୫ ଯବାନ୍ ଆହତ



ଆହତ ଯବାନମାନେ ଚିକିତ୍ସିତ ହେଉଛନ୍ତି।

**ଝରିଗାଁ,୧୮।୧୧(ସ୍ୱ.ପ୍ର)–** ନବରଙ୍ଗପୁର ଜିଲା ଝରିଗାଁ– ଚନ୍ଦାହାଣ୍ଡି ଘାଟିରେ ଏସଓଜି ତରଫରୁ କୋମ୍ବିଂ ଅପରେଶନ ଚାଲିଥିବା ବେଳେ ମହୁମାଛି ଆକ୍ରମଣରେ ୫ ଜଣ ଏସଓଜି ଯବାନ୍ ଆହତ ହୋଇଛନ୍ତି। ସେମାନେ ହେଲେ ସୁମନ୍ତ ଶ୍ରେଷ୍ଠା, ଗଜାନନ ଶବର, ରମେଶ ଗୌଡ, କାଳିଆ ମୋହଲା ଏବଂ ହେମରାଜ ଚନ୍ଦନ । ଆହାତ ଯବାନମାନଙ୍କୁ ସ୍ଥାନୀୟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଅଣାଯାଇ ଚିକିତ୍ସା କରାଯାଇଛି। ଏହି ସମୟରେ ଥାନା ଏଏସ୍‌ଆଇ ଅଶୋକ କୁମାର ପାଳ ଉପସ୍ଥିତ ଥିଲେ।

# ଦିବ୍ୟାଙ୍ଗଙ୍କୁ ହୁଇଲ ଚେୟାର ପ୍ରଦାନ

**ଡାବୁଗାଁ, ୧୮।୧୧ (ଡି.ଏନ.ଏ.)** ନବରଙ୍ଗପୁର ଜିଲା ଡାବୁଗାଁ ବ୍ଲକ କାର୍ଯ୍ୟାଳୟ ଠାରେ ଜଣେ ଦିବ୍ୟାଙ୍ଗଙ୍କୁ ସୋମବାର ହୁଇଲ ଚେୟାର ପ୍ରଦାନ କରାଯାଇଛି । ଡାବୁଗାଁ ବ୍ଲକ ଅଧୀନ ଜୁନାପାଣି ପଞ୍ଚାୟତ ଅଧୀନ କାମତା ଗ୍ରାମର ଦିବ୍ୟାଙ୍ଗ ପଦ୍ମନ ଭତ୍ରାଙ୍କୁ ବ୍ଲକ ଅଧ୍ୟକ୍ଷ ବଂଶୀଧର ମାଝୀଙ୍କ ଦ୍ୱାରା ହୁଇଲ ଚେୟାର ପ୍ରଦାନ କରାଯାଇଛି । ଏଥିରେ ବିଡିଓ ପଦ୍ମନାଭ ତ୍ରିପାଠୀ, ଜୁନାପାଣି ପଞ୍ଚାୟତ ସମିତି ସଭ୍ୟ ଶଙ୍କର ଗୌଡ, ଭାରପ୍ରାପ୍ତ ସାମାଜିକ ସୁରକ୍ଷା ଅଧିକାରୀ ଅତନୁ ଦେଉରୀ, ଅମୂଲ୍ୟ ଦଲାଇ ପ୍ରମୁଖ ଉପସ୍ଥିତ ଥିଲେ।



ଜଣେ ଦିବ୍ୟାଙ୍ଗଙ୍କୁ ହ୍ୱିଲ ଚେୟାର ପ୍ରଦାନ କରାଯାଇଛି ।

### ନିଆଁ ଲାଗି ଧାନଗଦା ଜଳିଗଲା

**ଚନ୍ଦାହାଣ୍ଡି,୧୮।୧୧(ଡି.ଏନ.ଏ)–** ଚନ୍ଦାହାଣ୍ଡି ବ୍ଲକ ଅଧୀନ ଭାଲୁଡଙ୍ଗରୀଠାରେ ଏକ ଧାନ ଖଳାରେ ନିଆଁ ଲାଗିଯିବା ଫଳରେ ବିପୁଳ ପରିମାଣର ଧାନ ପୋଡି ପାଉଁଶ ହୋଇଯାଇଛି। ଭାଲୁଡଙ୍ଗରୀ ଗ୍ରାମର ସୁବନ ବାଘ ଧାନ ଆଣି ଖଳାରେ ଗଦା କରି ରଖିଥିଲେ। ହଠାତ ଉକ୍ତ ଧାନ ଗଦାରେ ନିଆଁ ଲାଗି ଯାଇଥିଲା। ଏହା ଦେଖି ଜୟଦେବ ନିୟାଳ ତୁରନ୍ତ ଚନ୍ଦାହାଣ୍ଡି ଦମକଳ ବାହିନୀଙ୍କୁ ଖବର ଦେଇଲେ। ଦମକଳ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ।

**WALK-IN-INTERVIEW**

A WALK-IN-INTERVIEW will be held in the Department of Professional Studies, Dhenkanal (Auto.) College, Dhenkanal on Dt.25.11.2019 at 11 A.M. for the recruitment of Faculty and Placement Officer / Coordinator position (s) in the self Financing MBA and M.Sc (Comp Sc.) courses (PPP Mode). Interested 1st Class MBA/PGDMB (Finance/Marketing/HR/IT), MCA/M.Tech/M.Sc (Comp Sc.) Degree holders with P.G. Teaching, Training and Placement Experience may appear Interview with CV, Original Certificate, Mark sheets and recent passport size photograph. Preference will be given to Ph.D and NET qualified holders in respective subjects. No T.A. & D.A is admissible for attending the interview.

**Managing Trustee, Collaborator M/s. CMCE, Bhubaneswar**

### ■ ଜିଲାପାଳଙ୍କ ଡାବୁଗାଁ ବ୍ଲକ ଗସ୍ତ
# ଅଙ୍ଗନୱାଡି କେନ୍ଦ୍ର, ବିଦ୍ୟାଳୟ ପରିଦର୍ଶନ

**ଡାବୁଗାଁ,୧୮।୧୧(ଡି.ଏନ.ଏ.)** ନବରଙ୍ଗପୁର ଜିଲା ଡାବୁଗାଁ ବ୍ଲକକୁ ଜିଲାପାଳ ଅଜିତ କୁମାର ମିଶ୍ର ସୋମବାର ଗସ୍ତ କରି ବିଭିନ୍ନ ଅଙ୍ଗନୱାଡି କେନ୍ଦ୍ର ଓ ବିଦ୍ୟାଳୟ ପରିଦର୍ଶନ କରିଥିଲେ। ଡାବୁଗାଁ ମହିଳା ଓ ଶିଶୁ ବିକାଶ କାର୍ଯ୍ୟାଳୟଠାରେ ଜିଲାପାଳ ପହଞ୍ଚି କାର୍ଯ୍ୟାଳୟ ପରିସର ବୁଲି ଦେଖିଥିଲେ। ଏହା ପରେ ବ୍ଲକ ଅଧୀନ ଅଞ୍ଚଳା ପଞ୍ଚାୟତ କାର୍ଯ୍ୟାଳୟର ଗୃହ ପରିଦର୍ଶନ କରି ସେହି ଗ୍ରାମର ପ୍ରାଥମିକ ବିଦ୍ୟାଳୟରେ ପହଞ୍ଚି ପିଲାମାନଙ୍କ ପାଠପଢା ବିଷୟରେ ପଚାରି ବୁଝିଥିଲେ । ସେଠାରେ ନୂତନ ଭାବେ ଶ୍ରେଣୀ ଗୃହ ନିର୍ମାଣ କରିବା ପାଇଁ ବିଡିଓଙ୍କୁ ନିର୍ଦ୍ଦେଶ ଦେଇଥିଲେ । ପରେ ଗ୍ରାମରେ ଭଡା ଘରେ ଚାଲୁଥିବା ଅଙ୍ଗନୱାଡି କେନ୍ଦ୍ରକୁ ଯାଇ ଦେଖିବା ସହ ପିଲାଙ୍କୁ ଦିଆଯାଉଥିବା ଖାଦ୍ୟର ମାନ ଯାଞ୍ଚ କରିଥିଲେ । ମେଦନା ପଞ୍ଚାୟତ ଅଧୀନ ମେଦନା ଗ୍ରାମର ଅଙ୍ଗନୱାଡି କେନ୍ଦ୍ର ପରିଦର୍ଶନ କରି ସେଠାରେ ଥିବା ପାଇଖାନା ଦେଖିବା ସହ ଖାଦ୍ୟ ଓ ବିଭିନ୍ନ କାଗଜପତ୍ର ଯାଞ୍ଚ କରିଥିଲେ । ଏହି ଅଙ୍ଗନୱାଡି କେନ୍ଦ୍ର ପରିସର ପରିଷ୍କାର ରଖିବା ପାଇଁ କହିବା ସହ କେନ୍ଦ୍ର ଚାରିପଟେ ପାଚେରୀ ନିର୍ମାଣ ପାଇଁ ନିର୍ଦ୍ଦେଶ ଦେଇଥିଲେ । ଏହାପରେ ମେଦନା ସରକାରୀ ଉଚ୍ଚ ବିଦ୍ୟାଳୟରେ ପହଞ୍ଚି ୯ମ ଓ ୧୦ମ ଶ୍ରେଣୀର ପିଲାମାନଙ୍କୁ ବିଭିନ୍ନ ପ୍ରଶ୍ନ ପଚାରିଥିଲେ। ସେମାନଙ୍କ ଠାରୁ ସନ୍ତୋଷ ଜନକ ଉତ୍ତର ନପାଇ ପିଲାମାନଙ୍କ ପାଠପଢା ପ୍ରତି ଧ୍ୟାନଦେବାକୁ ଶିକ୍ଷକ ମାନଙ୍କୁ ତାଗିଦ କରିଥିଲେ । ସେଠାରେ ଥିବା ୧୦୦ ଶଯ୍ୟା ବିଶିଷ୍ଟ ହଷ୍ଟେଲ ପରିଦର୍ଶନ କରି ଖାଦ୍ୟର ମାନ ଯାଞ୍ଚ କରିଥିଲେ । ଆବଶ୍ୟକୀୟ ରୋଷେଇ ସାମଗ୍ରୀ ଓ ଆସବାବ ପତ୍ର କ୍ରୟ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ । ଡାବୁଗାଁ ବ୍ଲକ ଅଧ୍ୟକ୍ଷ ବଂଶୀଧର ମାଝୀ, ଜିଲା ମଙ୍ଗଳ ଅଧିକାରୀ ପବିତ୍ର ମୋହନ ପ୍ରଧାନ, ବିଡିଓ ପଦ୍ମନାଭ ତ୍ରିପାଠୀ, ସିଡିପିଓ ଯମୁନା ଭତ୍ରା, ସହକାରୀ ଯନ୍ତ୍ରୀ ଉମେଶ ଚନ୍ଦ୍ର ମାଝୀ, ଅଙ୍ଗନୱାଡି ସୁପରଭାଇଜର କୁନମୁନ ସେନାପତି, କନିଷ୍ଠ ଯନ୍ତ୍ରୀ ସୁରେଶ ଚନ୍ଦ୍ର ସେଠୀ, ପ୍ରତାପ ଚନ୍ଦ୍ର ଦାଶ ଓ ସୁବାସ ଚନ୍ଦ୍ର ଖାଡଙ୍ଗା ପ୍ରମୁଖ ଉପସ୍ଥିତ ଥିଲେ।

अखिल भारतीय आयुर्विज्ञान संस्थान (एम्स), भुवनेश्वर
**ALL INDIA INSTITUTE OF MEDICAL SCIENCES (AIIMS), BHUBANESWAR**
Sijua, Post : Dumuduma, Bhubaneswar - 751019

AIIMS/BBSR/EE (ELEC)/Extnl Light/069/2019 Dated: 18th Nov 2019

**NOTICE INVITING e-TENDER**

The All India Institute of Medical Sciences (AIIMS), Bhubaneswar invites e-Tender for **"Supply, Installation, Testing and commissioning of External Lights Damaged during FANI at Hospital complex, AIIMS, Bhubaneswar"**. Detailed description, terms & conditions and document for processing e-Tender along with last date of submission can be viewed and downloaded from e-Tender portal of AIIMS, Bhubaneswar website **www.aiimsbhubaneswar.nic.in.** Sd/-

**Executive Engineer (Electrical)**
**AIIMS, Bhubaneswar**

# କୋଡିଙ୍ଗାରେ ଦଶହରା ପାଳିତ

**କୋଡିଙ୍ଗା,୧୮।୧୧ (ଡି.ଏନ.ଏ.)–** ନବରଙ୍ଗପୁର ଜିଲା କୋଡିଙ୍ଗାଠାରେ ସୋମବାର ଠାକୁରାଣୀଙ୍କ ନିକଟରେ ଦଶହରା ବା ଲାଖବିନ୍ଧା ପର୍ବ ପାଳିତ ହୋଇଯାଇଛି ।୨୪ଖଣ୍ଡ ଗ୍ରାମର ଦେବାଦେବୀଙ୍କ ପ୍ରତୀକ ଲାଠି, କୁର୍ସି ରବିବାର କୋଡିଙ୍ଗା ଠାକୁରାଣୀଙ୍କ ନିକଟରେ ଏକତ୍ରିତ ହୋଇଥିଲା। ନାନାବିଧ ପୂଜାର୍ଚ୍ଚନା ପରେ ସୋମବାର ଏହାକୁ ପରିକ୍ରମା କରାଯାଇଥିଲା। ଏହି ପର୍ବର ମୁଖ୍ୟ ଆକର୍ଷଣ ଥିଲା ଦଶହରା ଧନୁ । ଏହି ଧନୁ ମଧ ଦେବାଦେବୀଙ୍କ ସହିତ ନଗର ପରିକ୍ରମା କରିଥିଲେ। ପରମ୍ପରା ଅନୁଯାୟୀ ରାଜା ରାଜୁଡା ଅମଳରେ ଶାରଦୀୟ ଦଶହରା ନିମନ୍ତେ ଚାଲି ଚାଲି ଏହି ଦେବାଦେବୀଙ୍କ ପ୍ରତୀକ ଲାଠି, କୁର୍ସି ଜୟପୁର ରାଜାଙ୍କ ଦରବାରରେ ଦଶହରା ପାଳନ ପାଇଁ ଯାଉଥିଲେ। ସେଠାରୁ ଫେରିବା ପରେ ନିଜ ନିଜ ଗ୍ରାମଦେବୀଙ୍କ ନିକଟରେ ଦଶହରା ପର୍ବ ପାଳନ କରାଯାଇଥିଲା । ଏଥିସହ ଲାଖବିନ୍ଧା ପ୍ରତିଯୋଗିତା ଆୟୋଜନ କରାଯାଉଥିଲା । ସେହି ପରମ୍ପରା ଅନୁଯାୟୀ କୋଡିଙ୍ଗାଠାରେ ଏହି ପର୍ବ ଆୟୋଜନ କରାଯାଇଛି । କୋଡିଙ୍ଗା ଫୁଟବଲ ପଡିଆରେ ଲାଖବିନ୍ଧା ପ୍ରତିଯୋଗିତା ଆୟୋଜିତ କରାଯାଇଥିଲା। ଅଞ୍ଚଳର ଶହ ଶହ ଶ୍ରଦ୍ଧାଳୁ ମାନସିକଧାରୀ ଏହି ପର୍ବରେ ଭାଗ ନେଇଥିଲେ। ନଡିଆ, କଦଳୀ ସହିତ ପଶୁପଶୀ ମଧ ବଳି ଦିଆଯିବାର ଦେଖିବାକୁ ମିଳିଥିଲା। ପର୍ବଟିକୁ କୋଡିଙ୍ଗାର ମାଝି (ମୁଖିଆ) ଅନନ୍ତରାମ ମାଝିଙ୍କ ନେତୃତ୍ୱରେ ପରିଚାଳନା କରାଯାଇଥିଲା । ଦଶହରା ଧନୁକୁ ଝାରସେମଳା ଗ୍ରାମର ଧରମ ଦାସ ପରିଚାଳନା କରିଥିଲେ। ରାମସିଂ ପୂଜାରୀ ଜଲସୀରା, ଦୁର୍ଜନ ସୀରା, ଆଶାରାମ ପୂଜାରୀ ପ୍ରମୁଖ ପୂଜାରୀମାନେ ପୂଜାର୍ଚ୍ଚନା କରିଥିଲେ। ଗ୍ରାମର ସାହେବ ଚଲାଣ, ଧନସିଂ ମାଝି, ସନ୍ତୋଷ ନାଏକ, ପିଣ୍ଟୁ ସିଂ, ଜଗନ୍ନାଥ ନାଏକ, ଶେଖର କଟିମ ପ୍ରମୁଖ ଯାତ୍ରାକୁ ପରିଚାଳନା କରିଥିଲେ ।



ଦଶହରା ଧନୁକୁ ଗ୍ରାମ ପରିକ୍ରମା କରାଯାଉଛି।

**ODISHA STATE CIVIL SUPPLIES CORPORATION LIMITED**
(A Government of Odisha Undertaking)
PLOT NO. C/2, NAYAPALLI, BHUBANESWAR-751012
CIN : U51211OR1980SGC000894

**Tender No. 16996/OSCSC/Gunny/56/2018-19 Dt. 18.11.2019**

Managing Director, Odisha State Civil Supplies Corporation Ltd. invites tenders in Double Cover System through ONLINE MODE ONLY for the works below:

1. Name of the work : Selection and appointment of transport contractors for road transportation of new gunny bales (one bale contains 500 bags) (i) from Jute mills located in Chhatishgarh to custom millers premises/private hired godowns/OSCSC Ltd. own godowns/hired godowns of CWC & OSWC etc. located in all districts of Odisha and (ii) from Jute mills located in Andhra Pradesh/Vizianagaram, Vishakhapatanam and nearby areas to above locations in districts of Sundargarh, Deogarh, Keonjhar, Balasore & Mayurbhanj (E-Zone only) in the state of Odisha and from Jute mills located in Andhra Pradesh/Elluru, Guntur & nearby areas to above locations in districts of Sambalpur, Balasore, Keonjhar, Jharsuguda, Sundargarh, Deogarh & Mayurbhanj (E-Zone only) in the State of Odisha.
2. **Availability of bid document in the portal : From date 19.11.2019**
3. **Last Date/Time for receipt of bids in the portal : Upto 12.30 PM of dt. 28.11.2019.**
4. **Date/Time of Opening of Technical Bid : On dt. 28.11.2019 at 4.00 PM.**
5. **Name and address of the Officer Inviting Tender : Managing Director, OSCSC Ltd., BBSR.**

Tender Documents & other details can be seen from the e-procurement portal **https://tendersodisha.gov.in.** Amendments/corrigendum/cancellation/retenders etc. if any shall be published only in above website.

**Managing Director, OSCSC Ltd., BBSR**



ମହାରାଷ୍ଟ୍ରରେ ଭାଜପା ୩ ବର୍ଷ ଓ ଶିବସେନା ୨ ବର୍ଷ ମୁଖ୍ୟମନ୍ତ୍ରୀ ପଦ ନେବା ଲାଗି ସଞ୍ଜୟ ରାଉତ୍‌ଙ୍କ ସହ ଆଲୋଚନା କରିଛି। ଏନେଇ ଭାଜପା ସହ ଆଲୋଚନା କରିବି।
- ରାମ୍‌ଦାସ ଅଠାୱାଲେ, କେନ୍ଦ୍ରମନ୍ତ୍ରୀ



ପାର୍ଲାମେଣ୍ଟକୁ ଇ-କାର୍‌ରେ ଆସିଛନ୍ତି ମନ୍ତ୍ରୀ ପ୍ରକାଶ ଜାଭଡେକର।



ସାଇକେଲରେ ଭାଜପା ଏମ୍‌ପି ହଂସରାଜ ହଂସ।



ଏସ୍‌ପିର ପ୍ରତିଷ୍ଠାତା ମୁଲାୟମ୍ ସିଂ ଯାଦବ ପର୍ଲାମେଣ୍ଟ ପରିସରରେ।



ଅଧିବେଶନ ପୂର୍ବରୁ କଂଗ୍ରେସ ନେତା ଅଧୀରରଞ୍ଜନ ଚୌଧୁରୀଙ୍କ ସହ ଆଇନମନ୍ତ୍ରୀ ରବିଶଙ୍କର ପ୍ରସାଦ।

## ରାଜ୍ୟ ସଭାର ୨୫୦ତମ ଅଧିବେଶନର ସ୍ୱତନ୍ତ୍ର ଆଲୋଚନା

# ରାଜ୍ୟଗୁଡ଼ିକର ସମାନ ପ୍ରତିନିଧିତ୍ୱ ପ୍ରସ୍ତାବ

ନୂଆଦିଲ୍ଲୀ,୧୮।୧୧(ପି.ଟି.)

ରାଜ୍ୟ ସଭାରେ ରାଜ୍ୟଗୁଡିକର ସମାନ ପ୍ରତିନିଧିତ୍ୱ ରହିବା ଆବଶ୍ୟକ ବୋଲି ୨୫୦ତମ ଅଧିବେଶନ ଅବସରରେ ଅନୁଷ୍ଠିତ ସ୍ୱତନ୍ତ୍ର ଆଲୋଚନାରେ ଭାଗନେଇ ସଦସ୍ୟମାନେ ମତ ଦେଇଛନ୍ତି। ସେହିପରି ବିଭିନ୍ନ ପ୍ରସଙ୍ଗ ଉପରେ ବିତର୍କର ସମୟସୀମା ଧାର୍ଯ୍ୟ ନ କରିବା ପାଇଁ ମଧ୍ୟ କେତେଜଣ ସଦସ୍ୟ ପ୍ରସ୍ତାବ ରଖିଥିଲେ। ଉଚ୍ଚ ସଦନର ବ୍ୟବସ୍ଥାପକ କ୍ଷମତା ହ୍ରାସ ପାଉଥିବା କେତେଜଣ ଅଭିଯୋଗ ଆଣିଥିଲେ। ରାଜ୍ୟ ସଭା ସିଲେକ୍ଟ କମିଟିର ଅଧିକ ପ୍ରଭାବ ରହିବା ଆବଶ୍ୟକ ବୋଲି ପୂର୍ବତନ ପ୍ରଧାନମନ୍ତ୍ରୀ ମନମୋହନ ସିଂ



କହିଥିଲେ। ଉକ୍ତ କମିଟି ବିଲ୍‌ଗୁଡିକର ଯାଞ୍ଚ କରିଥାଏ। ତେଣୁ ଗୃହର ବରିଷ୍ଠ ସଦସ୍ୟ ମନମୋହନଙ୍କ ପାଖରେ ଭୁଲ୍ ତଥ୍ୟ ଦିଆଯାଇଥାଇ ପାରେ ବୋଲି ଭାଜପା ସଦସ୍ୟ ଭୂପେନ୍ଦର ଯାଦବ କହିଥିଲେ। ପୂର୍ବର କଂଗ୍ରେସ ନେତୃତ୍ୱାଧୀନ ଉପା ସରକାର ସିଲେକ୍ଟ କମିଟିକୁ ୫ଟି ବିଲ୍

**ରାଜ୍ୟ ସୀମା ନିର୍ଦ୍ଧାରଣରେ ଉଚ୍ଚ ସଦନର ବଡ଼ ଭୂମିକା ରହିବା ଆବଶ୍ୟକ: ମନମୋହନ**

ପାଇଥିଲାବେଳେ ଏନ୍‌ଡିଏ ସରକାର ୧୭ଟି ବିଲ୍ ପଠାଇଥିବା ସେ ଗୃହକୁ ସୂଚନା ଦେଇଥିଲେ। ତେବେ ବିରୋଧୀ ଦଳର ଦାବି ଫଳରେ ବିଲ୍‌ଗୁଡିକ ସିଲେକ୍ଟ କମିଟିକୁ ଯାଇଥିବା ରାଜ୍ୟ ସଭାରେ ବିରୋଧୀ ଦଳ ଉପନେତା ଆନନ୍ଦ ଶର୍ମା କହିଥିଲେ।

ପାର୍ଲାମେଣ୍ଟର ଉଚ୍ଚ ସଦନ ରାଜ୍ୟ ପରିଷଦ ହୋଇଥିବାରୁ ରାଜ୍ୟଗୁଡ଼ିକର ସୀମା ପୁନଃ ନିର୍ଦ୍ଧାରଣରେ ଏହାର ବଡ଼ ଭୂମିକା ରହିବା ଆବଶ୍ୟକ ବୋଲି ମନମୋହନ ସିଂ କହିଥିଲେ। ତେବେ ସେ ନିକଟରେ ଦୁଇଟି କେନ୍ଦ୍ରଶାସିତ ଅଞ୍ଚଳରେ ପରିଣତ ହୋଇଥିବା ଜମ୍ମୁ-କଶ୍ମୀରର ନାଁ ନେଇ ନ ଥିଲେ। 'ଭାରତୀୟ ଶାସନ ବ୍ୟବସ୍ଥାରେ ରାଜ୍ୟ ସଭାର ଭୂମିକା: ସଂସ୍କାରର ଆବଶ୍ୟକତା' ଶୀର୍ଷକ ଆଲୋଚନାରେ ଭାଗ ନେଇ ମନମୋହନ କହିଥିଲେ, କେତେକ କାର୍ଯ୍ୟ ପାଇଁ ଉଚ୍ଚ ସଦନକୁ ସରକାର ଅଧିକ ସମ୍ମାନ ଦେବା ଉଚିତ। ସେହିପରି ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳର ସୀମା ପୁନଃ ନିର୍ଦ୍ଧାରଣ ସମେତ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ବିଧେୟକ ଗୃହୀତ କରାଉଥିବା ରାଜ୍ୟ ସଭାକୁ ଅଧିକ କ୍ଷମତା ମିଳିବା ଆବଶ୍ୟକ ବୋଲି ସେ କହିଥିଲେ।

# ଶପଥ ନେଲେ ଜଷ୍ଟିସ୍ ବୋବ୍‌ଡେ

ନୂଆଦିଲ୍ଲୀ,୧୮।୧୧(ପି.ଟି.)

ଭାରତର ୪୭ତମ ପ୍ରଧାନ ବିଚାରପତି (ସିଜେଆଇ) ଭାବେ ଜଷ୍ଟିସ ଶରଦ ଅରବିନ୍ଦ ବୋବ୍‌ଡେ ସୋମବାର ଶପଥ ଗ୍ରହଣ କରିଛନ୍ତି। ରାଷ୍ଟ୍ରପତି ଭବନର ଦରବାର ହଲ୍‌ରେ ଅନୁଷ୍ଠିତ ଏକ ନିରାଡ଼ମ୍ବର ଉତ୍ସବରେ ରାଷ୍ଟ୍ରପତି ରାମନାଥ କୋବିନ୍ଦ ତାଙ୍କୁ ଶପଥ ପାଠ କରାଇଥିଲେ। ଜଷ୍ଟିସ୍ ବୋବ୍‌ଡେ ଈଶ୍ୱରଙ୍କ ନାମରେ ଇଂଲିଶରେ ଶପଥ ନେଇଥିଲେ।

ଜଷ୍ଟିସ୍ ରଞ୍ଜନ ଗୋଗୋଇଙ୍କ ଉତ୍ତରାଧିକାରୀ ଭାବେ ୬୩ ବର୍ଷୀୟ ବୋବ୍‌ଡେ ପୂର୍ବାହ୍ନ ୧୧ଟା ୩୦ରେ କାର୍ଯ୍ୟଭାର ଗ୍ରହଣ କରିଛନ୍ତି। ସେ ଏହି ପଦବୀରେ ୨୦୨୧ ଏପ୍ରିଲ ୨୩ ପର୍ଯ୍ୟନ୍ତ ଅର୍ଥାତ୍ ୧୭ ମାସରୁ ଉର୍ଦ୍ଧ୍ୱ ସମୟ ରହିବେ। ଶପଥ ନେବା ପରେ ଜଷ୍ଟିସ୍ ବୋବ୍‌ଡେ ତାଙ୍କ ମାଆଙ୍କ ପାଦ ଛୁଇଁ ଆଶୀର୍ବାଦ ନେଇଥିଲେ। ତାଙ୍କ ମାଆଙ୍କୁ ଷ୍ଟ୍ରେଚରରେ ରାଷ୍ଟ୍ରପତି ଭବନକୁ ଅଣାଯାଇଥିଲା। ଶପଥ ଗ୍ରହଣ ଉତ୍ସବରେ ଉପରାଷ୍ଟ୍ରପତି ଏମ୍. ଭେଙ୍କାୟା ନାଇଡୁ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ଅନେକ ବରିଷ୍ଠ ମନ୍ତ୍ରୀ ଉପସ୍ଥିତ ଥିଲେ। ଏହାବ୍ୟତୀତ ପୂର୍ବତନ ଉପରାଷ୍ଟ୍ରପତି ହମିଦ ଅନ୍‌ସାରୀ ଏବଂ ପୂର୍ବତନ ପ୍ରଧାନମନ୍ତ୍ରୀ ମନମୋହନ ସିଂ, ପୂର୍ବତନ ପ୍ରଧାନ ବିଚାରପତି ଆର୍.ଏମ୍. ଲୋଧା, ଟି.ଏସ୍. ଠାକୁର ଏବଂ ଜେ.ଏସ୍. କେହର ପ୍ରମୁଖ ଉତ୍ସବରେ ଯୋଗଦେଇଥିଲେ। ନବନିଯୁକ୍ତ ସିଜେଆଇ ମଞ୍ଚରେ ଜାମାଇକା ବିଚାରପତି ବ୍ରିଆନ ସାଇକେସ୍ ଏବଂ



ସିଜେଆଇ ଜଷ୍ଟିସ୍ ବୋବ୍‌ଡେଙ୍କୁ ରାଷ୍ଟ୍ରପତି ରାମନାଥ କୋବିନ୍ଦ ଶପଥପାଠ କରାଉଛନ୍ତି।

- **ମାଆଙ୍କ ପାଦ ଛୁଇଁ ଆଶୀର୍ବାଦ ନେଲେ**
- **ମଞ୍ଚରେ ଥିଲେ ଜାମାଇକା, ଭୁଟାନର ବିଚାରପତି**
- **ବାର୍ ଆସୋସିଏଶନର ଅଭିନନ୍ଦନ**

ଭୁଟାନ ସୁପ୍ରିମକୋର୍ଟର ବରିଷ୍ଠ ବିଚାରପତି କୁଏନଲି ଶେରିଙ୍ଗଙ୍କ ସହ ଉପସ୍ଥିତ ଥିଲେ।

ଜଷ୍ଟିସ୍ ବୋବ୍‌ଡେଙ୍କ ଜନ୍ମ ୧୯୫୬ ଏପ୍ରିଲ ୨୪ରେ ମହାରାଷ୍ଟ୍ରର ନାଗପୁରରେ ଏକ ଆଇନଜୀବୀ ପରିବାରରେ ହୋଇଥିଲା। ତାଙ୍କ ବାପା ଅରବିନ୍ଦ ଶ୍ରୀନିବାସ ବୋବ୍‌ଡେ ଜଣେ ଖ୍ୟାତନାମା ଆଇନଜୀବୀ। ସିଜେଆଇ ଭାବେ ଦାୟିତ୍ୱ ଗ୍ରହଣ ପରେ ଜଷ୍ଟିସ୍ ବୋବ୍‌ଡେଙ୍କୁ ବରିଷ୍ଠ ଆଇନଜୀବୀ ତଥା ସୁପ୍ରିମକୋର୍ଟ ବାର୍ ଆସୋସିଏଶନ୍‌ର ଅଧ୍ୟକ୍ଷ ରାକେଶ ଖାନ୍ନା ଓ ଅନ୍ୟମାନେ ଅଭିନନ୍ଦନ ଜଣାଇଥିଲେ।

ଜଷ୍ଟିସ୍ ବୋବ୍‌ଡେ ଅନେକ ଗୁରୁତ୍ୱପୂର୍ଣ୍ଣ ମାମଲାର ରାୟ ପ୍ରଦାନ କରିଛନ୍ତି। ନିକଟରେ ଅଯୋଧ୍ୟା ଜମି ବିବାଦ ମାମଲାରେ ଐତିହାସିକ ରାୟ ପ୍ରଦାନ କରିଥିବା ସାମ୍ବିଧାନିକ ପୀଠରେ ଜଷ୍ଟିସ୍ ବୋବ୍‌ଡେ ଥିଲେ। ଏହା ବ୍ୟତୀତ ଗୋପନୀୟତା ସମ୍ବିଧାନ ଦ୍ୱାରା ସୁରକ୍ଷିତ ନାଗରିକର ମୌଳିକ ଅଧିକାର ବୋଲି ପୂର୍ବତନ ସିଜେଆଇ ଜେ.ଏସ୍. ଖେହରଙ୍କ ଅଧ୍ୟକ୍ଷତାରେ ୯ ଜଣିଆ ପୀଠ ଐତିହାସିକ ରାୟ ପ୍ରଦାନ କରିଥିଲେ, ଯେଉଁଥିରେ ଜଷ୍ଟିସ୍ ବୋବ୍‌ଡେ ଥିଲେ। କାହାର ଇଚ୍ଛାକୁ ସନ୍ତୁଷ୍ଟ କରିବା ପାଇଁ ଲୋକଙ୍କ ମର୍ଯ୍ୟାଦାକୁ ଜଳାଞ୍ଜଳି ଦିଆଯାଇପାରିବ ନାହିଁ ବୋଲି ଏକ ସାକ୍ଷାତ୍‌କାରରେ ସିଜେଆଇ ବୋବ୍‌ଡେ କହିଥିଲେ।

# ସାଇକେଲ, ଇ-କାର୍‌ରେ ଆସିଲେ ଏମ୍‌ପି

ନୂଆଦିଲ୍ଲୀ,୧୮।୧୧(ପି.ଟି.)

ରାଜଧାନୀ ଦିଲ୍ଲୀରେ ବାୟୁ ପ୍ରଦୂଷଣ ଉତ୍କଟ ରୂପ ଧାରଣ କରିଥିଲାବେଳେ ସୋମବାର ପାର୍ଲାମେଣ୍ଟର ଶୀତ ଅଧିବେଶନରେ ଯୋଗଦେବା ପାଇଁ କେତେଜଣ ଏମ୍‌ପି ସାଇକେଲ ଚଢ଼ି ଓ ମାସ୍କ ପିନ୍ଧି ଆସିଥିବା ଦେଖାଯାଇଥିଲା। ସୋମବାର ବାୟୁ ମାନରେ ସାମାନ୍ୟ ଉନ୍ନତି ହୋଇଥିଲେ ହେଁ ଏହା ନିକୃଷ୍ଟ ବର୍ଗରେ ରହିଛି। ଏହା ବିରୋଧରେ ସଚେତନତା ସୃଷ୍ଟି ପାଇଁ ଭାଜପା ଏମ୍‌ପି ମନସୁଖ ମାଣ୍ଡଭିୟା ଏବଂ ମନୋଜ ତିୱାରୀ ପାର୍ଲାମେଣ୍ଟକୁ ସାଇକେଲ୍‌ରେ ଆସିଥିଲେ। ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ପ୍ରକାଶ ଜାଭଡେକର ବିଦ୍ୟୁତଚାଳିତ କାର (ଇ-କାର)ରେ ଆସିଥିଲେ। ପରିବେଶକୁ ପ୍ରଦୂଷଣମୁକ୍ତ କରିବା ଲାଗି ସରକାର ବିଦ୍ୟୁତଚାଳିତ କାର ଉପରେ ଜୋର ଦେଉଛନ୍ତି। ସେଥିପାଇଁ ଅଧିକରୁ ଅଧିକ ଇ-ଯାନ ବ୍ୟବହାର ଲାଗି ସେ ଜନସାଧାରଣଙ୍କୁ ଅନୁରୋଧ କରିଥିଲେ।

# ପାର୍ଲାମେଣ୍ଟରେ ପିଡିପିର ବିକ୍ଷୋଭ

ନୂଆଦିଲ୍ଲୀ, ୧୮।୧୧

ଜମ୍ମୁ-କଶ୍ମୀରରୁ ୩୭୦ ଅନୁଚ୍ଛେଦ ହଟାଯିବାକୁ ବିରୋଧ କରି ପିପୁଲ୍ସ ଡେମୋକ୍ରାଟିକ୍ ପାର୍ଟି (ପିଡିପି) ପକ୍ଷରୁ ସୋମବାର ପାର୍ଲାମେଣ୍ଟରେ ବିକ୍ଷୋଭ କରାଯାଇଛି। ରାଜ୍ୟ ସଭା ସଦସ୍ୟ ମୀର୍ ଫୟାଜ୍ ଓ ନାଜିର୍ ଅହମଦ ଲୱାୟ ଗୃହରେ ପ୍ଲା-କାର୍ଡ ଧରି ବିଭିନ୍ନ ସ୍ଲୋଗାନ୍ ଦେଇଥିଲେ। ଜମ୍ମୁ-କଶ୍ମୀରରେ ଶାନ୍ତି ଫେରାଇଆଣିବା ସହ କେନ୍ଦ୍ରଶାସିତ ଅଞ୍ଚଳର ମାନ୍ୟତା ପ୍ରତ୍ୟାହାର କରାଯାଉ ବୋଲି ସେମାନେ ଦାବି କରିଥିଲେ। ପାର୍ଲାମେଣ୍ଟର ଗତ ଅଧିବେଶନରେ ମଧ୍ୟ ଏହି ଦୁଇ ଏମ୍‌ପି ୩୭୦ ଉଚ୍ଛେଦ କରାଯିବା ନିଷ୍ପତ୍ତିକୁ ବିରୋଧ କରି ବିକ୍ଷୋଭ କରିଥିଲେ। ବାଚସ୍ପତି ସେମାନଙ୍କୁ ତାଗିଦ୍ ମଧ୍ୟ କରିଥିଲେ। ପିଡିପି ମୁଖ୍ୟ ମେହବୁବା ମୁଫ୍ତି ଅଗଷ୍ଟ ୫ରୁ ଗୃହବନ୍ଦୀ ରହିଥିବାବେଳେ କେନ୍ଦ୍ର ସରକାରଙ୍କ ପଦକ୍ଷେପକୁ ଏହି ପିଡିପି ଏମ୍‌ପିମାନେ ବିରୋଧ କରି ପାର୍ଲାମେଣ୍ଟରେ ବିକ୍ଷୋଭ କରିଛନ୍ତି।

# ମହାରାଷ୍ଟ୍ର ପାଇଁ ଅଧିକ ଆଲୋଚନା ଆବଶ୍ୟକ

ନୂଆଦିଲ୍ଲୀ,୧୮।୧୧(ପି.ଟି.)-ମହାରାଷ୍ଟ୍ରରେ ସରକାର ଗଠନ ନେଇ ଅନିଶ୍ଚିତତାର ଅନ୍ତ ଘଟୁନାହିଁ। ଏନ୍‌ସିପି ନେତା ଶରଦ ପାୱାର ସୋମବାର ସନ୍ଧ୍ୟାରେ କଂଗ୍ରେସ ଅଧ୍ୟକ୍ଷା ସୋନିଆ ଗାନ୍ଧୀଙ୍କୁ ତାଙ୍କ ନୂଆଦିଲ୍ଲୀ ବାସଭବନରେ ଭେଟି ୪୫ ମିନିଟ ଆଲୋଚନା କରିଥିଲେ। ସେମାନେ ମହାରାଷ୍ଟ୍ର ରାଜନୀତି ନେଇ ଆଲୋଚନା କରିଥିଲେ ହେଁ ସରକାର ଗଠନ ଏବଂ ସାଧାରଣ ସର୍ବନିମ୍ନ କାର୍ଯ୍ୟସୂଚୀ ସମ୍ପର୍କରେ କଥା ହୋଇ ନ ଥିବା ଜଣାପଡିଛି। କୌଣସି ଦଳ ସହ ମେଣ୍ଟ ନେଇ ଆଲୋଚନା ହୋଇନାହିଁ। ମହାରାଷ୍ଟ୍ରରେ ସରକାର ଗଠନ ନେଇ ଅଧିକ ଆଲୋଚନାର ଆବଶ୍ୟକତା ରହିଥିବା ବୈଠକ ପରେ ପାୱାର ଗଣମାଧ୍ୟମକୁ କହିଛନ୍ତି। ଅନ୍ୟପକ୍ଷରେ ଏନ୍‌ସିପି ନେତା ଭାଜପା ସହ ମେଣ୍ଟ କରିବାକୁ ଦ୍ୱାର ଖୋଲାରଖିଥିବା ଚର୍ଚ୍ଚା ହେଉଥିଲାବେଳେ ଏହାକୁ ପାୱାର ଖଣ୍ଡନ କରିଛନ୍ତି। ମହାରାଷ୍ଟ୍ରରେ ଭାଜପା ଓ ଶିବସେନା ଏକାଠି ନିର୍ବାଚନ ଲଢ଼ିଥିଲେ। ଭାଜପା ୧୦୫ ଆସନ ଜିତିଥିଲାବେଳେ ଶିବସେନାକୁ ୫୬ ଆସନ ମିଳିଛି। ସେମାନେ ନିଜର ମାର୍ଗ ନିର୍ଦ୍ଧାରଣ କରିବା ଉଚିତ। ଭାଜପାକୁ ସମର୍ଥନ ଦେବା ପ୍ରଶ୍ନ ଉଠୁନାହିଁ ବୋଲି ଏନ୍‌ସିପି ନେତା କହିଛନ୍ତି। ଶିବସେନା ସହ ମେଣ୍ଟ ପ୍ରସ୍ତାବକୁ କଂଗ୍ରେସ ନେତ୍ରୀ ବିରୋଧ କରୁଛନ୍ତି କି ପ୍ରଶ୍ନରେ ସେପରି କିଛି ଆଲୋଚନା ହୋଇ ନ ଥିବା ଏନ୍‌ସିପି ମୁଖ୍ୟ କହିଥିଲେ।

**ସୋନିଆଙ୍କୁ ଭେଟିଲେ ଶରଦ ପାୱାର**



**ଇତିହାସର ଆଇନାରେ**

**ନଭେମ୍ବର ୧୯ର ପ୍ରମୁଖ ଘଟଣା**

୧ ୯୧୭ ନଭେମ୍ବର ୧୯ରେ ପୂର୍ବତନ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀ ଜନ୍ମଗ୍ରହଣ କରିଥିଲେ। ସେ ଭାରତର ଏକମାତ୍ର ମହିଳା ପ୍ରଧାନମନ୍ତ୍ରୀ ହେବା ସହ ଜାତୀୟ କଂଗ୍ରେସର ଜଣେ ଟାଣୁଆ ନେତ୍ରୀ ଥିଲେ। ପାକିସ୍ତାନ ବିରୋଧରେ ଯୁଦ୍ଧ କରି ବାଂଲାଦେଶକୁ ସ୍ୱାଧୀନତା ଆଣିଦେବା ଓ ଅପରେଶନ୍ ବ୍ଲୁଷ୍ଟାର ଦ୍ୱାରା ସ୍ୱର୍ଣ୍ଣମନ୍ଦିରରେ ସେନା କାର୍ଯ୍ୟାନୁଷ୍ଠାନ ତାଙ୍କ ସମୟରେ ହୋଇଥିଲା।

୨ ୦୧୩ ନଭେମ୍ବର ୧୯ରେ ଲେବାନନ୍‌ର ବେରୁଟସ୍ଥିତ ଇରାନ ଦୂତାବାସ ନିକଟରେ ଦୁଇଟି ଆତ୍ମଘାତୀ ବିସ୍ଫୋରଣ ହେବା ଫଳରେ ୨୩ ଜଣ ପ୍ରାଣ ହରାଇବା ସହ ୧୬୦ ବ୍ୟକ୍ତି ଆହତ ହୋଇଥିଲେ। ଏହି ବିସ୍ଫୋରଣ ଲାଗି ଅଲ୍ କାଏଦା ସମର୍ଥିତ ଆତଙ୍କବାଦୀ ଗୋଷ୍ଠୀ ନିଜକୁ ଦାୟୀ କରିଥିଲେ।

# ୩ ମାସରେ ୯୫୦ ଥର ଅସ୍ତ୍ରବିରତି ଉଲ୍ଲଂଘନ

ନୂଆଦିଲ୍ଲୀ, ୧୮।୧୧(ପି.ଟି.)

ପାକିସ୍ତାନ ସୀମାରେ ବାରମ୍ବାର ଅସ୍ତ୍ରବିରତି ଉଲ୍ଲଂଘନ କରିଆସୁଛି। ଚଳିତବର୍ଷ ଗତ ଅଗଷ୍ଟରୁ ଅକ୍ଟୋବର ମାସ ମଧ୍ୟରେ ନିୟନ୍ତ୍ରଣ ରେଖା (ଏଲ୍‌ଓସି) ନିକଟରେ ୯୫୦ ଥର ଅସ୍ତ୍ରବିରତି ଉଲ୍ଲଂଘନ ହୋଇଥିବା ଜଣାପଡ଼ିଛି। ଗୁଲିମାଡ଼ରେ ୭ ସୁରକ୍ଷାକର୍ମୀ ଆହତ ହୋଇଥିବାବେଳେ ୩ ଜଣଙ୍କ ପ୍ରାଣ ମଧ୍ୟ ହରାଇଛନ୍ତି। ସୋମବାର ଏନେଇ ପ୍ରତିରକ୍ଷା ରାଷ୍ଟ୍ରମନ୍ତ୍ରୀ ଶ୍ରୀପଦ ନାଏକ ଗୃହରେ ଏହି ତଥ୍ୟ ରଖିଛନ୍ତି। ଅନ୍ତର୍ଜାତୀୟ ସୀମାରେଖା ନିକଟରେ ଗତ ୩ ମାସ ମଧ୍ୟରେ ଏଭଳି ୭୯ଟି ଘଟଣା ଘଟିଥିବା ଏକ ଲିଖିତ ପ୍ରଶ୍ନର ଉତ୍ତର ଦେଇ ସେ ପ୍ରକାଶ କରିଛନ୍ତି। ବାରମ୍ବାର ପାକ୍ କର୍ତ୍ତୃପକ୍ଷଙ୍କୁ ଏ ସମ୍ପର୍କରେ ଅବଗତ କରାଯାଉଥିଲେ ହେଁ କିଛି ସୁଫଳ ମିଳୁନାହିଁ। ଏହାକୁ ଦୃଢ଼ହସ୍ତରେ ଦମନ କରିବା ଲାଗି ପଦକ୍ଷେପ ଗ୍ରହଣ କରାଯାଉଥିବା ସେ ମତ ଦେଇଛନ୍ତି। ସୀମାରେ ସତର୍କ ଦୃଷ୍ଟି ରଖାଯାଇଥିବା ସେ ପ୍ରକାଶ କରିଛନ୍ତି।

# ହସ୍ପିଟାଲରେ ଟିଏମ୍‌ସି ନେତ୍ରୀ ନୁସ୍‌ରତ

**କୋଲକାତା,୧୮।୧୧(ପି.ଟି.)**-ଅଭିନେତ୍ରୀ ତଥା ଟିଏମ୍‌ସି ଏମ୍‌ପି ନୁସ୍‌ରତ୍ ଜହାନ୍ ନିଃଶ୍ୱାସ ପ୍ରଶ୍ୱାସ ନେବାରେ ଅସୁବିଧା ଭୋଗକରିବାରୁ ତାଙ୍କୁ ସୋମବାର ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ସ୍ୱାମୀ ନିଖିଲ୍ ଜୈନ୍‌ଙ୍କ ଜନ୍ମଦିନ ପାଳନ ପରେ ସେ ଓଭର୍‌ଡୋଜ୍ ଔଷଧ ଖାଇଦେଇ ଥିବାରୁ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ରବିବାର ରାତିରେ ଗୁରୁତର ହୋଇପଡ଼ିଥିଲା ବୋଲି ପୋଲିସ କହିଛି। ପୂର୍ବରୁ ସେ ଆଜ୍ମାରେ ପୀଡ଼ିତ ଥିଲେ। ଏବେ ଜହାନ୍ ଆଇସିୟୁରେ ଚିକିତ୍ସା ହେଉଥିବାବେଳେ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ସ୍ଥିର ରହିଛି।



ଜମ୍ମୁ ସୀମାନ୍ତ ସୁଚେତଗଡ଼ଠାରେ ସ୍କୁଲ ଛାତ୍ରୀମାନେ ସେନା ବନ୍ଧୁକ ଧରିଛନ୍ତି।

# ଲତାଙ୍କ ଦେହାନ୍ତ ଗୁଜବ

ନୂଆଦିଲ୍ଲୀ,୧୮।୧୧

ଭାରତରତ୍ନ ଲତା ମଙ୍ଗେସ୍‌କରଙ୍କ ଦେହାନ୍ତ ହୋଇଥିବା ନେଇ ଗୁଜବ ସୋସିଆଲ ମିଡିଆରେ ଭାଇରାଲ୍ ହେବାରେ ଲାଗିଛି। ହେଲେ ଲତା ସମ୍ପୂର୍ଣ୍ଣ ସୁସ୍ଥ ଥିବା ପରିବାର ପକ୍ଷରୁ କୁହାଯାଇଛି। ଏଭଳି ଗୁଜବ ନ ଖେଳାଇବାକୁ ପରିବାର ଲୋକେ ଅନୁରୋଧ କରିଛନ୍ତି। ୯୦ ବର୍ଷୀୟା ଲତା ଛାତିରେ ଯନ୍ତ୍ରଣା ଅନୁଭବ କରିବାରୁ ତାଙ୍କୁ ଗତ ସୋମବାର ବ୍ରିଚ୍‌କାଣ୍ଡି ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ଏବେ ତାଙ୍କ ସ୍ୱାସ୍ଥ୍ୟାବସ୍ଥାରେ ସାମାନ୍ୟ ସୁଧାର ଆସିଛି। ଗତ ଶୁକ୍ରବାର ତାଙ୍କ ପରିବାର ପକ୍ଷରୁ ଏନେଇ ସୂଚନା ଦିଆଯାଇଥିଲା।

## ପାର୍ଲାମେଣ୍ଟ ଅଭିମୁଖେ ଜେଏନ୍‌ୟୁ ଛାତ୍ରଙ୍କ ଶୋଭାଯାତ୍ରା

# ପୋଲିସ ଅଟକାଇବାରୁ ଧସ୍ତାଧସ୍ତି

ନୂଆଦିଲ୍ଲୀ,୧୮।୧୧(ପି.ଟି.)

ହଷ୍ଟେଲ୍ ଦେୟ ବୃଦ୍ଧି ପ୍ରତ୍ୟାହାର ଦାବିରେ ଜବାହରଲାଲ ନେହେରୁ ବିଶ୍ୱବିଦ୍ୟାଳୟ (ଜେଏନ୍‌ୟୁ) ଛାତ୍ରୀଛାତ୍ର ସୋମବାର ପାର୍ଲାମେଣ୍ଟ ଭବନ ଅଭିମୁଖେ ଶୋଭାଯାତ୍ରାରେ ଯାଉଥିଲାବେଳେ ସେମାନଙ୍କୁ ପୋଲିସ ଅଟକାଇବାରୁ ଧସ୍ତାଧସ୍ତି ହୋଇଥିଲା। ଉତ୍ୟକ୍ତ ବିକ୍ଷୋଭକାରୀଙ୍କୁ ଘଉଡାଇବା ଲାଗି ପୋଲିସ ଲାଠିଚାଳନା କରିଥିଲା। ଏଥିରେ କେତେଜଣ ଛାତ୍ର ଆହତ ହୋଇଛନ୍ତି। ଜେଏନ୍‌ୟୁ ଛାତ୍ର ସଂସଦ ସଭାପତି ଐଶେ ଘୋଷଙ୍କ ସମେତ ପ୍ରାୟ ୧୦୦ ଜଣ ଛାତ୍ରଙ୍କୁ ପୋଲିସ ଅଟକ ରଖିଛି। ଅଟକ ଛାତ୍ରମାନଙ୍କୁ ଛାଡିଦେବା ଦାବିରେ ବିକ୍ଷୋଭରତ ଛାତ୍ରୀଛାତ୍ର ସଫଦରଜଙ୍ଗ ଟମ୍ବ ନିକଟରେ ରାସ୍ତାରେ ବସିଥିଲେ। ମାନବ ସମ୍ବଳ ବିକାଶ



ମନ୍ତ୍ରଣାଳୟ ଅଧିକାରୀମାନଙ୍କ ସହ ଛାତ୍ର ପ୍ରତିନିଧିଙ୍କର ଆଲୋଚନା ହୋଇଛି। ଦିଲ୍ଲୀ ପୋଲିସ ସେମାନଙ୍କୁ ଆଲୋଚନା ପାଇଁ ପ୍ରସ୍ତାବ ଦେବା ସହ ଆଇନକୁ ହାତକୁ ନ ନେବା ପାଇଁ ଅନୁରୋଧ କରିଛି।

ସୋମବାର ପାର୍ଲାମେଣ୍ଟର ଶୀତ ଅଧିବେଶନ ଆରମ୍ଭ ହୋଇଥିଲାବେଳେ ଛାତ୍ରଙ୍କ ବିକ୍ଷୋଭ ଶୋଭାଯାତ୍ରା ଯୋଗୁ ଟ୍ରାଫିକ ସମସ୍ୟା ସୃଷ୍ଟି ହୋଇଥିଲା। ନେଲସନ ମଣ୍ଡେଲା ମାର୍ଗ, ଅରବିନ୍ଦ ମାର୍ଗ ଏବଂ ବାବା ଗାଙ୍ଗନାଥ ମାର୍ଗରେ ଟ୍ରାଫିକ ସମ୍ପୂର୍ଣ୍ଣ ଜାମ୍ ହୋଇଯାଇଥିଲା। ପାର୍ଲାମେଣ୍ଟ ଭବନ ନିକଟ ତିନୋଟି ମେଟ୍ରୋ ଷ୍ଟେଶନର ପ୍ରବେଶ ଓ

**ଲାଠିଚାଳନା**

**୧୦୦ ଛାତ୍ର ଅଟକ**

ପ୍ରସ୍ଥାନ ପଥକୁ ସାମୟିକ ଭାବେ ବନ୍ଦ କରିଦିଆଯାଇଥିଲା। ସେହିପରି ଉଦ୍ୟୋଗ ଭବନ ଓ ପଟେଲ ଚୌକଠାରେ ଟ୍ରେନ୍‌କୁ ରହିବାକୁ ଦିଆଯାଇ ନ ଥିଲା।

ହଷ୍ଟେଲ ଦେୟବୃଦ୍ଧି ପ୍ରତ୍ୟାହାର ସାଙ୍ଗକୁ ଅନ୍ୟ କେତେକ ଦାବି ନେଇ ବିଶ୍ୱବିଦ୍ୟାଳୟ ପରିସରରେ ଛାତ୍ରୀଛାତ୍ର ୩ ସପ୍ତାହ ହେଲା ବିକ୍ଷୋଭ କରିବା ସହ ପାର୍ଲାମେଣ୍ଟର ଦୃଷ୍ଟି ଆକର୍ଷଣ ପାଇଁ ସୋମବାର ଶୋଭାଯାତ୍ରାରେ ବାହାରିଥିଲେ। ସରକାର ଦେୟବୃଦ୍ଧି ପ୍ରତ୍ୟାହାର ନ କରିବା ପର୍ଯ୍ୟନ୍ତ ଆନ୍ଦୋଳନରୁ ଓହରିବେ ନାହିଁ ବୋଲି ଛାତ୍ରୀଛାତ୍ର କହିଛନ୍ତି।

# କ୍ଷେଟ୍ରଚରରେ ୪ କି.ମି. ବୁହାହେଲେ ଗର୍ଭବତୀ

- ରାସ୍ତା ଭଲ ନ ଥିବାରୁ ଆମ୍ବୁଲାନ୍ସ ଆସିଲାନି ଗ୍ରାମକୁ
- ରାତିରେ ଟର୍ଚ୍ଚଲାଇଟ ମାରି ଗାଡି ପାଖକୁ ଆଣିଲେ
- ଚିକିତ୍ସା ପରେ ସୁସ୍ଥ ଅଛନ୍ତି ରାମେ

କାଳିମେଳା/ଏମଭି-୭୯, ୧୮।୧୧(ଡି.ଏନ.ଏ.)

ମାଲକାନଗିରି ଜିଲାରେ ପୁଣିଥରେ ଦେଖାଦେଇଛି ଜନନୀ ଯନ୍ତ୍ରଣା ଦୁଃଖ । ଅନେକ ଗ୍ରାମକୁ ସବୁଦିନିଆ ରାସ୍ତାଟିଏ ନ ଥିବାରୁ ଗ୍ରାମକୁ ଆମ୍ବୁଲାନ୍ସ ପହଞ୍ଚିପାରୁନାହିଁ। କେଉଁଠି ଗର୍ଭବତୀ ମହିଳାଙ୍କୁ ଟୋକେଇ ଭାରରେ ତ ଆଉ କେଉଁଠି ଖଟିଆରେ ବୁହା ହୋଇ ମେଡିକାଲ ନେବା ଜିଲାରେ ନିତିଦିନିଆ ଘଟଣା ହୋଇସାରିଲାଣି। ପୁଣି ଥରେ ଆମ୍ବୁଲାନ୍ସ କ୍ଷେଟ୍ରଚରରେ ଜଣେ ଗର୍ଭବତୀଙ୍କୁ ବସାଇ ଆମ୍ବୁଲାନ୍ସ କର୍ମଚାରୀମାନେ ନିଜେ କାନ୍ଧେଇ ଆମ୍ବୁଲାନ୍ସ ନିକଟକୁ ନେଉଥିବା ସୋମବାର ଦେଖିବାକୁ ମିଳିଛି। ଏଭଳି ଅଭାବନୀୟ ଘଟଣା ଦେଖିବାକୁ ମିଳିଛି ମାଲକାନଗିରି ଜିଲା କାଳିମେଳା ବ୍ଲକରେ। ଖବରରୁ ଜଣାପଡିଛି ରବିବାର ରାତି ପ୍ରାୟ ସାଢେ ୧୦ଟାରେ ଭୁବନପାଲି ପଞ୍ଚାୟତର କାନ୍ଦିଗୁଡା ଗ୍ରାମର ମୁତା ମାଡିଙ୍କ ସ୍ତ୍ରୀ ରାମେ ମାଡିଙ୍କ ଗର୍ଭ ଯନ୍ତ୍ରଣା ଆରମ୍ଭ ହୋଇଥିଲା। ଗ୍ରାମର ଆଶାକର୍ମୀଙ୍କ ସହାୟତାରେ ପରିବାର ଲୋକେ ୧୦୮ ଆମ୍ବୁଲାନ୍ସକୁ ଫୋନ କରିଥିଲେ। ଏମଭି-୭୯ସ୍ଥିତ ଆମ୍ବୁଲାନ୍ସ ଭଲ ରାସ୍ତା ନ ଥିବାରୁ କାନ୍ଦିଗୁଡା ଗ୍ରାମକୁ ଯାଇପାରି ନ ଥିଲା। ଆମ୍ବୁଲାନ୍ସଟି ମକାରଗୁଡା ନିକଟରେ ଅଟକି ରହିଥିଲା। ପରେ ଆମ୍ବୁଲାନ୍ସ ଡ୍ରାଇଭର ଓ ଅନ୍ୟ କର୍ମଚାରୀମାନେ କିଛି ଉପାୟ ନ ପାଇ ୪ କିମି ଦୂରରେ ଥିବା କାନ୍ଦିଗୁଡା ଗ୍ରାମକୁ ଯାଇ ଗର୍ଭବତୀଙ୍କୁ କ୍ଷେଟ୍ରଚରରେ ବସାଇ ପରିବାର ଲୋକଙ୍କ ସହ କାନ୍ଧେଇ ଗାଡି ପର୍ଯ୍ୟନ୍ତ ଆଣିଥିଲେ। ଅନ୍ଧାର ରାତିରେ ଟର୍ଚ୍ଚଲାଇଟ ମାରି ପାହାଡିଆ ଘଞ୍ଚ ଜଙ୍ଗଲିଆ ରାସ୍ତାପାର ହୋଇ ଗାଡି ପର୍ଯ୍ୟନ୍ତ କର୍ମଚାରୀମାନେ ତାଙ୍କୁ ବୋହି ଆଣିଥିଲେ । ପରେ ତୁରନ୍ତ ରାମେଙ୍କୁ ଏମଭି-୭୯ ମେଡିକାଲରେ ଭର୍ତ୍ତି କରାଯାଇଥିଲା । ଇଏମଟି ସୁଶାନ୍ତ ଲସ୍କର, ଡ୍ରାଇଭର ମନୋହର ମଣ୍ଡଳ, ଆଶା କର୍ମୀ ଗାଙ୍ଗି କରାମ ସହଯୋଗ କରିଥିଲେ। ଚିକିତ୍ସା ପରେ ଏବେ ରାମେ ସୁସ୍ଥ ଅଛନ୍ତି। କାଳିମେଳା ବ୍ଲକରେ ଏପରି ବହୁ ଗ୍ରାମ ରହିଛି, ଯେଉଁଠିକୁ ରାସ୍ତା ନ ଥିବାରୁ ଗ୍ରାମକୁ ଆମ୍ବୁଲାନ୍ସ ଯାଇପାରୁ ନାହିଁ । ଫଳରେ ଲୋକମାନେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ମୋ ସରକାର ନାମରେ ସରକାର ୫-ଟି କାର୍ଯ୍ୟକ୍ରମ କରୁଥିବା ବେଳେ ମାଲକାନଗିରି ଜିଲାର ଅନେକ ଗ୍ରାମକୁ ଏବେ ମଧ୍ୟ ଆମ୍ବୁଲାନ୍ସ ପହଞ୍ଚିପାରୁନାହିଁ।

## ସଂକ୍ଷେପରେ

### ୫୦ କେଜି ଗଞ୍ଜେଇ ଜବତ,ଜଣେ ଗିରଫ



କାଳିମେଳା,୧୮।୧୧(ଡି.ଏନ.ଏ.)- କାଳିମେଳା ଥାନା ଅନ୍ତର୍ଗତ ଏମଭି-୯୦ ଗ୍ରାମ ଓ ଏମଭି-୭୦ ଗ୍ରାମ ମଧ୍ୟରେ ଯାଇଥିବା ରାସ୍ତାରେ ଚଢାଉ କରି କାଳିମେଳା ପୋଲିସ ଏକ ବୋଲେରୋ (ଓଡି୩୦- ୩୬୫୧)ରୁ ୫୦ କେଜିରୁ ଉର୍ଦ୍ଧ୍ୱ ଗଞ୍ଜେଇ ଜବତ କରିଛି । ରବିବାର ରାତିରେ ପୋଲିସ ଉକ୍ତ ରାସ୍ତାରେ ପାଟ୍ରୋଲିଂ କରୁଥିବା ବେଳେ ଏହା ଧରାପଡିଛି। ବୋଲୋରେ ଉପରେ ସନ୍ଦେହ ହେବାରୁ କର୍ମଚାରୀମାନେ ଏହାକୁ ପିଛା କରି ଅଟକାଇଥିଲେ। ପରେ ଏହାକୁ ଯାଞ୍ଚ କରିବାରୁ ଗାଡିଭିତରୁ ଗଞ୍ଜେଇ ବାହାରିଥିଲା । ବୋଲେରୋକୁ ଜବତ କରି ଡ୍ରାଇଭର ଏମଭି-୭୦ ଗ୍ରାମର ସୁବ୍ରତ ମାତୋବରଙ୍କୁ ପୋଲିସ ଅଟକ ରଖି ପଚରାଉଚରା କରୁଛି । ଏହି ଚଢାଉରେ ଏସଆଇ ସୋମନାଥ ଦଳବେହେରା,ଏଏସଆଇ ଗୋବିନ୍ଦ ପାତ୍ର, ହାବିଲଦାର ବିନ୍ଦୁ ବିଲାର, କନଷ୍ଟେବଳ ପୁରୁଷୋତ୍ତମ ରାୟ ସାମିଲ ହୋଇଥିଲେ।

### ମହିଳାଙ୍କୁ ନିର୍ଯାତନା ନେଇ ଥାନାରେ ମାମଲା

କାଳିମେଳା,୧୮।୧୧(ଡି.ଏନ.ଏ.)- ମାଲକାନଗିରି ଜିଲା କାଳିମେଳା ଥାନା ଅନ୍ତର୍ଗତ ଏମପିଭି-୫୬ ଗ୍ରାମରେ ଜଣେ ବିବାହିତା ମହିଳାଙ୍କୁ ତାଙ୍କ ଶାଶୁଘର ଲୋକେ ଯୌତୁକ ନିର୍ଯାତନା ଦେଇ ତାଙ୍କ ଚରିତ୍ର ସଂହାର କରିଥିବା ଅଭିଯୋଗ ହୋଇଛି। ମହିଳା ଜଣକ ଶେଷରେ ନ୍ୟାୟ ପାଇଁ କାଳିମେଳା ଥାନାର ଦ୍ୱାରସ୍ଥ ହୋଇଛନ୍ତି। ପୋଲିସ ତାଙ୍କ ଅଭିଯୋଗକୁ ଗୁରୁତର ସହ ନେଇ ମାମଲା (୧୮୦/୧୯ )ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଛି। ଖବରରୁ ଜଣାପଡିଛି ଏମପିଭି-୫୬ ଗ୍ରାମର ବିଷ୍ଣୁପଦ ମଣ୍ଡଳ ଏମଭି-୬୯ ଗ୍ରାମର ସନାତନ ମଣ୍ଡଳଙ୍କ ଝିଅ ସାବିତ୍ରୀ ମଣ୍ଡଳଙ୍କୁ ୭ ମାସ ତଳେ ପ୍ରେମ ବିବାହ କରିଥିଲେ। ବିବାହର ୨ମାସ ଭଲରେ କଟିବା ପରେ ସାବିତ୍ରୀଙ୍କୁ ଶାଶୁଘର ଲୋକେ ନିର୍ଯାତନା ଦେବା ଆରମ୍ଭ କରିଥିଲେ। ବାପଘରୁ ଟଙ୍କା ଓ ଜମି ଆଣିବା ପାଇଁ ସାବିତ୍ରୀଙ୍କୁ ବାଧ କରୁଥିଲେ। ଅନେକ ସମୟରେ ତାଙ୍କୁ ଗାଳିଗୁଲଜ କରୁଥିବା ସାବିତ୍ରୀ ଅଭିଯୋଗ କରିଛନ୍ତି। ଏପରିକି ଶାଶୁଘର ଲୋକେ ତାଙ୍କ ଚରିତ୍ରକୁ ସନ୍ଦେହ କରୁଥିବା ସେ ପ୍ରକାଶ କହିଛନ୍ତି। ସାବିତ୍ରୀ ଗତ ୧୭ରୁ ଶାଶୁଘରୁ ପଳାଇ ଆସି ବାପ ଘରେ ରହୁଛନ୍ତି।

## ପ୍ରେମିକା ଆଣିଲେ ପ୍ରେମିକଙ୍କ ନାଁରେ ବଳାତ୍କାର ଅଭିଯୋଗ

କାଳିମେଳା, ୧୮।୧୧(ଡି.ଏନ.ଏ.)

ମାଲକାନଗିରି ଜିଲା କାଳିମେଳା ଥାନା ଅନ୍ତର୍ଗତ ଉଣ୍ଡୁକୋଣ୍ଡା ପଞ୍ଚାୟତର ଇଞ୍ଜମେଟଲା ଗ୍ରାମର ଜଣେ ଯୁବତୀ ତାଙ୍କ ପ୍ରେମିକଙ୍କ ନାମରେ ବଳାତ୍କାର ଅଭିଯୋଗ ଆଣିଛନ୍ତି। ଏହାକୁ ଭିତ୍ତି କରି ପୋଲିସ ସମ୍ପୃକ୍ତ ପ୍ରେମିକଙ୍କୁ ଅଟକ ରଖି ତଦନ୍ତ ଚଳାଇଛି। ଖବରରୁ ଜଣାପଡିଛି ପଡିଆ ଥାନା ଅନ୍ତର୍ଗତ ପ୍ରସନ୍ନପାଲି ଗ୍ରାମର ସନା ମାଡକମିଙ୍କ ପୁଅ ଭୀମା ମାଡକାମି (୩୦) ଇଞ୍ଜମେଟଲା ଗ୍ରାମର ଜଣେ ଯୁବତୀଙ୍କୁ ଭଲପାଉଥିଲେ। ଗତ କିଛିଦିନ ତଳେ ଉଭୟେ ଘରୁ ଲୁଚି ପଳାଇଥିଲେ । ତେବେ ପରିବାର ଲୋକେ ଉଭୟଙ୍କ ବିବାହ କରାଇଦେବାକୁ କହି ଘରକୁ ଫେରାଇ ଆଣିଥିଲେ। ଫେରିବାର କିଛିଦିନ ପରେ ବିବାହ କଥାବାର୍ତ୍ତା ନେଇ ଝିଅ ଜଣକ ଭୀମାଙ୍କୁ ତାଙ୍କ ଘର ଇଞ୍ଜମେଟଲା ଗ୍ରାମକୁ ଡକାଇଥିଲେ। ତେବେ ରାସ୍ତାରେ ଝିଅଘର ଲୋକେ ଭୀମାଙ୍କୁ ମାଡ ମାରିଥିଲେ । ଏଥିରେ ଭୀମା ଗୁରୁତର ଆହତ ହୋଇଥିଲେ। ଏହି ଘଟଣାର ଗୋଟିଏ ଦିନପରେ ସମ୍ପୃକ୍ତା ଯୁବତୀ ତାଙ୍କ ପ୍ରେମିକଙ୍କ ନାମରେ କାଳିମେଳା ଥାନାରେ ବଳାତ୍କାର ଅଭିଯୋଗ ଆଣିଛନ୍ତି। ଏହାର କେସ୍ ନଂ ୧୭୯/୧୯।

## ସ୍ୱାସ୍ଥ୍ୟକେନ୍ଦ୍ର ପରିଦର୍ଶନ କଲେ ରାଜ୍ୟସ୍ତରୀୟ ଟିମ୍

କାଳିମେଳା,୧୮।୧୧(ଡି.ଏନ.ଏ.)



ରାଜ୍ୟସ୍ତରୀୟ ଟିମ୍ ଡାକ୍ତରଖାନା ପରିଦର୍ଶନ କରୁଛନ୍ତି ।

ମାଲକାନଗିରି ଜିଲା କାଳିମେଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର ଏକ ୩ ଜଣିଆ ଟିମ୍ ଗସ୍ତ କରି ସ୍ୱାସ୍ଥ୍ୟକେନ୍ଦ୍ରର ସ୍ଥିତି ଅନୁଧ୍ୟାନ କରିଛନ୍ତି। ଟିମ୍‌ରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର ଆଇଡିଏସପି ଡା. ଏ.କେ ପାଇକରାୟ, ରାଷ୍ଟ୍ରୀୟ ବାଲ୍ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମର ପ୍ରଶାନ୍ତ କୁମାର ଦାସ, ୟୁନିସେଫର ଗୌତମ ପଟ୍ଟନାୟକ ଗସ୍ତରେ ଆସିଛନ୍ତି। ଏହି ଟିମ୍ ପରିଦର୍ଶନ ବେଳେ ବିଶେଷ କରି ମେଡିକାଲର ସ୍ୱଚ୍ଛତା ଉପରେ ଗୁରୁତ୍ୱାରୋପ କରି ବିଭିନ୍ନ ୱାର୍ଡ, ଲେବର ରୁମ୍, ଓଟି, ଲାବେରେଟୋରି ସହ ମେଡିକାଲର ଚତୁଃପାର୍ଶ୍ୱ ବୁଲି ତଦାରଖ କରିଥିଲେ। ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡା. ଅବିଦ ହୁସେନ ଖାନ୍‌ଙ୍କ ସହ ରୋଗୀ ସେବା ଏବଂ ସ୍ୱାସ୍ଥ୍ୟକେନ୍ଦ୍ରର ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ। ତାଙ୍କ ସହ ମାଲକାନଗିରି ଜିଲା ସ୍ୱାସ୍ଥ୍ୟକେନ୍ଦ୍ରର ଏଡିଏମଓ ଶଶି ଭୂଷଣ ମହାପାତ୍ର, ଗାଁ କଲ୍ୟାଣ ସମିତି ପରିଚାଳକ ସଚିନ ଦେବଗୌଡ, କାଳିମେଳା ଜନସ୍ୱାସ୍ଥ୍ୟ ଅଧିକାରୀ ସତ୍ୟ ନାରାୟଣ ଦେଓ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଟିମ୍ ଜିଲାର ସଦର ମେଡିକାଲ, କାଳିମେଳା ମେଡିକାଲ, ପାଣ୍ଡ୍ରିପାଣି, କୋରୁକୋଣ୍ଡା, କେ.ଗୁମ୍ମା ଆଦି ସ୍ୱାସ୍ଥ୍ୟକେନ୍ଦ୍ର ପରିଦର୍ଶନ କରିବେ । କାୟାକଳ୍ପ ପୁରସ୍କାର ପାଇଁ ଏହି ଅନୁଧ୍ୟାନ ହେଉଥିବା ଜଣାପଡିଛି।

## ରାମଦେବଙ୍କ ମନ୍ତବ୍ୟକୁ ମୂଳନିବାସୀ ସଙ୍ଗଠନ ପକ୍ଷରୁ ବିରୋଧ

ମାଲକାନଗିରି,୧୮।୧୧(ଡି.ଏନ୍.ଏ.)- ଯୋଗଗୁରୁ ସ୍ୱାମୀ ରାମଦେବ ବାବା ଗତ କିଛିଦିନ ତଳେ ବିଭିନ୍ନ ଗଣମାଧ୍ୟମରେ ଭାରତର ମହାନ ସାମାଜିକ, ସଂସ୍କାରକ ପେରିୟଲ ରାମସ୍ୱାମୀ ଏବଂ ସମାଜ ସଂସ୍କାରକ ତଥା ଭାରତ ସମ୍ବିଧାନର ପ୍ରଣେତା ସ୍ୱର୍ଗତ ଡଃ ବାବା ସାହେବ ଆମ୍ବେଦକରଙ୍କ ବିରୋଧରେ ମନ୍ତବ୍ୟ ଦେଇଥିଲେ। ଏଥିସହ ସେମାନଙ୍କ ଅନୁଗାମୀ ଭାରତର ମୂଳ ନିବାସୀ, ଦଳିତ ଓ ପଛୁଆବର୍ଗଙ୍କୁ ଆତଙ୍କବାଦୀ କହି ଆଘାତ ଦେଇଥିଲେ। ଏହାକୁ ମାଲକାନଗିରି ଜିଲାର ମୂଳନିବାସୀ ସଙ୍ଗଠନ ବିରୋଧ କରିଛି। ରାମଦେବାଙ୍କ ଏପରି ମନ୍ତବ୍ୟ କେହି ସହ୍ୟ କରିପାରିବେ ନାହିଁ। ଏହାକୁ ସଙ୍ଗଠନ ଦୃଢ ନିନ୍ଦା କରିବା ସହ ବାବାଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରିଛି। ସୋମବାର ସୁବାଷ ବୋସ ଛକଠାରେ ସଙ୍ଗଠନର ଆବାହକ ରତିକୃଷ୍ଣ ପାତ୍ରଙ୍କ ନେତୃତ୍ୱରେ ରାମଦେବଙ୍କ କୁଶ ପୁତଳିକା ଦାହ କରିଥିଲେ । ଏଥିରେ ସନୁ ଅନୁଗୁ, ଜରାଶବର ମାଡି, ଲକ୍ଷ୍ମଣ ଘରାମି, ରୁପଲାଲ ସୋରେନ, ଗଣେଶ କଟିମ, ପାଉଲରାଜ କିସ୍ପୁ, କେଶବ ଚନ୍ଦ୍ର ନାୟକ, କେ. ଦେଶୀରାଜୁ ଆଚାରୀ, ଦିବାକର ସେଠୀ ପ୍ରମୁଖ ଅଂଶଗ୍ରହଣ କରିଥିଲେ।

## ବାଇକ୍ ଦୁର୍ଘଟଣାରେ ଯୁବକଙ୍କ ମୃତ୍ୟୁ

କାଳିମେଳା, ୧୮।୧୧ (ଡି.ଏନ.ଏ.)

ମାଲକାନଗିରି ଜିଲା ପଡିଆ ବ୍ଲକ ଏମଭି-୫୯ ଓ ବାପନପାଲି ଗ୍ରାମ ମଧ୍ୟରେ ଥିବା ରାସ୍ତାରେ ରବିବାର ରାତିରେ ଏକ ବାଇକ୍ ଦୁର୍ଘଟଣା ଘଟି ଜଣେ ଯୁବକଙ୍କ ମୃତ୍ୟୁ ହୋଇଛି । ତାଙ୍କ ନାମ ସତ୍ୟଜିତ ବିଶ୍ୱାସ। ସେ ଏମଭି-୫୯ ଗ୍ରାମର ନିର୍ମଳଇନ୍ଦୁ ବିଶ୍ୱାସଙ୍କ ପୁଅ ବୋଲି ଜଣାପଡିଛି। ଖବରରୁ ଜଣାପଡିଛି ସତ୍ୟଜିତ ରବିବାର ସନ୍ଧ୍ୟାରେ ନିଜ ଜମିରେ ଧାନ କଟିବା ପାଇଁ ଲେବର ଖୋଜିବାକୁ ବାଇକ୍ ଧରି ଆସିଥିଲେ। ପରେ ବାପନପାଲିରୁ ନିଜ ଗ୍ରାମକୁ ଫେରୁଥିବା ବେଳେ ରାସ୍ତାରେ ଗାଡି ଭିତରକୁ ଏକ କୁକୁର ପଶି ଆସିବାରୁ ସେ ଭାରସାମ୍ୟ ହରାଇ ଦୁର୍ଘଟଣାଗ୍ରସ୍ତ ହୋଇ ରାସ୍ତାକଡକୁ ଛିଟିକି ପଡିଥିଲେ। ସତ୍ୟଜିତଙ୍କୁ ଗୁରୁତର ଅବସ୍ଥାରେ ସ୍ଥାନୀୟ ଲୋକେ ପଡିଆ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବର ପାଇ ପଡିଆ ପୋଲିସ ମୃତଦେହ ଜବତ କରି କାଳିମେଳା ଡାକ୍ତରଖାନାରେ ବ୍ୟବଚ୍ଛେଦ କରିଛି । ସତ୍ୟଜିତଙ୍କ ୪ ଝିଅ ଓ ଗୋଟିଏ ପୁଅ ରହିଛନ୍ତି।

## ୨ଟି ସ୍ଥାନରେ ଭୀମଭୋଇ ସାମର୍ଥ୍ୟ ଶିବିର

# ୬୦୪ ଦିବ୍ୟାଙ୍ଗ ହେଲେ ଚିହ୍ନଟ

କାଳିମେଳା,୧୮।୧୧(ଡି.ଏନ.ଏ.)

ମାଲକାନଗିରି ଜିଲା କାଳିମେଳା ବ୍ଲକ ଅନ୍ତର୍ଗତ ତାଣ୍ଡବାଇ ପଞ୍ଚାୟତର ଏମଭି-୭୯ ଏବଂ କାଳିମେଳା ସଦର ଏପରି ଦୁଇଟି ସ୍ଥାନରେ ଭୀମଭୋଇ ସାମର୍ଥ୍ୟ ଶିବିର ଦୁଇଦିନ ଧରି ଆୟୋଜିତ ହୋଇଥିଲା। ରବିବାର ଏମଭି-୭୯ସ୍ଥିତ ସାବେରି ବିଦ୍ୟାପୀଠ ଠାରେ ମୋଟୁ, ତାଣ୍ଡବାଇ, ଭୁବନପାଲି, ମହାରାଜପାଲି, ମାଲାଭରମ, ଲୁଟେଲ, ଟିଗଲ, ପୁଷ୍ପଗୁଡା,ମାନ୍ୟମକୋଣ୍ଡା ଆଦି ୯ଟି ପଞ୍ଚାୟତକୁ ନେଇ ଏକ ଶିବିର ହୋଇଥିଲା। ଏଠାରେ ବିଭିନ୍ନ କ୍ଷେତ୍ରରେ ସମସ୍ୟା ଥିବା ୩୦୭ ଜଣ ଦିବ୍ୟାଙ୍ଗ ଚିହ୍ନଟ ହୋଇଥିଲେ। ସେହିପରି ସୋମବାର କାଳିମେଳା ପଞ୍ଚାୟତ ସମିତି କାର୍ଯ୍ୟାଳୟରେ ଭୀମଭୋଇ ସାମର୍ଥ୍ୟ ଶିବିର ଅନୁଷ୍ଠିତ ହୋଇଥିଲା । ଏଠାରେ ଅସ୍ଥିଶଲ୍ୟ, ଦୃଷ୍ଟିବାଧିତ, ମୂକ ବଧିର, ମସ୍ତିଷ୍କରେ ସମସ୍ୟା ଥିବା ମୋଟ ୨୯୭ ଜଣ ଦିବ୍ୟାଙ୍ଗ ଚିହ୍ନଟ ହୋଇଥିଲେ। ଏଠାରେ କାଳିମେଳା, ବଡିଗେଟା, ଗମ୍ପାକୋଣ୍ଡା, କାଙ୍ଗୁରୁକୋଣ୍ଡା, ଗୁମୁକା, ମାନ୍ଦାପାଲି, କୋଇମେଟଲା, ତାଲରାଇ, ନାଲାଗୁଣ୍ଡି ଓ ଭେଙ୍କଟାପାଲମକୁ ନେଇ ଏହି ଶିବିର କରାଯାଇଥିଲା। ଉଭୟ ଶିବିରକୁ କାଳିମେଳା ବ୍ଲକ ଅଧ୍ୟକ୍ଷ ମାଲା ମାଡି ଓ ବିଡିଓ ଉମା ଶଙ୍କର ଦଳାଇ ଉଦ୍‌ଘାଟନ କରିଥିଲେ। କାଳିମେଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଡାକ୍ତର ଅବିଦ ହୁସେନ ଖାନ୍ ଓ ସ୍ତ୍ରୀ ଓ ପ୍ରସୂତି ବିଭାଗ ଡାକ୍ତର ନିର୍ମଳ ନାୟକ ଉପସ୍ଥିତ ରହି ଦିବ୍ୟାଙ୍ଗମାନଙ୍କୁ ଚିହ୍ନଟ କରିଥିଲେ। ଏହି ଅବସରରେ ଏମଭି-୯୦ ବିଦ୍ୟାଳୟର ଛାତ୍ର ଶିବା ବେପାରୀଙ୍କୁ ଏକ ହ୍ୱିଲ୍ ଚେୟାର ପ୍ରଦାନ କରାଯାଇଥିଲା। ମଙ୍ଗଳବାର ବେଜାଙ୍ଗିବାଡାରେ ଏପରି ଶିବିର ଅନୁଷ୍ଠିତ ହେବ ବୋଲି ଜଣାପଡିଛି। ଶିବିରକୁ ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ଦେଶା କାମରାଜ ପରିଚାଳନା କରିଥିଲେ। ପ୍ରୋଗ୍ରାମ ଆସିଷ୍ଟାଣ୍ଟ ସସ୍ମିତା ଦାସ, ବିଭୂତି ଭୂଷଣ ଭୋଇଙ୍କ ସହ ଅନ୍ୟମାନେ ସହଯୋଗ କରିଥିଲେ।

## ଧାନମଣ୍ଡି ଉଦ୍‌ଘାଟିତ

ପଡିଆ, ୧୮।୧୧ (ଡି.ଏନ୍.ଏ.)

ପଡିଆ ସଦର ମହକୁମା ସମେତ କାଲଦାପାଲି, ମୋଟେରୁ ଓ ନିଳିଗୁଡାରେ ଧାନମଣ୍ଡି ଉଦ୍‌ଘାଟିତ ହୋଇଛି। ଏଥିରେ ମୁଖ୍ୟଅତିଥି ଭାବେ ପଞ୍ଚାୟତ ସମିତି ଅଧ୍ୟକ୍ଷ ଦେବା ମାଡକାମୀ, ଏମଆଇ ମାନଭଞ୍ଜନ ହୋତା, ପଡିଆ ସରପଞ୍ଚ ନମିତା କରାସ୍ତା, ବିଧାୟକ ପ୍ରତିନିଧି କେ. ବାଲାୟା, ସାମଲ ମାରାଣ୍ଡି, ବି. ବେଣୁ, ଲ୍ୟାମ୍ପସ ଏମଡି ଟି. ରାଜେନ୍ଦ୍ର ପ୍ରସାଦ, ସଭାପତି ପଦିଆ ମାଡକାମୀ ପ୍ରମୁଖ ଉପସ୍ଥିତ ଥିଲେ । ମାଟେରୁ ଧାନମଣ୍ଡ ୧୫ଦିନକୁ ଥରେ ହେବ । ନାଳିଗୁଡାରେ ସପ୍ତାହକୁ ଥରେ ଏବଂ ପଡିଆ କାଲଦାପାଲି, ସିମିଳିବାଞ୍ଚାରେ ସପ୍ତାହକୁ ଦୁଇଦିନ ଧାନମଣ୍ଡି ହେବ ।

## ଅଭିବନ ଉପାୟରେ ଟଙ୍କା ଲୁଟ

କାଳିମେଳା,୧୮।୧୧(ଡି.ଏନ.ଏ)

କାଳିମେଳା ବ୍ଲକ ବୁଦ୍ଧୁଗୁଡା ଗ୍ରାମସ୍ଥିତ ଏକ ଘରୋଇ ଫାଇନାନ୍ସ କମ୍ପାନୀର କର୍ମଚାରୀଙ୍କଠାରୁ ଏକ ଅଭିନବ ଉପାୟରେ ଟଙ୍କା ଲୁଟ ହୋଇଛି। କମ୍ପାନୀରେ କାର୍ଯ୍ୟରତ ରାହୁଲ ଖରାଙ୍କ ପାଖକୁ ୦୯୨୬୪୨୭୬୨୪୭ ନମ୍ବରରୁ ଏକ ଫୋନ ଆସିଥିଲା । ଫୋନ କରିଥିବା ବ୍ୟକ୍ତି ରାହୁଲଙ୍କୁ ମୁଁ ବ୍ୟାଙ୍କ ମ୍ୟାନେଜର କହୁଛି। ଆପଣଙ୍କର ଏକ ଲଟେରି ମାଧ୍ୟମରେ ୧୫ ଲକ୍ଷ ଟଙ୍କାର ଗାଡି ଉଠିଛି। ଗାଡି ପାଇବାକୁ ହେଲେ ଆପଣ ୮୯ ହଜାର ଏକ ଶହ ଟଙ୍କା ଡିପୋଜିଟ କଲେ କାର ମିଳିବ ବୋଲି ସମ୍ପୃକ୍ତ ମ୍ୟାନେଜର କହିଥିଲେ । ପରେ ସେ ରାହୁଲଙ୍କ ପାଖକୁ ଏକ ବ୍ୟାଙ୍କ ଆକାଉଣ୍ଟ ନଂ. ୨୦୦୬୦୦୫୬୨୦୧ ପଠାଇଥିଲେ । ରାହୁଲ ମଧ୍ୟ ଏହାକୁ ବିଶ୍ୱାସ କରି ଉକ୍ତ ଆକାଉଣ୍ଟରେ ୮୯ ହଜାର ୧୦୦ ଟଙ୍କା ଡିପୋଜିଟ୍ କରିଦେଇଥିଲେ। କିଛି ଦିନ ପରେ ପୁଣି ଥରେ ରାହୁଲଙ୍କୁ ଫୋନ କରି ଟଙ୍କା ପୈଠ କରିବାକୁ କହିବାରୁ ତାଙ୍କର ସନ୍ଦେହ ହୋଇଥିଲା। ସେ କାଳିମେଳା ଥାନାରେ ଏତଲା ଦେବା ପରେ ପୋଲିସ ଘଟଣାର ତଦନ୍ତ କରୁଛି ।

## ୧୦ ଅଭିଯୋଗ ଶୁଣାଣି କଲେ ଜିଲାପାଳ

ଚିତ୍ରକୋଣ୍ଡା,୧୮।୧୧(ଡି.ଏନ.ଏ.)- ଚିତ୍ରକୋଣ୍ଡା ବ୍ଲକ କାର୍ଯ୍ୟାଳୟ ପରିସରରେ ସୋମବାର ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲାପାଳ ମନୀଷ ଅଗ୍ରୱାଲ, ଉପଜିଲାପାଳ ଗୁଣନିଧି ପ୍ରଧାନ, ତହସିଲଦାର ଟି. ପଦ୍ମନାଭ ଦୋରା, ବିଡିଓ ଲାରିମନ ଖରସେଲଙ୍କ ସମେତ ଜିଲାର ବିଭିନ୍ନ ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ । ଶୁଣାଣି ପାଇଁ ବାର୍ଦ୍ଧକ୍ୟ ଭତ୍ତା, ବ୍ୟାଙ୍କ ଲୋନ ନ ମିଳିବା, ଚିକିତ୍ସା ସହାୟତା, ଚିତ୍ରକୋଣ୍ଡା ଦୈନିକ ବଜାର ରାସ୍ତା ଦୁରବସ୍ଥା, ଇଣ୍ଡୋର ଷ୍ଟାଡିୟମ ନିର୍ମାଣ ସହ ୧୦ଟି ଅଭିଯୋଗ ଆସିଥିଲା। ଜିଲାପାଳ ଅଭିଯୋଗଗୁଡିକର ଶୁଣାଣି କରି ଏହାର ସମାଧାନ ପାଇଁ ପ୍ରତିଶ୍ରୁତି ଦେଇଥିଲେ।

## ମାଓବାଦୀଙ୍କ ଗୁଳିରେ ମୃତ ଠିକାଦାରଙ୍କ ସ୍ତ୍ରୀଙ୍କୁ ମିଳିଲା ସହାୟତା

ମାଲକାନଗିରି,୧୮।୧୧(ଡି.ଏନ୍.ଏ.)

ମାଓବାଦୀମାନେ ଗତ ମାର୍ଚ୍ଚ ୧୧ରେ ମାଥିଲି ବ୍ଲକ କୁରୁକୁଣ୍ଡି ନିକଟରେ ଏକ ଠିକା କ୍ୟାମ୍ପକୁ ଆକ୍ରମଣ କରିଥିଲେ। ସେଠାରେ ଥିବା ଗାଡି, ଠିକା କାର୍ଯ୍ୟରେ ନିୟୋଜିତ ମେସିନ ଜଳାପୋଡା କରିବା ସହ ଠିକାଦାର ପ୍ରଭାତ କୁମାର ବିଶୋୟୀଙ୍କୁ ହତ୍ୟା କରିଥିଲେ । ଏନେଇ ମାଲକାନଗିରି ପୋଲିସ ପକ୍ଷରୁ ପ୍ରଭାତଙ୍କ ପରିବାରକୁ ଅନୁକମ୍ପାମୂଳକ ସହାୟତା ଦେବାପାଇଁ ରାଜ୍ୟ ସରକାରଙ୍କୁ ଅନୁରୋଧ କରାଯାଇଥିଲା। ସୋମବାର ପ୍ରଭାତଙ୍କ ସ୍ତ୍ରୀ ମମତା ବିଶୋୟୀଙ୍କୁ ୪ ଲକ୍ଷ ଟଙ୍କାର ଅନୁକମ୍ପାମୂଳକ ସହାୟତା ରାଶି ପୋଲିସ ମୁଖ୍ୟ କାର୍ଯ୍ୟାଳୟଠାରେ ପ୍ରଦାନ କରାଯାଇଛି। ଆସିକା ବ୍ଲକ ଅନ୍ତର୍ଗତ କୋରନାଳି ଗ୍ରାମର ପ୍ରଭାତ ତାଙ୍କ ଭାଇଙ୍କ ସହ ମିଶି ଏଠାରେ ପ୍ରଧାନମନ୍ତ୍ରୀ ଗ୍ରାମ ସଡକ ଯୋଜନାରେ କାର୍ଯ୍ୟ କରୁଥିଲେ। ତେବେ ମାଓବାଦୀମାନେ ଏହି ରାସ୍ତା କାମକୁ ଆରମ୍ଭରୁ ବିରୋଧ କରି ଆସୁଥିଲେ। ପରବର୍ତ୍ତୀ ସମୟରେ ମାଓବାଦୀମାନେ ତାଙ୍କ କ୍ୟାମ୍ପରେ ପୋଡାଜଳା କରି ପ୍ରଭାତଙ୍କୁ ହତ୍ୟା କରିଥିଲେ। ସହାୟତା ରାଶି ଗ୍ରହଣ ବେଳେ ମମତା କହିଛନ୍ତି ଯେ, ସ୍ୱାମୀଙ୍କୁ ହରାଇସେ ଭାଙ୍ଗି ପଡିଛନ୍ତି। ତାଙ୍କ ୫ବର୍ଷର ପୁଅକୁ ମଣିଷ କରିବା ଲାଗି ତାଙ୍କୁ କୌଣସି ଜାଗାରେ ନିଯୁକ୍ତି ପ୍ରଦାନ କରିବାକୁ ସେ ଅନୁରୋଧ କରିଥିଲେ।


ପ୍ରଶାସନ ପକ୍ଷରୁ ସହାୟତା ପାଇଥିବା ମମତା ।


ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ଼, ଓଡ଼ିଶା
(ଜଙ୍ଗଲ ଓ ପରିବେଶ ବିଭାଗ, ଓଡ଼ିଶା ସରକାର)
ପରିବେଶ ଭବନ, ଏ/୧୧୮, ନୀଳକଣ୍ଠନଗର, ୟୁନିଟ୍-୮, ଭୁବନେଶ୍ୱର- ୭୫୧୦୧୨
ସଂଖ୍ୟା- ୧୨୩୨୮ / IND-II-PH-810 ତାରିଖ: ................./

ବିଜ୍ଞାପନ

ଏତଦ୍ୱାରା ସମସ୍ତଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, **ମେସର୍ସ ଜେ.ଏସ୍.ଡବ୍ଲ୍ୟୁ. ଉତ୍କଳ ଷ୍ଟିଲ୍ ଲିମିଟେଡ୍ ଓଡ଼ିଶାର ଜଗତ୍‌ସିଂହପୁର ଜିଲ୍ଲା, ଏରସମା ତହସିଲ ଅନ୍ତର୍ଗତ ପାରାଦ୍ୱୀପ ନିକଟରେ ୧୩.୨ ଏମ୍.ଟି.ପି.ଏ. ଅଶୋଧିତ ଇସ୍ପାତ, ୯୦୦ ମେଗାୱାଟ୍ କ୍ୟାପ୍ଟିଭ୍ ପାୱାର ପ୍ରକଳ୍ପ ଏବଂ ୧୦ ଏମ୍.ଟି.ପି.ଏ. ସିମେଣ୍ଟ ପ୍ରକଳ୍ପ ପ୍ରତିଷ୍ଠା କରିବା ନିମନ୍ତେ** ପରିବେଶୀୟ ମଞ୍ଜୁରୀ ପାଇଁ 'ସର୍ବସାଧାରଣ ଶୁଣାଣି' ତା୨୨।୧୧।୨୦୧୯ରିଖ ଦିବା ୯.୩୦ଘଟିକା ସମୟରେ ଜଗତ୍‌ସିଂହପୁର ଜିଲ୍ଲା, ଏରସମା ତହସିଲ, ଗଡ଼କୁଜଙ୍ଗ ଗ୍ରାମପଞ୍ଚାୟତ ଅନ୍ତର୍ଗତ ଗଡ଼କୁଜଙ୍ଗ ଜଗନ୍ନାଥ ମନ୍ଦିର ସମ୍ମୁଖ (ଖାତା ନଂ. ୬୪୬, ସର୍ବସାଧାରଣ ପ୍ଲଟ୍ ନଂ. ୫୮୩ ଏବଂ ଦାଣ୍ଡ ପ୍ଲଟ୍ ନଂ. ୧୪୭୩) ବଡ଼ଦାଣ୍ଡରେ ହେବାକୁ ଧାର୍ଯ୍ୟ ହୋଇଥିଲା। ଉକ୍ତ ଶୁଣାଣିର ବିଶେଷ ତଥ୍ୟ ବିଭିନ୍ନ ସମ୍ବାଦପତ୍ର ଯଥା: "The Times of India" ଏବଂ ''ଧରିତ୍ରୀ''ରେ ତା ୨୧।୧୦।୨୦୧୯ରିଖରେ ବିଜ୍ଞାପନ ପ୍ରକାଶ କରାଯାଇଥିଲା। କିନ୍ତୁ ୧୬ତମ ବିଧାନସଭାର ୨ୟ ପର୍ଯ୍ୟାୟ ଅଧିବେଶନ (୧୩।୧୧।୨୦୧୯ଠାରୁ ୧୯।୧୨।୨୦୧୯) ଯୋଗୁଁ ୨୨।୧୧।୨୦୧୯ରିଖ ଦିନ ହେବାକୁ ଥିବା ସର୍ବସାଧାରଣ ଶୁଣାଣିକୁ ସ୍ଥଗିତ ରଖାଯାଇଅଛି। ଉକ୍ତ ସର୍ବସାଧାରଣ ଶୁଣାଣି **ତା୨୦।୧୨।୨୦୧୯ରିଖ ଦିବା ୯.୩୦ ଘଟିକା ସମୟରେ ଜଗତ୍‌ସିଂହପୁର ଜିଲ୍ଲା, ଏରସମା ତହସିଲ, ଗଡ଼କୁଜଙ୍ଗ ଗ୍ରାମପଞ୍ଚାୟତ ଅନ୍ତର୍ଗତ ଗଡ଼କୁଜଙ୍ଗ ଜଗନ୍ନାଥ ମନ୍ଦିର ସମ୍ମୁଖ (ଖାତା ନଂ. ୬୪୬, ସର୍ବସାଧାରଣ ପ୍ଲଟ୍ ନଂ. ୫୮୩ ଏବଂ ଦାଣ୍ଡ ପ୍ଲଟ୍ ନଂ. ୧୪୭୩) ବଡ଼ଦାଣ୍ଡରେ** ହେବାକୁ ପୁନଃନିର୍ଦ୍ଧାରିତ ହୋଇଛି।

ଭାରତ ସରକାର ପରିବେଶ, ଜଙ୍ଗଲ ଏବଂ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟର ପରିବେଶୀୟ ମଞ୍ଜୁରୀ ନିମନ୍ତେ ଅଧିସୂଚନା ସଂଖ୍ୟା ଏସ୍.ଓ. ୧୫୩୩ (ଇ), ତା୧୪।୦୯।୨୦୦୬ ଅନୁଯାୟୀ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶା, ଭୁବନେଶ୍ୱରଙ୍କୁ ସର୍ବସାଧାରଣ ଶୁଣାଣି କରିବାର କ୍ଷମତା ପ୍ରଦାନ କରିଛନ୍ତି। ଏଥିନିମିତ୍ତ ବୋର୍ଡ, ସର୍ବସାଧାରଣଙ୍କ ସମେତ ପ୍ରକୃତ ଅଧିବାସୀ, ପରିବେଶୀୟ ସଂସ୍ଥା ଏବଂ ପ୍ରସ୍ତାବିତ ପ୍ରକଳ୍ପ ସ୍ଥାପନ ହେଉଥିବା ସ୍ଥାନରେ ଜନବର୍ଗ, ପ୍ରକଳ୍ପ ଯୋଗୁଁ ଉଚ୍ଛେଦ ହେଉଥିବା ବାସିନ୍ଦା, ପ୍ରକଳ୍ପ ଯୋଗୁଁ ପ୍ରଭାବିତ ହେଉଥିବା ବାସିନ୍ଦାମାନଙ୍କଠାରୁ ପ୍ରକଳ୍ପ ସ୍ଥାପନ ଯୋଗୁଁ ପରିବେଶୀୟ ପ୍ରଭାବ ସମ୍ବନ୍ଧୀୟ ପ୍ରସ୍ତାବ, ମତାମତ, ମନ୍ତବ୍ୟ ଓ ଆପତ୍ତିପତ୍ର ଆହ୍ୱାନ କରୁଛନ୍ତି। ଏଥିନିମନ୍ତେ ବ୍ୟକ୍ତିର ଅର୍ଥ କେବଳ ନିମ୍ନମତେ ବୁଝାଯାଉଛି:

(କ) ପରିବେଶୀୟ ମଞ୍ଜୁରୀ ଦ୍ୱାରା ପ୍ରଭାବିତ ହେଉଥିବା ବା ହେବାକୁ ଥିବା ଯେକୌଣସି ବ୍ୟକ୍ତି।
(ଖ) ପ୍ରକଳ୍ପ ସମ୍ବନ୍ଧିତ ପରିବେଶୀୟ ମଞ୍ଜୁରୀ ପାଇଁ ଆଗତ ଦରଖାସ୍ତ ପରିପ୍ରେକ୍ଷୀରେ ତହିଁ ଉପରେ କର୍ତ୍ତୃତ୍ୱ ଜାରି କରିପାରୁଥିବା କୌଣସି ବ୍ୟକ୍ତିବିଶେଷ।
(ଗ) ପରିବେଶ କ୍ଷେତ୍ରରେ କାର୍ଯ୍ୟ କରୁଥିବା କିମ୍ବା / ଏବଂ ପ୍ରସ୍ତାବିତ ପ୍ରକଳ୍ପ ଦ୍ୱାରା ପ୍ରଭାବିତ ହେଉଥିବା (ପଞ୍ଜୀକୃତ ବା ଅଣପଞ୍ଜୀକୃତ) ଯେକୌଣସି ବ୍ୟକ୍ତି ସମୂହଙ୍କ ସଂଘ।
(ଘ) ପ୍ରସ୍ତାବିତ ପ୍ରକଳ୍ପର ସ୍ଥାନୀୟ ସୀମାଭୁକ୍ତ ନିକଟବର୍ତ୍ତୀ ଅଞ୍ଚଳରେ ଯେକୌଣସି ସ୍ଥାନୀୟ କର୍ତ୍ତୃପକ୍ଷ।

ଉପରୋକ୍ତ ବ୍ୟକ୍ତିମାନେ ସେମାନଙ୍କର ପ୍ରସ୍ତାବ, ମତାମତ, ମନ୍ତବ୍ୟ ଏବଂ ଆପତ୍ତି ଇତ୍ୟାଦିକୁ ସଦସ୍ୟ ସଚିବ, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶାଙ୍କୁ ଲିଖିତ ଆକାରରେ ଏହି ବିଜ୍ଞାପନ ପ୍ରକାଶନର ୩୦ ଦିନ ମଧ୍ୟରେ ରେଜିଷ୍ଟ୍ରି ଡାକଯୋଗେ ଜଣାଇପାରିବେ। ଏହାଛଡ଼ା ଉକ୍ତ ପ୍ରସ୍ତାବିତ ପ୍ରକଳ୍ପ ଉପରେ ଲିଖିତ ବା ମୌଖିକ ଭାବେ ମତାମତ ଦେବା ପାଇଁ ଇଚ୍ଛୁକ ବ୍ୟକ୍ତିମାନେ **ତା୨୦।୧୨।୨୦୧୯ରିଖ ଦିବା ୯.୩୦ ଘଟିକା ସମୟରେ ଜଗତ୍‌ସିଂହପୁର ଜିଲ୍ଲା, ଏରସମା ତହସିଲ, ଗଡ଼କୁଜଙ୍ଗ ଗ୍ରାମପଞ୍ଚାୟତ ଅନ୍ତର୍ଗତ ଗଡ଼କୁଜଙ୍ଗ ଜଗନ୍ନାଥ ମନ୍ଦିର ସମ୍ମୁଖ (ଖାତା ନଂ. ୬୪୬, ସର୍ବସାଧାରଣ ପ୍ଲଟ୍ ନଂ.୫୮୩ ଏବଂ ଦାଣ୍ଡ ପ୍ଲଟ୍ ନଂ.୧୪୭୩) ବଡ଼ଦାଣ୍ଡରେ** ଧାର୍ଯ୍ୟ ସର୍ବସାଧାରଣ ଶୁଣାଣି ସମୟରେ ମଧ୍ୟ ଉପସ୍ଥାପନ କରିପାରିବେ।

ପ୍ରସ୍ତାବିତ ପ୍ରକଳ୍ପ ବିଷୟରେ ବିଶଦ୍ ଭାବରେ ଜାଣିବା ପାଇଁ ପରିବେଶୀୟ ପ୍ରଭାବ ମୂଲ୍ୟାୟନ ବିବରଣୀ (Environmental Impact Assessment) ଏବଂ ଏହାର ନିର୍ବାହୀ ସାରାଂଶ (Executive Summary) ଓଡ଼ିଆ ଏବଂ ଇଂରାଜୀ ଭାଷାରେ ନିମ୍ନଲିଖିତ ସ୍ଥାନମାନଙ୍କରେ ମିଳିପାରିବ।

୧. ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ଜଗତ୍‌ସିଂହପୁର।
୨. ଜିଲ୍ଲା ଶିଳ୍ପକେନ୍ଦ୍ର, ଜଗତ୍‌ସିଂହପୁର।
୩. ଜିଲ୍ଲା ପରିଷଦ ମୁଖ୍ୟ ନିର୍ବାହୀ ଅଧିକାରୀ, ଜଗତ୍‌ସିଂହପୁର।
୪. ମୁଖ୍ୟ କାର୍ଯ୍ୟାଳୟ, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶା, ପରିବେଶ ଭବନ, ଏ/୧୧୮, ନୀଳକଣ୍ଠନଗର, ଭୁବନେଶ୍ୱର- ୭୫୧୦୧୨।
୫. ଆଞ୍ଚଳିକ କାର୍ଯ୍ୟାଳୟ, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶା, ପାରାଦ୍ୱୀପ।
୬. ଜଙ୍ଗଲ ଓ ପରିବେଶ ବିଭାଗ, ଓଡ଼ିଶା ସରକାର, ଭୁବନେଶ୍ୱର।

ଏତଦ୍‌ବ୍ୟତୀତ ପରିବେଶୀୟ ପ୍ରଭାବ ମୂଲ୍ୟାୟନ ବିବରଣୀର ନିର୍ବାହୀ ସାରାଂଶ (Executive Summary) ଓଡ଼ିଆ ଏବଂ ଇଂରାଜୀ ଭାଷାରେ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶାର ୱେବ୍‌ସାଇଟ୍ www.ospcboard.orgରୁ ମଧ୍ୟ ମିଳିପାରିବ।

ଏ ବିଷୟରେ ସବିଶେଷ ବିବରଣୀ ପାଇଁ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶାର ଆଞ୍ଚଳିକ କାର୍ଯ୍ୟାଳୟ, ପାରାଦ୍ୱୀପସ୍ଥିତ ଆଞ୍ଚଳିକ ଅଧିକାରୀ କିମ୍ବା ଭୁବନେଶ୍ୱରସ୍ଥିତ ମୁଖ୍ୟ କାର୍ଯ୍ୟାଳୟରେ ସଦସ୍ୟ ସଚିବଙ୍କ ସହ ଯୋଗାଯୋଗ କରାଯାଇପାରେ।

ସ୍ୱା./- ସଦସ୍ୟ ସଚିବ



ODISHA HYDRO POWER CORPORATION LTD.
OFFICE OF THE SENIOR GENERAL MANAGER (ELECTRICAL)
UPPER KOLAB HYDRO ELECTRIC PROJECT
AT/PO: BARINIPUT, DIST : KORAPUT-764006,
PHONE - 06854-242001, FAX - 06854242038., E-mail : sgmel_ukhep@ohpcltd.com
CIN : U40101OR1995SGC003963
e-PROCUREMENT NOTICE No.UKHEP/ET - 09/2019-20, Dated: 14.11.19

No.CAD-591 :- The Unit Head Upper Kolab Hydro Electric Project, Bariniput, Koraput, Odisha invites percentage rate bid in single cover system in ONLINE MODE only from eligible contractors for the works as mentioned below.

| Sl. No. | Name of the work | Approx. Estimated cost (in Rs.) | E.M.D. (in Rs.) | Cost of bid document | Class of Contractor | Availability of Bids online for Bidders | Due date and time of Opening of Technical Bid |
|---|---|---|---|---|---|---|---|
| 1 | Construction of Watch Tower Two Numbers At Power House, UKHE Project, Bariniput | 20,90,910/- | 21000/- | 7080/- (Rs.6000+18% GST) | "B" & "C" Class | From 10:00 A.M. of 25.11.19 to 17:00 hrs. of 09.12.19 | At 11.30 hrs. of 10.12.19 |

1. The Bidders have to participate in ONLINE bidding only through the Govt. e-Procurement portal www.tendersorissa.gov.in by using their compatible Digital Signature Certificate (DSC), 2. Further details like tender specification (DTCN), BOQ and any addendum / corrigendum / cancellation of tender can be seen in the same website.

04002/11/0046/1920 Sd./- Unit Head, UKHEP, Bariniput



ଓଡ଼ିଶା ଗ୍ରାମ୍ୟ ଉନ୍ନୟନ ଓ ବିପଣନ ସମିତି, ଖୋର୍ଦ୍ଧା
ପଞ୍ଚାୟତିରାଜ ଓ ପାନୀୟଜଳ ବିଭାଗ, ଓଡ଼ିଶା ସରକାର
Odisha Rural Development & Marketing Society, Khordha
Panchayati Raj & DW Department, Government of Odisha

TENDER CALL NOTICE

No. 538/ORMAS Dt. 18.11.2019

**No. CAD-595:-** Sealed tenders are invited from reputed / firms tent houses / security agencies etc. for different works like Tentage and allied works, Printing, Documentation, Security services required for ensuing Pallishree Mela to be held at Haveli Field, Khordha. The detail tender paper alongwith terms and condition may be downloaded from the following websites: www.ormas.org & www.khordha.nic.in from 19.11.2019 to 22.11.2019. The last date and time of receipt bids: 22.11.2019 upto 1.00 PM and tenders will be opened on 22.11.2019 at 3.30 PM in the Conference Hall of DRDA, Khordha. Pallishree Mela will be organised tentatively in the 2nd Week of Dec. 2019.

The Collector and District Magistrate, Khordha reserves the right to reject any or all tenders without assigning any reason thereof.

19088/11/0001/1920 *Sd./- Dy. CEO, ORMAS, Khordha*



OFFICE OF THE MUNICIPAL COUNCIL, SUNABEDA

No.6603 Dt.18.11.19

QUOTATION CALL NOTICE

Sealed quotations are invited from the intending registered firms/ manufacturers/ agencies for Installation & Supplying, fixing & fitting of CCTV with AMC at Semiliguda Town under Sunabeda Municipality. The quotation should reach in the office of the Executive Officer, Sunabeda Municipality through registered post / speed post only up to 1.00 P.M of Dt-26.11.2019 and the same will be opened on same day at 4.00 P.M. in the presence of quotationer or their authorized agent if present. The quotationer should submit the attested copy of valid registration certificate of firm / GST return certificate upto September-2019 / PAN Card / Tin No. along with the quotation paper. The quotationer should submit the copy of work order of similar type work executed in State Govt. & other departments of at least one year towards experience along with the quotation paper. The quotationer should submit warranty certificate . The paper cost and EMD as specified in quotation paper should be deposited in shape of bank draft / banker's cheque in favour of the Executive Officer, Sunabeda Municipality from any nationalized bank and attached the same along with quotation paper. The rate should be quoted inclusive of material cost, labour charges, taxes and transportation charges etc. This Office is not responsible for any postal delay in receipt of the quotation paper. If the successful quotationer will not execute the work in the approved rate the EMD will be forfeited and the same amount will be transferred to the account of the Municipality office Sunabeda. The Quotationer should quote the rate both in figure and words. If any alteration or over writing made in the quotation it should be attested by the Quotationer. Quotation paper along with details of the work is available from 11.00 A.M dt-18.11.2019 to 25.11.2019 up to 5.00 P.M in office website www.sunabedamunicipality.in shall be downloaded & submit with all documents by post after quoting the rate. The undersigned reserves the right to reject any or all the quotation without assigning any reason thereof.

*Yours Faithfully*
Sd./-
Executive Officer
Sunabeda Municipality

ସୌନ୍ଦର୍ଯ୍ୟ



# ଶୀତଦିନେ କେଶର ଯତ୍ନ

**ଶୀତଦିନରେ ଶରୀର ସହିତ ନିଜର କେଶର ଯତ୍ନ ନେବା ମଧ୍ୟ ଜରୁରୀ। ସାଧାରଣତଃ ଶୀତଦିନରେ କେଶରେ ଅଧିକ ରୁକ୍ଷତା ଦେଖିବାକୁ ମିଳେ। ତେବେ ଏହି ସମୟରେ କେଶର ଉପଯୁକ୍ତ ଯତ୍ନ ନେବା ଆବଶ୍ୟକ। ସେଥିପାଇଁ ନିମ୍ନୋକ୍ତ ଟିପ୍ସକୁ ଆପଣେଇ ପାରନ୍ତି....**

- ତ୍ୱଚା ପରି କେଶକୁ ମଧ୍ୟ ପୋଷଣ ଆବଶ୍ୟକତା ରହିଛି। ଏକ ଭଲ ସ୍କାଲ୍ପ ରହିବା ଦ୍ୱାରା କେଶ ଭଲଭାବେ ବଢ଼ିଥାଏ। ଶୀତଦିନରେ ହେଉଥିବା ପବନ କେଶକୁ ଡ୍ରାଏ କରିଥାଏ। ଫଳରେ ଏହାଦ୍ୱାରା କେଶ ଭଲଭାବେ ବଢ଼ିପାରି ନ ଥାଏ।
- କେଶ କୁଣ୍ଡାଇବା ସମୟରେ ଯେଉଁ ହେୟାର ବ୍ରଶ ବ୍ୟବହାର କରୁଛନ୍ତି ତାହା ପ୍ଲାଷ୍ଟିକ୍ ହୋଇଥିବା ଆବଶ୍ୟକ। ସବୁବେଳେ କେଶ ଧୋଇବା ସମୟରେ ନଖ ଉଷୁମ ପାଣି ବ୍ୟବହାର କରନ୍ତୁ।
- ଶୀତଦିନରେ ଥଣ୍ଡା ପବନ କାରଣରୁ କେଶମୂଳ କୁଣ୍ଡାଇ ହୁଏ। ବାୟୁମଣ୍ଡଳରେ ଆର୍ଦ୍ରତା ଯୋଗୁ ଆପଣଙ୍କ ସ୍କାଲ୍ପ ଶୁଖିଯାଏ। କେଶରେ ଯେଉଁ ତେଲ ଲଗାଉଛନ୍ତି ସେଥିରେ ଲେମ୍ବୁ ରସ ମିଶାଇ ତାକୁ ମୁଣ୍ଡର ପ୍ରତିଟି ଶିରାରେ ମାଲିସ୍ କରନ୍ତୁ। ଏହା ପରେ ଏହାକୁ ଏକଘଣ୍ଟା ପାଇଁ ଛାଡି ଦିଅନ୍ତୁ ଏବଂ ପରେ ଏହାକୁ ନଖ ଉଷୁମ ପାଣିରେ ଧୋଇ ଦିଅନ୍ତୁ।
- ଶୀତଦିନରେ କେଶ ରୁକ୍ଷ ହେବା ସାଧାରଣ କଥା। ଏହି ଦିନରେ କେଶ ନିଜର ଚମକ ହରାଇଥାଏ ଓ କେଶର ରଙ୍ଗ କମ୍ ଦେଖିବାକୁ ମିଳେ। ଯାହାଦ୍ୱାରା ଆପଣଙ୍କ କେଶରେ ଜୀବନ ନ ଥିଲା ଭଳି ଲାଗିଥାଏ। କେଶକୁ ଭଲଭାବେ କୁଣ୍ଡାଇ ଜଟା ଛଡାଇ ପାରିବେ। ଏହାପରେ କେଶରେ ମହୁ ଲଗାନ୍ତୁ। ମହୁ ଲଗାଇବା ପରେ ମୁଣ୍ଡକୁ ଏକ ଟାୱେଲରେ ମୁଣ୍ଡକୁ ଅଧଘଣ୍ଟା ପର୍ଯ୍ୟନ୍ତ କଭର କରି ରଖନ୍ତୁ। ଏହାପରେ କେଶକୁ ନଖ ଉଷୁମ ପାଣିରେ ଧୋଇ ଦିଅନ୍ତୁ। ଏପରି କରିବା ଦ୍ୱାରା କେଶରେ ଚମକ ଆସିବ।
- କେଶ ଶୀତଦିନରେ ଝଡିବାକୁ ଲାଗେ। ଏହାକୁ କମାଇବାକୁ ହେଲେ କେଶରେ ତେଲ ଲଗାନ୍ତୁ। ଧ୍ୟାନ ରଖନ୍ତୁ ଆପଣ ଯେଉଁ ତେଲ ଲଗାଉଛନ୍ତି ତାହା ତେଲିଆ ହୋଇ ନ ଥିବ। କଣ୍ଡିଶନର ସହିତ ମିଶାଇ ଆପଣ ଏହାକୁ କଣ୍ଡିଶନିଂ ପରି ଲଗାଇ ପାରିବେ।
- ଶୀତଦିନରେ କେଶ ଶୁଖାଇବାକୁ ଅଧିକ ସମୟ ଲାଗିଥାଏ। ଆପଣ ଦେଖିଥିବେ ସକାଳେ ଧୋଇଥିବା କେଶ ଶୁଖି ନ ଥାଏ। ଯେଉଁ କାରଣରୁ ଆପଣ ଅଧିକ ଚିନ୍ତିତ ରହିଥାନ୍ତି। ଏମିତି ହେବା ଦ୍ୱାରା କେଶ ସମ୍ବନ୍ଧିତ କେତେକ ସମସ୍ୟା ଦେଖିବାକୁ ମିଳେ। ଯେମିତିକି ରୁପି,ଉକୁଣି,କେଶ ଝଡ଼ିବା । କେଶକୁ ଶୁଖାଇବା ଲାଗି ବ୍ଲୋଓର ବ୍ୟବହାର କରନ୍ତୁ। ଯଦି ଆପଣଙ୍କ ପାଖରେ ହେୟାର ବ୍ଲୋଓର ନାହିଁ ତେବେ ଏହାକୁ ପ୍ରାକୃତିକ ଉପରେ ଶୁଖାଇ ପାରିବେ।



# ଟ୍ରେଣ୍ଡ୍‌ର ଫ୍ୟାଶନ୍

**ଶୀତଋତୁ ଆରମ୍ଭ ହୋଇଗଲାଣି । ଯଦି ଆପଣ ଏହି ଋତୁରେ କପଡ଼ା କିଣିବାକୁ ଭାବୁଥାନ୍ତି ତେବେ ନିମ୍ନଲିଖିତ ଟିପ୍ସ ଆପଣେଇ ପାରନ୍ତି...**



**ଉଲେନ୍ କୁର୍ତ୍ତି:** ଆଗରୁ ଝିଅମାନେ କଟନ୍ ଶୁଟ୍ ସହିତ କାଡିଗର୍ନ,ସ୍ୱେଟର କିମ୍ବା ଜ୍ୟାକେଟ୍ ପିନ୍ଧିବାକୁ ପସନ୍ଦ କରିଥାନ୍ତି। କିନ୍ତୁ ଏଇ କିଛିଦିନ ହେବ କଲେଜ୍ ଯାଉଥିବା ଯୁବତୀ ଓ ଅଫିସ୍ ଯାଉଥିବା ମହିଳା ଉଲେନ୍ ସୁଟ୍ ପସନ୍ଦ କରୁଛନ୍ତି। ଏହା ପିନ୍ଧିବାକୁ ଆରାମ ଓ ଉଷୁମ ଲାଗିଥାଏ ଓ ଏଥିସହ ସବୁ ଅକେଜନ୍‌ରେ ପରଫେକ୍ଟ ହେବାରେ ସାହାଯ୍ୟ କରିଥାଏ ।

**ବ୍ଲାକ୍ ୱାର୍ମ ଟି ଶାର୍ଟ:** ଶୀତଦିନରେ କଳାରଙ୍ଗର ଗୋଟିଏ ୱାର୍ମ ଟି ଶର୍ଟ ରହିବା ଆବଶ୍ୟକ। ଏହା ଶରୀରକୁ ଉଷୁମ ରଖିବାରେ ସାହାଯ୍ୟ କରେ। ଏହା ବ୍ଲାକ୍ କଲର ହେବା କାରଣରୁ ଜିନ୍ସ କିମ୍ବା ସବୁ କଲର ଜିନ୍ସ ସହିତ ଏହାକୁ ଟିମ୍‌ଅପ୍ କରି ପିନ୍ଧିପାରିବେ। ଆପଣ ଚାହିଁଲେ ଏଲିଗେଣ୍ଟ ଲୁକ୍ ଲାଗି କୌଣସି ସ୍କାର୍ଫ କିମ୍ବା ଡେନିମ୍ ଜ୍ୟାକେଟ୍ କ୍ୟାରି କରିପାରିବେ। ଆପଣଙ୍କ ଏହି ସିମ୍ପଲ ଲୁକ୍ କଲେଜ୍,ଅଫିସ୍, ଫ୍ରେଣ୍ଡଙ୍କ ସହ ଆଉଟିଂ ହେଉ କି ପାର୍ଟିରେ ପିନ୍ଧି ଯାଇପାରିବେ।

**ଡେନିମ୍ ଜ୍ୟାକେଟ୍:** ଡେନିମ୍ ଜ୍ୟାକେଟ୍‌କୁ ଆପଣ ସବୁ ଋତୁରେ ପିନ୍ଧି ପାରିବେ। ଏହା ଆପଣଙ୍କୁ ଥଣ୍ଡାରୁ ରକ୍ଷା କରିବା ସହ ଷ୍ଟାଇଲିଶ୍ ଲୁକ୍ ଦେଇଥାଏ। ଏହାର ଏକ ଭଲଗୁଣ ହେଲା–ଏହାକୁ ଆପଣ ଇଣ୍ଡିଆନ୍,ୱେଷ୍ଟର୍ନ ଓ ଫ୍ୟୁଜନ୍‌ରେ ମଧ୍ୟ ପିନ୍ଧି ପାରିବେ।

**ପ୍ରିଣ୍ଟେଡ୍ ଜ୍ୟାକେଟ୍:** ଝିଅମାନଙ୍କ ପାଖରେ ଶୀତଦିନେ ଏକ ପ୍ରିଣ୍ଟେଡ୍ ଜ୍ୟାକେଟ୍ ରହିବା ଜରୁରୀ। ଯାହାକୁ ଆପଣ ହାଲ୍‌କା ଶୀତରେ ପିନ୍ଧିପାରିବେ। ଏହାକୁ ଆପଣ ଗାଉନ୍,ଇଣ୍ଡିଆନ୍ ସୁଟ୍, ଟି ଶାର୍ଟ ସହିତ ଖୁବ୍ ସହଜରେ ଟିମ୍‌ଅପ୍ କରି ପିନ୍ଧିପାରିବେ।

**ଲଙ୍ଗ ଜ୍ୟାକେଟ୍:** ଶୀତଦିନରେ କୋର୍ଟ ଓ ଲଙ୍ଗ କୋର୍ଟ ବିନା ଭଲ ଲାଗେନା। ଆପଣ ଏହାକୁ ଡେଲି ଅଫିସ୍ ୱିୟର,ପାର୍ଟି ୱେର ଦୁଇପ୍ରକାର କ୍ୟାରି କରିପାରିବେ।

ଖା|ଦ୍ୟ|ରୁ|ଚି

## ଓଟ୍ସ ଟିକି



**ଆବଶ୍ୟକ ସାମଗ୍ରୀ:** ଓଟ୍ସ ଏକ କପ୍, ପନିର ଅଧା କପ ଓ ଅଧାକପ କୋରା ହୋଇଥିବା ଗାଜର, ସିଝା ଚକଟା ଆଳୁ ଏକ କପ, ଧନିଆ ପତ୍ର ଦୁଇଚାମଚ, ଲଙ୍କା ପାଉଡର ଏକ ଚାମଚ, ଲେମ୍ବୁରସ ଏକ ଚାମଚ, ଅଦାପେଷ୍ଟ ଦେଢ଼ ଚାମଚ, କଞ୍ଚାଲଙ୍କା ପେଷ୍ଟ ଦେଢ଼ ଚାମଚ, ଗରମ ମସଲା ପାଉଡର ଏକ ଚାମଚ, ଆମଚୁର ପାଉଡର ଏକ ଚାମଚ, ଲୁଣ ସ୍ୱାଦଅନୁସାରେ, କ୍ଷୀର ଅଳ୍ପ ପରିମାଣର, ତେଲ ଦେଢ଼ ଚାମଚ।

**ପ୍ରସ୍ତୁତି ପ୍ରଣାଳୀ :** ଏକ ପାତ୍ରରେ ଓଟ୍ସ ରଖନ୍ତୁ,ପୁଣି ସେଥିରେ ପନିର,ଗାଜର, ସିଝାଆଳୁ,ଧନିଆ ପତ୍ର, ଲେମ୍ବୁରସ, ଅଦା ଓ କଞ୍ଚାଲଙ୍କା ପେଷ୍ଟ, ନାଲି ଲଙ୍କାପାଉଡର,ଗରମ ମସଲା ପାଉଡର, ଆମଚୁର ପାଉଡର ଓ ଲୁଣ ଭଲଭାବେ ମିଶାନ୍ତୁ। ଏହାପରେ ସେଥିରେ ପାଣି ମିଶାଇ ଭଲଭାବେ ମିଶାନ୍ତୁ। ପରେ ହାତରେ ଏହି ମିଶ୍ରଣକୁ ନେଇ ଟିକି ଆକାର କରି ପ୍ଲେଟରେ ରଖନ୍ତୁ। ଏବେ ଟିକିକୁ ହାତରେ ନେଇ କ୍ଷୀରରେ ବୁଡାନ୍ତୁ ପୁଣି କ୍ଷୀରରୁ କାଢ଼ି ଓଟ୍ସରେ ଗଡାନ୍ତୁ। ଏବେ ଗ୍ୟାସ ଚୁଲା ଅନ୍ କରି ତାୱା ଗରମ କରନ୍ତୁ। ତାୱା ଗରମ ହେଲା ପରେ ପୁଣି ଓଟ୍ସ ଟିକି ଉପରେ ବ୍ରଶ ସାହାଯ୍ୟରେ ତେଲ ଲଗାନ୍ତୁ। ଏବେ ଏହାକୁ ଗରମ ତାୱା ଉପରେ ରଖନ୍ତୁ। ଯେତେବେଳେ ଟିକି ଗୋଲଡେନ୍ ବ୍ରାଉନ୍ କଲର ହୋଇଗଲା ବୋଲି ଦେଖିବେ ତେବେ ଏହାକୁ ଓଲଟାଇ ଅଲଗା ସାଇଡ୍‌କୁ ମଧ୍ୟ ସେକି ଦିଅନ୍ତୁ। ପୁଣି ଏହାକୁ ପ୍ଲେଟରେ କାଢ଼ି ଧନିଆ ଓ ପୁଦିନା ଚଟଣି ସହ ସର୍ଭ କରିପାରିବେ।

# ଶୀତଦିନେ ଶିଶୁଙ୍କ କାଶ









– ଡା. ଜ୍ୟୋତିପ୍ରକାଶ ମିଶ୍ର

କାଶ ଶିଶୁମାନଙ୍କର ଅନ୍ୟତମ ସ୍ୱାସ୍ଥ୍ୟଜନିତ ସମସ୍ୟା। ଏହା ଶିଶୁ ପାଇଁ ଓ ବାପା, ମା'ଙ୍କ ପାଇଁ ବହୁତ କଷ୍ଟଦାୟକ ହୋଇଥାଏ। କାଶ ଲାଗି ରହିଲେ ତାହାଶିଶୁକୁ ଦୈନନ୍ଦିନ କାର୍ଯ୍ୟ ତଥା ରାତିରେ ଶୋଇବାରେ ବ୍ୟାଘାତ ସୃଷ୍ଟି କରିଥାଏ। ଅପରପକ୍ଷେ ଏହା ଏକ ଶ୍ୱାସନଳୀ ଓ ଫୁସ୍‌ଫୁସ୍‌ର ଗଭୀର ସଂକ୍ରମଣ ମଧ୍ୟ ହୋଇଥାଇପାରେ।

ଅଧିକାଂଶ ଶିଶୁଙ୍କର ହଠାତ୍ କାଶ ଏକ ଭୂତାଣୁଜନିତ ସମସ୍ୟା ହୋଇଥାଏ ଯଥା ସାଧାରଣ ଥଣ୍ଡା, ବ୍ରୋଙ୍କାଇଟିସ ବା କ୍ରୁପ୍। ବେଳେ ବେଳେ ତାହା ଫୁସ୍‌ଫୁସ୍‌ର ତଳଭାଗକୁ ସଂକ୍ରମଣ କଲେ ତାହାକୁ ବ୍ରୋଙ୍କିଓଲାଇଟିସ୍, ଲହରା କାଶ ବା ନିମୋନିଆ କୁହାଯାଇଥାଏ। ଜଣେ ସ୍କୁଲ ଯାଉଥିବା ଶିଶୁକୁ ବର୍ଷକୁ ୭–୧୦ଥର ଶ୍ୱାସନଳୀ ସଂକ୍ରମଣ ହୋଇଥାଏ। ଝିଅ ଶିଶୁଙ୍କଠାରେ ଏହା ଟିକେ ଅଧିକ ଦେଖାଯାଇଥାଏ। ତିନିଜଣଙ୍କ ମଧ୍ୟରେ ଜଣେ ଶିଶୁ କାଶ ପାଇଁ ଡାକ୍ତରଙ୍କ ପରାମର୍ଶ ଲୋଡ଼ିଥାନ୍ତି। ଚାରିଜଣଙ୍କ ମଧ୍ୟରୁ ଜଣେ ସ୍କୁଲ ଯାଇପାରନ୍ତି ନାହିଁ।

ଅତ୍ୟଧିକ କାଶ ବାୟୁ ପ୍ରଦୂଷଣ ଓ ଅତ୍ୟଧିକ ସହରାଞ୍ଚଳ ଲୋକସଂଖ୍ୟା ପାଇଁ ମଧ୍ୟ ହୋଇଥାଏ। ପନ୍ଦରଦିନରୁ କମ୍ କାଶକୁ ସାଧାରଣ ଆକ୍ୟୁଟ୍ ଓ ଭୂତାଣୁଜନିତ ହୋଇଥିବା କୁହାଯାଏ। ରାତିରେ କାଶ ବେଶି ହେବା ଶ୍ୱାସରୋଗ ବା ଆଜ୍‌ମାକୁ ବୁଝାଏ। ଯେଉଁ କାଶ ଶୋଇଲେ କମିଯାଏ ତାହା ମାନସିକଜନିତ କାଶ ହୋଇଥାଏ। ଅସ୍ୱାଭାବିକ ଓ ଆକସ୍ମିକ କାଶ ବେଳେ ବେଳେ ଫରନ୍ ବଡି (ଖାଇବା ଜିନିଷ ଯେପରିକି କୋଳିମଞ୍ଜି, ମାଛକଣ୍ଟା, ଚିକେନ୍ ହାଡ ଆଦି ତଣ୍ଟିରେ ଲାଗିଲେ)ପାଇଁ ହୋଇଥାଏ। ଯଦି ବାରମ୍ବାର କାଶ ହେଲା ତେବେ ସେଥିଯୋଗୁ ପିଲାର ଓଜନ ହ୍ରାସ ପାଏ ତା' ହେଲେ ରୋଗ ପ୍ରତିରୋଧକ ଶକ୍ତି ହ୍ରାସ ଓ ଯକ୍ଷ୍ମାରୋଗ ସନ୍ଦେହ କରାଯାଇଥାଏ। କାଶ ଦୁଇ ପ୍ରକାରରେ ବିଭକ୍ତ କରାଯାଇପାରିବ ଯଥା– କଫ ବାହାରୁଥିବା ଓ ଦ୍ୱିତୀୟଟି ଶୁଖିଲା କାଶ। ଶୁଖିଲା କାଶ ସାଧାରଣତଃ ଆଜ୍‌ମାଜନିତ ଶ୍ୱାସନଳୀ ବାଟ ଚିପିହୋଇଯାଇଥିବା ଯୋଗୁ ହେବା ଆଶଙ୍କା ଥାଏ। କେତେକ କାଶ ପାକସ୍ଥଳୀର ଅମ୍ଳ ଅଂଶ ବେଶି ହୋଇ ଉର୍ଦ୍ଧ୍ୱକୁ ଠେଲି ଆସିବା ଦ୍ୱାରା ମଧ୍ୟ ହୋଇଥାଏ।

**ଚିକିତ୍ସା:** ଅଧିକ ପାଣି ପିଇବା , ସନ୍ତୁଳିତ ଆହାର, ବ୍ୟାୟାମ ଓ ଯୋଗ କରିବା ଆବଶ୍ୟକ।

– ଯଦି ଆଜ୍‌ମା ହୋଇଥାଏ ତା' ହେଲେ ଧୂଳି ଓ ଘର ଅଳନ୍ଧୁ, ମୂଷାଲଣ୍ଡି, ଡଷ୍ଟମାଇଟ୍, ବିଭିନ୍ନ ରଙ୍ଗପକା ଖାଦ୍ୟପଦାର୍ଥ ଓ ପାନୀୟ, ଲୁଣି ଚିଙ୍ଗୁଡ଼ି, କଙ୍କଡ଼ା, କ୍ଷୀର ସର ଓ ଛତୁଠାରୁ ଦୂରେଇ ରହିବା ଆବଶ୍ୟକ।

– ଯେଉଁମାନଙ୍କର ନାକ ଆଲର୍ଜି ଥାଏ, ସେମାନଙ୍କୁ ଲୁଣପାଣି ନାକରେ ପକାଇବା(ସାଲାଇନ୍ ନାଜାଲ ସ୍ପ୍ରେ) ଓ ମଣ୍ଟେଲ୍ୟୁକାଷ୍ଟ୍ ଔଷଧ କିଛିଦିନ ପାଇଁ ସେବନ କରିବାକୁ ହୋଇଥାଏ।

– ଅମ୍ଳଜନିତ ଉର୍ଦ୍ଧ୍ୱଗାମୀ ସମସ୍ୟା ଥିଲେ ଅମ୍ଳ କମେଇବା ଔଷଧ ଖାଇବାକୁ ପଡ଼ିଥାଏ।

**ସତର୍କତା :** କାଶ ସହିତ ଦ୍ରୁତ ଶ୍ୱାସକ୍ରିୟା ହେଲେ ନିମୋନିଆ ହୋଇଥାଇପାରେ।

– ଶିଶୁମାନଙ୍କୁ ସମୟ ସମୟରେ ଭିଟାମିନ 'ଏ' ଓ ମିଳିମିଳା ଟିକା ଦେବା ଜରୁରୀ।

– ଏବେ ବ୍ୟୟବହୁଳ ନିମୋକୋକାଲ୍ ପ୍ରତିଷେଧକ ଟିକା ଓ ହିମୋଫାଇଲସ 'ବି' ଟିକା ମଧ୍ୟ ଦିଆଯାଇପାରେ।

– ତୁଳସୀ, ମହୁ ଓ ଅତ୍ୟଧିକ ପାଣି ପିଇବା ଦ୍ୱାରା କାଶ କଫ ତରଳିଯାଇ ସହଜରେ ବାହାରକୁ ଆସିଥାଏ ଓ ରୋଗୀକୁ ଉପଶମ ମିଳିଥାଏ।


**ମନେରଖନ୍ତୁ :** ସବୁ କାଶ କଫ ପାଇଁ ଆଣ୍ଟିବାୟୋଟିକ୍ ପ୍ରୟୋଗ କରନ୍ତୁ ନାହିଁ।

– ପୁରୁଣା ଚିଠା ଦେଖି ବା ଔଷଧ ଦୋକାନରୁ ଯାଇ ମନଇଚ୍ଛା ଆଣ୍ଟିବାୟୋଟିକ୍ ନ ଆଣି ଡାକ୍ତରଙ୍କ ପରାମର୍ଶରେ ହିଁ ଔଷଧ ଆଣି ଶିଶୁକୁ ଦିଅନ୍ତୁ।

ଆମ ଦେଶରେ ଆଣ୍ଟିବାୟୋଟିକ୍‌ର ବହୁଳ ଅପବ୍ୟବହାର ହେଉଛି। ଏହାଦ୍ୱାରା ଭବିଷ୍ୟତରେ ଯେତେବେଳେ ପ୍ରକୃତରେ ଜୀବନ ରକ୍ଷାକାରୀ ଆଣ୍ଟିବାୟୋଟିକ ଦରକାର ସେତେବେଳେ ତାହା ଅକାମୀ ହୋଇଯାଇଥାଏ। ୨୦୦୯ ମସିହା ପରଠାରୁ ବିଶ୍ୱରେ କୌଣସି ନୂଆ ଆଣ୍ଟିବାୟୋଟିକ ଉଦ୍ଭାବନ ହୋଇପାରୁନାହିଁ। ଯାହା ଅଛି ତାହାକୁ ନେଇ ଆମକୁ ଭବିଷ୍ୟତରେ ରୋଗ ଭଲ କରିବାକୁ ପଡ଼ିବ। ନିକଟରେ ଆମେରିକାରେ ଏକ ସଂଘନ ଚିକିତ୍ସା କେନ୍ଦ୍ର (ଆଇସିୟୁ)ରେ ଆଣ୍ଟିବାୟୋଟିକ ଅକାମୀ ହୋଇଥିବା କାରଣରୁ ବହୁ ରୋଗୀ ମୃତ୍ୟୁବରଣ କରିଛନ୍ତି।

ଆମ ଶରୀରର ଓଜନଠାରୁ ଯଥେଷ୍ଟ ଗୁଣ ଅଧିକ ଓଜନର ଜୀବାଣୁ ଆମ ଶରୀରରେ ବସବାସ କରୁଛନ୍ତି। ତେଣୁ ବେଳ ଥାଉ ଥାଉ ଯଦି ଆମେ ଜୀବନ ରକ୍ଷାକାରୀ ଆଣ୍ଟିବାୟୋଟିକ୍‌କୁ ଦୁରୁପଯୋଗ କରୁ ତେବେ ସେମାନେ ନିଶ୍ଚୟ ଆମକୁ ନିପାତ କରିଦେବେ। ଜୀବାଣୁମାନେ ମନୁଷ୍ୟ ଅପେକ୍ଷା ଅଧିକ ସ୍ମାର୍ଟ। ସେମାନଙ୍କ ବଞ୍ଚିବାର କୌଶଳ ଆମଠୁ ଅଧିକ।

–ଏସ୍‌ଏନ୍‌ସିୟୁ ଇନ୍‌ଚାର୍ଜ,
ଜଏଣ୍ଟ ଡାଇରେକ୍ଟର, କ୍ୟାପିଟାଲ ହସ୍ପିଟାଲ , ଭୁବନେଶ୍ୱର



# ଘରକୁ ସଜାନ୍ତୁ ୱାଲପେପର୍ସରେ

**ଆପଣ ନିଜ ଘରକୁ ମେକଓଭର କରିବାକୁ ଚାହୁଁଛନ୍ତି କି ? ଯଦି ହଁ ତେବେ କାନ୍ଥର କଲର ବଦଳାଇବା ସହ କିଛି ଅଲଗା ଡିଫରେନ୍ସ କରିବାକୁ ଚେଷ୍ଟା କରନ୍ତୁ। ଯେମିତିକି ୱାଲଡେକୋର ଲାଗି ୱାଲପେପର ବ୍ୟବହାର କରିପାରିବେ। ଏହାଦ୍ୱାରା ଆପଣ ନିଜ ଘରକୁ ନୂଆ ଲୁକ୍ ଦେଇପାରିବେ।...**

**କେମିତି କରିବେ ୱାଲପେପର ସିଲେକ୍ସନ**
ସେମିତିରେ ତ ମାର୍କେଟରେ କେତେ ପ୍ରକାର ,କିନ୍ତୁ ନିଜର ରୁମ୍‌ର ସ୍ପେସ ସହ ଓ ସ୍ଥାନ ଦୁଇଟିକୁ ଦେଖି ୱାଲପେପର ଚୟନ କରନ୍ତୁ। ଏପରି କରି ଆପଣ ଘରକୁ କଣ୍ଟେମ୍ପରାରୀ ଡିଜାଇନର ଲୁକ୍ ଦେବା ସହ ନିଜ ଟଙ୍କାକୁ ବଞ୍ଚାଇ ପାରିବେ।

**ମେଟାଲିକ୍ ୱାଲପେପର:** ଆଜିର ସବୁ ଜେନେରେଶନ୍‌କୁ ଧ୍ୟାନ ରଖି ଏହି ପ୍ରକାର ୱାଲପେପର ପ୍ରସ୍ତୁତ କରାହୋଇଛି। ଏହାର ମେଟାଲିକ୍ କଲର ଇଫେ କଟ ବହୁତ ପସନ୍ଦ ଯୋଗ୍ୟ ହୋଇପାରୁଛି। କେଉଁ ପ୍ରକାର ୱାଲପେପର ଲଗାନ୍ତୁ ନା କାହିଁକି ତା'ର କ୍ୱାଲିଟି ଉପରେ ଧ୍ୟାନ ରଖନ୍ତୁ। ସେ ୱାଶବେଲ ହେବା ମଧ୍ୟ ଜରୁରୀ। ୱାଶେବେଲ ୱାଲପେପର ଅଧିକ ଦିନ ପର୍ଯ୍ୟନ୍ତ ସୁନ୍ଦର ଦେଖାଯାଇଥାଏ। କାହିଁକି ନା ଏହାକୁ ଅଳ୍ପ ସାମ୍ପୋ ପାଣି କି ଡିଟରଜେଣ୍ଟ ପାଣିରେ ଓଦା କପଡା ବୁଡାଇ ସଫା କରିପାରିବେ।

–କିଚେନ୍ ଓ ବାଥରୁମ୍ ଭଳି ଜାଗାରେ ଓଦା ପ୍ରାୟତଃ ରହିଥାଏ। ଏଥିସହ କାନ୍ଥରେ ପାଣି, ଷ୍ଟିମ୍ ଅନ୍ୟ ଚିକ୍କଣ ପଦାର୍ଥ ଲାଗିବାର ଭୟ ରହିଛି। ଏଥିପାଇଁ ୱାଶେବଲ ୱାଲପେପର କିଣିପାରନ୍ତି।

–ବେଡରୁମ୍ ଓ ଲିଭିଙ୍ଗ ରୁମ୍: ଟ୍ରାଡିଶନାଲ କିମ୍ବା ଫ୍ୟାବ୍ରିକ୍ କୌଣସି ବି କଲର,ଡିଜାଇନ୍,ପସନ୍ଦ ଯୁକ୍ତ ଚିତ୍ର ଥିବା ୱାଲପେପରକୁ ଲଗାଇ ଟ୍ରାଏ କରିପାରିବେ। ଏହି ସବୁ ଜାଗାରେ ୱାଲପେପର ଲଗାଉଥିବା ସମୟରେ ଟିକେ ଦେଖିଚାହିଁ ପସନ୍ଦ କରନ୍ତୁ।

–ଟେକ୍ସଚର୍ଡ ୱାଲପେପର: ଏହି ୱାଲପେପର ଲଗାଇବା ଦ୍ୱାରା ଘରକୁ ମିଳିଥାଏ ନୂଆ ଲୁକ୍। ଏବେ ଏହାକୁ ଖୁବ୍ ପସନ୍ଦ କରାଯାଉଛି। କାହିଁକି ନା ଏହା ଘରକୁ ନାଚୁରାଲ ଲୁକ୍ ଦେଇଥାଏ। ଅରିଜିନାଲ ଲୁକ୍ କାରଣରୁ ଏହାର ବହୁତ ଡିମାଣ୍ଡ ରହିଛି।





ଗତ ୫ ବର୍ଷରେ ସରକାର ଗ୍ରହଣ କରିଥିବା ବିଭିନ୍ନ ସଂସ୍କାର ଧାରା ଦେଶକୁ ୫ ଟ୍ରିଲିୟନ ଡଲାର ଅର୍ଥନୀତି ଗଢି ତୋଳିବା ଦିଗରେ ଅଗ୍ରସରକ କରାଉଛି।
– ନିର୍ମଳା ସୀତାରାମନ, କେନ୍ଦ୍ର ଅର୍ଥ ମନ୍ତ୍ରୀ



ସୁପରଭାଇଜର ପର୍ସୋନେଲଙ୍କ ଦକ୍ଷତା ବୃଦ୍ଧି ଲାଗି ଏକ କଲେଜ ସ୍ଥାପନ କରିବା ନେଇ ଯୋଜନା ରଖାଯାଇଛି।
– ଶକ୍ତିକାନ୍ତ ଦାସ, ଗଭର୍ନର, ଆର୍‌ବିଆଇ

## ସଂକ୍ଷେପରେ

### ଟାରିଫ୍ ବଢ଼ାଇବେ ଭୋଡାଫୋନ-ଆଇଡିଆ, ଏୟାରଟେଲ

**ନୂଆଦିଲ୍ଲୀ,୧୮-୧୧:** ଡିସେମ୍ବର ୧ରୁ ଭୋଡାଫୋନ-ଆଇଡିଆ ଏବଂ ଏୟାରଟେଲ ଭଳି କମ୍ପାନୀ ସେମାନଙ୍କ ସର୍ଭିସ ରେଟ୍ ବଢ଼ାଇବା ନେଇ ସୂଚନା ଦେଇଛନ୍ତି। ଏହି କମ୍ପାନୀଗୁଡ଼ିକ ବର୍ତ୍ତମାନ ବିଭିନ୍ନ ସମସ୍ୟା ଦେଇ ଗତି କରୁଥିବା ବେଳେ ଟାରିଫରେ ବୃଦ୍ଧି କରିବାକୁ ନିଷ୍ପତ୍ତି ନେଇଛନ୍ତି। ଏଭଳି ସ୍ଥିତିରେ ଗ୍ରାହକଙ୍କୁ ବିଶ୍ୱସ୍ତରୀୟ ଡିଜିଟାଲ ଏକ୍ସପେରିଏନ୍ସ ଯୋଗାଣ ଧାରା ଜାରି ରହିବ ବୋଲି କମ୍ପାନୀଗୁଡ଼ିକ କହିଛନ୍ତି। କେଉଁ ବର୍ଗରେ କେତେ ପରିମାଣର ଟାରିଫ ବୃଦ୍ଧି ହେବ ସେ ନେଇ କମ୍ପାନୀ ପକ୍ଷରୁ କିଛି ସୂଚନା ଦିଆଯାଇ ନାହିଁ। ନିକଟରେ ପ୍ରକାଶିତ ଦ୍ୱିତୀୟ ତ୍ରୈମାସ ଫଳାଫଳରେ ଫୋଡାଫୋନ ଆଇଡିଆ ୫୦,୯୨୧ କୋଟି ଟଙ୍କା କ୍ଷତି ସହିଛନ୍ତି। ଆଡଜଷ୍ଟେଟ ଗ୍ରସ ରେଭେନ୍ୟୁ ବାବଦ ଦେୟ ପ୍ରଦାନ ନେଇ ରହିଥିବା ନିୟମ ପାଳନକୁ ଆଧାରରେ କମ୍ପାନୀଗୁଡ଼ିକର କ୍ଷତି ବଢ଼ିଥିବା ସେମାନେ କହିଛନ୍ତି। ଟେଲିକମ୍ ବିଭାଗ ଦାବି କରିଥିବା ଅର୍ଥ ପ୍ରଦାନ କରିବାକୁ ସୁପ୍ରିମକୋର୍ଟ ପ୍ରମୁଖ ଟେଲିକମ୍ କମ୍ପାନୀଗୁଡ଼ିକୁ କହିଛନ୍ତି। ସରକାରଙ୍କ ସହାୟତା ନ ମିଳିଲେ ବ୍ୟବସାୟ ଜାରି ରଖିବା କଷ୍ଟକର ବୋଲି ଭୋଡାଫୋନ ଆଇଡିଆ କହିଛନ୍ତି। ଟେଲିକମ୍ କମ୍ପାନୀଗୁଡ଼ିକର ସମସ୍ୟା ସମାଧାନ ଲାଗି କ୍ୟାବିନେଟ ସଚିବଙ୍କ ଅଧକ୍ଷତାରେ ଏକ ସଚିବ କମିଟି ଗଠନ ହୋଇଛି।

# ଆଇଟି କ୍ଷେତ୍ରରେ ୪୦ ହଜାର କର୍ମଚାରୀ ଛଟେଇ ଆଶଙ୍କା

**ବାଙ୍ଗାଲୋର,୧୮-୧୧**

- ଆଇଟି ବିଶେଷଜ୍ଞ ଟି.ଭି. ମୋହନ ଦାସ ପାଇଙ୍କ ଆକଳନ
- ମିଡ୍ ଲେଭଲରେ ହୋଇପାରେ ବଡ ଧରଣର ଛଟେଇ
- ସ୍ପେଶାଲିଷ୍ଟ ହୋଇଥିଲେ ଅନ୍ୟ ଶିଳ୍ପରେ ନିଯୁକ୍ତି ପାଇଯିବେ




ଦେଶର ସୂଚନା ଏବଂ ପ୍ରଯୁକ୍ତି ସେବା ପ୍ରଦାନକାରୀ କମ୍ପାନୀଗୁଡ଼ିକ ୩୦ରୁ ୪୦ ହଜାର କର୍ମଚାରୀଙ୍କୁ ଛଟେଇ କରିପାରନ୍ତି। କମ୍ପାନୀଗୁଡ଼ିକର ଅଭିବୃଦ୍ଧି ମାନ୍ଦା ରହିବା କାରଣରୁ ମଧ୍ୟମ ଲେଭଲରେ ଆସନ୍ତା ଗୋଟିଏ ବର୍ଷରେ ଏହି ଛଟେଇ ହୋଇପାରେ ବୋଲି ଆଇଟି ଶିଳ୍ପ ବିଶେଷଜ୍ଞ ଟି.ଭି. ମୋହନଦାସ ପାଇ ସୋମବାର ସୂଚନା ଦେଇଛନ୍ତି। ପ୍ରମୁଖ ଆଇଟି କମ୍ପାନୀ ଇନ୍‌ଫୋସିସ ଲିମିଟେଡରେ ପାଇ ମୁଖ୍ୟ ବିତ୍ତ ଅଧିକାରୀ ଭାବେ କାର୍ଯ୍ୟ କରିଛନ୍ତି। ଶିଳ୍ପରେ ସମୟ ସମୟରେ ଏଭଳି ସ୍ଥିତି ଦେଖାଦେଇଥାଏ। ଶିଳ୍ପରେ ନିର୍ଦ୍ଦିଷ୍ଟ ବ୍ୟବସ୍ଥାରେ ପରିପକ୍ୱତା ଦେଖାଦେଲେ ଏଭଳି ଘଟଣାମାନେ ସାମ୍ନାକୁ ଆସିଥାଏ ବୋଲି ପାଇ ମତ ରଖିଛନ୍ତି। ସାଧାରଣତଃ ପାଞ୍ଚ ବର୍ଷ ସମୟ ବ୍ୟବଧାନରେ ଏଭଳି ସ୍ଥିତି ଆସିଥାଏ। କେବଳ ଭାରତ ନୁହେଁ ପାଶ୍ଚାତ୍ୟ ଦେଶଗୁଡ଼ିକରେ ମଧ୍ୟ ଏଭଳି ସମାନ ଘଟଣା ଦେଖାଯାଇଥାଏ। କୌଣସି କ୍ଷେତ୍ର ପରିପକ୍ୱ ସ୍ଥିତିକୁ ଆସିଲେ ମିଡିଲ ଲେଭଲରେ କାମ କରୁଥିବା ଲୋକମାନେ ସେମାନେ ଲାଭ କରୁଥିବା ବେତନରେ ଆଉ ଭାଲ୍ୟୁ ସଂଯୋଗ କରିପାରନ୍ତି ନାହିଁ ବୋଲି ପାଇ କହିଛନ୍ତି।

କମ୍ପାନୀ ଦ୍ରୁତ ଭାବେ ଅଭିବୃଦ୍ଧି କରୁଥିବା ବେଳେ ପଦୋନ୍ନତି ମିଳିବା ଦେଖାଯାଇଥାଏ। ମାତ୍ର ମାନ୍ଦାବସ୍ଥା ସମୟରେ କର୍ମଚାରୀମାନେ ଉଚ୍ଚ ହାରରେ ବେତନ ଲାଭ କରୁଥିଲେ କମ୍ପାନୀଗୁଡ଼ିକ ସେମାନଙ୍କ ସ୍ଥିତିକୁ ସମ୍ଭାଳିବା ଲାଗି ପୁଣି ଥରେ ନୂଆ ଯୋଜନା ହାତକୁ ନେଇଥାନ୍ତି। ଫଳରେ ଉଚ୍ଚ ବେତନ ଲାଭ କରୁଥିବା କ୍ଷେତ୍ରରେ ଏଭଳି ଛଟେଇ ଦେଖାଯାଇଥାଏ ବୋଲି ପାଇ ମତ ଦେଇଛନ୍ତି। ମାତ୍ର ନିର୍ଦ୍ଦିଷ୍ଟ ୫ ବର୍ଷ ବ୍ୟବଧାନରେ ଏଭଳି ସମୟ ଆସିଥାଏ ବୋଲି ମଣିପାଲ ଗ୍ଲୋବାଲ ଏଜୁକେଶନ ସର୍ଭିସ ଏବଂ ଆରିନ କ୍ୟାପିଟାଲର ଅଧ୍ୟକ୍ଷ ଭାବେ ଥିବା ପାଇ ସ୍ପଷ୍ଟ କରିଛନ୍ତି। ଠିକ୍ ଭାବେ ପରଫରମାନ୍ସ କିମ୍ବା ଭାଲ୍ୟୁ ସଂଯୋଗ ଦିଗରେ ଉଚିତ ଯୋଗଦାନ ନ ରଖିଲେ କେହି ସମାନ ବେତନ ଏବଂ ଉଚ୍ଚ ପଦବୀରେ କାର୍ଯ୍ୟ ତିଷ୍ଠି ରହିବା କଷ୍ଟକର ହୋଇପଡେ। ଛଟେଇ ହେଉଥିବା ୮୦% କର୍ମଚାରୀ ଯଦି ସ୍ପେଶାଲିଷ୍ଟ ହୋଇଥାନ୍ତି ତେବେ ତାଙ୍କୁ ଅନ୍ୟ ବର୍ଗରେ ଚାକିରି ମିଳିଯିବ ବୋଲି ପାଇ ମତ ରଖିଛନ୍ତି।

# ଅର୍ଥନୀତିକୁ ନେଇ ଚିନ୍ତା ପ୍ରକଟ କଲେ ମନମୋହନ

**ନୂଆଦିଲ୍ଲୀ,୧୮-୧୧**

- ସରକାରୀ ସଂସ୍ଥା ପ୍ରତି ଲୋକଙ୍କ ବିଶ୍ୱାସ କମିଥିବା କହିଲେ
- ଡର ଏବଂ ଆଶଙ୍କା ଯୋଗୁ ବିକାଶ ଗତି ଧୀର



ପୂର୍ବତନ ପ୍ରଧାନମନ୍ତ୍ରୀ ମନମୋହନ ସିଂ ଦେଶର ଅର୍ଥ ବ୍ୟବସ୍ଥାକୁ ନେଇ ଚିନ୍ତାପ୍ରକଟ କରିଛନ୍ତି। ଦେଶର ବିକାଶ ହାର ୧୫ ବର୍ଷର ସର୍ବନିମ୍ନ ସ୍ତରକୁ ଖସିଥିବା ନେଇ ସେ କେନ୍ଦ୍ର ସରକାରଙ୍କ ଉପରେ ବର୍ଷିଛନ୍ତି। ସେ କହିଛନ୍ତି ଯେ, ଦେଶର ବେକାରି ହାର ୪୫ ବର୍ଷର ସର୍ବନିମ୍ନ ସ୍ତରକୁ ଖସିଛି। ଗ୍ରାମାଞ୍ଚଳର ଚାହିଦା ୪ ଦଶକର ସର୍ବନିମ୍ନ ରହିଛି। ଏହାବାଦ ବ୍ୟାଙ୍କଗୁଡ଼ିକରେ ଅନାଦାୟ ଋଣ(ଏନ୍‌ପିଏ) ରେକର୍ଡ ସ୍ତର ଛୁଇଁଛି। ବିଦ୍ୟୁତ ଚାହିଦା ୧୫ ବର୍ଷର ସର୍ବନିମ୍ନ ସ୍ତରକୁ ଖସିଛି। ଏଭଳି ବିଭିନ୍ନ ବିଷୟକୁ ପର୍ଯ୍ୟାଲୋଚନା କଲେ ଦେଶର ଅର୍ଥ ବ୍ୟବସ୍ଥା ଏକ ଜଟିଳ ସ୍ଥିତି ଦେଇ ଗତି କରୁଥିବା ସେ ମତ ରଖିଛନ୍ତି। ଏକ ଜାତୀୟ ମୁଦ୍ରିତ ଗଣମାଧ୍ୟମର ଲେଖାରେ ସେ ଏହି ପ୍ରସଙ୍ଗକୁ ଉଲ୍ଲେଖ କରିଛନ୍ତି। ସେ କହିଛନ୍ତି ବିରୋଧୀ ଦଳରେ ଜଣେ ନେତା ଭାବେ ଏହା କହି ନାହାନ୍ତି। ବରଂ ଅର୍ଥ ବ୍ୟବସ୍ଥାର ଗମ୍ଭୀର ସ୍ଥିତିକୁ ଦେଖି ଏହାକୁ ଏଭଳି ମନ୍ତବ୍ୟ ଦେଇଛନ୍ତି। ସଂସଦ ଅଧିବେଶନର ପ୍ରଥମ ଦିନରେ ଅର୍ଥରାଷ୍ଟ୍ର ମନ୍ତ୍ରୀ ଅନୁରାଗ ଠାକୁର କହିଛନ୍ତି ଯେ, ଦେଶର ଅର୍ଥ ବ୍ୟବସ୍ଥା ଏବେ ଠିକ୍ ଦିଗରେ ଚାଲିଛି। ଜି-୨୦ ଦେଶଗୁଡ଼ିକର ବିକାଶ ହାରକୁ ଦେଖିଲେ ଭାରତର ସ୍ଥିତି ଉନ୍ନତ ରହିଛି। ଏହି ସମୟରେ ଭାରତ ୭.୫% ହାରରେ ଅଭିବୃଦ୍ଧି ହାସଲ କରୁଥିବା ସେ କହିଛନ୍ତି। ଏଭଳି ସ୍ଥିତିରେ ମନମୋହନଙ୍କ ମନ୍ତବ୍ୟ ଆସିଥିବା ଜଣାପଡ଼ିଛି।

ମନମୋହନ ତାଙ୍କ ଲେଖାରେ ସ୍ପଷ୍ଟ ଭାବେ ଉଲ୍ଲେଖ କରିଛନ୍ତି ଯେ, ଦେଶର ପ୍ରମୁଖ ସଂସ୍ଥା ଏବଂ ସରକାରଙ୍କ ପ୍ରତି ଲୋକଙ୍କର ବିଶ୍ୱାସ କମ୍ ହୋଇଛି। ମାନ୍ଦାବସ୍ଥା ଲାଗି ଏହା ମଧ୍ୟ ଗୋଟିଏ କାରଣ। କୌଣସି ଦେଶର ଅର୍ଥ ବ୍ୟବସ୍ଥା ସେହି ଦେଶର ସାମାଜିକ ସ୍ଥିତିକୁ ଦର୍ଶାଇଥାଏ। କୌଣସି ଦେଶର ଲୋକ ଉକ୍ତ ଦେଶର ବିଭିନ୍ନ ସରକାରୀ ସଂସ୍ଥା ଉପରେ କିଭଳି ଭରସା କରୁଛନ୍ତି ତାହା ମଧ୍ୟ ଅର୍ଥ ବ୍ୟବସ୍ଥା ଲାଗି ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ସରକାରୀ ସଂସ୍ଥାଗୁଡ଼ିକ ପ୍ରତି ଲୋକଙ୍କର ଏହି ସମ୍ପର୍କ ଯେତେ ମଜବୁତ ହେବ ଅର୍ଥ ବ୍ୟବସ୍ଥାର ମୂଳ ସେତିକି ଦୃଢ ହେବ ବୋଲି ବୋଲି ମନମୋହନ ମତ ଦେଇଛନ୍ତି।

ସେ ଆହୁରି ମଧ୍ୟ କହିଛନ୍ତି ଯେ, ବର୍ତ୍ତମାନ ଦେଶର ବଡ ବଡ ଉଦ୍ୟୋଗପତି ଏକ ଆଶଙ୍କା ସ୍ଥିତିରେ ରହିଛନ୍ତି। ସରକାରୀ ବ୍ୟବସ୍ଥାକୁ ନେଇ ସେମାନଙ୍କ ମଧ୍ୟରେ ଡର ସୃଷ୍ଟି ହୋଇଛି। ଆଶଙ୍କାସ୍ଥିତିକୁ ବ୍ୟାଙ୍କର ଋଣ ଦେବାକୁ ସଙ୍କୋଚ କରୁଛନ୍ତି। ଶିଳ୍ପପତିମାନେ ନୂଆ ଉଦ୍ୟୋଗ ଏବଂ ପ୍ଲାଣ୍ଟ ସ୍ଥାପନା କରିବାକୁ ଡରୁଛନ୍ତି। ଟେକ୍ନୋଲୋଜି ଷ୍ଟାର୍ଟଅପଗୁଡ଼ିକୁ ନଜରରେ ରଖାଯାଉଥିବାରୁ ସେମାନଙ୍କ ମଧ୍ୟରେ ମଧ୍ୟ ଡରଭାବ ଉପୁଜି ହୋଇଛି। ଏହାବାଦ ବଡବଡ ସରକାରୀ ସଂସ୍ଥାର ଅଧିକାରୀମାନେ ସତ କହିବାକୁ ମଧ୍ୟ ଡରୁଛନ୍ତି। ଅର୍ଥ ବ୍ୟବସ୍ଥା ଏକ ଗାଡି ହେଲେ ଏମାନେ ସବୁ ଚକ ସଦୃଶ କାମ କରିବା କଥା ମାତ୍ର ଡର ସ୍ଥିତି ଲାଗି ରହିଥିବାରୁ ବିକାଶର ଗାଡି ଧୀର ହୋଇଥିବା ମନମୋହନ ଉଦବେଗ ପ୍ରକାଶ କରିଛନ୍ତି।

## ପ୍ରଧାନମନ୍ତ୍ରୀଙ୍କୁ ଭେଟିଲେ ବିଲ୍ ଗେଟ୍‌ସ

**ନୂଆଦିଲ୍ଲୀ,୧୮-୧୧:** ମାଇକ୍ରୋସଫ୍ଟର ସହପ୍ରତିଷ୍ଠାତା ବିଲ୍ ଗେଟ୍‌ସ ସୋମବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଭେଟିଛନ୍ତି। ବିଭିନ୍ନ ପ୍ରସଙ୍ଗ ଉପରେ ଏହି ଅବସରରେ ଆଲୋଚନା ହୋଇଥିବା ଜଣାପଡ଼ିଛି। ଭାରତୀୟ ଅର୍ଥ ବ୍ୟବସ୍ଥା ୨୦୨୦ ପରେ ଦ୍ରୁତ ହାରରେ ଅଭିବୃଦ୍ଧି କରିବ ବୋଲି ବିଲ୍ ଗେଟ୍‌ସ କହିଥିଲେ। ଏହା ସହ ୟୁପିଆଇ ଏବଂ ଆଧାର ବ୍ୟବସ୍ଥାକୁ ସେ ପ୍ରଶଂସା କରିଥିଲେ। ନିକଟରେ କଣ ହେବ ହେବ ସେ ନେଇ କୌଣସି ସ୍ପଷ୍ଟ ସୂଚନା ସେ ଦେଇ ନ ଥିବା ବେଳେ ଆଗାମୀ ଦଶକ ଭାରତର ହେବ ବୋଲି କହିଥିଲେ। ଦ୍ରୁତ ଅଭିବୃଦ୍ଧି ହାସଲ କରିବା ଲାଗି ଭାରତ ନିକଟରେ ପ୍ରବଳ ସମ୍ଭାବନା ରହିଛି। ବିଲ ଗେଟ୍‌ସ ଏବେ ଭାରତ ଗସ୍ତରେ ଥିବା ବେଳେ ମୋଦିଙ୍କୁ ଭେଟିବା ପରେ କେନ୍ଦ୍ର ମହିଳା ଏବଂ ଶିଶୁ ବିକାଶ ମନ୍ତ୍ରୀ ସ୍ମୃତି ଇରାନୀଙ୍କୁ ଭେଟିଛନ୍ତି। ଏହି ଅବସରରେ ଭାରତୀୟ ପୋଷଣ କୃଷି କୋଷ ଶୁଭାରମ୍ଭ କରାଯାଇଛି। ମହିଳା ଏବଂ ଶିଶୁ ବିକାଶ ମନ୍ତ୍ରଣାଳୟ ଏବେ ପୋଷାଣ ଲାଗି ବିଲ୍ ଗେଟ୍‌ସ ଫାଉଣ୍ଡେଶନ ସହ ମିଳିତ ହୋଇ କାମ କରୁଛି।



## ୨୮ ରାଷ୍ଟ୍ରାୟତ୍ତ ସଂସ୍ଥାର ଅଂଶଧନ ବିକ୍ରି ହେବ

**ନୂଆଦିଲ୍ଲୀ,୧୮-୧୧:** ସରକାର ୨୮ ରାଷ୍ଟ୍ରାୟତ୍ତ ସଂସ୍ଥାର ଅଂଶଧନ ବିକ୍ରି ନେଇ ଯୋଜନା ରଖିଛନ୍ତି। ଏୟାର ଇଣ୍ଡିଆ ସମେତ ୨୮ ରାଷ୍ଟ୍ରାୟତ୍ତ ସଂସ୍ଥାର ଷ୍ଟ୍ରାଟେଜିକ ଅଂଶଧନ ବିକ୍ରି ଲାଗି କେନ୍ଦ୍ର କ୍ୟାବିନେଟ ନୀତିଗତ ମଞ୍ଜୁରୀ ପ୍ରଦାନ କରିଥିବା ସୋମବାର ଅର୍ଥରାଷ୍ଟ୍ର ମନ୍ତ୍ରୀ ଅନୁରାଗ ଠାକୁର ସୂଚନା ଦେଇଛନ୍ତି। ୨୦୧୯-୨୦ ଆର୍ଥିକ ବର୍ଷରେ ସରକାର ପୁଞ୍ଜି ପ୍ରତ୍ୟାହାରରୁ ୧.୦୫ ଲକ୍ଷ କୋଟି ଟଙ୍କା ସଂଗ୍ରହ କରିବାକୁ ଲକ୍ଷ୍ୟ ରଖିଛନ୍ତି। ଏହା ମଧ୍ୟରୁ ବର୍ତ୍ତମାନ ସୁଦ୍ଧା ୧୭,୩୬୪ କୋଟି ଟଙ୍କା ସଂଗ୍ରହ ହୋଇଥିବା ଅର୍ଥରାଷ୍ଟ୍ର ମନ୍ତ୍ରୀ ଲୋକ ସଭାକୁ ଲିଖିତ ଉତ୍ତରରେ ସୂଚନା ଦେଇଛନ୍ତି।

## ଶାଲୁ ଜିନ୍ଦଲଙ୍କୁ ଗୋଲ୍‌ଡେନ ପିକକ୍ ସମ୍ମାନ

**ଭୁବନେଶ୍ୱର,୧୮-୧୧**



ସାମାଜିକ ବିକାଶ ଏବଂ ସାଂସ୍କୃତିକ କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ଯୋଗଦାନ ଲାଗି ଜେଏସ୍‌ପିଏଲ୍ ଫାଉଣ୍ଡେଶନ ଅଧକ୍ଷା ସାଲୁ ଜିନ୍ଦଲଙ୍କୁ ଗୋଲ୍‌ଡେନ ପିକକ୍ ସାମାଜିକ ଓ ସାଂସ୍କୃତିକ ନେତୃତ୍ୱ ସମ୍ମାନରେ ସମ୍ମାନିତ କରାଯାଇଛି। ଇନଷ୍ଟିଚ୍ୟୁଟ ଅଫ୍ ଡାଇରେକ୍ଟର୍ସ ଦ୍ୱାରା ଲଣ୍ଡନଠାରେ ଅନୁଷ୍ଠିତ ଗ୍ଲୋବାଲ କନ୍‌ଭେନସନ ଅନ୍ କର୍ପୋରେଟ ଗଭର୍ନାନ୍ସ ଓ ସଷ୍ଟେନେବିଲିଟି କାର୍ଯ୍ୟକ୍ରମରେ ବ୍ରିଟିଶ ବ୍ରଡକାଷ୍ଟିଂ କର୍ପୋରେଶନର ଅଧକ୍ଷ ସାର୍ ଡେଭିଡ କ୍ଲେମେଣ୍ଟିଙ୍କଠାରୁ ଶାଲୁ ଜିନ୍ଦଲ ଏହି ପୁରସ୍କାର ଗ୍ରହଣ କରିଛନ୍ତି। ସମାଜର ଅବହେଳିତ ତଥା ଅନୁନ୍ନତ କ୍ଷେତ୍ରର ବିକାଶ ଦିଗରେ ଜେଏସ୍‌ପିଏଲ୍ ଫାଉଣ୍ଡେଶନ ସର୍ବଦା ପ୍ରୟାସ ଜାରି ରଖିବ ବୋଲି ଶାଲୁ ଏହି ଅବସରରେ କହିଛନ୍ତି। ତାଙ୍କ ନେତୃତ୍ୱରେ ଜେଏସ୍‌ପିଏଲ୍ ଫାଉଣ୍ଡେଶନ ଓଡ଼ିଶା ସମେତ ଛତିଶଗଡ ଏବଂ ଝାଡଖଣ୍ଡ ଭଳି ସ୍ଥାନଗୁଡ଼ିକରେ ମହିଳା ଓ ଶିଶୁ ବିକାଶ, ସ୍ୱାସ୍ଥ୍ୟ, ଜୀବିକା, ଶିକ୍ଷା, କ୍ରୀଡା, କୌଶଳ ବିକାଶ ଭଳି ଅନ୍ୟ କ୍ଷେତ୍ରରେ କାର୍ଯ୍ୟ କରୁଛି। ଏହି କାର୍ଯ୍ୟକ୍ରମ ମାଧ୍ୟମରେ ୧୯ ଲକ୍ଷରୁ ଅଧିକ ପରିବାର ଉପକୃତ ହୋଇଛନ୍ତି। କାର୍ଯ୍ୟକ୍ରମରେ ଏସିସିର ମୁଖ୍ୟ ନିର୍ବାହୀ ହେଲେନ ବ୍ରାଣ୍ଡ, ୟୁକେର ପୂର୍ବତନ ମନ୍ତ୍ରୀ ଦ ବରୋନେସ ବର୍ମା, ଇନଷ୍ଟିଚ୍ୟୁଟ ଅଫ ଡାଇରେକ୍ଟର୍ସର ସଭାପତି ଲ୍ୟୁଟ୍‌ନାଣ୍ଟ ଜେନେରାଲ ଜେ.ଏସ୍. ଆହ୍ଲୁୱାଲିଆ ପ୍ରମୁଖ ଉପସ୍ଥିତ ଥିଲେ।

## ରାଉଣ୍ଡଟେବୁଲ ଇଣ୍ଡିଆର ଆର୍‌ଟିଆଇ ସପ୍ତାହ

**ଭୁବନେଶ୍ୱର,୧୮-୧୧**

ସମାଜ କଲ୍ୟାଣ କାର୍ଯ୍ୟରେ ଜଡିତ ରାଉଣ୍ଡ ଟେବୁଲ ଇଣ୍ଡିଆ ପକ୍ଷରୁ ଦେଶ ବ୍ୟାପି ଆର୍‌ଟିଆଇ ସପ୍ତାହ ପାଳିତ ହୋଇଯାଇଛି। ରାଉଣ୍ଡ ଟେବୁଲର ସଦସ୍ୟ, ଟାବଲର ଏବଂ ସେମାନଙ୍କ ପତ୍ନୀ ତଥା ସର୍କଲରମାନେ ଏହି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଛନ୍ତି। ଏହାର ଅଂଶବିଶେଷ ସୋମବାର ଭୁବନେଶ୍ୱର ରାଉଣ୍ଡଟେବୁଲ ୫୩ ଏବଂ ବିଏଲ୍‌ସି ୧୨ର ଟାବଲର ଏବଂ ସର୍କଲରମାନେ ୧୨୦ ମୂକ ବଧିର ପିଲାଙ୍କୁ ସ୍ଥାନୀୟ ଡମଣାସ୍ଥିତ ମ୍ୟାକ୍ସ ଫ୍ୟାଶନ ଷ୍ଟୋରରେ ଶପିଂ କରାଇଛନ୍ତି। ଏହି ସପ୍ତାହରେ ରାଉଣ୍ଡ ଟେବୁଲ ଇଣ୍ଡିଆ ପକ୍ଷରୁ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜନ କରାଯାଇଛି।

**GOVERNMENT OF ODISHA**
**e-Procurement Notice, NAC, Athmallik**
Bid Identification No.- Alkn-05/2019-20
e-mail ID - eonacathmallik.hud2012@gmail.com
No.2104 Dt.18.11.19

| | | |
|---|---|---|
| 1. | Number of Works | 1 (One) number of Building work |
| 2. | Approximated estimated cost put to tender | Rs.66.321 lakh |
| 3. | Period of completion | 06 (Six) calendar months |
| 4. | Date & Time of availability of bid document in the portal | Dt.19.11.2019 at 10.00 A.M. |
| 5. | Last date / Time for receipt of bid in the portal | Dt.03.12.2019 upto 5.00 P.M. |
| 6. | Date of opening Bid | Dt.07.12.2019 at 11.00 A.M. |
| 7. | Name and address of the Office Inviting Bid | Executive Officer, N.A.C., Athmallik |
| 8. | The bidders have to participate in ONLINE bidding only. | |

Further details can be seen from the e-procurement portal https://tendersodisha.gov.in
Sd./- Executive Officer, N.A.C., Athmallik

**OFFICE OF THE NOTIFIED AREA COUNCIL, KAMAKHYANAGAR**
**QUOTATION CALL NOTICE**
No.2093 Dt.16.11.19
Sealed quotations are invited from intending suppliers / firms to provide the following description of materials at Kamakhyanagar N.A.C. Quotation will be received upto 01.00 P.M. of dt.22.11.2019 and shall be opened on the same day at 03.00 P.M. in presence of the quotationers or their authorized agents, if present.

| Sl. No. | Description | Size | Rate quoted per each. (Both in words & figures) |
|---|---|---|---|
| 1. | Solar Power Packs-Grid Tied System | 15.18 KWp | |

**Terms & Conditions.**
1. The quotation must have valid GST No., PAN Card and Authentication.
2. Responsibility of quotationer to supply the materials FOR at Kamakhyanagar.
3. The materials should be of good quality and as per the specification.
4. The rate quoted should be inclusive of all taxes.
5. Authority reserves the right to reject any or all the quotations without assigning any reason thereof.

N.B : Quotationer may contact with the J.E.N.A.C. to know about the features of the Solar Power System. Mob. No.8117908986
Sd./- Executive Officer, N.A.C., Kamakhyanagar

**BOARD OF REVENUE, ODISHA, CUTTACK**
Letter No. IV-E-57/2019 5092/Estt. Dated: 18.11.19
**TENDER CALL NOTICE**
Board of Revenue, Odisha, Cuttack intends to engage 07 (Seven) numbers of Non-Technical man Powers (Sweepers) on contractual basis through Registered Manpower Service Providers. Tenders are invited from intending Manpower Service Providers for the purpose. The last date of receiving the tender is at 4.30 PM on 05.12.2019 and opening of the same is at 5.30 PM on 05.12.2019. For details please visit Board of Revenue website "boardodisha.nic.in".
Sd./- Secretary
Board of Revenue, Odisha, Cuttack

**ODISHA NURSES & MIDWIVES EXAMINATION BOARD, BHUBANESWAR**
Email- odishanursingboard@gmail.com
NO. 1433 Dt-16.11.2019
**NOTICE**
**ON-LINE MANAGEMENT OF ON&MEB**
No.E-498:- It is to inform to all concerned that the activities of the ON&MEB regarding the form fill-up, issue of Admit cards, Mark sheets & Pass certificates etc. shall be managed by online mode. The details available in the website of DMET i.e. www.dmetodisha.gov.in in nursing admission link.
Sd./-
Prof (Dr) C.B.K. Mohanty
Director of Medical Education & Training,
10110/11/0001/1920 Odisha-cum-Chairman, ONMEB

**DISTRICT RURAL DEVELOPMENT AGENCY, BHADRAK**
(OLM SECTION)
Notice No.296 Date: 18.11.19
**QUOTATION CALL NOTICE**
Sealed Quotation is invited from interested reputed suppliers / Dealers / Agencies / Firms for printing of materials (TBSDAS register) for SHGs. The Quotation completed with all relevant documents must be submitted through Registered Post / Courier only on or before 30.11.2019 by 1.00 P.M. and shall be opened on the same day at 3.30 P.M. in the presence of the bidders or their authorized representatives with all sorts of sample checking. Submission of Quotation papers by hand is prohibited. The details of the quotation and terms and conditions can be accessed in the District website https://www.bhadrak.nic.in
Sd./-
Project Director
DRDA, Bhadrak

**DISTRICT PLANNING AND MONITORING UNIT, BOUDH**
Tender No.......... Date..........
**Tender Notice for Outsourcing of Manpower**
Bids in sealed cover are invited under two-bid system from reputed and experienced manpower service provider for providing *Data Entry Operator / Field Enumerators for District Planning and Monitoring Unit, Boudh.* Intending agencies are required to download Tender Documents from District website www.boudh.nic.in. Last date of submission of bid is 02.12.2019 at 5.00 P.M.
Sd./- Deputy Director, (P&S), DPMU, Boudh

**ODISHA STATE SEEDS CORPORATION LIMITED**
**(A GOVERNMENT UNDERTAKING)**
SANTARAPUR, BHUBANESWAR - 751002. CAD-593
Tel - MD 0674 - 2340573, PBX - 2340170, Fax – 2340096
**TENDER CALL NOTICE**
**No- OSSC/ Engg- 55/2019**
The Managing Director, Odisha State Seeds Corporation Ltd invites *Percentage Rate Tenders* through ONLINE MODE only for the works **"CONSTRUCTION OF SEED PROCESSING PLANT BUILDING AT KUCHINDA**, from eligible contractors as specified through e-tender site of Govt of Odisha (www.tenderodisha.gov.in).
The details of location of work, estimated amount, cost of Tender Document, EMD and other criteria along with critical dates can be seen in the Detailed Tender Call Notice posted in Website of Govt of Odisha www.tenderodisha.gov.in. The last date for uploading of tender to tender portal is dt. 05.12.2019.
01045/11/0021/1920
Sd/-
Managing Director

**GOVT. OF ODISHA**
**DEPARTMENT OF WATER RESOURCES,**
**O/O THE EXECUTIVE ENGINEER,**
**RIGHT CANAL DIVISION NO VI, JAGATPUR, CUTTACK.**
Email Id – eerrcd6jagatpur@gmail.com A-392
**'e' Procurement Notice**
The Executive Engineer, Right Canal Division No VI, Jagatpur, Cuttack on behalf of the Governor of Odisha invites **on line percentage rate bids** in double cover system for construction of the works as detailed below:
1. Name of the work : Construction of Catch Water Drain between RD 79.74 km to 83.50 km of R.B.C of Rengali Irrigation Project..
2. Tender Cost : Rs 99.01 lakh
3. Bid Document Cost : Rs 10,000.00 (on line)
4. Bid Security : Rs 99,100.00 (on line)
5. Class of Contractor : 'B' & 'A' Class
6. Period of Completion : 6 calendar months (182 days)
7. Other details are as follows;

| Procurement Officer | Bid Identification No. | Availability of Tender On- line for bidding | | Date of Opening of Technical Bid (Cover-I) |
|---|---|---|---|---|
| | | From | To | |
| Executive Engineer, Right Canal Division No. VI, Jagatpur, Cuttack. | EERCD-VI-01/2019-20 | 20.11.2019 10.00 AM | 05.12.2019 5.30 PM | 06.12.2019 11.00 AM |

8. For further details and on line bidding, visit Govt. website www.tendersodisha.gov.in
Sd-/
Executive Engineer
Right Canal Division No. VI
Jagatpur, Cuttack
32059/11/0001/1920

**OFFICE OF THE NOTIFIED AREA COUNCIL, GUDARI**
Letter No: 1248/NAC **EXPRESSION OF INTEREST** Date : 16.11.19
Expression of Interest (EoI) from interested firms/ Agencies having past experience are invited for creation of official website designing for Gudari NAC. The agency must posses (1) valid registration Certificate (2) Valid certificate of GST (3) PAN No. (4) Previous experience in similar type of project and submit the attested copies of such documents along with the application with non refundable EMD in shape of bank draft in the name of Executive Officer, NAC, Gudari payable at Gudari for an amount of Rs. 500/- only. The applications from the intending firms/ agencies along with the relevant documents should reach the undersigned on or before 26.11.19 up to 01 PM and the same will be opened at 3.30 PM on the same date. The under signed will not be responsible for any postal delay / loss. Other details with term and conditions may be collected from the office of the undersigned. The authority reserves right to accept or cancel any or all the EoI without assigning any reason thereof in any stage of the process.
Sd./- Executive Officer, NAC, Gudari

**ODISHA HYDRO POWER CORPORATION LTD.**
OFFICE OF THE SENIOR GENERAL MANAGER (ELECTRICAL)
UPPER KOLAB HYDRO ELECTRIC PROJECT
At / P.O.: BARINIPUT; DIST.: KORAPUT – 764006
PHONE: - (06854) 242001 FAX: - (06854) 242038
e-mail: sgmel_ukhep@ohpcltd.com
CIN No. U40101OR1995SGC003963 CAD-592
**I[ST] CORRIGENDUM TO TENDER CALL NOTICE NO. 17/2019-20 DATED: 22.10.2019**
Name of Work:- "Supply of 11KV Line Materials to UKHEP, Bariniput.
The last date of Sale, Receipt and Opening of Tender Paper against this office Tender Call Notice No. 17/2019-20 Dated: 22.10.2019 are hereby extended and re-scheduled as follows:-
(1) Sale of tender paper : From dtd. 25.11.2019 to 13:00 Hrs. of 05.12.2019
(2) Last Date & Time of Receipt of Tender Paper. : Up to 16:00 Hrs. of Dated: 05.12.2019
(3) Date & Time of Opening of Tender. : At 16:30 Hrs. of Dated: 05.12.2019
All other terms & conditions of the Tender remain unchanged.
For details of the Tender documents, Terms & Conditions and down loading please refer our Web site: www.ohpcltd.com.
C & P Head,
Upper Kolab HEP, OHPC Limited,
Bariniput
04002/11/0047/1910

**OFFICE OF THE PANCHAYAT SAMITI, BARGARH**
Adv. No.01 Date: 16.11.2019
**Quotation / Tender Call Notice for Hiring of Vehicle for Monitoring & Supervision of Rural Housing**
Sealed quotation / tenders are invited from interested reputed Travel agencies / Tour operator or private individual for providing one No. of non- A/C Diesel driven vehicle (i.e. TUV 300/ Bolero/ Sumo Gold/ Ertiga) having sitting capacity not more than ten including Driver for hiring of vehicle for monitoring & supervision of Rural Housing of Panchayat Samiti, Bargarh on a monthly basis.The eligibility criteria, application form of quotation / tender containing General bid / financial Bid / Technical Bid information and term & condition for hiring of vehicle etc. will be available in the Panchayat Samiti Office, Baragarh on payment of Rs.100 (Rupees Hundred) from 18.11.2019 to 28.11.2019 upto 12 Noon in all working day.
The Quotation completed in all respect should reach the Panchayat Samiti Office, Bargarh on or before 28.11.2019 by 3.00 PM through Regd. Post/Speed Post/ Tender Drop Box only. The technical and financial Bids shall be opened at the Block conference Hall on dt.28.11.2019 at 3.30 PM in the presence of Bidders or their authorized representative.
The Block Development Officer, Bargarh reserves the right to reject any or all the proposals without assigning any reason thereof.
Sd./-
Block Development Officer,
Baragarh



"ସୋମବାରଠାରୁ ଭୁବନେଶ୍ୱରରେ ଆରମ୍ଭ ହୋଇଥିବା ପ୍ରଶିକ୍ଷଣ ଶିବିରରେ ଦଳଗତ ରଣନୀତି ଅପେକ୍ଷା ଖେଳାଳିଙ୍କ ବ୍ୟକ୍ତିଗତ ଉନ୍ନତି ଉପରେ ଗୁରୁତ୍ୱ ଦିଆଯିବ।

—ଗ୍ରାହମ୍ ରିଡ୍, ଭାରତୀୟ ପୁରୁଷ ହକି କୋଚ୍

"ଯଶପ୍ରୀତ୍ ବୁମ୍‌ରା ଓ ହାର୍ଦ୍ଦିକ ପାଣ୍ଡ୍ୟାଙ୍କ ଫିଟ୍‌ନେସ ସମସ୍ୟା ଲାଗି ଆମକୁ ଧାୱଲ କୁଲକର୍ନୀ ଓ ଟ୍ରେଣ୍ଟ ବୋଲ୍ଟଙ୍କୁ ଅନ୍ୟ ଫ୍ରାଞ୍ଚାଇଜ୍‌ରୁ ଆଣିବାକୁ ପଡ଼ିଲା ।

—ଜାହିର ଖାଁ, ମୁମ୍ବାଇ ଇଣ୍ଡିଆନ୍ସ କ୍ରିକେଟ୍ ଡିରେକ୍ଟର୍ସ



## ସଂକ୍ଷେପରେ

### ଇନ୍‌ଷ୍ଟାଗ୍ରାମ ପୋଷ୍ଟ ଯୋଗୁ ଅଷ୍ଟ୍ରେଲିଆ କ୍ରିକେଟର ବାସନ୍ଦ



**ସିଡ୍‌ନୀ,୧୮।୧୧:** କ୍ରିକେଟ ଅଷ୍ଟ୍ରେଲିଆ (ସିଏ) ମହିଳା ବିଗ୍ ବାଶ ଲିଗ୍ (ଡବ୍ଲ୍ୟୁବିବିଏଲ) ଦଳ ହୋବର୍ଟ ହରିକେନ୍ସ ଖେଳାଳି ଏମିଲି ସ୍ମିଥଙ୍କୁ ଏକ ବର୍ଷ ଲାଗି ବାସନ୍ଦ କରିଛି। ଅଫିସିଆଲ ଭାବେ ଏକ ଡବ୍ଲ୍ୟୁବିବିଏଲ ମ୍ୟାଚ୍ ଲାଗି ଦଳୀୟ ଲାଇନଅପ୍ ପ୍ରକାଶ ପାଇବା ପୂର୍ବରୁ ସେ ଇନ୍‌ଷ୍ଟାଗ୍ରାମରେ ପୋଷ୍ଟ କରିଦେଇଥିଲେ। ଏହା ଦ୍ୱାରା ସେ ନିୟମ ଭଙ୍ଗ କରିଛନ୍ତି। ବାସନ୍ଦାଦେଶ ଯୋଗୁ ସେ ଡବ୍ଲ୍ୟୁବିବିଏଲର ଅବଶିଷ୍ଟ ମ୍ୟାଚ୍ ଓ ଜାତୀୟ ମହିଳା ଲିଗ୍ ପ୍ରତିଯୋଗିତାରେ ଖେଳିପାରିବେ ନାହିଁ। ୨୪ ବର୍ଷୀୟା ଉଇକେଟକିପର ବ୍ୟାଟ୍ସୱମ୍ୟାନ ଏପର୍ଯ୍ୟନ୍ତ ଅଷ୍ଟ୍ରେଲିଆ ପାଇଁ ପ୍ରତିନିଧିତ୍ୱ ନ କରିଥିଲେ ମଧ୍ୟ ୪୩ ଡବ୍ଲ୍ୟୁବିବିଏଲ୍ ମ୍ୟାଚ୍ ଖେଳିଛନ୍ତି। ଗତ ୨ ତାରିଖରେ ସିଡ୍‌ନୀ ଥଣ୍ଡର୍ସ ବିପକ୍ଷ ମ୍ୟାଚ୍ ପୂର୍ବରୁ ନିଜ ଇନ୍‌ଷ୍ଟାଗ୍ରାମ ଆକାଉଣ୍ଟରେ ହରିକେନ ଟିମ୍ ଲାଇନଅପ୍ ପୋଷ୍ଟ କରିଥିଲେ। ଏହାର ଏକ ଘଣ୍ଟା ପରେ ଅଫିସିଆଲ ରିଲିଜ ହୋଇଥିଲା। ତେବେ ବର୍ଷା ଯୋଗୁ ମ୍ୟାଚ୍ ବାତିଲ ହୋଇଯାଇଥିଲା। ଆଣ୍ଟି କରପଶନ ଧାରା ୨.୩.୨ ଅନୁଯାୟୀ, କୌଣସି ବ୍ୟକ୍ତିଙ୍କ ଆଗରେ ଜାଣତରେ କିମ୍ବା ଅଜାଣତରେ ଦଳୀୟ ତଥ୍ୟ ପ୍ରକାଶ କରିବା ଦଣ୍ଡନୀୟ। ଏହା ବେଟିଂରେ ବ୍ୟବହାର ହୋଇପାରିଥାନ୍ତା।

### ହୋସେନ ବାସନ୍ଦ



**ଢାକା,୧୮।୧୧(ପି.ଟି.):** ପୂର୍ବତନ ବାଂଲାଦେଶ ପେସର ଶାହାଦତ ହୋସେନ ସାଥୀ ଖେଳାଳି ଆରାଫତ ସନ୍ନିଙ୍କୁ ଆକ୍ରମଣ କରି ଚଳିତ ଜାତୀୟ କ୍ରିକେଟ ଲିଗ୍‌ରୁ ବାସନ୍ଦ ହୋଇଛନ୍ତି। ଏହି ଘଟଣା ଢାକା ଡିଭିଜନ ଓ ଖୁଲନା ଡିଭିଜନ ମଧ୍ୟରେ ଖୁଲନାଠାରେ ଖେଳାଯାଇଥିବା ମ୍ୟାଚ୍‌ର ଦ୍ୱିତୀୟ ଦିନରେ ଘଟିଥିଲା। ବାଂଲାଦେଶ ପାଇଁ ୨୦୦୫ରୁ ୨୦୧୫ ପର୍ଯ୍ୟନ୍ତ ଅନ୍ତର୍ଜାତୀୟ ସ୍ତରରେ ଖେଳି ୧୦୦ରୁ ଅଧିକ ଉଇକେଟ ହାସଲ କରିଥିବା ଶାହାଦତଙ୍କୁ ଏକ ବର୍ଷ ଲାଗି ବାସନ୍ଦ କରାଯାଇଛି। ସେ ଆଗାମୀ ଏକ ବର୍ଷରେ କୌଣସି ବିସିବି ମ୍ୟାଚ୍‌ରେ ଅଂଶଗ୍ରହଣ କରିପାରିବେନାହିଁ। ଏଥିସହିତ ଜରିମାନା ବାବଦକୁ ତାଙ୍କୁ ୫୦ ହଜାର ଟାକା ଦେବାକୁ ପଡ଼ିବ ବୋଲି ବାଂଲାଦେଶ କ୍ରିକେଟ ବୋର୍ଡର ଜଣେ ଅଫିସିଆଲ କହିଛନ୍ତି।

# ଭୁବନେଶ୍ୱର ଭାରତର ଭେନ୍ୟୁ

**ଭୁବନେଶ୍ୱର, ୧୮।୧୧(କ୍ରୀଡ଼ା ପ୍ରତିନିଧି)**

୨୦୨୦ ଜାନୁୟାରୀ ୧୧ରୁ ଜୁନ୍ ୨୮ ପର୍ଯ୍ୟନ୍ତ ଏଫ୍‌ଆଇଏଚ୍ ପ୍ରୋ ଲିଗ୍‌ର ଦ୍ୱିତୀୟ ସଂସ୍କରଣ ବିଶ୍ୱର ବିଭିନ୍ନ ସ୍ଥାନରେ ଅନୁଷ୍ଠିତ ହେବ। ଏଥିରେ ମୋଟ୍ ୧୪୪ଟି ମ୍ୟାଚ୍ ଅନୁଷ୍ଠିତ ହେବ। ଅନ୍ତର୍ଜାତୀୟ ହକି ଫେଡେରେଶନ (ଏଫ୍‌ଆଇଏଚ୍) ପକ୍ଷରୁ ସୋମବାର ଭେନ୍ୟୁ ତାଲିକା ପ୍ରକାଶ କରାଯାଇଛି। ତଦନୁସାରେ ଭୁବନେଶ୍ୱରର କଳିଙ୍ଗ ଷ୍ଟାଡିୟମକୁ ଭାରତ ଏହାର ଘରୋଇ ଗ୍ରାଉଣ୍ଡ ଭାବେ ବ୍ୟବହାର କରିବ। ଅର୍ଥାତ୍ ଭାରତ ଖେଳିବାକୁଥିବା ସମସ୍ତ ମ୍ୟାଚ୍ କଳିଙ୍ଗ ଷ୍ଟାଡିୟମରେ ଅନୁଷ୍ଠିତ ହେବ। ନେଦରଲାଣ୍ଡ୍ସ, ବେଲଜିୟମ, ଅଷ୍ଟ୍ରେଲିଆ ଓ ନ୍ୟୁଜିଲାଣ୍ଡ ବିପକ୍ଷ ମ୍ୟାଚ୍‌ଗୁଡ଼ିକ ଭାରତ ଘରୋଇ ଗ୍ରାଉଣ୍ଡରେ ଖେଳିବ। ଜର୍ମାନୀ, ଗ୍ରେଟ୍‌ବ୍ରିଟେନ, ଆର୍ଜେଣ୍ଟିନା ଓ ସ୍ପେନ୍ ବିପକ୍ଷ ମ୍ୟାଚ୍‌ଗୁଡ଼ିକ ବାହାର ପରିବେଶରେ ଖେଳିବାକୁ ଯିବ।

FIH PRO LEAGUE



### ଏଫ୍‌ଆଇଏଚ୍ ପ୍ରୋ ଲିଗ୍: ଭାରତର କାର୍ଯ୍ୟସୂଚୀ

| ତାରିଖ | ଘରୋଇଦଳ | ବିପକ୍ଷ ଦଳ | ଭେନ୍ୟୁ | ସମୟ |
|---|---|---|---|---|
| ୧୮।୧ | ଭାରତ | ନେଦରଲାଣ୍ଡ୍ସ | ଭୁବନେଶ୍ୱର | ରାତି ୭ଟା |
| ୧୯।୧ | ଭାରତ | ନେଦରଲାଣ୍ଡ୍ସ | ଭୁବନେଶ୍ୱର | ଅପରାହ୍ନ ୫ଟା |
| ୮।୨ | ଭାରତ | ବେଲଜିୟମ | ଭୁବନେଶ୍ୱର | ଅପରାହ୍ନ ୫ଟା |
| ୯।୨ | ଭାରତ | ବେଲଜିୟମ | ଭୁବନେଶ୍ୱର | ଅପରାହ୍ନ ୫ଟା |
| ୨୧।୨ | ଭାରତ | ଅଷ୍ଟ୍ରେଲିଆ | ଭୁବନେଶ୍ୱର | ରାତି ୭ଟା |
| ୨୨।୨ | ଭାରତ | ଅଷ୍ଟ୍ରେଲିଆ | ଭୁବନେଶ୍ୱର | ରାତି ୭ଟା |
| ୨୫।୪ | ଜର୍ମାନୀ | ଭାରତ | ବର୍ଲିନ | ରାତି ୯ଟା |
| ୨୬।୪ | ଜର୍ମାନୀ | ଭାରତ | ବର୍ଲିନ | ରାତି ୭ଟା |
| ୨।୫ | ଗ୍ରେଟ୍‌ବ୍ରିଟେନ | ଭାରତ | ଲଣ୍ଡନ | ସନ୍ଧ୍ୟା ୬ଟା ୩୦ |
| ୩।୫ | ଗ୍ରେଟ୍‌ବ୍ରିଟେନ | ଭାରତ | ଲଣ୍ଡନ | ସନ୍ଧ୍ୟା ୬ଟା ୩୦ |
| ୨୩।୫ | ଭାରତ | ନ୍ୟୁଜିଲାଣ୍ଡ | ଭୁବନେଶ୍ୱର | ରାତି ୭ଟା |
| ୨୪।୫ | ଭାରତ | ନ୍ୟୁଜିଲାଣ୍ଡ | ଭୁବନେଶ୍ୱର | ରାତି ୭ଟା |
| ୫।୬ | ଆର୍ଜେଣ୍ଟିନା | ଭାରତ | ଟୁକୁମାନ | ରାତି ୧ଟା ୩୦ |
| ୬।୬ | ଆର୍ଜେଣ୍ଟିନା | ଭାରତ | ଟୁକୁମାନ | ରାତି ୧ଟା ୩୦ |
| ୧୩।୬ | ସ୍ପେନ | ଭାରତ | ଭାଲେନ୍ସିଆ | ଅପରାହ୍ନ ୪ଟା ୩୦ |
| ୧୪।୬ | ସ୍ପେନ | ଭାରତ | ଭାଲେନ୍ସିଆ | ଅପରାହ୍ନ ୪ଟା ୩୦ |

### ଭେନ୍ୟୁ ତାଲିକା

**ଆର୍ଜେଣ୍ଟିନା:** ବୁଏନ୍ସ ଆରିଜ, ସାନ୍ ମିଗୁଏଲ ଡି ଟୁକୁମାନ
**ଅଷ୍ଟ୍ରେଲିଆ:** ପର୍ଥ, ସିଡ୍‌ନୀ
**ଚାଇନା:** ଚାଙ୍ଗଝୋଉ
**ଜର୍ମାନୀ:** ମନଚେନ୍‌ଗ୍ଲାଡ୍‌ମ୍ୟାକ, ହାମ୍‌ବର୍ଗ, ବର୍ଲିନ
**ଗ୍ରେଟ ବ୍ରିଟେନ:** ଲଣ୍ଡନ
**ଭାରତ:** ଭୁବନେଶ୍ୱର
**ନେଦରଲାଣ୍ଡ୍ସ:** ଉଟ୍ରେଚ୍, ରୋଟରଡାମ, ହେର୍ଟୋଗେନ୍‌ବୋଶ୍ଚ, ଆମଷ୍ଟରଡାମ
**ନ୍ୟୁଜିଲାଣ୍ଡ:** ଖ୍ରିଷ୍ଟଚର୍ଚ୍ଚ, ଅକ୍ଲାଣ୍ଡ
**ସ୍ପେନ୍:** ଭାଲେନ୍ସିଆ
**ଆମେରିକା:** ନର୍ଥ କରୋଲିନା

ଭାରତ ପ୍ରଥମେ ଜାନୁୟାରୀ ୧୮ ଓ ୧୯ ତାରିଖରେ କଳିଙ୍ଗ ଷ୍ଟାଡିୟମରେ ନେଦରଲାଣ୍ଡ୍ସକୁ ଭେଟିବ। ଏହାପରେ ଫେବୃୟାରୀ ୮ ଓ ୯ରେ ସେହି ପଡ଼ିଆରେ ବିଶ୍ୱ ଚାମ୍ପିୟନ ବେଲଜିୟମ ସହିତ ମୁକାବିଲା କରିବ। ଫେବୃୟାରୀ ୨୧ ଓ ୨୨ରେ କଳିଙ୍ଗ ଷ୍ଟାଡିୟମରେ ଅଷ୍ଟ୍ରେଲିଆ ବିପକ୍ଷରେ ଖେଳିବା ପରେ ଏପ୍ରିଲ ୨୫ ଓ ୨୬ରେ ଜର୍ମାନୀକୁ ଏହାର ଘରୋଇ ପରିବେଶରେ ଭେଟିବ। ଏହି ମ୍ୟାଚ୍ ୨ଟି ବର୍ଲିନରେ ଅନୁଷ୍ଠିତ ହେବ। ପରେ ମେ ୨ ଓ ୩ରେ ଲଣ୍ଡନରେ ଗ୍ରେଟ୍ ବ୍ରିଟେନ ସହିତ ଖେଳିବ। ୪ଟି ମ୍ୟାଚ୍ ବାହାର ପରିବେଶରେ ଖେଳିବାପରେ ଭାରତ ପୁଣି କଳିଙ୍ଗ ଷ୍ଟାଡିୟମକୁ ପ୍ରତ୍ୟାବର୍ତ୍ତନ କରିବ। ଅର୍ଥାତ୍ ଦଳ ମେ ୨୩ ଓ ୨୪ରେ ଏହି ଷ୍ଟାଡିୟମରେ ନ୍ୟୁଜିଲାଣ୍ଡ ସହିତ ମୁକାବିଲା କରିବ। ଭାରତ ଏହାର ଶେଷ ୪ଟି ମ୍ୟାଚ ବାହାର ପରିବେଶରେ ଖେଳିବ। ଜୁନ୍ ୫ ଓ ୬ରେ ଟୁକୁମାନଠାରେ ଆର୍ଜେଣ୍ଟିନା ଏବଂ ସେହିମାସ ୧୩ ଓ ୧୪ରେ ଭାଲେନ୍ସିଆଠାରେ ସ୍ପେନ୍ ବିପକ୍ଷରେ ଖେଳି ଅଭିଯାନ ଶେଷ କରିବ।

ଏଫ୍‌ଆଇଏଚ୍ ପକ୍ଷରୁ ଘୋଷିତ ଭେନ୍ୟୁ ତାଲିକା ଅନୁସାରେ ଅଷ୍ଟ୍ରେଲିଆ ଏହାର ଘରୋଇ ମ୍ୟାଚ୍ ପର୍ଥ ଓ ସିଡ୍‌ନୀରେ ଖେଳିବ। ସେହିପରି ଇଂଲଣ୍ଡ ଲଣ୍ଡନରେ ଏହାର ଘରୋଇ ମ୍ୟାଚ୍‌ଗୁଡ଼ିକ ଆୟୋଜନ କରିବ। ପ୍ରୋ ଲିଗ୍‌ର ପ୍ରଥମ ମ୍ୟାଚ୍ ୨୦୨୦ ଜାନୁୟାରୀ ୧୧ରେ ନେଦରଲାଣ୍ଡ୍ସ ଓ ଚାଇନା ମଧ୍ୟରେ ଚାଙ୍ଗ୍‌ଝୋଉର ଉଜିନ ହକି ଷ୍ଟାଡିୟମରେ ଅନୁଷ୍ଠିତ ହେବ। ଭୁବନେଶ୍ୱରର କଳିଙ୍ଗ ଷ୍ଟାଡିୟମରେ ହକି ବିଶ୍ୱକପ୍‌ଠାରୁ ଆରମ୍ଭ କରି ହକି ୱାର୍ଲ୍ଡ ଲିଗ୍, ଏଫ୍‌ଆଇଏଚ୍ ସିରିଜ ଫାଇନାଲ୍ସ, ଚାମ୍ପିୟନ୍ସ ଟ୍ରଫି ଏବଂ ହକି ଅଲିମ୍ପିକ୍ କ୍ୱାଲିଫାୟର୍ସ ସଫଳତାର ସହ ଆୟୋଜନ ହୋଇଥିବାରୁ ହକି ଇଣ୍ଡିଆ ଏହାକୁ ଘରୋଇ ଭେନ୍ୟୁ କରିବାକୁ ପସନ୍ଦ କରିଛି। ଏଫ୍‌ଆଇଏଚ୍ ହକି ପ୍ରୋ ଲିଗ୍‌ର ପ୍ରଥମ ସଂସ୍କରଣରେ ଅଷ୍ଟ୍ରେଲିଆ ଚାମ୍ପିୟନ ହୋଇଥିଲା। ଫାଇନାଲରେ ଏହି ଦଳ ୩-୨ ଗୋଲରେ ବେଲଜିୟମକୁ ପରାସ୍ତ କରିଥିଲା। ନେଦରଲାଣ୍ଡ୍ସ ୫-୩ ଗୋଲରେ ଗ୍ରେଟ୍‌ବ୍ରିଟେନକୁ ହରାଇ ତୃତୀୟ ସ୍ଥାନ ହାସଲ କରିଥିଲା। ଏହି ସଂସ୍କରଣରେ ଭାରତ ଅଂଶଗ୍ରହଣ କରି ନ ଥିଲା।

## ଭାରତ-ପାକିସ୍ତାନ ସେମିଫାଇନାଲ

**ସାଭର (ବାଂଲାଦେଶ), ୧୮।୧୧ (ପି.ଟି.):** ଚିନ୍ମୟ ସୂତାରଙ୍କ ଶତକ ଏବଂ ଶୁଭମ ଶର୍ମାଙ୍କ ଅଲ୍‌ରାଉଣ୍ଡ ପ୍ରଦର୍ଶନ ବଳରେ ଏଠାରେ ଚାଲିଥିବା ଏସିସି ଇମର୍ଜିଂ ଟିମ୍ସ କପ୍ କ୍ରିକେଟ୍ ପ୍ରତିଯୋଗିତାରେ ଭାରତୀୟ ୨୩ ବର୍ଷରୁ କମ୍ ଦଳ ୧୨୦ ରନ୍‌ରେ ହଂକଂକୁ ପରାସ୍ତ କରିଛି। ଏହି ବିଜୟ ସହ ଭାରତ ସେମିଫାଇନାଲରେ ପ୍ରବେଶ କରିଛି। ସେମିଫାଇନାଲରେ ଭାରତୀୟ ଦଳର ମୁକାବିଲା ପାକିସ୍ତାନ ୨୩ ବର୍ଷରୁ କମ୍ ଦଳ ସହ ହେବ। ଏହି ମ୍ୟାଚ୍ ବୁଧବାର ଢାକାରେ ଖେଳାଯିବ। ସେହିଭଳି ଘରୋଇ ବାଂଲାଦେଶ ଓ ଆଫଗାନିସ୍ତାନ ମଧ୍ୟରେ ଅନ୍ୟ ଏକ ସେମିଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହେବ। ସୋମବାର ଖେଳାଯାଇଥିବା ଏହି ମ୍ୟାଚ୍‌ରେ ଟସ୍ ଜିତି ଭାରତୀୟ ୨୩ ବର୍ଷରୁ କମ୍ ଦଳର ଅଧିନାୟକ ତଥା ଉଇକେଟ୍‌କିପର ବି.ଆର୍. ଶରଥ ପ୍ରଥମେ ବ୍ୟାଟିଂ ନିଷ୍ପତ୍ତି ନେଇଥିଲେ। ସୂତାର (୧୦୪ ରନ୍, ୮୫ ବଲ୍)ଙ୍କ ଅପରାଜିତ ଶତକ ସାଙ୍ଗକୁ ଅଧିନାୟକ ଶରଥ (୯୦ ରନ) ଓ ଶୁଭମ୍ (୬୫)ଙ୍କ ଉଲ୍ଲେଖନୀୟ ବ୍ୟାଟିଂ ବଳରେ ଭାରତ ୫୦ ଓଭରରେ ୫ ଉଇକେଟ୍ ହରାଇ ୩୨୨ ରନ କରିଥିଲା। ଜବାବରେ ହଂକଂ ୨୩ ବର୍ଷରୁ କମ୍ ଦଳ ଶାହିଦ୍ ୱାସିଙ୍କ (୬୮) ଓ ଏହସାନ ଖାଁ (୩୬)ଙ୍କ ଉପଯୋଗୀ ଇନିଂସ ସତ୍ତ୍ୱେ ୪୭.୩ ଓଭରରେ ୨୦୨ ରନ୍‌ରେ ସୀମିତ ରହିଥିଲା। ଭାରତ ପକ୍ଷରୁ ଶୁଭମ ଶର୍ମା ୪, ଶିଭମ ମାଭି ଓ ସିଦ୍ଧାର୍ଥ ଦେଶାଇ ୨ଟି ଲେଖାଏ ଉଇକେଟ୍ ଅକ୍ତିଆର କରିଥିଲେ।

■ ଏସ୍ ବେସ୍ ଟେନିସ ଟୁର୍ନାମେଣ୍ଟ ଉଦ୍‌ଯାପିତ

# ଲଳିତ ଟୁଡୁଙ୍କୁ ଦ୍ୱିମୁକୁଟ

**ଭୁବନେଶ୍ୱର, ୧୮।୧୧ (କ୍ରୀଡ଼ା ପ୍ରତିନିଧି)**



ଟ୍ରଫି ସହ ଅତିଥିଙ୍କ ଗହଣରେ କୃତୀ ପ୍ରତିଯୋଗୀ।

ନହରକଣ୍ଟାସ୍ଥିତ ଏସ୍ ବେସ୍ ଟେନିସ୍ ଏକାଡେମୀ ଆନୁକୂଲ୍ୟରେ ସର୍ବପ୍ରଥମ ଟେନିସ୍ ଟୁର୍ନାମେଣ୍ଟ ଗତ ୧୬ ଓ ୧୭ ତାରିଖ ଦୁଇଦିନ ଧରି ଅନୁଷ୍ଠିତ ହୋଇଯାଇଛି। ଏହି ପ୍ରତିଯୋଗିତାରେ ମୋଟ ୭୦ ଖେଳାଳି ଅଂଶଗ୍ରହଣ କରିଥିବାବେଳେ ଲଳିତ ଟୁଡୁ ଉଭୟ ୧୨ ବର୍ଷରୁ କମ୍ ବାଳକ ସିଙ୍ଗଲ୍ସ ଓ ୧୪ ବର୍ଷରୁ କମ୍ ବାଳକ ଡବଲ୍ସରେ ଚାମ୍ପିୟନ ହୋଇ ଦ୍ୱିମୁକୁଟ ହାସଲ କରିଛନ୍ତି। ୧୨, ୧୪ ଓ ୧୬ ବର୍ଷରୁ କମ୍ ବାଳକ ସିଙ୍ଗଲ୍ସ, ୧୪ ବର୍ଷରୁ କମ୍ ବାଳିକା ସିଙ୍ଗଲ୍ସ ଏବଂ ୧୪ ବର୍ଷରୁ କମ୍ ବାଳକ ଡବଲ୍ସରେ ପ୍ରତିଯୋଗିତା ହୋଇଥିଲା। ୧୨ ବର୍ଷରୁ କମ୍ ବାଳକ ସିଙ୍ଗଲ୍ସ ଫାଇନାଲରେ ଲଳିତ ଟୁଡୁ ୮-୨ ପଏଣ୍ଟରେ ଦିଶାନ୍ତ ମହାନ୍ତିଙ୍କୁ ହରାଇ ଚାମ୍ପିୟନ ହୋଇଛନ୍ତି। ସେହିପରି ୧୪ ବର୍ଷରୁ କମ୍ ବାଳକ ସିଙ୍ଗଲ୍ସ ଫାଇନାଲରେ ଦେବବ୍ରତ ପ୍ରଧାନ ୮-୪ରେ ଅକ୍ଷତ ବେଉରାଙ୍କୁ ଏବଂ ୧୬ ବର୍ଷରୁ କମ୍ ବାଳକ ସିଙ୍ଗଲ୍ସରେ ଅଭିନବ ସିଂ ୮-୪ରେ ଦେବବ୍ରତ ପ୍ରଧାନଙ୍କୁ ହରାଇ ଟାଇଟଲ ହାସଲ କରିଛନ୍ତି। ୧୪ ବର୍ଷରୁ କମ୍ ବାଳିକା ସିଙ୍ଗଲ୍ସ ଫାଇନାଲରେ ଅଦିତି ପ୍ରଧାନ ୮-୨ରେ ଆହାନଙ୍କୁ ହରାଇ ଚାମ୍ପିୟନ ହୋଇଛନ୍ତି। ୧୪ ବର୍ଷରୁ କମ୍ ବାଳକ ଡବଲ୍ସରେ ଲଳିତ ଟୁଡୁ ଓ ଦିଶାନ୍ତ ମହାନ୍ତିଙ୍କ ଯୋଡ଼ି ୮-୭ ପଏଣ୍ଟରେ ଅଭିନବ ସିଂ ଓ ଦେବବ୍ରତ ପ୍ରଧାନଙ୍କ ଯୋଡ଼ିଙ୍କୁ ହରାଇ ଟାଇଟଲ ହାସଲ କରିଛନ୍ତି ବୋଲି ଏକାଡେମୀ ମୁଖ୍ୟ ତଥା ବିଶିଷ୍ଟ କୋଚ୍ ଅଜୟ ନିଶଙ୍କ ପ୍ରକାଶ କରିଛନ୍ତି।

## ମିୱାକପ୍ ଟେନ୍‌ସିଙ୍କାନ କରାଟେ: ଓଡ଼ିଶା ଚାମ୍ପିୟନ

**ଭୁବନେଶ୍ୱର,୧୮।୧୧(ସ୍ପୋର୍ଟ୍ସ ବ୍ୟୁରୋ):** ଟେନ୍‌ସିଙ୍କାନ କରାଟେ ଫେଡେରେଶନ ଅଫ୍ ଇଣ୍ଡିଆ ଓ ଓଡ଼ିଶା ଟେନ୍‌ସିଙ୍କାନ ଆସୋସିଏଶନ ସହାୟତାରେ ସ୍ଥାନୀୟ ରେଲ୍‌ୱେ ଇନ୍‌ଡୋର ଷ୍ଟାଡିୟମଠାରେ ୪ର୍ଥ ଜାତୀୟ ମିୱାକପ୍ ଟେନ୍‌ସିଙ୍କାନ କରାଟେ ଚାମ୍ପିୟନଶିପ ଅନୁଷ୍ଠିତ ହୋଇଯାଇଛି। ଏହି ପ୍ରତିଯୋଗିତାରେ ଓଡ଼ିଶା ଚାମ୍ପିୟନ ହୋଇଥିବାବେଳେ ପଶ୍ଚିମବଙ୍ଗ ଦ୍ୱିତୀୟ ସ୍ଥାନ ଅଧିକାର କରିଛି। ପ୍ରତିଯୋଗିତାରେ ଦେଶର ୭ ରାଜ୍ୟ ଅଂଶଗ୍ରହଣ କରିଥିଲେ। ଉଦ୍‌ଯାପନୀ ଅବସରରେ ପୂର୍ବତନ ମନ୍ତ୍ରୀ ତଥା ଜୟଦେବ ବିଧାୟକ ଅରବିନ୍ଦ ଢାଲି ମୁଖ୍ୟଅତିଥି ଭାବେ ଯୋଗଦେଇ ବିଜେତାମାନଙ୍କୁ ପୁରସ୍କାର ଦେଇଥିଲେ। ଏହି ଉତ୍ସବରେ ଟେନ୍‌ସିଙ୍କାନ କରାଟେ ଫେଡେରେଶନ ଅଫ୍ ଇଣ୍ଡିଆର ସଭାପତି କ୍ୟୁଓସି ହର୍ଷତ ଅଲ୍ଲିଖାନ୍, ମନୋଜ ପ୍ରସାଦ, ସୁଧାଂଶୁ ଶେଖର ମହାପାତ୍ର, ବଳରାମ ନାୟକ, ଟେନ୍‌ସିଙ୍କାନ କରାଟେ ଆସୋସିଏଶନ ଅଫ୍ ଓଡ଼ିଶାର ସଭାପତି ବୀରକିଶୋର ଦେବ ଉପସ୍ଥିତ ଥିଲେ।



୧୭ ବର୍ଷରୁ କମ୍ ଫିଫା ବିଶ୍ୱକପ୍ ବିଜୟୀ ବ୍ରାଜିଲ ଦଳ।

# ବ୍ରାଜିଲକୁ ୪ର୍ଥ ଟାଇଟଲ

**୧୭ ବର୍ଷରୁ କମ୍ ଫିଫା ବିଶ୍ୱକପ୍**

**ବ୍ରାସିଲା,୧୮।୧୧:** ବ୍ରାଜିଲ ଚତୁର୍ଥ ଥର ପାଇଁ ୧୭ ବର୍ଷରୁ କମ୍ ଫିଫା ବିଶ୍ୱକପ୍ ଟାଇଟଲ ହାତେଇଛି। ରବିବାର ଅନୁଷ୍ଠିତ ଫାଇନାଲରେ ବ୍ରାଜିଲ ୨-୧ ଗୋଲରେ ମେକ୍ସିକୋକୁ ହରାଇ ଦେଇଛି। ପ୍ରଥମେ ଗୋଲ ବରଣ କରିବା ପରେ ମଧ୍ୟ ବ୍ରାଜିଲ ମ୍ୟାଚ୍‌କୁ ଫେରିବା ସହ ଘରୋଇ ଫ୍ୟାନଙ୍କ ଆଗରେ ବିଶ୍ୱକପ୍ ହାସଲ କରିଛି। ମ୍ୟାଚ୍‌ର ଅନ୍ତିମ ୧୦ ମିନିଟ୍‌ରେ ଘରୋଇ ଦଳ ୨ ଗୋଲ କରିଥିଲା। ମ୍ୟାଚ୍‌ର ୬୬ତମ ମିନିଟ୍‌ରେ ବର୍ଯ୍ୟାନ ଗୋଞ୍ଜାଲେଜଙ୍କ ହେଡର ଜରିଆରେ ମେକ୍ସିକୋ ଖାତା ଖୋଲିଥିଲା। ମ୍ୟାଚ୍‌ର ଅନ୍ତିମ ୬ ମିନିଟ୍ ଥିବାବେଳେ ବିବାଦୀୟ ଭିଏଆର ଯୋଗୁ ବ୍ରାଜିଲକୁ ମିଳିଥିଲା ପେନାଲ୍ଟି କିକ୍। ଏହାକୁ କାଇଓ ଜୋର୍ଗେ ସ୍କୋର କରି ମ୍ୟାଚ୍‌କୁ ସମାନ ସ୍ତରକୁ ଆଣିଥିଲେ। ଅତିରିକ୍ତ ୩ୟ ମିନିଟ୍‌ରେ ସବଷ୍ଟିଚ୍ୟୁଟ ଲାଜାରୋ ଏକ ଫିଲ୍ଡ ଗୋଲ ଦେଇ ବ୍ରାଜିଲ ଦଳର ବିଜୟ ସୁନିଶ୍ଚିତ କରିଥିଲା। ଏଥିସହ ଆରମ୍ଭ ହୋଇଥିବା ଘରୋଇ ଦଳ ଓ ଫ୍ୟାନ ଉତ୍ସବ। ଏହି ମ୍ୟାଚ୍ ଭଳି ଲାଜରୋ ଫ୍ରାନ୍ସ ବିପକ୍ଷ ସେମିଫାଇନାଲରେ ମଧ୍ୟ ନିର୍ଣ୍ଣାୟକ ଗୋଲ ସ୍କୋର କରିଥିଲେ। ପୂରା ମ୍ୟାଚ୍‌ରେ ଉଭୟ ଦଳ ବହୁ ଗୋଲ ସୁଯୋଗ ହାତଛଡ଼ା କରିଥିଲେ। ୩ୟ ସ୍ଥାନ ପାଇଁ ହୋଇଥିବା ମୁକାବିଲାରେ ନେଦରଲାଣ୍ଡକୁ ୧-୩ ଗୋଲରେ ହରାଇ ଫ୍ରାନ୍ସ ବ୍ରୋଞ୍ଜ ପଦକ ହାତେଇଛି।

## ଅବିନାଶ, ବରୁଣଙ୍କୁ ଟାଇଟଲ୍

**କଟକ ଅଫିସ,୧୮।୧୧**



କଟକ କ୍ଲବଠାରେ ବିଲିୟାର୍ଡସ ଆଣ୍ଡ ସ୍ନୁକର ଆସୋସିଏଶନ ଅଫ ଓଡ଼ିଶା(ବିଏସ୍‌ଏଓ) ଓ ଓଡ଼ିଶା ମାଇନିଂ କର୍ପୋରେଶନର ମିଳିତ ଆନୁକୂଲ୍ୟରେ ୨୬ତମ ଅଲ ଓଡ଼ିଶା ବିଲିୟାର୍ଡସ ଓ ସ୍ନୁକର ରାଜ୍ୟ ର୍‌ୟାଙ୍କିଂ ଚାମ୍ପିୟନଶିପ ସୋମବାର ଉଦ୍‌ଘାଟିତ ହୋଇଛି। ପ୍ରଥମ ଦିବସରେ ଜୁନିୟର ବର୍ଗର ସ୍ନୁକର ଓ ବିଲିୟାର୍ଡସ ପ୍ରତିଯୋଗିତା ହୋଇଥିଲା। ଜୁନିୟର ବିଲିୟାର୍ଡସ ଫାଇନାଲରେ ବରୁଣ ନାୟକ ୧୪୦-୯୬ ପଏଣ୍ଟରେ ଅବିନାଶ ମହାପାତ୍ରଙ୍କୁ ହରାଇ ଟାଇଟଲ ବିଜୟୀ ହୋଇଛନ୍ତି। ଜୁନିୟର ସ୍ନୁକରରେ ଚାମ୍ପିୟନ ହୋଇଛନ୍ତି ଅବିନାଶ ମହାପାତ୍ର। ଅବିନାଶ ୩-୨ ଫ୍ରେମରେ ବରୁଣ ନାୟକଙ୍କୁ ପରାସ୍ତ କରିଥିଲେ। ବରୁଣ ରାଜ୍ୟ ର୍‌ୟାଙ୍କିଂର ଜୁନିୟର ବିଲିୟାର୍ଡସରେ ସିଡ୍-୧ ଓ ଜୁନିୟର ସ୍ନୁକରରେ ସିଡ଼-୨ ପ୍ରାପ୍ତ କରିଛନ୍ତି। ଅବିନାଶ ରାଜ୍ୟ ର୍‌ୟାଙ୍କିଙ୍ଗ୍‌ର ଜୁନିୟର ବିଲିୟାର୍ଡସରେ ସିଡ଼-୨ ଓ ଜୁନିୟର ସ୍ନୁକରରେ ସିଡ଼-୧ ପ୍ରାପ୍ତ କରିଛନ୍ତି। ମଙ୍ଗଳବାରଠାରୁ ସିନିୟର ବିଲିୟାର୍ଡସ ଆରମ୍ଭ ହେବ। ଏଥିରେ ରାଜ୍ୟର ୧୦ଜଣ ପ୍ରତିଯୋଗୀ ଭାଗ ନେବେ।

# ଦିଲ୍ଲୀଠାରୁ ହାରି ଓଡ଼ିଶା ବିଦା

**କଟକ ଅଫିସ,୧୮।୧୧**

**ସୟଦ ମୁସ୍ତାକ ଅଲ୍ଲୀ ଟି୨୦**



ସୂର୍ଯ୍ୟକାନ୍ତ ପ୍ରଧାନ

ସୟଦ ମୁସ୍ତାକ ଅଲ୍ଲୀ ଟି୨୦ ଟୁର୍ନାମେଣ୍ଟରୁ ଓଡ଼ିଶାର ଅଭିଯାନ ଶେଷ ହୋଇଛି। ସୋମବାର ସୁରଟର ଲାଲଭାଇ କଣ୍ଟ୍ରାକ୍ଟର ଷ୍ଟାଡିୟମରେ ଖେଳାଯାଇଥିବା ଦିଲ୍ଲୀ ବିପକ୍ଷ ମ୍ୟାଚ୍‌ରେ ଓଡ଼ିଶା ୨୦ ରନ୍‌ରେ ପରାସ୍ତ ହୋଇଛି। ବ୍ୟାଟିଂ ବିଫଳତା ଯୋଗୁ ଓଡ଼ିଶା ଏହି ମ୍ୟାଚ୍ ହାରି ପ୍ରତିଯୋଗିତାରୁ ବିଦାୟ ନେଇଛି।

ଧ୍ରୁବ ସୋରେଙ୍କ ନେତୃତ୍ୱାଧୀନ ଦିଲ୍ଲୀ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିଲା। ଓପ୍‌ନର ହିତେନ ଦଲାଲ ଓ ଶିଖର ଧାୱନ ପ୍ରଥମ ଉଇକେଟରେ ୫୧ରନ୍ ସଂଗ୍ରହ କରିଥିଲେ। ୮ମ ଓଭରରେ ସ୍ପିନର ଶୁଭମ ନାୟକ ହିତେନଙ୍କୁ ୨୦ ରନ୍‌ରେ ଆଉଟ କରି ଦଳକୁ ପ୍ରଥମ ସଫଳତା ଦେଇଥିଲେ। ପରେ ଶିଖର ୩୫ ରନ୍‌ରେ ପପୁ ରାୟଙ୍କ ଶିକାର ହୋଇଥିଲେ। ମଧ୍ୟକ୍ରମ ବ୍ୟାଟ୍ସମ୍ୟାନ୍‌ମାନଙ୍କ ଉପଯୋଗୀ ଇନିଂସ ବଳରେ ଦିଲ୍ଲୀ ୬ ଉଇକେଟ ହରାଇ ୧୪୯ ରନ୍ କରିଥିଲା। ଅଧିନାୟକ ଧ୍ରୁବ ୨୬, ଉଇକେଟକିପର ଅନୁଜ ରାୱତ ୧୮, ନୀତିଶ ରାଣା ୧୩, ଲଳିତ ଯାଦବ ୧୬, ହିମତ ସିଂ ୧୪ ରନ୍ କରିଥିଲେ। ଓଡ଼ିଶା ପକ୍ଷରୁ ଅଭିଷେକ ରାଉତ ସର୍ବାଧିକ ୨ଟି ଉଇକେଟ ଦଖଲ କରିଥିବା ବେଳେ ସୂର୍ଯ୍ୟକାନ୍ତ ପ୍ରଧାନ, ଗୋବିନ୍ଦ ପୋଦ୍ଦାର, ପପୁ ଓ ଶୁଭମଙ୍କୁ ଗୋଟିଏ ଲେଖାଏ ଉଇକେଟ ମିଳିଥିଲା। ଜବାବରେ ୨୬ରନରେ ପ୍ରଥମ ୪ଟି ଉଇକେଟ ହରାଇ ଓଡ଼ିଶା ବିଜୟୀ ହେବାର ଆଶା ଛାଡ଼ି ଦେଇଥିଲା। ସୂର୍ଯ୍ୟକାନ୍ତ ୨୦ବଲରୁ ୪୮ରନର ଧୂଆଁଧାର ଇନିଂସ ଖେଳିବାରୁ ଦଳ ମୋଟ ୧୨୯ରନକରିବାକୁ ସକ୍ଷମ ହୋଇଥିଲା। ଅଧିନାୟକ ଗୋବିନ୍ଦ ୧୮, ବିପ୍ଳବ ସାମନ୍ତରାୟ ୩୪ ଓ ପ୍ରୟାସ ସିଂ ୧୦ରନ କରିଥିବା ବେଳେ ଅନ୍ୟ କେହି ଖେଳାଳି ଦୁଇ ଅଙ୍କ ଛୁଇଁ ପାରି ନ ଥିଲେ। ଦିଲ୍ଲୀ ପକ୍ଷରୁ ଲଳିତ ଯାଦବ ୩ଟି, ପବନ ନେଗୀ ଓ ନୀତିଶ ରାଣା ୨ଟି ଲେଖାଏ ଉଇକେଟ ଅକ୍ତିଆର କରଥିଲେ।

# ରାଉରକେଲା ଚାମ୍ପିୟନ


**ଭୁବନେଶ୍ୱର, ୧୮।୧୧ (ସ୍ପୋର୍ଟ୍ସ ବ୍ୟୁରୋ)**

ଲିଙ୍ଗରାଜ ସ୍ପୋର୍ଟ୍ସ ଆସୋସିଏଶନ ଆନୁକୂଲ୍ୟରେ ଚାଲିଥିବା ଦ୍ୱାଦଶ ଜାତୀୟ ଦିବାରାତ୍ର ଭଲିବଲ୍ ଟୁର୍ନାମେଣ୍ଟ ଉଦ୍‌ଯାପିତ ହୋଇଛି। ରବିବାର ରାତିରେ ଅନୁଷ୍ଠିତ ଫାଇନାଲରେ ଭୁବନେଶ୍ୱର କ୍ରୀଡ଼ା ଛାତ୍ରାବାସକୁ ୨-୧ରେ ହରାଇ ରାଉରକେଲାର ରାଇଜିଂ ଷ୍ଟାର ଚାମ୍ପିୟନ ହୋଇଛି। ପ୍ରଥମ ସେମିଫାଇନାଲରେ ଭୁବନେଶ୍ୱର କ୍ରୀଡ଼ା ଛାତ୍ରାବାସ ୩-୨ରେ ତାମିଲନାଡୁ କ୍ରୀଡ଼ା ଛାତ୍ରାବାସକୁ ଏବଂ ଦ୍ୱିତୀୟ ସେମିଫାଇନାଲରେ ରାଇଜିଂ ଷ୍ଟାର ୩-୨ରେ ଆନ୍ଧ୍ର ପ୍ରଦେଶକୁ ହରାଇ ଫାଇନାଲରେ ପ୍ରବେଶ କରିଥିଲା। ରାଇଜିଂ ଷ୍ଟାରର ସୟଦ ମୁବାରକ ଶ୍ରେଷ୍ଠ ଆଟାକର ଓ ସୋନୁ ସିଂ ଶ୍ରେଷ୍ଠ ଅଲ୍‌ରାଉଣ୍ଡର ବିବେଚିତ ହୋଇଥିଲେ। ସେହିପରି ଭୁବନେଶ୍ୱର କ୍ରୀଡ଼ା ଛାତ୍ରାବାସର ରାଜା ଓଝା ଶ୍ରେଷ୍ଠ ସେଟର ଓ ଆଶୁତୋଷ ତ୍ରିପାଠୀ ଇମର୍ଜିଂ ପ୍ଲେୟର ପୁରସ୍କାର ପାଇଥିଲେ। କ୍ରୀଡ଼ାମନ୍ତ୍ରୀ ତୁଷାରକାନ୍ତି ବେହେରା, ନବରଞ୍ଜନ ପଟ୍ଟନାୟକ, ସୁରେନ୍ଦ୍ର ପ୍ରଧାନ ପ୍ରମୁଖ ଅତିଥିଭାବେ ଯୋଗ ଦେଇଥିଲେ। କ୍ଲବ ସଭାପତି ବାବୁ ସିଂ ଓ ସମ୍ପାଦକ ରଜତ ତ୍ରିପାଠୀ ଉପସ୍ଥିତ ଥିଲେ। ସୁବାସ ଚନ୍ଦ୍ର ମିଶ୍ର ସଂଯୋଜନା କରିଥିଲେ। ଚାମ୍ପିୟନ ଓ ରନର୍ସଅପ୍ ଦଳକୁ ଟ୍ରଫି ସହ ଯଥାକ୍ରମେ ୧୫ ହଜାର ଓ ୧୦ ହଜାର ଟଙ୍କା ପ୍ରଦାନ କରାଯାଇଥିଲା।



ମଙ୍ଗଳବାର ଓମାନ ବିପକ୍ଷରେ ଖେଳାଯିବାକୁ ଥିବା ଫିଫା ବିଶ୍ୱକପ୍ ଯୋଗ୍ୟତା ପର୍ଯ୍ୟାୟ ମ୍ୟାଚ୍‌ରେ ପୁରା ପଏଣ୍ଟ ହାସଲ କରିବା ଆମର ଲକ୍ଷ୍ୟ ରହିଛି ।

–ସୁନୀଲ ଛେତ୍ରୀ, ଭାରତୀୟ ଫୁଟ୍‌ବଲ ଅଧିନାୟକ



ପାକିସ୍ତାନ ଦଳକୁ ପ୍ରତ୍ୟାବର୍ତ୍ତନ କରିବାକୁ ହେଲେ ସର୍ଫରାଜ ଅହମ୍ମଦଙ୍କୁ ଘରୋଇ କ୍ରିକେଟ୍ ଉପରେ ଫୋକସ୍ କରିବାକୁ ପଡ଼ିବ ।

–ଇମ୍ରାନ ଖାଁ, ପାକିସ୍ତାନ ପ୍ରଧାନମନ୍ତ୍ରୀ ତଥା ପୂର୍ବତନ ଅଧିନାୟକ

## ସଂକ୍ଷେପରେ

### ରାଜ୍ୟଗୋଷ୍ଠୀ କ୍ରୀଡ଼ା ଚାମ୍ପିୟନଙ୍କୁ ଭେଟିବେ ବିଜେନ୍ଦର

**ଦୁବାଇ,୧୮।୧୧(ପି.ଟି.):** ଭାରତୀୟ ବକ୍ସିଂ ଷ୍ଟାର ବିଜେନ୍ଦର ସିଂ ଦୁଇ ଥର ରାଜ୍ୟଗୋଷ୍ଠୀ କ୍ରୀଡ଼ା ସୁପର ମିଡ୍‌ଲ ୱେଟ୍ ଚାମ୍ପିୟନ ଘାନାର ଚାର୍ଲସ ଆଡାମୁଙ୍କ ସହ ମୁକାବିଲା କରିବେ। ଏହି ପେସାଦାର ବାଉଟ ଆସନ୍ତା ୨୨ ତାରିଖରେ ଏଠାରେ ଖେଳାଯିବ। ବିଜେନ୍ଦର ଗତ ଜୁଲାଇରେ ଆମେରିକାରେ ପେସାଦାର ବକ୍ସିଂରେ ପଦାର୍ପଣ କରି ମାଇକ ସ୍ନିଡରଙ୍କୁ ହରାଇ କ୍ରମାଗତ ୧୧ତମ ବିଜୟ ହାସଲ କରିଥିଲେ। ଘାନା ବକ୍ସର ଏପର୍ଯ୍ୟନ୍ତ ୪୭ ବାଉଟ ଲଢ଼ି ୩୩ଟିରେ ବିଜୟୀ ହୋଇଥିବାବେଳେ ୧୪ଟି ପରାଜୟ ବରଣ କରିଛନ୍ତି। ଗତ ଦୁଇମାସ ଧରି କଡ଼ା ପରିଶ୍ରମ ବଳରେ ବର୍ଷକୁ ବିଜୟ ସହ ଶେଷ କରିବା ପାଇଁ ମୁଁ ସମ୍ପୂର୍ଣ୍ଣ ପ୍ରସ୍ତୁତ। ଆଡାମୁ ଜଣେ ଅଭିଜ୍ଞ ପ୍ରତିଦ୍ୱନ୍ଦ୍ୱୀ। ତାଙ୍କଠାରୁ ମୁଁ କିଛି ନୂଆ ମୁଭ୍ସ ଶିଖିବି। କିନ୍ତୁ ମୋ ଶକ୍ତିଶାଳୀ ପଞ୍ଚ ଠିକ୍ ସ୍ଥାନରେ ବାଜିବା ପରେ ସେ ଅଧିକ ସମୟ ରିଙ୍ଗ୍‌ରେ ଛିଡ଼ା ହୋଇପାରିବେ ନାହିଁ ବୋଲି ୮ ନକ୍‌ଆଉଟ୍ ବାଉଟ ଜିତିଥିବା ହରିୟାଣା ବକ୍ସର କହିଛନ୍ତି।

### ୧୧୮ ରନରେ ଓଡ଼ିଶା ବିଜୟୀ

**କଟକ ଅଫିସ,୧୮।୧୧:** ଗୁଣ୍ଟୁରର ଆର୍‌ଭିଆର ଆଣ୍ଡ ଜେସି କଲେଜ ଗ୍ରାଉଣ୍ଡରେ ସୋମବାର ଖେଳାଯାଇଥିବା ୨୩ବର୍ଷରୁ କମ୍ ମହିଳା ଟି୨୦ ଟୁର୍ନାମେଣ୍ଟର ଏକ ମ୍ୟାଚ୍‌ରେ ଓଡ଼ିଶା ୧୧୮ ରନରେ ଅରୁଣାଚଳ ପ୍ରଦେଶକୁ ପରାସ୍ତ କରିଛି। ଟସ୍ ଜିତି ଓଡ଼ିଶା ଅଧିନାୟିକା ଅଞ୍ଜଳି ସିଂ ୪୮ରନ ସହାୟତାରେ ୨ ଉଇକେଟ ହରାଇ ୧୬୧ ରନ୍ କରିଥିଲା। ଶୁଭ୍ର ନିର୍ଝରିଣୀ ସ୍ୱାଇଁ ୪୬, ପୁନମ ନାୟକ ୨୧ ଓ କାଜଲ ଜେନା ୧୯ରନ କରିଥିଲେ। ଜବାବରେ ଅରୁଣାଚଳ ପ୍ରଦେଶ ନିର୍ଦ୍ଧାରିତ ଓଭରରେ ୮ ଉଇକେଟ ହରାଇ ମାତ୍ର ୪୩ରନ କରିବାକୁ ସକ୍ଷମ ହୋଇଥିଲା। ଓଡ଼ିଶା ପକ୍ଷରୁ ଲୁଇସା ଦାସ ଓ ସଙ୍ଗୀତା ଖାଡ଼ିଆ ୨ଟି ଲେଖାଏ ଉଇକେଟ ନେଇଥିଲେ।

### ପାରାଆଥଲେଟଙ୍କୁ ରିଜିଜୁଙ୍କ ସମ୍ବର୍ଦ୍ଧନା

**ନୂଆଦିଲ୍ଲୀ,୧୮।୧୧(ପି.ଟି.):** ନିକଟରେ ଦୁବାଇଠାରେ ଶେଷ ହୋଇଥିବା ବିଶ୍ୱ ପାରା ଆଥ୍‌ଲେଟିକ୍ସ ଚାମ୍ପିୟନଶିପ୍‌ରେ ପଦକ ଜିତିଥିବା ଆଥ୍‌ଲେଟଙ୍କୁ ସୋମବାର କ୍ରୀଡ଼ାମନ୍ତ୍ରୀ କିରେନ ରିଜିଜୁ ପୁରସ୍କାର ରାଶି ସହ ସମ୍ବର୍ଦ୍ଧିତ କରିଛନ୍ତି। ଉକ୍ତ ଇଭେଣ୍ଟରେ ଭାରତ ୨ ସ୍ୱର୍ଣ୍ଣ ଓ ୨ ରୌପ୍ୟ ସମେତ ୯ ପଦକ ଜିତିଥିଲା। ଏଥିସହ ଟୋକିଓ ପାରା ଅଲିମ୍ପିକ୍ସ ଲାଗି ୧୩ ଆଥ୍‌ଲେଟ ଯୋଗ୍ୟତା ହାତେଇଥିଲେ। ସ୍ୱର୍ଣ୍ଣ ପଦକ ବିଜେତା ସନ୍ଦୀପ ଚୌଧାରୀ (ଏଫ୍‌୬୪) ଓ ସୁନ୍ଦର ସିଂ ଗୁର୍‌ଜାର(ଏଫ୍‌୪୬)ଙ୍କୁ ୨୦ ଲକ୍ଷ ଟଙ୍କା ପ୍ରଦାନ କରାଯାଇଛି। ଜାଭେଲିନ୍ ଥ୍ରୋ ଇଭେଣ୍ଟର ସନ୍ଦୀପ ନିଜ ବର୍ଗରେ ୬୬.୧୮ ମିଟର ଦୂରତା ହାସଲ କରି ରେକର୍ଡ କରିଥିଲେ। ସେହିଭଳି ପୋଡିୟମର ଦ୍ୱିତୀୟ ସ୍ଥାନ ଅଧିକାରୀ ଜାଭେଲିନ ଥ୍ରୋୟର ସୁମିତ ଅଣ୍ଟିଲ ଓ ହାଇଜମ୍ପର ଶରଦ କୁମାରଙ୍କୁ ୧୪ ଲକ୍ଷ ଟଙ୍କାର ଚେକ୍ ଦିଆଯାଇଥିବାବେଳେ ବ୍ରୋଞ୍ଜ ପଦକରେ ସନ୍ତୁଷ୍ଟ ଥିବା ୫ ପାରା ଆଥ୍‌ଲେଟଙ୍କୁ ୮ ଲକ୍ଷ ଟଙ୍କା ମିଳିଛି।

# କଳିଙ୍ଗରେ ହକି କ୍ୟାମ୍ପ ଆରମ୍ଭ



କ୍ୟାମ୍ପରେ ଯୋଗଦେବା ପାଇଁ ସୋମବାର ଭୁବନେଶ୍ୱରରେ ପହଞ୍ଚିଥିବା ଖେଳାଳିମାନେ।

**ଭୁବନେଶ୍ୱର, ୧୮।୧୧(କ୍ରୀଡ଼ା ପ୍ରତିନିଧି)**

ଏଫ୍‌ଆଇଏଚ୍ ପ୍ରୋ ଲିଗ୍ ଏବଂ ୨୦୨୦ ଟୋକିଓ ଅଲିମ୍ପିକ୍ସ ପରି ଗୁରୁତ୍ୱପୂର୍ଣ୍ଣ ପ୍ରତିଯୋଗିତାକୁ ଦୃଷ୍ଟିରେ ରଖି ଭାରତୀୟ ସିନିୟର ପୁରୁଷ ହକି ଦଳର ପ୍ରଶିକ୍ଷଣ ଶିବିର ସୋମବାର କଳିଙ୍ଗ ଷ୍ଟାଡିୟମରେ ଆରମ୍ଭ ହୋଇଛି। ଏହି ଶିବିରରେ ଭାରତର ସମ୍ଭାବ୍ୟ ୩୩ କୋର୍ ଖେଳାଳି ଯୋଗଦେଇଛନ୍ତି। ସେମାନଙ୍କ ମଧ୍ୟରେ ଓଡ଼ିଶାର ୬ ଖେଳାଳି ବୀରେନ୍ଦ୍ର ଲାକ୍ରା, ଅମିତ ରୋହିଦାସ, ନୀଲମ ସଞ୍ଜୀପ ଖେସ୍, ଦୀପ୍‌ସାନ ତିର୍କୀ, ଆଶିଷ କୁମାର ଟପ୍ନୋ ଓ ଶୀଳାନନ୍ଦ ଲାକ୍ରା ସାମିଲ ଅଛନ୍ତି। କୋର୍ ଗ୍ରୁପ୍‌ରେ ଥିବା ଖେଳାଳିମାନେ ମୁଖ୍ୟ କୋଚ୍ ଗ୍ରାହମ୍ ରିଡ୍‌ଙ୍କ ନିକଟରେ ରିପୋର୍ଟ କରିଥିବା ହକି ଇଣ୍ଡିଆ ପକ୍ଷରୁ ପ୍ରକାଶ କରାଯାଇଛି। କଳିଙ୍ଗରେ ୩ ସପ୍ତାହବିଶିଷ୍ଟ ଶିବିର ଡିସେମ୍ବର ୮ ପର୍ଯ୍ୟନ୍ତ ଚାଲିବ। ଭାରତୀୟ ଦଳ ନିକଟରେ କଳିଙ୍ଗ ଷ୍ଟାଡିୟମରେ ଏଫ୍‌ଆଇଏଚ୍ ଅଲିମ୍ପିକ୍ କ୍ୱାଲିଫାୟର୍ସ ଖେଳିଥିଲା। ରୁଷିଆକୁ ୨ ମ୍ୟାଚବିଶିଷ୍ଟ ମୁକାବିଲାରେ ୧୧–୩ ଗୋଲ ବ୍ୟବଧାନରେ ହରାଇ ଟୋକିଓ ଅଲିମ୍ପିକ୍ସ ପାଇଁ ଟିକେଟ ପାଇଥିଲା। ୨୦୨୦ ଜାନୁୟାରୀରେ ଏଫ୍‌ଆଇଏଚ୍ ପ୍ରୋ ଲିଗ୍ ଆରମ୍ଭ ହେଉଥିବାରୁ ଏବେ ଭାରତୀୟ ଦଳର ଫୋକସ୍ ଏହି ପ୍ରତିଯୋଗିତା ଉପରେ ରହିଛି। ୩ ସପ୍ତାହବିଶିଷ୍ଟ କ୍ୟାମ୍ପ୍‌ରେ ମୁଖ୍ୟତଃ ପ୍ରଦର୍ଶନର ସ୍ତର ଏବଂ ରିଦମ୍ ବଜାୟ ରଖିବା ଉପରେ ଗୁରୁତ୍ୱ ଦିଆଯିବ। ପରେ ଆଉ ଏକ ଟ୍ରେନିଂ କ୍ୟାମ୍ପ ଡିସେମ୍ବର ୨୯ରୁ ଆରମ୍ଭ ହେବାର କାର୍ଯ୍ୟକ୍ରମ ରହିଛି। ଏଫ୍‌ଆଇଏଚ୍ ଅଲିମ୍ପିକ୍ କ୍ୱାଲିଫାୟର୍ସରେ ଓଡ଼ିଶାର ବୀରେନ୍ଦ୍ର ଓ ଅମିତ ଖେଳିଥିଲେ। ଏହି ୨ ଜଣଙ୍କୁ ବାଦ୍ ଦେଲେ ନୀଲମ ସଞ୍ଜୀପ ଖେସ୍, ଦୀପ୍‌ସାନ ତିର୍କୀ, ଆଶିଷ କୁମାର ଟପ୍ନୋ ଓ ଶୀଳାନନ୍ଦ ଲାକ୍ରାଙ୍କୁ ଡାକରା ମିଳିଛି। କଳିଙ୍ଗରେ ଟ୍ରେନିଂ କ୍ୟାମ୍ପ ପରେ ତତ୍‌କ୍ଷଣାତ କୌଣସି ଟୁର୍ନାମେଣ୍ଟ ନାହିଁ। ତେଣୁ ବ୍ୟକ୍ତିଗତ ଭାବେ ଖେଳାଳିଙ୍କ ପ୍ରଦର୍ଶନରେ ଉନ୍ନତି ଆଣିବା ଉପରେ ଫୋକସ କରିବା ପାଇଁ ଏହା ହିଁ ପ୍ରକୃଷ୍ଟ ସମୟ ବୋଲି ରିଡ୍ କହିଛନ୍ତି। ଏଫ୍‌ଆଇଏଚ୍ ଅଲିମ୍ପିକ୍ କ୍ୱାଲିଫାୟର୍ସ ସମେତ ଗତ ସିଜନର ପ୍ରଦର୍ଶନକୁ ଆମେ ବିଶ୍ଳେଷଣ କରିବୁ। ଏଥିରୁ ପ୍ରତି ଖେଳାଳିଙ୍କ ପ୍ରଦର୍ଶନରେ ଉନ୍ନତି ଆଣିବା ପାଇଁ ଉପାୟ ବାହାରିବ ବୋଲି ରିଡ୍ ପ୍ରକାଶ କରିଛନ୍ତି।

**କ୍ୟାମ୍ପ ପାଇଁ ମନୋନୀତ ଖେଳାଳି**


**ଗୋଲକିପର:** ପି.ଆର. ଶ୍ରୀଜେଶ, ସୁରଜ କେରକେରା, କ୍ରିଷ୍ଣନ ବାହାଦୂର ପାଠକ।
**ଡିଫେଣ୍ଡର:** ହରମନପ୍ରୀତ ସିଂ, ବୀରେନ୍ଦ୍ର ଲାକ୍ରା, ସୁରେନ୍ଦର କୁମାର, ଅମିତ ରୋହିଦାସ, ବରୁଣ କୁମାର, ରୂପିନ୍ଦର ପାଲ୍ ସିଂ, ଗୁରିନ୍ଦର ସିଂ, କୋଥାଜିତ ସିଂ ଖାଡାଙ୍ଗବାମ୍, ନୀଲମ ସଞ୍ଜୀପ ଖେସ୍, ଜରମନପ୍ରୀତ ସିଂ, ଦୀପ୍‌ସାନ ତିର୍କୀ।
**ମିଡ୍‌ଫିଲ୍ଡର:** ମନପ୍ରୀତ ସିଂ, ସୁମିତ, ନୀଳକାନ୍ତ ଶର୍ମା, ଜସକରନ ସିଂ, ହାର୍ଦ୍ଦିକ ସିଂ, ବିବେକ ସାଗର ପ୍ରସାଦ, ଆଶିଷ କୁମାର ଟପ୍ନୋ, ସୟଦ ନିୟାଜ ରହିମ, ରାଜ କୁମାର ପାଲ୍।
**ଫରୱାର୍ଡ:** ମନଦୀପ ସିଂ, ଆକାଶଦୀପ ସିଂ, ଶୀଳାନନ୍ଦ ଲାକ୍ରା, ଗୁରସାହିବଜିତ ସିଂ, ସମ୍‌ସେର ସିଂ, ସିମରନଜିତ ସିଂ, ଏସ୍.ଭି. ସୁନୀଲ, ଗୁରଜାନ୍ତ ସିଂ, ରମଣଦୀପ ସିଂ, ଲଳିତ କୁମାର ଉପାଧ୍ୟାୟ।

# ସିତ୍‌ସିପାସ୍‌ଙ୍କୁ ଟାଇଟଲ

**ଏଟିପି ଫାଇନାଲ୍ସ**

**ଲଣ୍ଡନ,୧୮।୧୧(ଏଏଫ୍‌ପି)**

ଗ୍ରୀସ୍‌ର ଷ୍ଟିଫାନୋସ ସିତ୍‌ସିପାସ୍ ପ୍ରଥମ ସେଟ୍ ହରିବା ପରେ ମଧ୍ୟ ଡୋମିନିକ ଥିଏମଙ୍କୁ ପରାସ୍ତ କରି ଚଳିତ ଏଟିପି ଫାଇନାଲ୍ସ ଟାଇଟଲ ହାତେଇଛନ୍ତି। ୨୧ ବର୍ଷୀୟ ସିତ୍‌ସିପାସ୍ ୬–୭(୬/୮), ୬–୨, ୭–୬ (୭/୪) ସେଟ୍‌ରେ ଫାଇନାଲ ମ୍ୟାଚ୍‌କୁ ଜିତି ନେଇଛନ୍ତି। ୨୦୦୧ରେ ଲେଇଟନ ହେୱିଟଙ୍କ ପରେ ସର୍ବକନିଷ୍ଠ ଖେଳାଳି ଭାବେ ଏହି ସମ୍ମାନଜନକ ଟୁର୍ନାମେଣ୍ଟ ଜିତିଛନ୍ତି। ଚଳିତ ସିଜନରେ ସିତ୍‌ସିପାସ୍‌ଙ୍କ ଏହା ତୃତୀୟ ଟାଇଟଲ। ସେମିଫାଇନାଲରେ ରୋଜର ଫେଡରରଙ୍କୁ ସିଧାସଳଖ ସେଟ୍‌ରେ ହରାଇବା ପରେ ସେ ଫାଇନାଲରେ ସ୍ଥାନ ପକ୍କା କରିଥିଲେ।



ଏଟିପି ଫାଇନାଲ୍ସ ଚାମ୍ପିୟନ ଷ୍ଟିଫାନୋସ ସିତ୍‌ସିପାସ।

# ବ୍ରାଜିଲିଆନ ଗ୍ରାଁପ୍ରି ଜିତିଲେ ଭର୍ଷ୍ଟାପେନ

**ସାଓ ପାଉଲୋ, ୧୮।୧୧ (ଏଏଫ୍‌ପି)**

ରେଡ୍ ବୁଲ୍ସ ଡ୍ରାଇଭର ମାକ୍ସ ଭର୍ଷ୍ଟାପେନ ଏଠାରେ ଅନୁଷ୍ଠିତ ବ୍ରାଜିଲିଆନ୍ ଗ୍ରାଁ ପ୍ରି ଫର୍ମୁଲା ୱାନ୍ ରେସ୍‌ରେ ଚାମ୍ପିୟନ ହୋଇଛନ୍ତି। ଭର୍ଷ୍ଟାପେନଙ୍କ କ୍ୟାରିୟରରେ ଏହା ମୋଟ୍ ୮ମ ଫର୍ମୁଲା ୱାନ୍ ଟାଇଟଲ୍ ବିଜୟ ଥିଲା। ଏହି ରେସ୍‌ରେ ଫେରାରୀର ଉଭୟ ଡ୍ରାଇଭର ସେବାଷ୍ଟିଆନ ଭେଟେଲ ଓ ଚାର୍ଲସ ଲେକ୍ଲିୟରଙ୍କ ମଧ୍ୟରେ ଦୁର୍ଘଟଣା ଘଟିବା ସବୁଠାରୁ ଚର୍ଚ୍ଚାର ବିଷୟ ରହିଥିଲା। ଏହାପରେ ଉଭୟ ଭେଟେଲ ଓ ଚାର୍ଲସ ରେସ୍‌ରୁ

**ଦୁର୍ଘଟଣାର ଶିକାର ହେଲେ ଭେଟେଲ, ଚାର୍ଲସ**

ରିଟାୟାର୍ଡ ନେଇଯାଇଥିଲେ। ଛ'ଥରର ବିଶ୍ୱ ଚାମ୍ପିୟନ ଲୁଇସ୍ ହାମିଲଟନ୍‌ଙ୍କ ପାଇଁ ମଧ୍ୟ ଏହି ରେସ୍ ନୈରାଶ୍ୟଜନକ ରହିଥିଲା। ସେ ରେସ୍‌ର ୭ମ ସ୍ଥାନରେ ରହି ଅଭିଯାନ ଶେଷ କରିଥିଲେ।

୩୦୫.୮୭୯ କିଲୋମିଟର ବିଶିଷ୍ଟ ଏହି ରେସ୍‌କୁ ୨୨ ବର୍ଷୀୟ ଡଚ୍ ଡ୍ରାଇଭର ଭର୍ଷ୍ଟାପେନ ୧ ଘଣ୍ଟା ୩୩ ମିନିଟ୍ ୧୪.୬୭୮ ସେକେଣ୍ଡରେ ଫିନିଶ୍ କରି ପ୍ରଥମ ସ୍ଥାନ ହାସଲ କରିଥିଲେ। ପ୍ରତି ଲ୍ୟାପ୍‌ର ଲେନ୍ଥ୍ ୪.୩୦୯ କି.ମି. ହୋଇଥିବାବେଳେ ରେସ୍ ମୋଟ୍ ୭୧ ଲ୍ୟାପ୍‌ବିଶିଷ୍ଟ ରହିଥିଲା। ସିଜନରେ ଭର୍ଷ୍ଟାପେନଙ୍କ ଏହା ୩ୟ ଟାଇଟଲ୍ ଥିଲା। ପୂର୍ବରୁ ସେ ଅଷ୍ଟ୍ରିଆ ଓ ଜର୍ମାନୀ ଗ୍ରାଁ ପ୍ରି ଟାଇଟଲ୍ ହାସଲ କରିସାରିଛନ୍ତି। ଅନ୍ତିମ ପର୍ଯ୍ୟାୟରେ ଫେରାରୀ ଡ୍ରାଇଭରଙ୍କ ମଧ୍ୟରେ ଦୁର୍ଘଟଣାର ଫାଇଦା ଭର୍ଷ୍ଟାପେନଙ୍କୁ ମିଳିଥିଲା। ଟୋରୋ ରୋସୋ–ହୋଣ୍ଡା ଡ୍ରାଇଭର ପିଏରେ ଗାସ୍‌ଲୀ ଭର୍ଷ୍ଟାପେନଙ୍କଠାରୁ +୬.୦୭୭ ସେକେଣ୍ଡ ଅଧିକ ସମୟ ନେଇ ୨ୟ ସ୍ଥାନରେ ରହିଥିଲେ। ମର୍ସିଡିଜ୍‌ର ହାମିଲଟନ ୩ୟ ସ୍ଥାନରେ ରହିଥିଲେ ମଧ୍ୟ ରେଡ୍ ବୁଲ୍ସ ତଥା ଥାଇଲାଣ୍ଡ ଡ୍ରାଇଭର ଆଲେକ୍ସଜାଣ୍ଡର ଆଲ୍‌ବନଙ୍କ ସହ ଦୁର୍ଘଟଣା ଯୋଗୁ ରେସ୍ ପରେ ତାଙ୍କୁ ୫ ସେକେଣ୍ଡ ପେନାଲ୍ଟିର ସମ୍ମୁଖୀନ ହେବାକୁ ପଡ଼ିଥିଲା। ଫଳରେ ହାମିଲଟନ ୭ମ ସ୍ଥାନକୁ ଖସିଯାଇଥିଲେ। ଏହାର ଫାଇଦା ମ୍ୟାକ୍‌ଲରେନ–ରେନଲ୍ଟ ଡ୍ରାଇଭର କାର୍ଲୋସ ସାଇଞ୍ଜଙ୍କୁ ମିଳିଥିଲା ଏବଂ ସେ ୩ୟ ସ୍ଥାନକୁ ଉଠିଥିଲେ। ଫର୍ମୁଲା ୱାନ୍‌ରେ କାର୍ଲୋସଙ୍କ ଏହା ପ୍ରଥମ ପୋଡିୟମ ଫିନିଶ୍ ରହିଥିଲା।



ଟ୍ରଫି ସହ ମାକ୍ସ ଭର୍ଷ୍ଟାପେନ।

# ଓହରିଲେ ସାଇନା

**ଗ୍ୱାଙ୍ଗଜୁ(କୋରିଆ),୧୮।୧୧:** ଏଠାରେ ମଙ୍ଗଳବାରଠାରୁ ଆରମ୍ଭ ହେବାକୁ ଯାଉଥିବା କୋରିଆ ମାଷ୍ଟର୍ସ ୱାର୍ଲ୍ଡ ଟୁର ସୁପର ୩୦୦ ଟୁର୍ନାମେଣ୍ଟରୁ ଷ୍ଟାର ମହିଳା ଶଟଲର ସାଇନା ନେହ୍ୱାଲ ଓହରି ଯାଇଛନ୍ତି। ଅନ୍ୟପକ୍ଷରେ କିଡାମ୍ବି ଶ୍ରୀକାନ୍ତ ପ୍ରତିଯୋଗିତାରେ ଭଲ ପ୍ରଦର୍ଶନ କରିବାକୁ ଲକ୍ଷ୍ୟ ରଖିଛନ୍ତି। ଇଣ୍ଡିଆ ଓପନ ଫାଇନାଲିଷ୍ଟ ଚଳିତବର୍ଷ ଖରାପ ଫର୍ମ ଦେଇ ଗତି କରୁଛନ୍ତି। ଗତ ସପ୍ତାହରେ ଶେଷ ହୋଇଥିବା ହଂକଂ ଓପନର ସେମିଫାଇନାଲରେ ସ୍ଥାନ ପାଇ ସେ ନିଜ ଆତ୍ମବିଶ୍ୱାସ ଫେରି ପାଇଛନ୍ତି।

# ଶୀର୍ଷରେ ରହିଲେ ନାଡାଲ

**ପ୍ୟାରିସ,୧୮।୧୧(ଏଏଫ୍‌ପି)**

ରାଫାଲ ନାଡାଲ ଏଟିପି ର୍‍ୟାଙ୍କିଙ୍ଗ୍‌ରେ ଶୀର୍ଷସ୍ଥାନ ରହି ଚଳିତବର୍ଷ ଶେଷ କରିଛନ୍ତି। କ୍ୟାରିୟରରେ ୫ମ ଥର ପାଇଁ ସେ ଏଭଳି ସଫଳତା ପାଇଛନ୍ତି। ଏହା ଚଳିତବର୍ଷ ଶେଷଥର ପ୍ରକାଶ ପାଇଥିବା ଏଟିପି ର୍‍ୟାଙ୍କିଙ୍ଗ୍‌ରୁ ଜଣାପଡ଼ିଛି। ସ୍ପାନିଶ୍ କିମ୍ବଦନ୍ତୀ ଏଟିପି ଫାଇନାଲରେ ଗ୍ରୁପ୍ ଷ୍ଟେଜ୍ ଅତିକ୍ରମ କରିପାରି ନ ଥିଲେ। କିନ୍ତୁ ତାଙ୍କ ପ୍ରତିଦ୍ୱନ୍ଦ୍ୱୀ ନୋଭାକ ଜୋକୋଭିଚ୍ ସେମିଫାଇନାଲରେ ପ୍ରବେଶ କରିବାରେ ବିଫଳ ହେବାରୁ ନାଡାଲ ୨୦୧୯ ବର୍ଷର ଶୀର୍ଷ ର୍‍ୟାଙ୍କଧାରୀ ଖେଳାଳି ଭାବେ ଅଭିଯାନ ଶେଷ କରିଛନ୍ତି। ୩୩ ବର୍ଷୀୟ ଖେଳାଳିଙ୍କ ନିକଟରେ ୯,୯୮୫ ପଏଣ୍ଟ ରହିଛି, ଯାହାକି ଜୋକୋଭିଚ୍‌ଙ୍କଠାରୁ ୮୪୦ ପଏଣ୍ଟ ଅଧିକ। ସୁଇଜରଲାଣ୍ଡର ରୋଜର ଫେଡରର (୬,୫୯୦) କ୍ରମାଗତ ଦ୍ୱିତୀୟ ବର୍ଷ ଲାଗି ତୃତୀୟ ସ୍ଥାନରେ ରହି ବର୍ଷ ଶେଷ କରିଛନ୍ତି। ତାଙ୍କ ପଛକୁ ଡୋମିନିକ ଥିଏମ (୫,୮୨୫) ଓ ଡାନିଏଲ ମେଦ୍‌ଭେଡେଭ (୫,୭୦୫) ରହିଛନ୍ତି।

# ରୋମାଞ୍ଚକ ମ୍ୟାଚ୍‌ରେ ଜିତିଲା ଭାରତ

**ଗୁୟାନା,୧୮।୧୧**

ଚଳିତ ୱେଷ୍ଟଇଣ୍ଡିଜ ବିପକ୍ଷ ଟି୨୦ ସିରିଜ୍‌ରେ ଭାରତୀୟ ମହିଳା ଦଳ ତା'ର ଚମତ୍କାର ପ୍ରଦର୍ଶନ ଜାରି ରଖି ଅପରାଜେୟ ହୋଇ ରହିଛି। ପୂର୍ବରୁ ସିରିଜ୍ କବ୍‌ଜା କରିସାରିଥିବା ହରମନପ୍ରୀତ କୌରଙ୍କ ନେତୃତ୍ୱାଧୀନ ଟିମ୍ ଇଣ୍ଡିଆ ୫ ରନ୍‌ରେ ଚତୁର୍ଥ ଟି୨୦ ମ୍ୟାଚ୍‌କୁ ଜିତି ନେଇଛି। ଏଥିସହିତ ୫ ମ୍ୟାଚ୍ ବିଶିଷ୍ଟ ସିରିଜ୍‌ରେ ଭାରତ ୪–୦ ବ୍ୟବଧାନର ଅଗ୍ରଣୀ ହାସଲ କରିଛି। ସିରିଜ୍‌ର ଅନ୍ତିମ ତଥା ୫ମ ଟି୨୦ ମ୍ୟାଚ୍ ଗୁରୁବାର ଖେଳାଯିବ। ଟି୨୦ ସିରିଜ୍ ପୂର୍ବରୁ ଦିନିକିଆ ଶୃଙ୍ଖଳାକୁ ଭାରତ ୨–୧ରେ ଜିତି ନେଇଥିଲା।

**ମହିଳା ଟି୨୦**

ବର୍ଷା ବାଧା ସାଜିବାରୁ ୯ ଓଭର ବିଶିଷ୍ଟ ମ୍ୟାଚ୍ ଖେଳାଯାଇଥିଲା। ପ୍ରଥମେ ବ୍ୟାଟିଂ କରିଥିବା ଭାରତୀୟ ଦଳ ଧାର୍ଯ୍ୟ ୯ ଓଭରରେ ୭ ଉଇକେଟ ହରାଇ ୫୦ ରନ୍ କରିଥିଲା। ଦଳ ପାଇଁ କେବଳ ପୂଜା ୧୦ ରନ୍ କରିଥିବାବେଳେ ଅନ୍ୟ କୌଣସି ବ୍ୟାଟ୍ସ୍‌ଓମ୍ୟାନ ଦୁଇ ଅଙ୍କ ସ୍କୋର ଛୁଇଁପାରି ନ ଥିଲେ। ଘରୋଇ ଦଳ ପକ୍ଷରୁ ହେଲି ମାଥ୍ୟୁସ ସର୍ବାଧିକ ୩ ଉଇକେଟ ନେଇଥିବାବେଳେ ଆଫି ଫ୍ଲେଚର ଓ ଶେନେତା ଗ୍ରିମୋଣ୍ଡ ୨ଟି ଲେଖାଏ ଉଇକେଟ ହାସଲ କରିଥିଲେ। ପରେ ଭାରତୀୟ ବୋଲରଙ୍କ ଲକ୍ଷ୍ୟପୂର୍ଣ୍ଣ ବୋଲିଂ ଯୋଗୁ ୱେଷ୍ଟଇଣ୍ଡିଜ ଶେଷ ପର୍ଯ୍ୟନ୍ତ ବ୍ୟାଟିଂ କରି ୫ ଉଇକେଟ ହରାଇ ୪୫ ରନ୍ କରିବାକୁ ସକ୍ଷମ ହୋଇଥିଲା। ଭାରତ ଲାଗି ବୋଲିଂରେ ଅଫ୍ ସ୍ପିନର ଅନୁଜା ପାଟିଲ ୨ ଉଇକେଟ ହାତେଇଥିଲେ। ଦୀପ୍ତି ଶର୍ମା ଓ ରାଧା ଯାଦବ ଗୋଟିଏ କରି ଉଇକେଟ ପାଇଥିଲେ।

# ଓଡ଼ିଶା ଏଫ୍‌ସିର ଗ୍ରାସ୍‌ରୁଟ୍ ପ୍ରୋଗ୍ରାମ ଆରମ୍ଭ

**ଭୁବନେଶ୍ୱର, ୧୮।୧୧(ସ୍ପୋର୍ଟ୍ସ ବ୍ୟୁରୋ)**



ଓଡ଼ିଶା ଏଫ୍‌ସିର ଗ୍ରାସ୍‌ରୁଟ୍ ପ୍ରୋଗ୍ରାମ ଆରମ୍ଭ ଅବସରରେ ଅତିଥି ଓ କର୍ମକର୍ତ୍ତାଙ୍କ ଗହଣରେ ଖେଳାଳିମାନେ।

ତୃଣମୂଳ ସ୍ତରରୁ ଓଡ଼ିଶାରେ ଫୁଟ୍‌ବଲ ଖେଳର ବିକାଶ ଏବଂ ଛାତ୍ରୀଛାତ୍ରମାନଙ୍କୁ ଜାତୀୟ ଏବଂ ଅନ୍ତର୍ଜାତୀୟସ୍ତରରେ ପହଞ୍ଚାଇବା ଲକ୍ଷ୍ୟରେ ଓଡ଼ିଶା ଏଫ୍‌ସି ପକ୍ଷରୁ ଗ୍ରାସ୍‌ରୁଟ୍ ପ୍ରୋଗ୍ରାମ ଆନୁଷ୍ଠାନିକ ଭାବେ ଆରମ୍ଭ ହୋଇଛି। ଏହି ପରିପ୍ରେକ୍ଷୀରେ ସୋମବାର ସାଇ ଇଣ୍ଟରନ୍ୟାଶନାଲ ସ୍କୁଲ ଏବଂ ଓଡ଼ିଶା ଏଫ୍‌ସି ମଧ୍ୟରେ ଆଗାମୀ ୫ ବର୍ଷ ପାଇଁ ସହଭାଗିତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଦେଶରେ ବିଦ୍ୟାଳୟସ୍ତରରେ ଓଡ଼ିଶା ଏଫ୍‌ସି ପ୍ରଥମ କରି ସାଇ ଇଣ୍ଟରନ୍ୟାଶନାଲ ସ୍କୁଲ ସହଭାଗିତା କରିବା ସହିତ ରାଜିନାମା ସ୍ୱାକ୍ଷରିତ କରିଛି। ଛାତ୍ରୀଛାତ୍ରଙ୍କ ଖେଳିବାର କ୍ଷମତା ଏବଂ ସେମାନଙ୍କୁ ଠିକ୍ ମାର୍ଗରେ ପରିଚାଳନା ଦ୍ୱାରା ସମ୍ପୂର୍ଣ୍ଣ ବିକାଶ କରାଇ ଜଣେ ପେସାଦାର ଖେଳାଳି ଭାବେ ଗଢ଼ିତୋଳିବା ଏହାର ମୂଳ ଲକ୍ଷ୍ୟ। ସାଇ ଇଣ୍ଟରନ୍ୟାଶନାଲ ସ୍କୁଲ ଓ ସାଇ ଇଣ୍ଟରନ୍ୟାଶନାଲ ରେସିଡେନ୍ସିଆଲ ସ୍କୁଲରେ ୭, ୯ ଓ ୧୧ ବର୍ଷରୁ କମ୍ ୩ଟି ବର୍ଗ କରି ଛାତ୍ରୀଛାତ୍ରମାନଙ୍କୁ ସେମାନଙ୍କର ଦକ୍ଷତା ଅନୁଯାୟୀ ତାଲିମ୍ ଦିଆଯିବା ସହ ପ୍ରଶିକ୍ଷକମାନଙ୍କୁ ମଧ୍ୟ ପ୍ରଶିକ୍ଷଣ ଦିଆଯିବ।

ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଯୋଗଦେଇ କ୍ରୀଡ଼ା ସଚିବ ବିଶାଲ ଦେବ୍ କହିଥିଲେ ଯେ, ଏହି ସହଭାଗିତା ଫଳରେ ରାଜ୍ୟରେ ଫୁଟ୍‌ବଲ ଖେଳର ସମ୍ପୂର୍ଣ୍ଣ ବିକାଶର ଏକ ଇକୋ–ସିଷ୍ଟମ୍ ତିଆରି ହେବ, ଯାହା ଫଳରେ ଯୁବ ଫୁଟବଲ ଖେଳାଳିମାନଙ୍କୁ ପ୍ରଶିକ୍ଷଣ ମାଧ୍ୟମରେ ସେମାନଙ୍କର କ୍ଷମତା ଓ ଦକ୍ଷତାକୁ ମାପି ସେମାନଙ୍କୁ ଜାତୀୟ ଏବଂ ଅନ୍ତର୍ଜାତୀୟ ସ୍ତରର ଖେଳାଳି ଭାବେ ଗଢ଼ିହେବ। ଅନ୍ୟ ଅତିଥିମାନଙ୍କ ମଧ୍ୟରେ ଏଫ୍‌ଏସ୍‌ଡିଏଲ(ଫୁଟ୍‌ବଲ ସ୍ପୋର୍ଟ୍ସ ଡେଭଲପମେଣ୍ଟ ଲିମିଟେଡ୍) ସିଇଓ ମାର୍ଟିନ୍ ବେନ୍, ସାଇ ଇଣ୍ଟରନ୍ୟାଶନାଲ୍‌ର ପ୍ରତିଷ୍ଠାତା ତଥା ଓଡ଼ିଶା ଆଦର୍ଶ ବିଦ୍ୟାଳୟ ସଂଗଠନର ଉପଦେଷ୍ଟା ଡ. ବିଜୟ କୁମାର ସାହୁ, ଓଡ଼ିଶା ଏଫ୍‌ସିର ମୁଖ୍ୟ ରୋହନ୍ ଶର୍ମା, ମୁଖ୍ୟ କାର୍ଯ୍ୟନିର୍ବାହୀ ଆଶିଷ ଶାହ, ମୁଖ୍ୟ ପ୍ରଶିକ୍ଷକ ଜୋସେଫ୍ ଗାମ୍ବାଓ, ସହକାରୀ କୋଚ୍ ଥାଙ୍ଗବୋଇ ସିଙ୍ଗ୍‌ଟୋ, ଫୁଟ୍‌ବଲ ଡେଭଲପମେଣ୍ଟ ମୁଖ୍ୟ ଆକାଶ ନରୁଲା ପ୍ରମୁଖ ଯୋଗଦେଇଥିଲେ। 'ଯୁବ ଫୁଟ୍‌ବଲ ଖେଳାଳିମାନଙ୍କୁ ଗୁଣାତ୍ମକ ପ୍ରଶିକ୍ଷଣ ମାଧ୍ୟମରେ ପେସାଦାର ଖେଳାଳି ଭାବେ ଗଢ଼ିବା ଆମର ମୁଖ୍ୟ ଉଦ୍ଦେଶ୍ୟ' ବୋଲି ରୋହନ କହିଥିଲେ। ଅନ୍ୟପକ୍ଷରେ ଏହି ସହଭାଗିତା ସ୍କୁଲ୍ ପାଇଁ ଏକ ମହତ୍ୱପୂର୍ଣ୍ଣ ଅବସର। ଏହା ଛାତ୍ରୀଛାତ୍ରମାନଙ୍କୁ ଖେଳ ପ୍ରତି ସମର୍ପଣ ମନୋଭାବ ସହିତ ଆଗକୁ ଯିବା ପାଇଁ ପ୍ରେରିତ କରିବ ବୋଲି ବିଜୟ କୁମାର ପ୍ରକାଶ କରିଥିଲେ। ଏହି କାର୍ଯ୍ୟକ୍ରମରେ ରାଜ୍ୟର ୧୦୦ ସ୍କୁଲର ପ୍ରିନ୍ସିପାଲ ଏବଂ ଶାରୀରିକ ଶିକ୍ଷା ଶିକ୍ଷକ ଯୋଗ ଦେଇଥିଲେ।

**ମନେ ପଡ଼ନ୍ତି**

**ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



**ସ୍ୱର୍ଗତା ସୁଲୋଚନା ନାୟକ**
ଅଣ୍ଡିଆ, ଗୋବିନ୍ଦପୁର, ବନ୍ତ, ଭଦ୍ରକ
ଆବିର୍ଭାବ: ୨୯।୦୫।୧୯୪୦
ତିରୋଧାନ: ୦୯।୧୧।୨୦୧୯
ତୁମର ଅନୁପସ୍ଥିତି ପ୍ରତିଟି ମୁହୂର୍ତ୍ତରେ ଅନୁଭବ କରୁଛୁ। ତୁମ ସ୍ନେହ, ଶ୍ରଦ୍ଧା, ଭଲପାଇବା ଆମପାଇଁ ଚିରସ୍ମରଣୀୟ ହେଉ। ତୁମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ଠାରେ ପ୍ରାର୍ଥନା କରୁଛୁ।
**ଶୋକସନ୍ତପ୍ତ**
ହତଭାଗ୍ୟ ସ୍ୱାମୀ: ଅର୍ଜ୍ଜୁନ ଚରଣ ନାୟକ, ଦିଅର: ଗୌର ଚନ୍ଦ୍ର ନାୟକ, ବିଶ୍ୱନାଥ ନାୟକ, ପୁତ୍ର: ପ୍ରଫୁଲ୍ଲ, ପ୍ରସନ୍ନ, ପ୍ରଶାନ୍ତ, ପ୍ରଦୀପ, ଅମୂଲ୍ୟ, ଅରୁଣ, ସୌଭାଗ୍ୟ ଏବଂ ଶୋକସନ୍ତପ୍ତ ପରିବାର ଓ ଆତ୍ମୀୟସ୍ୱଜନ।
ଧ–୧୫୩୦୦

**ଅଷ୍ଟମ ଶ୍ରାଦ୍ଧବାର୍ଷିକୀ**



**ସ୍ୱର୍ଗତ ଶିବରାମ ରଥ**
(ଅବସରପ୍ରାପ୍ତ ଅତିରିକ୍ତ ନିବନ୍ଧକ, ସମବାୟ ବିଭାଗ)
ତିରୋଧାନ: ମାର୍ଗଶୀର କୃଷ୍ଣ ସପ୍ତମୀ– ୧୭।୧୧।୨୦୧୧
ଆଜି ଅଷ୍ଟମ ଶ୍ରାଦ୍ଧବାର୍ଷିକୀ ଅବସରରେ ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପାଦ ପଦ୍ମରେ ଭକ୍ତିପୂତ ପ୍ରାର୍ଥନା କରୁଛୁ।
**ଇତି:**
ଆପଣଙ୍କର ପରିବାର ଓ ଆତ୍ମୀୟସ୍ୱଜନ।
ଧ–୬୦୮୪୯

## ସଂକ୍ଷେପରେ

### ତଳଗୋଦ୍ରୀରେ ପାନୀୟ ଜଳ ସଙ୍କଟ



କୋରାପୁଟ,୧୮।୧୧(ସ୍ୱ.ପ୍ର.): ଦଶମନ୍ତପୁର ବ୍ଲକ ଗାଦିଆଗୁଡ଼ା ପଞ୍ଚାୟତ ତଳଗୋଦ୍ରୀ ଗ୍ରାମରେ ପାନୀୟ ଜଳ ସଙ୍କଟ ଦେଖାଯାଇଥିବାରୁ ସୋମବାର ଗ୍ରାମବାସୀ ଜିଲା ପ୍ରଶାସନର ଦ୍ୱାରସ୍ଥ ହୋଇ ଏହାର ସମାଧାନ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଦଶମନ୍ତପୁର ବ୍ଲକ ଗାଦିଆଗୁଡ଼ା ପଞ୍ଚାୟତରେ ତଳଗୋଦ୍ରୀ ଗ୍ରାମରେ ପ୍ରାୟ ୧୦୦ ପରିବାର ବାସ କରୁଥିବାବେଳେ ସେମାନଙ୍କ ପାଇଁ ମାତ୍ର ଗୋଟିଏ ନଳକୂପ ରହିଛି । ମାତ୍ର ସେହି ନଳକୂପରେ ଆବଶ୍ୟକ ପାନୀୟ ଜଳ ବାହାରୁ ନ ଥିବାରୁ ଗ୍ରାମବାସୀଙ୍କ ମଧ୍ୟରେ ପାନୀୟ ଜଳ ସଙ୍କଟ ଦେଖାଯାଇଛି । ତେଣୁ ଅଧିକାଂଶ ଗ୍ରାମବାସୀ ପାଣି ପାଇଁ ଗ୍ରାମ ନିକଟରେ ଥିବା ଏକ ନାଳ ଉପରେ ନିର୍ଭର କରି ତାହାର ପାଣି ବ୍ୟବହାର କରୁଥିବାରୁ ବିଭିନ୍ନ ରୋଗରେ ପୀଡ଼ିତ ହେଉଥିବା ସେମାନେ ଅଭିଯୋଗ କରିଛନ୍ତି। ଏହି ପାନୀୟ ଜଳ ସଙ୍କଟର ସମାଧାନ ପାଇଁ ବହୁବାର ସ୍ଥାନୀୟ ଗାଦିଆଗୁଡ଼ା ସରପଞ୍ଚ, ଦଶମନ୍ତପୁର ବିଡିଓ ଓ ବିଭିନ୍ନ ଲୋକ ପ୍ରତିନିଧିଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିବାବେଳେ ଏହାର ସମାଧାନ ନ ହେବାରୁ ବାଧହୋଇ ଗ୍ରାମବାସୀ ସୋମବାର ପ୍ରଶାସନର ଦ୍ୱାରସ୍ଥ ହୋଇ ଜିଲାପାଳଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ତଳଗୋଦ୍ରୀ ଗ୍ରାମବାସୀ ଏହି ଦାବିପତ୍ରକୁ ଅତିରିକ୍ତ ଜିଲାପାଳ ଦେବେନ ପ୍ରଧାନଙ୍କୁ ପ୍ରଦାନ କରିଥିଲେ।

# ୫୧ ଅଭିଯୋଗ ଶୁଣିଲେ ଜିଲାପାଳ

ଜୟପୁର,୧୮।୧୧ (ନି.ପ୍ର./ଡି.ଏନ୍.ଏ.)

## ପ୍ରକୋଷ୍ଠରେ ପହଞ୍ଚିଲା ଦିବ୍ୟାଙ୍ଗଙ୍କ ଅଧିକ ଅଭିଯୋଗ



ଅଭିଯୋଗ ଶୁଣାଣି ପ୍ରକୋଷ୍ଠରେ ଜିଲାପାଳଙ୍କ ସହ ଅନ୍ୟମାନେ ।

ଜୟପୁର ଉପଜିଲାପାଳଙ୍କ କାର୍ଯ୍ୟାଳୟରେ ସୋମବାର ଜିଲାସ୍ତରୀୟ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଛି। ଜିଲାପାଳ ମଧୁସୂଦନ ମିଶ୍ର ୫୧ଟି ଅଭିଯୋଗର ଶୁଣାଣି କରିଛନ୍ତି, ଯେଉଁଥିରେ ୪୬ଟି ବ୍ୟକ୍ତିଗତ ଓ ୫ଟି ଗୋଷ୍ଠୀଗତ ଅଭିଯୋଗ ରହିଛି। ଶୁଣାଣିରେ ଦିବ୍ୟାଙ୍ଗଙ୍କ ଅଭିଯୋଗ ଅଧିକ ରହିଥିଲା। ଅଧିକାଂଶ ଦିବ୍ୟାଙ୍ଗ ହିତାଧିକାରୀ ବିଭିନ୍ନ ସରକାରୀ ଯୋଜନାରୁ ବଞ୍ଚିତ ରହିଥିବା ନେଇ ପ୍ରକୋଷ୍ଠରେ ଜଣାଇଛନ୍ତି।

ଜୟପୁର ଦାସସାହିର ଦିବ୍ୟାଙ୍ଗ ରଞ୍ଜନ ରାଉତ ବିବାହର ୪ ମାସ ପରେ ପୌର ପରିଷଦରେ ସହାୟତା ରାଶି ପାଇଁ ଆବେଦନ କରିଥିଲେ। ୩ ବର୍ଷ ପରେ ମଧ୍ୟ ତାହା ତାଙ୍କୁ ମିଳି ନ ଥିବା ସେ ଜିଲାପାଳଙ୍କୁ ଜଣାଇଥିଲେ। ଦିବ୍ୟାଙ୍ଗଙ୍କୁ ୩ ସେଣ୍ଟ ଜାଗା ଦିଆଯିବାର ନିୟମ ରହିଛି। ୪୫ ପ୍ରତିଶତ ଦିବ୍ୟାଙ୍ଗ ଥିବା ପୁରୁଷୋତ୍ତମ ବଳ ସେହି ଅନୁଯାୟୀ ଜାଗା ପାଇବାକୁ ଜିଲାପାଳଙ୍କୁ ନିବେଦନ କରିଛନ୍ତି। ଜୟପୁର ଅଞ୍ଚଳର ୨୮ ଜଣ ଦିବ୍ୟାଙ୍ଗଙ୍କୁ ଜମି ଯୋଗାଇଦେବା ପାଇଁ ପୂର୍ବରୁ ୩ଥର ଜିଲାପାଳଙ୍କ ପ୍ରକୋଷ୍ଠରେ ଅଭିଯୋଗ ହୋଇଥିଲା। କିନ୍ତୁ ଏଯାବତ୍ ୧୬ରୁ ଉର୍ଦ୍ଧ୍ୱ ହିତାଧିକାରୀଙ୍କୁ ଜମି ମିଳି ନ ଥିବା ଦିବ୍ୟାଙ୍ଗ ସଂଘ ଜଣାଇଥିଲା। ସେହିପରି ହାଡିଆ ପଞ୍ଚାୟତ ଖଇରିମୁଣ୍ଡି ଗ୍ରାମର ସୁନାଦେଈ ହରିଜନ ଓ ଲଳିତ ହରିଜନଙ୍କ ସ୍ୱାମୀ ପରଲୋକରେ। ସେମାନେ ଗରିବ ଓ ଓ ପରିବାରରେ ଅନ୍ୟ କେହି ନାହାନ୍ତି। କିନ୍ତୁ ସେମାନଙ୍କୁ ଆବାସ ଯୋଜନାରେ ସାମିଲ କରାଯାଇ ନାହିଁ। ଭତ୍ତା, ଆବାସ, ଦିବ୍ୟାଙ୍ଗଙ୍କୁ ନିଯୁକ୍ତି ନେଇ ବିଭିନ୍ନ ଅଭିଯୋଗ ପହଞ୍ଚିଥିଲା। ତୁରନ୍ତ ଏହାର ତଦନ୍ତ କରି ବ୍ୟବସ୍ଥା କରିବା ପାଇଁ ବିଡିଓଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ଜିଲାପାଳ। ଶୁଣାଣିରେ ଏସ୍‌ପି ମୁକେଶ କୁମାର ଭାମୋ, ଡିଆରଡିଏ ପିଡି ପ୍ରବୀର ନାୟକ, ଉପଜିଲାପାଳ ଲୋକନାଥ ଦଳବେହେରା, ଏସ୍‌ଡିପିଓ ବରୁଣ ଗୁଣ୍ଟୁପାଲି, ସିଡିଏମ୍‌ଓ ଡା. କାଳି ପ୍ରସାଦ ବେହେରା, ଜିଲା ଶିକ୍ଷାଧିକାରୀ ଡ. ପ୍ରମୋଦ ପଣ୍ଡା, ଜିଲା ମଙ୍ଗଳ ଅଧିକାରୀ ମଧୁସ୍ମିତା ମହାପାତ୍ର, ବିଡିଓ ସୂରଜ ପଟ୍ଟନାୟକ, ଜିଲା ଶ୍ରମ ଅଧିକାରୀ ପ୍ରସନ୍ନ ପାଣିଗ୍ରାହୀ, ତହସିଲଦାର ମାତାରାମ ଲିଆଙ୍ଗି, ପୌର ନିର୍ବାହୀ ଅଧିକାରୀ ଆଲୋକ ସାମନ୍ତରାୟ ଉପସ୍ଥିତ ଥିଲେ।

# ଜମି ହସ୍ତାନ୍ତର ଯୋଗ୍ୟ ନୁହେଁ ଉଚ୍ଛେଦ ନିର୍ଦ୍ଦେଶ ମାନିବାକୁ ତହସିଲଦାରଙ୍କୁ ତାଗିଦ

ଜୟପୁର,୧୮।୧୧(ଡି.ଏନ୍.ଏ.)

କୋରାପୁଟ ଜିଲା ଜୟପୁର ତହସିଲ ଅଞ୍ଚଳରେ ଅଧିକାଂଶ ଜମିପଟ୍ଟାରେ ହସ୍ତାନ୍ତର ଯୋଗ୍ୟ ନୁହେଁ ଉଲ୍ଲେଖ ରହିଥିବା ଯୋଗୁ ଘରଜମିର ମାଲିକ କିଣାବିକା, ବ୍ୟାଙ୍କ ଋଣ ଓ ଅନ୍ୟ କାର୍ଯ୍ୟ ସମୟରେ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେଉଥିଲେ। ଏହି ଉଲ୍ଲେଖ ବାକ୍ୟକୁ ଉଚ୍ଛେଦ ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ଜିଲା ପ୍ରଶାସନ, ତହସିଲ କାର୍ଯ୍ୟାଳୟକୁ ନିର୍ଦ୍ଦେଶନାମା ଜାରି କରାଯାଇଥିଲା । କିନ୍ତୁ ଜୟପୁର ତହସିଲ ପକ୍ଷରୁ ଏହାକୁ କାର୍ଯ୍ୟକାରୀ କରାଯାଇନାହିଁ। ଏନେଇ ବରିଷ୍ଠ ନାଗରିକ କମିଟିର କର୍ମକର୍ତ୍ତା ସୁରେଶ ଦାଶ ଜିଲାପାଳଙ୍କ ଅଭିଯୋଗ ପ୍ରକୋଷ୍ଠରେ ସୋମବାର ଅଭିଯୋଗ କରିଥିଲେ। ଏହିପରି ଅଭିଯୋଗ ବିଷୟରେ ଜିଲାପାଳ ମଧୁସୂଦନ ମିଶ୍ର ଉପସ୍ଥିତ ଥିବା ତହସିଲଦାର ମାତାରାମ ଲିଆଙ୍ଗିଙ୍କଠାରୁ ଜାଣିବାକୁ ଚାହିଁଥିଲେ । କିନ୍ତୁ ଏହାକୁ କାର୍ଯ୍ୟକାରୀ କରିବା ନେଇ ସନ୍ତୋଷଜନକ ଉତ୍ତର ତହସିଲଦାର ଦେଇ ନ ଥିବା ଯୋଗୁ ଜିଲାପାଳ ମିଶ୍ର ଅସନ୍ତୋଷ ବ୍ୟକ୍ତ କରିବା ସହିତ ତୁରନ୍ତ ଆବେଦନକାରୀଙ୍କଠାରୁ ନିର୍ଦ୍ଧାରିତ ଫର୍ମରେ ଆବେଦନ ଗ୍ରହଣ କରିବା ସହ ଏହାରୁ ଶୁଣାଣି କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏହିପରି ଆବଶ୍ୟକ ପ୍ରଚାର ପ୍ରସାର ମାଧ୍ୟମରେ ଲୋକଙ୍କଠାରୁ ଆବେଦନପତ୍ର ଆଣିବାକୁ ତହସିଲଦାରଙ୍କୁ ତାଗିଦ କରିଥିଲେ। ତୁରନ୍ତ ସରକାରୀ ନିର୍ଦ୍ଦେଶନାମାକୁ ପାଳନ ନ କଲେ ବଦଳି ହୋଇ ଚାଲିଯିବାକୁ ଜିଲାପାଳ କହିଥିଲେ। ଏନେଇ ତହସିଲ ପକ୍ଷରୁ ତୁରନ୍ତ କାର୍ଯ୍ୟ ଆରମ୍ଭ କରିବାକୁ ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି।

# ଜିଲାସ୍ତରୀୟ କରାଟେ କଲର ବେଲ୍ଟ ପ୍ରତିଯୋଗିତା

ସେମିଳିଗୁଡ଼ା,୧୮।୧୧(ସ୍ୱ.ପ୍ର.)

ସେମିଳିଗୁଡ଼ା ଉତ୍କଳ କରାଟେ ସ୍କୁଲ ପକ୍ଷରୁ ଜିଲାସ୍ତରୀୟ କରାଟେ କଲର ବେଲ୍ଟ ପରୀକ୍ଷା କୋରାପୁଟସ୍ଥିତ ଇନ୍‌ଡୋର ଷ୍ଟାଡିୟମରେ ଅନୁଷ୍ଠିତ ହୋଇଛି। ଏହି କାର୍ଯ୍ୟକ୍ରମରେ ସେମିଳିଗୁଡ଼ା ଉତ୍କଳ କରାଟେ ସ୍କୁଲର ୪୫ ଜଣ କରାଟେ ପ୍ରତିଯୋଗୀ ଉତ୍ତୀର୍ଣ୍ଣ ହୋଇଛନ୍ତି। ଏହି ପ୍ରତିଯୋଗିତା ହରିପ୍ରସାଦ ପଟ୍ଟନାୟକ (କାଇ ଉପସଭାପତି ଓ ଟେକନିକାଲ ଡାଇରେକ୍ଟର)ଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। ଜୟଦେବ ପଟ୍ଟନାୟକ, ମହେଶ ବରାଳ ଓ ରାଜେନ୍ଦ୍ର କେଶରୀ ସାମଲ ପ୍ରତିଯୋଗିତା ପରିଚାଳନାରେ ସହଯୋଗ କରିଥିଲେ । କୃତୀ ପ୍ରତିଯୋଗୀଙ୍କୁ ହରିପ୍ରସାଦ ପଟ୍ଟନାୟକ ପୁରସ୍କାର ପ୍ରଦାନ କରିଥିଲେ। ଉତ୍କଳ କରାଟେ ସ୍କୁଲର ସଭାପତି ମନୋଜ ପଟ୍ଟନାୟକ ଓ ଦୁର୍ଗା ପ୍ରସାଦ ରଥ ସବୁ କରାଟେକା ଓ କୋଚ ରାଜେନ୍ଦ୍ର କେଶରୀ ସାମଲଙ୍କୁ ଅଭିନନ୍ଦନ ଜଣାଇଛନ୍ତି।




କୃତୀ କରାଟେକାମାନେ ।

# ଭାଟି, ଦେଶୀମଦ ବିକ୍ରି ବନ୍ଦ ଦାବି

## ଜିଲା ପ୍ରଶାସନକୁ ଦାବିପତ୍ର ଦେଲେ ମୂର୍ତ୍ତାହାଣ୍ଡି ପଞ୍ଚାୟତବାସୀ

କୋରାପୁଟ,୧୮।୧୧(ସ୍ୱ.ପ୍ର.)



ଜିଲା ପ୍ରଶାସନକୁ ଦାବିପତ୍ର ଦେବାକୁ ଆସିଥିବା ମୂର୍ତ୍ତାହାଣ୍ଡି ପଞ୍ଚାୟତର ମହିଳା ଓ ପୁରୁଷମାନେ ।

କୋଟପାଡ଼ ବ୍ଲକ ମୂର୍ତ୍ତାହାଣ୍ଡି ପଞ୍ଚାୟତରେ ଥିବା ବିହାରୀ ଭାଟି ଓ ଦେଶୀମଦ ବିକ୍ରି ବନ୍ଦ କରିବା ପାଇଁ ସୋମବାର କୋରାପୁଟ ଜିଲା ପ୍ରଶାସନର ଦ୍ୱାରସ୍ଥ ହୋଇଛନ୍ତି ସ୍ଥାନୀୟ ବାସିନ୍ଦା। ମୂର୍ତ୍ତାହାଣ୍ଡି ସରପଞ୍ଚ ବାସନ୍ତୀ ମାଝିଙ୍କ ନେତୃତ୍ୱରେ ପଞ୍ଚାୟତର ବହୁ ୱାର୍ଡ଼ମେମ୍ବର, ମୁଖିଆଙ୍କ ସମେତ ଶତାଧିକ ଗ୍ରାମବାସୀ ଜିଲାପାଳଙ୍କ କାର୍ଯ୍ୟାଳୟରେ ପହଞ୍ଚି ଧାରଣା ଦେଇଛନ୍ତି।

ସୂଚନାଯୋଗ୍ୟ, ୧୫ ବର୍ଷ ହେବ ମୂର୍ତ୍ତାହାଣ୍ଡି ସଦରରେ ଗୋଟିଏ ବିହାରୀ ଭାଟି ଓ ଦେଶୀମଦ ବିକ୍ରୟ କେନ୍ଦ୍ର ଗ୍ରାମର ମୁଖ୍ୟରାସ୍ତା ପାର୍ଶ୍ୱ ଯଥା– ସ୍ୱାସ୍ଥ୍ୟକେନ୍ଦ୍ର, ପଞ୍ଚାୟତ କାର୍ଯ୍ୟାଳୟ ଓ ବିଦ୍ୟାଳୟ ନିକଟରେ ଖୋଲାଯାଇଥିବା ଯୋଗୁ ଏହା ଛାତ୍ରୀଛାତ୍ର, ସର୍ବସାଧାରଣଙ୍କୁ ପ୍ରଭାବିତ କରୁଛି। କିଛି ଦିନ ତଳେ ବିକ୍ରୟ କେନ୍ଦ୍ର ନିକଟରେ ମଦ୍ୟପମାନେ ଯୁବତୀ ଓ ମହିଳାଙ୍କୁ ଅଶାଳୀନ ବ୍ୟବହାର କରିବାରୁ ଏହାକୁ ବନ୍ଦ କରିଦେଇଥିଲେ ଗ୍ରାମବାସୀ। କେତେକ ବିହାରୀ ମଦ ବିକ୍ରୟ କେନ୍ଦ୍ର ଖୋଲିବାକୁ ଉଦ୍ୟମ କରିବାରୁ ଏହାକୁ ଗ୍ରାମବାସୀ ବିରୋଧ କରିଥିଲେ। କିନ୍ତୁ ବିହାରୀମାନେ କୋଟପାଡ ଥାନାରେ ସେମାନଙ୍କ ନାଁରେ ମିଥ୍ୟା ଗଣ୍ଡଗୋଳ ଏତଲା ଦେଇଛନ୍ତି। ତେଣୁ ବିକ୍ରୟ କେନ୍ଦ୍ରକୁ ସ୍ଥାୟୀ ଭାବେ ବନ୍ଦ କରିବା ସହ ମିଥ୍ୟା ମାମଲା ଉପରେ ତଦନ୍ତ କରି ବିହାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି ମୂର୍ତ୍ତାହାଣ୍ଡି ବାସିନ୍ଦା। ଜିଲାପାଳଙ୍କ ଅନୁପସ୍ଥିତିରେ ସହକାରୀ ଜିଲାପାଳ ଆଲୋକ ଚନ୍ଦ୍ର ଅନୁଗୁଳିଆଙ୍କୁ ଦାବିପତ୍ର ଦିଆଯାଇଥିଲା। ବିହନ ନିଗମ ଅଧ୍ୟକ୍ଷ ଈଶ୍ୱର ଚନ୍ଦ୍ର ପାଣିଗ୍ରାହୀ ଦାବିକୁ ସମର୍ଥନ କରି ପଦକ୍ଷେପ ନେବା ପାଇଁ ଜିଲା ପ୍ରଶାସନକୁ ଜଣାଇଥିଲେ। ଦାବିପତ୍ର ପ୍ରଦାନବେଳେ ମୂର୍ତ୍ତାହାଣ୍ଡି ନାଏବ ସରପଞ୍ଚ ଭାସ୍କର ସମରଥ, ତ୍ରିପତି ଚାଲାନ, ବାବୁଲି ବିଶୋଇ, ତ୍ରିନାଥ ମାଝି, ସୁନାକର ନାୟକ, ଖଗପତି ହରିଜନ, ନକୁଳ ଭତ୍ରା, ସୁନାଧର ମାଝି, ରଘୁପତି ମାଝି, ପାର୍ବତୀ ମାଝି, ଦମୟନ୍ତୀ ଚାଲାଣ, କମଳା ମାଝିଙ୍କ ସମେତ ୩ଶହରୁ ଉର୍ଦ୍ଧ୍ୱ ଗ୍ରାମବାସୀ ଉପସ୍ଥିତ ଥିଲେ।

# ଶିକୁଳିବନ୍ଧା ଜୀବନ କାଟୁଛନ୍ତି ୨ ମହିଳା

କୁନ୍ଦୁରା,୧୮।୧୧(ଡି.ଏନ୍.ଏ.)

କୁନ୍ଦୁରା ବ୍ଲକ ଚେଣ୍ଡିଆ ଝିଲିଗାଁର ପଦ୍ମା ପରଜା (୨୬) ଓ ବଡ଼ ଝିଲିଗାଁର ରାଧା ପରଜା (୨୮)। ଏହି ୨ ମହିଳା ମାନସିକ ଭାବେ ଅସୁସ୍ଥ ଥାଇ ଗତ ୩/୪ ବର୍ଷ ହେବ ଶିକୁଳିବନ୍ଧା ଜୀବନ କାଟୁଛନ୍ତି। ପଦ୍ମା ୪ ବର୍ଷ ତଳୁ ମାନସିକ ଅସୁସ୍ଥ ଥାଇ କୁନ୍ଦୁରାର ସାରଗଗୁଡ଼ା ଅଞ୍ଚଳରେ ଏଣେତେଣେ ବୁଲୁଥିଲେ। ଯେତିକି ସମ୍ବଳ ଥିଲା, ସେଥିରେ ଆଖପାଖ ଡାକ୍ତରଖାନାରେ ଚିକିତ୍ସା କଲୁ। କିନ୍ତୁ ଆଉ ପାରିଲୁନି। କେତେବେଳେ କେଉଁ ଅସାମାଜିକ ହାବୁଡ଼ରେ ପଡ଼ିଯିବ, ସେଇ ଆଶଙ୍କାରେ ବାଧ୍ୟହୋଇ ଝିଅକୁ ଶିକୁଳିରେ ବାନ୍ଧି ରଖିଛୁ ବୋଲି କହିଛନ୍ତି ପଦ୍ମାଙ୍କ ମା' ବୈଦି ପରଜା ଓ ଦାଦା ଭକତ ରାମ ପରଜା।



ସେହିଭଳି ବଡ଼ଝିଲିଗାଁର ରାଧା ମଧ୍ୟ ମାନସିକ ଅସୁସ୍ଥ ହୋଇ ପରିବାର ଉପରେ ନିର୍ଭରଶୀଳ ରହିଛନ୍ତି। ୨୦୧୫ରେ ମା' ବାପା ତାଙ୍କର ବିବାହ ବାଣ୍ଡୁଆଗୁଡ଼ା ପଞ୍ଚାୟତ ମୁଣ୍ଡାଗିଗୁଡ଼ା ଗ୍ରାମର କୃଷ୍ଣ ପରଜାଙ୍କ ସହ କରାଇଥିଲେ। ୨ ବର୍ଷ ସଂସାର କଲାପରେ ହଠାତ୍ ସେ ଘରେ ନ ରହି ବୁଲିବା ଓ ମନକୁ ମନ କହି ହସିବାକୁ ଲାଗିଲେ। ସ୍ୱାମୀ ଶ୍ୱଶୁର ଯେତିକି ଚିକିତ୍ସା କରିବା କଥା କଲେ, କିନ୍ତୁ ପରେ ରାଧାଙ୍କୁ ତାଙ୍କ ବାପା ଗୋରା ପରଜାଙ୍କ ପାଖରେ ଛାଡ଼ିଦେଇ ଗଲେ। ଗୋରା ଅଳଙ୍କାର ବିକି ଝିଅର ଯଥାସମ୍ଭବ ଚିକିତ୍ସା କଲେ। କିନ୍ତୁ କିଛି ଫଳ ନ ହେବାରୁ ଝିଅକୁ ଶିକୁଳିରେ ବାନ୍ଧି ରଖିଛନ୍ତି। ରାଧାଙ୍କ ବାପା, ମା', ଦାଦା ସମସ୍ତେ ଅତି ଗରିବ, କୁଲି ମଜୁରି କରି ଚଳନ୍ତି। ତେଣୁ ଅଧିକ ଚିକିତ୍ସା ଦେଇପାରୁ ନାହାନ୍ତି। ଏନେଇ କୁନ୍ଦୁରା ଭାରପ୍ରାପ୍ତ ବିଡିଓ ମାଧୁରୀ ଆଚାରୀଙ୍କୁ ପଚାରିବାରୁ ସେ କହିଥିଲେ, ଏଯାବତ୍ ଏହି ଘଟଣା ଆମ ନଜରକୁ ଆସି ନ ଥିଲା । ସରକାରଙ୍କ ନିୟମାନୁସାରେ ଯାହା ସହାୟତା ଦେଇହେବ ସେ ଦେବେ।

## ପ୍ଲାଷ୍ଟିକ ବୋତଲ ବ୍ୟବହାର କରନାହିଁ: ଜିଲାପାଳ

ଜୟପୁର,୧୮।୧୧(ଡି.ଏନ୍.ଏ.): କୋରାପୁଟ ଜିଲପାଳ ମଧୁସୂଦନ ମିଶ୍ର ସୋମବାର ଜୟପୁର ଉପଜିଲାପାଳଙ୍କ କାର୍ଯ୍ୟାଳୟରେ ଜିଲା ଓ ଅନ୍ୟ ଅଧିକାରୀଙ୍କ ସହ ବିଭିନ୍ନ ବିଷୟରେ ଆଲୋଚନା କରିଥିଲେ। ଏହି ଅବସରରେ ଜିଲାପାଳ, ଏସ୍‌ପି ଏବଂ ଅନ୍ୟ ବସିଥିବା ଟେବୁଲ ଉପରେ ଉପଜିଲାପାଳଙ୍କ କାର୍ଯ୍ୟାଳୟର ଜଣେ କର୍ମଚାରୀ ପ୍ଲାଷ୍ଟିକ ବୋତଲର ପାଣି ଆଣି ରଖିଥିଲେ। କିନ୍ତୁ ଜିଲାପାଳ ଏହିପରି ପ୍ଲାଷ୍ଟିକରେ ବିକ୍ରି ହେଉଥିବା ପାଣି ପିଇବାକୁ ବର୍ଜନ କରିବା ପାଇଁ ସମସ୍ତ ଅଧିକାରୀଙ୍କୁ ପରାମର୍ଶ ଦେବା ସହ କାଚ, ଷ୍ଟିଲ ବୋତଲରେ ପାଣି ଏବଂ ଗ୍ଲାସରେ ପାଣି ସରକାରୀ କାର୍ଯ୍ୟାଳୟରେ ରଖିବା ପାଇଁ କହିଥିଲେ। ତମ୍ବାନିର୍ମିତ ପାତ୍ରରେ ପାଣି ରଖିବା ସହ ଏହାକୁ ପିଇଲେ ସ୍ୱାସ୍ଥ୍ୟ ପ୍ରତି ହିତକର ବୋଲି ସେ କହିଥିଲେ। ଏହାପରେ ଟେବୁଲ ଉପରେ ଏହି ପାଣିବୋତଲ ହଟାଇ କାଚ ଗ୍ଲାସରେ ପାଣି ଜିଲାପାଳଙ୍କ ସମେତ ଅନ୍ୟ ଅଧିକାରୀଙ୍କୁ ପ୍ରଦାନ କରାଯାଇଥିଲା। ସେହିପରି ଜିଲା ଚିକିତ୍ସାଳୟକୁ ୮ଟି ଆକ୍ୱାଗାର୍ଡ଼ ଦିଆଯାଇଥିବା ବେଳେ ଆଗାମୀ ଦିନରେ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଅଧିକ ଆକ୍ୱାଗାର୍ଡ଼ କିଣିବା ପାଇଁ ଉପସ୍ଥିତ ସିଡିଏମ୍‌ଓଙ୍କୁ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ।

# ବର୍ଷ ବର୍ଷ ଧରି ଅଧାରେ ପଡ଼ିଛି ଆବାସ

ଦଶମନ୍ତପୁର,୧୮।୧୧(ଡି.ଏନ୍.ଏ)



ଅଧାରେ ପଡିରହିଛି ମୁଜା ମୁଦୁଲିଙ୍କ ଆବାସ ଘର ।

## ୩ ହିତାଧିକାରୀଙ୍କ ଅଭିଯୋଗ

- କାମ ଅଧାରେ ଥାଇ ବି ଉଠୁଛି କିସ୍ତି
- ୩ ବର୍ଷ ପରେ ବି ସରୁନି ନିର୍ମାଣକାମ
- ପଞ୍ଚାୟତ କିମ୍ବା ବ୍ଲକ ପ୍ରଶାସନ ନୀରବ

ଦଶମନ୍ତପୁର ବ୍ଲକ ଗିର୍ଲିଗୁମ୍ମା ପଞ୍ଚାୟତରେ ଆବାସ କାର୍ଯ୍ୟାଦେଶ ମିଳିବାର ଦୀର୍ଘ ବର୍ଷ ବିତିଯାଇଥିଲେ ମଧ୍ୟ କାମ ଶେଷ ହେଉନାହିଁ। ପଞ୍ଚାୟତର ତାଳଗୁଡ଼ ଗ୍ରାମରେ ୩ ବର୍ଷ ତଳେ ୩ ଜଣଙ୍କୁ ଆବାସ ଯୋଜନାରେ ସାମିଲ କରାଯାଇଥିଲା। ସେମାନେ ହେଲେ ସନୁ ଜାନୀ, ମୁସୁରୀ ମାଝି ଓ ମୁଜା ମୁଦୁଲି। ଏମାନଙ୍କ ଜୀବିକା ହେଲା ପୋଡୁଚାଷ। ଗାଁରେ କାମଧନ୍ଦା ନ ଥିବାରୁ ଏମାନେ ବହୁ କଷ୍ଟରେ ପରିବାର ଚଳାନ୍ତି। ତେବେ ଆବାସ ମିଳିଥିବା ଖବର ପାଇ ଜଣେ ଠିକାଦାର ସେମାନଙ୍କ ପାଖରେ ପହଞ୍ଚି କହିଥିଲେ ଯେ, ସେମାନେ ତୁରନ୍ତ ଆବାସ ନିର୍ମାଣ ଶେଷକଲେ ୨୦ ହଜାର ଟଙ୍କାର ପ୍ରୋତ୍ସାହନ ରାଶି ମିଳିବ। ସେମାନେ ଯଦି ନ କରିପାରିବେ, ତେବେ ଠିକାଦାର ନିଜେ ସେହି କାମ କରିବେ ବୋଲି କହିଥିଲେ। କାମ ଆରମ୍ଭ ହେଲା ସତ ; କିନ୍ତୁ ୩ ବର୍ଷ ପରେ ବି ସରିଲା ନାହିଁ। ଘର ଅଧାପନ୍ତରିଆ ପଡ଼ିଥିବା ବେଳେ ସ୍ତ୍ରୀ ପାଣ୍ଡି ଓ ୨ଟି ଝିଅ, ପୁଅଙ୍କୁ ନେଇ ଦଦରା ଘରେ ଜୀବନ କାଟୁଥିବା ସନୁ ଜାନୀ କହିଛନ୍ତି। ମୁଜା ମୁଦୁଲି ଓ ତାଙ୍କ ସ୍ତ୍ରୀ କୁସୁମାଇ ମଧ୍ୟ ସମାନ ଅଭିଯୋଗ କରି ୫ ପ୍ରାଣୀଙ୍କୁ ନେଇ ଦୟନୀ ଭାବେ ରହୁଥିବା କଥା କହିଥିଲେ। ଠିକାଦାର ଘରକିସ୍ତି ଉଠାଇ ନେଇଥିଲେ ମଧ୍ୟ ଅନେକ ଥର ନେହୁରା ସତ୍ତ୍ୱେ ଘରକାମ ସାରୁ ନ ଥିବା ମୁସୁରି ମାଝି କହିଛନ୍ତି। ସ୍ତ୍ରୀ ସାଜ, ଗୋଟିଏ ଝିଅ ଓ ୨ ପୁଅଙ୍କୁ ନେଇ ସେ ପୁନାଦିରେ ଅଟକି ରହିଥିବା ଘରକୁ ଚାହିଁ ଦିନ କାଟୁଥିବା ଦୁଃଖରେ ଜଣାଇଛନ୍ତି। ଏହି ୩ ହିତାଧିକାରୀମାନେ ନେହୁରା ହେଲେ ଠିକାଦାର ଧମକ ଦେଇ ଫେରାଇ ଦେଉଥିବା ସେମାନେ ପ୍ରକାଶ କରିଛନ୍ତି। ପ୍ରଶାସନ ମଧ୍ୟ କିଛି ପଦକ୍ଷେପ ନେଉନାହିଁ। ଆବାସ ଅଧାରେ ପଡ଼ିଥିବା ବେଳେ ବିଲ୍ କିପରି ଠିକାଦାର ଉଠାଉଛନ୍ତି, ସେହି ପ୍ରଶ୍ନ ଉଠାଇଛନ୍ତି ଏହି ୩ ହିତାଧିକାରୀ। ଗିର୍ଲିଗୁମ୍ମା ପଞ୍ଚାୟତରେ ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ କୂଅ ଖନନ, ଓ ଆବାସ ଘର ପାଇଁ ବ୍ୟାପକ ଦୁର୍ନୀତି ହୋଇଥିବା ବେଳେ ଏନେଇ ଭିଜିଲାନ୍ସର ଦ୍ୱାରସ୍ଥ ହେବା ପାଇଁ ହିତାଧିକାରୀ ଚେତାବନୀ ଦେଇଛନ୍ତି। ସଂପୃକ୍ତ ଠିକାଦାରଙ୍କୁ ଯୋଗାଯୋଗ କରିବାରୁ ସେ ନିର୍ମାଣ କରିଦେବେ ବୋଲି କହିଛନ୍ତି।






Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-34, Industrial Estate, Pita Mahal, Rayagada, Editor-Tathagata Satpathy, ସମ୍ପାଦକ– ତଥାଗତ ସତପଥୀ

## ସଂକ୍ଷେପରେ

### ବିଜ୍ଞାନ ମେଳାରେ ୮୯ ପ୍ରକଳ୍ପ

ମୁନିଗୁଡ଼ା,୧୮।୧୧(ଡ଼ି.ଏନ.ଏ)– ରାୟଗଡ଼ା ଜିଲା ମୁନିଗୁଡ଼ାଠାରେ ଥିବା ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ବ୍ଲକସ୍ତରୀୟ ବିଜ୍ଞାନମେଳା ଅନୁଷ୍ଠିତ ହୋଇଯାଇଛି । ଏହି ବିଜ୍ଞାନ ମେଳାକୁ ଜିଲା ଶିକ୍ଷାଧିକାରୀ ପୂର୍ଣ୍ଣଚନ୍ଦ୍ର ବରିହା ଉଦ୍‌ଘାଟନ କରିଥିଲେ । ଏଥିରେ ମୁନିଗୁଡ଼ା ମହାବିଦ୍ୟାଳୟ ଅଧ୍ୟକ୍ଷ ଡ଼. ଦେବାନନ୍ଦ ମିଶ୍ର, ବ୍ଲକ ଶିକ୍ଷାଧିକାରୀ ରାଧାକାନ୍ତ ଛତ୍ରୀ, ଏବିଇଓ ବି. ଭାସ୍କର ରାଓ ପ୍ରମୁଖ ଯୋଗ ଦେଇ ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ପ୍ରଦର୍ଶିତ ବିଭିନ୍ନ ପ୍ରକଳ୍ପ ବୁଲି ଦେଖିଥିଲେ । ପ୍ରଧାନଶିକ୍ଷକ କରୁଣାକର ସାମଲଙ୍କ ନେତୃତ୍ୱରେ ଅନୁଷ୍ଠିତ ବିଜ୍ଞାନ ମେଳାରେ ସମୁଦାୟ ୮୯ଟି ପ୍ରକଳ୍ପ ସ୍ଥାନ ପାଇଥିଲା । ସେଥିମଧ୍ୟରୁ ବରିଷ୍ଠ ବିଭାଗରେ ୨୯ ଓ କନିଷ୍ଠବିଭାଗରେ ୬୦ଟି ପ୍ରକଳ୍ପ ସ୍ଥାନ ପାଇଥିଲା । ଏଥିରେ ରାଇଜିଙ୍ଗ କଲେଜ



ଅଧ୍ୟକ୍ଷ ମନବାଞ୍ଛା କୁଶଳ,ବରିଷ୍ଠ ବିଜ୍ଞାନ ଶିକ୍ଷକ ଦାମୋଦର ସାମଲ, ରାଜ୍ୟ ଓଷ୍ଟାର କାର୍ଯ୍ୟକାରିଣୀ ସଦସ୍ୟ ମନୋଜ କୁମାର ପାଢୀ ପ୍ରମୁଖ ବିଚାରକ ଭାବେ ଯୋଗ ଦେଇଥିଲେ । ଶ୍ରେଷ୍ଠ ୧୦ ଜଣଙ୍କୁ ପୁରସ୍କୃତ କରାଯାଇଥିଲା । ସେଥିମଧ୍ୟରୁ ୩ ପ୍ରକଳ୍ପ ଜିଲାସ୍ତରୀୟ ବିଜ୍ଞାନ ମେଳାକୁ ପଠାଯିବ ବୋଲି ପ୍ରଧାନଶିକ୍ଷକ ସୂଚନା ଦେଇଥିଲେ । ଉକ୍ତ କାର୍ଯ୍ୟକ୍ରମକୁ ଶିକ୍ଷୟିତ୍ରୀ ଗାୟତ୍ରୀ ଦାସ, ସମନ ଶବର, ଦାମୋଦର ସାମଲ, ମୁନିଗୁଡ଼ା କ୍ଲଷ୍ଟର ସିଆରସିସି ବିଷ୍ଣୁପ୍ରିୟା ସାହୁକାର ଓ ଅନ୍ୟ କ୍ଲଷ୍ଟରର ସିଆରସିସିଙ୍କ ସମେତ ଗାଇଡ଼ ଶିକ୍ଷକମାନେ ପରିଚାଳନାରେ ସହଯୋଗ କରିଥିଲେ ।





### ପରବ ପଡ଼ିଆରେ ୫୦ ହଜାର ଦର୍ଶକଙ୍କୁ ନଚେଇଲା ଲୋକନୃତ୍ୟ

# ମୋହିଲା ବିହୁ, ଗାଦବା, ଘୁମୁରା, ମାହାରୀ

କୋରାପୁଟ,୧୮।୧୧(ସ୍ୱ.ପ୍ର.)

କୋରାପୁଟ ଲାଣ୍ଡିଗୁଡ଼ା ପଡ଼ିଆରେ ଅନୁଷ୍ଠିତ ୨୪ତମ ରାଜ୍ୟସ୍ତରୀୟ ପରବ–୨୦୧୯ର ଉଦ୍‌ଯାପନୀ ସନ୍ଧ୍ୟାରେ ସୋମବାର ପ୍ରବଳ ଜନ ସମାଗମ ହୋଇଛି । କୋରାପୁଟ ଜିଲା କୋଟପାଡ଼ର ଢେମସା ନୃତ୍ୟ, ଇଜେଡ୍‌ସିସି କଲକାତାର ପୁରୁଲିଆ ଛଉ, ଆସାମର ବିହୁ ନାଚ ପରବ ପଡ଼ିଆରେ ପ୍ରାୟ ୫୦ ହଜାର ଦର୍ଶକଙ୍କ ମନ ମୋହିଛି । ସେହିପରି କୋରାପୁଟ ଜିଲା ଲମତାପୁଟର ଗାଦବା ନୃତ୍ୟ, କନ୍ଧମାଳର ଘୁମୁରା, କୋରାପୁଟ କଳାନିକେତନର ଓଡ଼ିଶୀ, ପୁରୀର ମାହାରି ନୃତ୍ୟ ମଧ ମଞ୍ଚରେ ରଙ୍ଗ ଭରିଛି ।

ଉଦ୍‌ଯାପନୀ ଦିବସରେ ରାଜ୍ୟ ହସ୍ତତନ୍ତ ଓ ବୟନଶିଳ୍ପ ମନ୍ତ୍ରୀ ପଦ୍ମିନୀ ଦିଆନ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପରବ ମାଧ୍ୟମରେ ଜିଲାର ବହୁ ଲୁକ୍କାୟିତ ପ୍ରତିଭା ଲୋକଲୋଚନକୁ ଆସିବା ସହ ଜିଲାର ସାମଗ୍ରିକ ବିକାଶ ଘଟିଛି



■ ୫ ଜଣଙ୍କୁ ପରବ ପ୍ରତିଭା ସମ୍ମାନ

■ କନ୍ଧମାଳ ଏମ୍‌ପିଙ୍କୁ ଶାବରୀ ସମ୍ମାନ

ବୋଲି ପ୍ରକାଶ ରିଥିଲେ । କୋରାପୁଟ ଜିଲାପାଳ ମଧୁସୂଦନ ମିଶ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ସମ୍ମାନିତ ଅତିଥି ଭାବେ ହାଲ୍‌ର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଦେବାଶିଷ ଦେବ, ନାଲ୍‌କୋ ଦାମନଯୋଡ଼ିର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ରବିଶଙ୍କର ଦାସ, ପୂର୍ବତନ କ୍ରୀଡ଼ାମନ୍ତ୍ରୀ ଚନ୍ଦ୍ରସାରଥୀ ବେହେରା, କୋରାପୁଟ ବିଧାୟକ ରଘୁରାମ ପଡାଲ, ବିହନ ନିଗମ ଅଧ୍ୟକ୍ଷ ଈଶ୍ୱର ଚନ୍ଦ୍ର ପାଣିଗ୍ରାହୀ, ପଦ୍ମଶ୍ରୀ କମଳା ପୂଜାରୀ, ଜିଲା ପରିଷଦ ଅଧ୍ୟକ୍ଷା ତୁଳସୀ କିର୍ସାନୀ, ଅତିରିକ୍ତ ଜିଲାପାଳ ଦେବେନ ପ୍ରଧାନ ଯୋଗ ଦେଇଥିଲେ । ମଞ୍ଚରେ କଳାକାର ଦଳଗୁଡ଼ିକୁ ପରବ ମୋମେଣ୍ଟୋ ଦେଇ ସମ୍ମାନିତ କରିଥିଲେ ଅତିଥି । ସେହିପରି ଉଦ୍‌ଯାପନୀ ଉତ୍ସବରେ ପରବ ଶାବରୀ ସମ୍ମାନ କନ୍ଧମାଳ ଏମ୍‌ପି ଅଚ୍ୟୁତ ସାମନ୍ତଙ୍କୁ ଦିଆଯାଇଥିଲା । ସେ ମଞ୍ଚରେ ଅନୁପସ୍ଥିତ ଥିଲେ । ଡାକ୍ତର ରତିକାନ୍ତ ଖଟୁଆ, ଲକ୍ଷ୍ମୀପୁରର ଚାଷୀ ସାରଥି ମୁସ୍କା, ଜୟପୁରର ବିଶ୍ୱ ଶିଶା, ପଞ୍ଚାନନ ମିଶ୍ର, ନନ୍ଦପୁରର କୁଶ ଅରଲାବଙ୍କୁ ପରବ ପ୍ରତିଭା ସମ୍ମାନରେ ସମ୍ବର୍ଦ୍ଧିତ କରାଯାଇଥିଲଶ । ଦ୍ୱିତୀୟ ସନ୍ଧ୍ୟାରେ ସାହିତ୍ୟ କ୍ଷେତ୍ରରେ ଅଧ୍ୟାପକ ରବୀ ଶତପଥୀ ଓ ଅନ୍ୟ ୪ ଜଣଙ୍କୁ ପରବ ସମ୍ମାନ ଦିଆଯାଇଥିଲା । ଚଳିତ ବର୍ଷ ପରବ ଅବସରରେ ହୋଇଥିବା ଜାତୀୟ ପଲ୍ଲିଶ୍ରୀ ମେଳା, ହସ୍ତତନ୍ତ ଶିଳ୍ପ, ଫୁଡ୍ ବଜାର ସହ ଜିଲାର ବିଭିନ୍ନ ଯୋଜନା ସଫଳତାର ଝଲକ ୩୦୦ଟି ଷ୍ଟଲରେ ଦେଖିବାକୁ ମିଳିଥିଲା । ପରବ ମଣ୍ଡପରେ କୋରାପୁଟର ପ୍ରତିଷ୍ଠିତ ଉପସ୍ଥାପିକା ଓ ଉପସ୍ଥାପକଙ୍କ ମଞ୍ଚ ସଂଯୋଜନା ଦର୍ଶକଙ୍କୁ ବାନ୍ଧି ରଖିଥିଲା ।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା–ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଏକୁଟିଆ ବାହାଡ଼ା,**
**ମୁଣ୍ଡି ମୁଣ୍ଡି ସାହାଡ଼ା ।**

କାହା ସାଙ୍ଗରେ ମିଳାମିଶା ନାହିଁ କି କାହାକୁ ସାହାଯ୍ୟ କରିବାକୁ ମନୋବୃତ୍ତି ନାହିଁ । ତେବେ ସହଯୋଗ ଓ ସଂହତି ବିନା ମାନବ ଜୀବନର ପରିପୂର୍ଣ୍ଣତା ଅସମ୍ଭବ । ସବୁବେଳେ ଏକୁଟିଆ ହୋଇ ବସି ରହୁଥିବା ବ୍ୟକ୍ତିଙ୍କ ପ୍ରତି ଏଭଳି ଉକ୍ତି ପ୍ରକାଶ କରାଯାଇଛି ।

**ଏକା ଚାହାଳିର ପାଠ,**
**ଏକା ଅବଧାନ ଚାଟ ।**

ଉଭୟ କ୍ଷେତ୍ରରେ ଶିକ୍ଷାଦାନ ପ୍ରଣାଳୀ ତଥା ଶିକ୍ଷାଦୀକ୍ଷା ସବୁ ସମାନ । ପରୋକ୍ଷରେ ସମସ୍ତେ ଏକା ଭଳିଆ, ଏକା ପ୍ରକାର । କେତେଜଣ ବ୍ୟକ୍ତି ସମ ପ୍ରକୃତିର ହୋଇଥାନ୍ତି । ତାଙ୍କ ନୀତି ଓ ସ୍ୱଭାବରେ କୌଣସି ପ୍ରଭେଦ ରହୁ ନ ଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି ।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ
–ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

### ଆଦିବାସୀ ପରମ୍ପରାକୁ ବଞ୍ଚେଇ ରଖିବା ନେଇ ଆଲୋଚନା

କୋଲନରା, ୧୮।୧୧(ଡ଼ି.ଏନ.ଏ)



ରାୟଗଡ଼ା ଜିଲା କୋଲନରା ବ୍ଲକ ଅନ୍ତର୍ଗତ କୈଳାସପୁର ପଞ୍ଚାୟତ ସରାବୁଗୁଡ଼ା ଗ୍ରାମରେ ଡ଼ାକ୍ରିତାଲି ଆଦିବାସୀ ସଂଘର ଆହ୍ୱାନ କ୍ରମେ ଜାନି, ଦିଶାରୀ ଓ ବେଜୁମାନଙ୍କର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ କୈଳାସପୁର, ମୁକୁନ୍ଦପୁର, ବାଙ୍କିଲି, ରେଖାପଦର, ଭୋଇଁମଡ଼ା, ଝରଡ଼ ଓ ବଡ଼ ଖିଲାପଦର ପଞ୍ଚାୟତର ଶତାଧିକ ଲୋକ ଯୋଗ ଦେଇଥିଲେ । ଏହି ବୈଠକରେ ଆଦିବାସୀ ପରମ୍ପରାକୁ ବଞ୍ଚେଇ ରଖିବା ନେଇ ଆଲୋଚନା ହୋଇଥିଲା । ଏଥିସହ ଦିନକୁ ଦିନ ଆଦିବାସୀ ପରମ୍ପରା, ପର୍ବପର୍ବାଣି, ପୂଜା ବିଧି , ଆଦିବାସୀ ପରମ୍ପରାରେ ବିବାହ ଓ ଗ୍ରାମରେ ରହିଥିବା ବେଜୁ,ଦିଶାରୀ ଓ ଜାନି ପ୍ରଭୃତିମାନଙ୍କୁ ମିଳୁଥିବା ମାନ୍ୟତା ସବୁ ନଷ୍ଟ ହେବାକୁ ଯାଉଛି । ତାହାର ପୁନରାବୃତ୍ତି କିଭଳି କରାଯାଇ ପାରିବ, ସେନେଇ ବୈଠକରେ ଆଲୋଚନା କରାଯାଇଥିଲା । ବିଶେଷକରି ଆଦିବାସୀ ଲୋକମାନଙ୍କୁ ଧର୍ମାନ୍ତରୀକରଣ କରାଇବା ଦ୍ୱାରା ବହୁ ଗ୍ରାମରେ ବିଶୃଙ୍ଖଳା ସୃଷ୍ଟି ହେଉଛି । ତେଣୁ କେତେକ ସ୍ୱାର୍ଥପର ବ୍ୟକ୍ତିମାନେ ଧର୍ମ ପ୍ରଚାରକ ସାଜି ଅଞ୍ଚଳର ବିଭିନ୍ନ ଗାଁ ବୁଲି ନିରୀହ ଲୋକଙ୍କୁ ନାନା ପ୍ରକାର ପ୍ରଲୋଭନ ଦେଖାଇ ଧର୍ମ ପରିବର୍ତ୍ତନ କରାଉଥିବା ଜାନି ସଂଘର ନେତାମାନେ କହିଛନ୍ତି । ଗୋଟିଏ ପଟେ ସରକାର ଆଦିବାସୀ ପରମ୍ପରାକୁ ସୁରକ୍ଷା ଦେଉଥିବା ବେଳେ ଅନ୍ୟପକ୍ଷରେ ଏହାକୁ ନଷ୍ଟ କରାଯାଉଛି । ପ୍ରତି ଗ୍ରାମରେ ଝାଙ୍କାରୀ ଠାକୁରାଣୀ ପାଇଁ ମନ୍ଦିର କରାଯାଉଥିବା ବେଳେ ବର୍ତ୍ତମାନ ଝାଙ୍କାରୀ ମା'ଙ୍କୁ ମଧ୍ୟ ଉପାଡ଼ି ଫିଙ୍ଗା ଯାଉଛି । ଏଣୁ ବେଜୁ, ଜାନି ଓ ଦିଶାରୀମାନଙ୍କ ମିଳିତ ସଂଘକୁ ଜିଲାସ୍ତରରେ ମଜଭୁତ କରି ସରକାରଙ୍କ ଦୃଷ୍ଟି ଆକର୍ଷଣ କରାଯାଇ ଆଦିବାସୀ ପରମ୍ପରାକୁ ସୁରକ୍ଷା ଯୋଗାଇ ଦିଆଯିବା ପାଇଁ ଦାବି ହୋଇଛି । ଏହି ବୈଠକକୁ ଜାନି ସଂଘର ନରସିଂହ କଣ୍ଡାଗରି, ଜାଲଦୁ କଣ୍ଡାଗରି, କୃଷ୍ଣ ହେପ୍ରିକା ଓ ନରେନ୍ଦ୍ର ହେପ୍ରିକା ପ୍ରମୁଖ ପରିଚାଳନା କରିଥିଲେ ।


# CLASSIFIED DISPLAY

MORE SPACE • SAME PRICE

TARIFF

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

GST 5%

ALL EDITION - B/W (Everyday)
for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165

FINANCE

SRI RAM FINANCE
Govt. Regd.
ଆପଣଙ୍କୁ ଟଙ୍କା ଦରକାର କି ? ଆମକୁ କୁହନ୍ତ. ଆମେ କରିବୁ ଆପଣଙ୍କ ସପ୍ନକୁ ସାକାର । ସବୁ ପ୍ରକାର ଋଣ ମାତ୍ର ୧% ସୁଧରେ, ୫୦୦୦୦ ରୁ ୨୦୦୦୦୦ ପର୍ଯ୍ୟନ୍ତ ଋଣ ମାତ୍ର ୨୪ଘଣ୍ଟା ଭିତରେ ପାଆନ୍ତୁ ।
ଠକଙ୍କ ପ୍ରତି ସାବଧାନ
Trylokya Apartment, New Bus stand Baripada, Odisha.
8763895023

!! ଋଣ ଋଣ ଋଣ !!
1ରୁ 50 ଲକ୍ଷ ପର୍ଯ୍ୟନ୍ତ
ଗୃହ ଋଣ, ମାର୍କଶିଟ୍, ପର୍ସନାଲ୍, ବ୍ୟବସାୟ, କୃଷି, ପ୍ରପର୍ଟି, କୁକୁଡ଼ା ପାଳନ, ଇଟାଭାଟି, ଆଧାରକାର୍ଡ, ରାଶନକାର୍ଡ, ସମୂହ ଋଣ
ବେରୋଜଗାର ମହିଳାଙ୍କ ପାଇଁ ବିଶେଷ ରିହାତି
1% ସୁଧ 50% ରିହାତି
!! ରିଦ୍ଧି ଫାଇନାନ୍ସ !!
E-mail :- ridhifinanceonlinem.p@gmail.com
9911473748
Add : - 41/14, Sec-1 Pushp Vihar, Delhi

ନବବର୍ଷର ଶୁଭ ଅବସରରେ
ଭାରତର ନଂ.1 କମ୍ପାନୀ, 1984ଠାରୁ ଆପଣଙ୍କ ସେବାରେ
ଧନଲକ୍ଷ୍ମୀ ଫାଇନାନ୍ସ ପ୍ରା. ଲିଃ REG. NO. BG3274CH1122
ଆଧାରକାର୍ଡ, ଏଗ୍ରିକଲ୍ଚର, ମାର୍କଶିଟ୍, ପର୍ସନାଲ, ପ୍ରପର୍ଟି, BPL ଋଣ ମାତ୍ର 24 ଘଣ୍ଟାରେ
2% ସୁଧ 40% ରିହାତି
ଠକାମିର ଶିକାର ହୋଇଥିବା ବ୍ୟକ୍ତି ଥରେ ନିଶ୍ଚୟ କଲ୍ କରନ୍ତୁ
ମହିଳା ଓ ବିଦ୍ୟାର୍ଥୀଙ୍କ ପାଇଁ ରିହାତି
9499135756
B-34/7 A Block Vijay Enclave, Bururi, New Delhi

BARSA FINANCE
ବ୍ୟବସାୟ, ପର୍ସନାଲ, ପ୍ରପର୍ଟି, ମାର୍କଶିଟ୍, କୃଷି, ଶିକ୍ଷା, କୁକୁଡ଼ା ପାଳନ ଓ ଗୃହ ଋଣ । ସମସ୍ତ ପ୍ରକାର LOAN BARSA FINANCE ଯୋଗାଇ ଦେଉଛି । ସୁଧ=1%
MOB - 9853098838
7656825259
7656825281
Add - 61/25, SEC-2, Pushp Vihar, Delhi - Laing, Sundargarh, Odisha

E-MUDRA FINANCE
All Odisha
★ Mudra Loan
★ Cash Credit Loan
★ Vehicle Loan
★ Agriculture Loan
★ Personal Loan
★ Business Loan
★ Mortgage Loan
★ Housing Loan
All types of Loan@ 1% Interest 50% Subsidy
Fund Received in 24 Hours
9614873562
B-34/A Block, Vijay Enclave, Burari, New Delhi

ନବବର୍ଷର ଶୁଭ ଅବସରରେ
ଋଣ ଧମାକା ଋଣ ଧମାକା ଋଣ ଧମାକା
ଗ୍ଲୋବାଲ ଫାଇନାନ୍ସ ଲିଃ ISO: 9001:2011 Regd. Company
ଆଧାରକାର୍ଡ, ଏଗ୍ରିକଲ୍ଚର, ମାର୍କଶିଟ୍, ପର୍ସନାଲ, ପ୍ରପର୍ଟି, BPL ସମସ୍ତ ଋଣ 3-4 ଦିନରେ
2% ସୁଧ 40% ରିହାତି
ଠକାମିର ଶିକାର ହୋଇଥିବା ବ୍ୟକ୍ତି ଥରେ ନିଶ୍ଚୟ କଲ୍ କରନ୍ତୁ
9415725066
H.No. 12, Sohana Distt. Mohali

ଥରେ ସେବାର ସୁଯୋଗ ନିଶ୍ଚୟ ଦିଅନ୍ତୁ
LOAN
ଟଙ୍କା ନେଉନ୍ତୁ, ଧୋକା ଦେଉନ୍ତୁ
ସମଗ୍ର ଓଡ଼ିଶାରେ ପ୍ରଥମ ଥର ପାଇଁ
ମୁଦ୍ରା ଫାଇନାନ୍ସ
ମାର୍କଶିଟ୍ | ପ୍ରପର୍ଟି
ଆଧାରକାର୍ଡ | ପର୍ସନାଲ
ପଶୁପାଳନ | ଗୃହ ଋଣ
ବ୍ୟବସାୟ | ଗ୍ରୁପ୍ ଋଣ
ଏଗ୍ରିକଲ୍ଚର ଋଣ
ସବୁ ପ୍ରକାର ଋଣ
2% ସୁଧ - 50% ଛାଡ଼ ସହିତ
24 ଘଣ୍ଟାରେ ଘରେ ବସି ଉପଲବ୍ଧ
ଠକମାନଙ୍କ ପ୍ରତି ସାବଧାନ
7289948952
7289999543
SCF-14, Aggarwal Estate, South Delhi

EDUCATION

CONGRATULATIONS TO ALL SUCCESSFUL STUDENTS OF OCS (MAIN) EXAM.-2018
LISAS'IAS CELEBRATES 27th YEAR OF SUCCESS
FREE GUIDANCE FOR OAS (VIVA-VOCE)
BATCH STARTS FROM 17.11.2019
LISAS' SUCCESS IN OAS
2017 : 41 (5 in Top 20)
2016 : 58 (4 in Top 20)
2015 : 155 (6 in Top 20)
2011 : 154 (Topper, 5 in Top 10 & 10 in Top 20)
2010 : 180 (Lady Topper & 6 in Top 10)
2000 : 93 (Topper, Lady Topper & 6 in Top 10)
1997 : 55 (Topper, Lady Topper)
1996 : 7 (Topper)
1995 : 7
LISAS'IAS
2, Budha Nagar (Near Kalpana Chowk), BBSR-6
☎ 9338222113 9337594620
CORRESPONDENCE COURSE ALSO AVAILABLE

BUSINESS

Galaxy Telecom Network Company
ଖାଲିଥିବା ଜମି, କ୍ଷେତ ଓ ଛାତ ସବୁ ସ୍ଥାନରେ ଡିଜିଟାଲ ଉପକରଣ ବସାଇ ଅଗ୍ରୀମ 90,000,00/-, ଭଡ଼ା 50,000/- ଟଙ୍କା ପାଆନ୍ତୁ । ଜଣଙ୍କୁ ଚାକିରି ମିଳିବ । ମାତ୍ର ୪୮ ଘଣ୍ଟାରେ ଜମି ଯାଞ୍ଚ ଓ ଉପକରଣ ସ୍ଥାପନ + ମୋବାଇଲ + ବାଇକ୍+ 30,000ର ଅନ୍ୟାନ ସୁବିଧା
Plot No 124, MG Road, DLF City Centre Mall, MG Road, Gurgaon, Haryana, 122003.
6204090239
8227843135

ଡାଇରେକ୍ଟ କମ୍ପାନୀର ଡିଜିଟାଲ ଟାୱାର୍ ଟାୱାର୍ କମ୍ପାନୀ ଭାରତ ସରକାରଙ୍କ ଦ୍ୱାରା ସ୍ୱୀକୃତିପ୍ରାପ୍ତ କମ୍ପାନୀ
ନିଜର ଖାଲି ଜମି, ଛାତ, କ୍ଷେତ, ପ୍ଲଟ୍ ଉପରେ ଡିଜିଟାଲ୍ ଟାୱାର୍ ଲଗାନ୍ତୁ । ଅଗ୍ରିମ ୨୦ ଲକ୍ଷ, ଭଡ଼ା 60 ହଜାର + ବାଇକ୍ । 20 ବର୍ଷର କୋର୍ଟ ଏଗ୍ରିମେଣ୍ଟ ।
7838639856
8826558929

ASTROLOGY

ଶକ୍ତିର ଦେଖନ୍ତୁ ଚମତ୍କାର
ସମସ୍ୟା ହୋଇଥାଉ ଯେଉଁଠି ନା କାହିଁକି ସମାଧାନ ଅଛି ମୋ ପାଖରେ ଏଇଠି
2 ଘଣ୍ଟାରେ 100% ସମାଧାନ
ଯେପରିକି: ବ୍ୟବସାୟ ବନ୍ଧନ, ବିବାହରେ ବାଧା, ଗୃହକ୍ଲେଶ, ପ୍ରେମ ବିବାହ, ବିଦେଶ ଯାତ୍ରା, ସଉତୁଣୀ, ଶତ୍ରୁ ମୁକ୍ତି, ଯାଦୁ ଟୋନା ପୋତାଧନ, ଜୁଆ-ସଟ୍ଟା, ଗୁଣିଗାରେଡ଼ି, ସ୍ୱାମୀ ସ୍ତ୍ରୀଙ୍କ ମନୋମାଳିନ୍ୟ, ଶାରୀରିକ କଷ୍ଟ, ଚାକିରି, କୋର୍ଟ ମାମଲା, ମାନସିକ ଚାପ ।
ଆମର ଅଛି ଜ୍ଞାନ ଆମେ ହିଁ କରିବୁ ସବୁ ସମସ୍ୟାର ସମାଧାନ କାରଣ ଆମକୁ ହିଁ ମିଳିଛି ପୂର୍ବପୁରୁଷଙ୍କ ବରଦାନ ।
7578028866
ସ୍ପେ. ପୋତାଧନ, ସଟ୍ଟା, ଜୁଆ, ବଶୀକରଣ, ମୂଠକରଣୀ ଓ ବ୍ୟବସାୟ
ବାବା କବିର ଖାନ ହାଜି ଅଲି ୱାଲେ
ତାରିଣୀ ମନ୍ଦିର ପାଖ, ଆନନ୍ଦ ବଜାର, ଭୁବନେଶ୍ୱର
9599320079

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଘୋଷଣା
ବ୍ୟବସାୟ, ପ୍ରେମରେ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଲେଶ ଓ ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ ମାମଲା, ଗୁପ୍ତରୋଗରେ ଔଷଧ କାମ ନ କରିବା, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ବଶୀକରଣ, ଗୁଣିଗାରେଡ଼ି, ବିବାହରେ ବାଧା, ମନପସନ୍ଦ ପ୍ରେମ ।
A to Z ସମସ୍ୟାର ସମାଧାନ ଘରେ ବସି ।
ସ୍ପେଶାଲିଷ୍ଟ ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ ଯଦି କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ କାଟିଦିଅନ୍ତି ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର ।
ବାବା ଆମିଲ ସୁଫି
9540938429
9903852257
ରାମ ମନ୍ଦିର, ସତ୍ୟନଗର, ଭୁବନେଶ୍ୱର

ଆମଠାରୁ ଆଗେ କାମ କରିଥିବା ଲୋକଙ୍କୁ ଦାବି ମୁତାବକ ପୁରସ୍କାର
ଖୋଲା ଚ୍ୟାଲେଞ୍ଜ ତନ୍ତ୍ର ମନ୍ତ୍ର ସମ୍ରାଟ
ଘରେ ବସି 2 ଘଣ୍ଟାରେ ସମାଧାନ
ବାବା କମାଲ ଖାନ୍
ବଶୀକରଣ ମୁଠକରଣୀ ସ୍ପେଶାଲିଷ୍ଟ
ପ୍ରେମବିବାହ, ସଉତୁଣୀ, ଶତ୍ରୁ ମୁକ୍ତି, ସ୍ୱାମୀ ସ୍ତ୍ରୀଙ୍କ ମନୋମାଳିନ୍ୟ, ପ୍ରେମରେ ଧୋକା, ରୁଷିଥିବା ବ୍ୟକ୍ତିଙ୍କୁ ମନାଇବା, ବ୍ୟବସାୟ, ଛାଡ଼ପତ୍ରରେ ବାଧା, ସନ୍ତାନ କିମ୍ବା ବିଦେଶ ଯାତ୍ରାରେ ବିଘ୍ନ । ସବୁଠାରୁ ନିରାଶ ହୋଇଥିବା ବ୍ୟକ୍ତି ଫୋନ୍ କରନ୍ତୁ
9911786155
9911786154

COLOR DISPLAY CLASSIFIED

| SIZE | 15 days | 8 days | 4 days | Single day |
|---|---|---|---|---|
| 6 X 8 | 40,000 | 20,000 | 11,000 | 2,800 |

GST 5% will be added extra

on every Tuesday & Friday


ପାଠକଙ୍କ ପାଇଁ ସୂଚନା: ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି । ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ । ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ ।

## ସଂକ୍ଷେପରେ

### ଟ୍ରାକ୍ଟର ଧକ୍କାରେ ଶ୍ରମିକ ମୃତ

ଗୁଣପୁର,୧୮।୧୧(ଡି.ଏନ.ଏ): ରାୟଗଡା ଜିଲା ଗୁଣପୁର ବାଇପାସ ରାସ୍ତାରେ ଟ୍ରାକ୍ଟର ଧକ୍କାରେ ସୋମବାର ଜଣଙ୍କର ମୃତ୍ୟୁ ଘଟିଛି। ସେ ହେଲେ ସ୍ଥାନୀୟ ରାସ୍ତା କାର୍ଯ୍ୟରେ ନିୟୋଜିତ ଥିବା ବିଆରସି କମ୍ପାନୀର ଶ୍ରମିକ ପି.ରାବଣା । ଖବରପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଦୁର୍ଘଟଣାଗ୍ରସ୍ତ ବାଇକ୍ ଓ ଟ୍ରାକ୍ଟରକୁ ଜବତ କରିବା ସହ ଟ୍ରାକ୍ଟର ଡ୍ରାଇଭରଙ୍କୁ ଅଟକ ରଖି ପଚରାଉଚରା ଚଳାଇଥିବା ଆଇଆଇସି ରଶ୍ମିରଞ୍ଜନ ପ୍ରଧାନ ପ୍ରକାଶ କରିଛନ୍ତି । ପୂର୍ବାହ୍ନରେ ବାଇପାସ ରାସ୍ତାରେ ଥିବା ଏସଆର ପେଟ୍ରୋଲ ପମ୍ପ ନିକଟରେ ବାଇକରେ ପଛରେ ବସିଯାଉଥିବା ପି.ରାବଣାଙ୍କୁ ଟ୍ରାକ୍ଟର ପଛପଟୁ ଧକ୍କା ଦେଇଥିଲା । ଫଳରେ ପି.ରାବଣା ତଳେ ପଡିଯାଇଥିଲେ । ଗୁରୁତର ଅବସ୍ଥାରେ ତାଙ୍କୁ ଗୁଣପୁର ଉପଖଣ୍ଡ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା । ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଥିଲା । ମୃତକ ରାବଣାଙ୍କ ଘର ଆନ୍ଧ୍ରର ଶ୍ରୀକାକୁଲମ ଜିଲା ଅଧୀନ ରାଣସ୍ତାନମ ଅଞ୍ଚଳରେ ।

### ସତ୍ୟ ସାଇ ସେବା ସମିତି ପକ୍ଷରୁ ସ୍ୱାସ୍ଥ୍ୟ ଶିବିର



ଅମ୍ବାଦଳା,୧୮।୧୧(ଡି.ଏନ୍.ଏ.): ଅମ୍ବାଦଳା ସତ୍ୟସାଇ ସେବା ମନ୍ଦିରରେ ମେଗା ସ୍ୱାସ୍ଥ୍ୟସେବା ଶିବିର ଅନୁଷ୍ଠିତ ହୋଇଛି। ବେଦାନ୍ତ ପକ୍ଷରୁ ୮ଜଣ ଡାକ୍ତର ରୋଗୀଙ୍କୁ ପରୀକ୍ଷା କରିବାସହ ଔଷଧ ଦେଇଥିଲେ। କେତେକ ରୋଗୀଙ୍କୁ ଡାକ୍ତରଖାନା ଯିବାକୁ ଡାକ୍ତର ପରାମର୍ଶ ଦେଇଥିଲେ। କାର୍ଯ୍ୟକ୍ରମକୁ ସତ୍ୟସାଇ ସେବା ସମିତିର ପ୍ରତ୍ୟେକ ସଦସ୍ୟ ପରିଚାଳନା କରିଥିଲେ। ପ୍ରକାଶଯେ, ସତ୍ୟସାଇ ସେବା ସଂସ୍ଥା ପକ୍ଷରୁ ସହରରେ ବିଭିନ୍ନ ସମୟର ଜନହିତକର କାର୍ଯ୍ୟ କରାଯାଏ।

### ବାଇକ୍ ପୋଡ଼ିଲେ ଦୁର୍ବୃତ୍ତ



କୋଲନରା,୧୮।୧୧(ଡ଼ି.ଏନ.ଏ)-ରାୟଗଡ଼ା ଜିଲା କୋଲନରା ବ୍ଲକ ସଦର ଢେପସାହି ଛକସ୍ଥିତ ଏକ ଦୋକାନ ବାରଣ୍ଡାରେ ଥିବା ବାଇକ୍‌କୁ ରବିବାର ରାତିରେ କେହି ଦୁର୍ବୃତ୍ତ ପୋଡ଼ି ଦେଇଛନ୍ତି । ଫଳରେ ଦୋକାନରେ ଥିବା କିଛି ସାମଗ୍ରୀ ଓ ଟଙ୍କା ଜଳିଯାଇଛି । ଖବରପାଇ ଅଗ୍ନିଶମ କର୍ମଚାରୀମାନେ ପହଞ୍ଚି ନିଆଁକୁ ଲିଭାଇଥିଲେ । ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଚଳାଇଛି । ଢେପସାହି ଛକରେ ରାଜେନ୍ଦ୍ର ଦଳେଇ ଏକ ଟିଫିନ ଦୋକାନ କରିଛନ୍ତି । ରବିବାର ରାତି ୯ଟାରେ ଦୋକାନ ବନ୍ଦ କରିବା ସହ ନିଜ ବାଇକ୍(ଓଡ଼ି୦୭ଏଚ-୯୨୯୦)କୁ ବାରଣ୍ଡାରେ ରଖି ଭିତରେ ଶୋଇଥିଲେ । ବିଳମ୍ବିତ ରାତିରେ କୌଣସି ଦୁର୍ବୃତ୍ତ ଉକ୍ତ ବାଇକ୍‌ରେ ନିଆଁ ଲଗାଇ ଦେଇଥିଲେ । ଦୋକାନ ତାତିବା ଦେଖି ତାଙ୍କର ନିଦ ଭାଙ୍ଗିଯାଇଥିଲା । ବାହାରକୁ ଆସି ଦେଖିଲା ବେଳକୁ ତାଙ୍କ ବାଇକ୍ ଜଳୁଛି । ସେ ବଡ଼ ପାଟିରେ ଚିତ୍କାର କରିବା ସହ ନିଆଁ ଲିଭାଇବାକୁ ଚେଷ୍ଟା କରିଥିଲେ । ପରେ ଦମକଳ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲା ।

### ଶ୍ରୀମାଙ୍କ ମହାପ୍ରୟାଣ ଦିବସ ପାଳିତ



ଗୁଣପୁର,୧୮।୧୧(ଡି.ଏନ.ଏ): ଗୁଣପୁର ଅରୋଶ୍ରୀବିହାରଠାରେ ଶ୍ରୀମାଙ୍କ ମହାପ୍ରୟାଣ ଦିବସ ରବିବାର ପାଳିତ ହୋଇଯାଇଛି । ଏହି ଅବସରରେ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ପାଳିତ ହୋଇଥିଲା । ଶ୍ରୀ ଅରବିନ୍ଦଙ୍କ ସମାଧିସ୍ଥଳରେ ସମବେତ ଧ୍ୟାନ କରାଯିବାସହ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ । କୋରାପୁଟ ଶ୍ରୀଅରବିନ୍ଦ ଭବନରୁ ଆସିଥିବା ମୀନକେତନ ସାହୁ ଅତିଥି ଭାବେ ଯୋଗଦେଇ ମା' ଏବେବି ଅଛନ୍ତି ବିଷୟକୁ ନେଇ ଆଲୋଚନା କରିଥିଲେ । ଅନୁଷ୍ଠାନ ସଭାପତି ଯୋଗେନ୍ଦ୍ର ନାରାୟଣ ଦେଓ , ସମ୍ପାଦକ ସୁଦର୍ଶନ ପୃଷ୍ଟି, ସ୍କୁଲ ପ୍ରିନ୍ସପାଲ କୃଷ୍ଣଚନ୍ଦ୍ର ଭୁକ୍ତାଙ୍କ ସମେତ ଅନ୍ୟ ଅପାଭାଇମାନେ ଉପସ୍ଥିତ ଥିଲେ ।

■ ସରିଲା ଶିଶୁ ମହୋତ୍ସବ ସର୍ଗିଫୁଲ

# କଠିନ ପରିଶ୍ରମ ହିଁ ଆଣେ ସଫଳତା

ରାୟଗଡ଼ା ଅଫିସ ,୧୮।୧୧

ସ୍ଥାନୀୟ ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟରେ ୨ ଦିନ ଧରି ଚାଲିଥିବା ଜିଲାସ୍ତରୀୟ ଶିଶୁ ମହୋତ୍ସବ ସର୍ଗିଫୁଲ ସୋମବାର ଉଦ୍‌ଯାପିତ ହୋଇଯାଇଛି। ଏଥିରେ ଜିଲାପାଳ ପ୍ରମୋଦ କୁମାର ବେହେରା ମୁଖ୍ୟଅତିଥି ଭାବେ ଯୋଗ ଦେଇ ଉଚ୍ଚ ଆଶା ଏବଂ କଠିନ ପରିଶ୍ରମ ସଫଳତା ଆଣିଦିଏ ବୋଲି କହିଥିଲେ । ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା ପ୍ରକଳ୍ପ ପ୍ରଶାସକ ଟୁକୁ ବାରିକ, ରାୟଗଡ଼ା ଉପ ଜିଲାପାଳ ପ୍ରତାପ ଚନ୍ଦ୍ର ପ୍ରଧାନ, ସ୍ୱତନ୍ତ୍ର ଅଧିକାରୀ ଏଲ. ସୌରା ଉନ୍ନୟନ ସଂସ୍ଥା ପୁଟାସିଂ କୃପାସିନ୍ଧୁ ବେହେରା, ଜିଲା ଶିକ୍ଷା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ବରିହା , ମଙ୍ଗଳ ବିଭାଗର ଶିକ୍ଷା ମଣ୍ଡଳାଧୀଶ କୃଷ୍ଣଚନ୍ଦ୍ର ମହଲା ମଙ୍ଗଳ ବିଭାଗର ଜିଲା ଶିକ୍ଷା ନିରୀକ୍ଷକ ଶ୍ୟାମଘନ ଭୂୟାଁ , ପ୍ରଧାନ ଶିକ୍ଷକ ଡ଼. ସନ୍ତୋଷ କୁମାର ପାତ୍ର, ଗୁଣପୁର ସହକାରୀ ଜିଲା ମଙ୍ଗଳ ଅଧିକାରୀ ବିଦ୍ୟାଭୂଷଣ ମହାନ୍ତି, ଆବାହକ ଜିଲା ମଙ୍ଗଳ ଅଧିକାରୀ ନନ୍ଦଲାଲ ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ । ବିଭିନ୍ନ ପ୍ରତିଯୋଗିତାର ୮୪ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା । ୫୪ ଜଣ ଭୁବନେଶ୍ୱରରେ ଆୟୋଜିତ ରାଜ୍ୟସ୍ତରୀୟ ସର୍ଗିଫୁଲ ପ୍ରତିଯୋଗିତା ଲାଗି ମନୋନୀତ ହୋଇଛନ୍ତି। ସନ୍ଧ୍ୟାରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା ।




ଛାତ୍ରୀଛାତ୍ର ନୃତ୍ୟ ପରିବେଷଣ କରୁଛନ୍ତି ।

■ ଅଧାପନ୍ତରିଆ କୁରୁଗୁଡା କୁଟୁଣି ରାସ୍ତା

# ତୁରନ୍ତ କାର୍ଯ୍ୟ ସାରିବାକୁ ସ୍ମାରକପତ୍ର

ଗୁଣପୁର,୧୮।୧୧(ଡି.ଏନ.ଏ)

ରାୟଗଡା ଜିଲା ଗୁଣପୁର ବ୍ଲକ ଚିନାସାରି ପଞ୍ଚାୟତ କୁରୁଗୁଡା ଛକଠାରୁ କୁଟୁଣି ପର୍ଯ୍ୟନ୍ତ ରାସ୍ତା ବର୍ଷେ ହେଲାଣି ଅଧାପନ୍ତରିଆ ହୋଇ ପଡିରହିଛି । ଫଳରେ ଏହି ରାସ୍ତା ଦେଇ ଯାଆସ କରିବାରେ ଅସୁବିଧା ଭୋଗୁଛନ୍ତି । ଏଣୁ ତୁରନ୍ତ ଏହି ରାସ୍ତା କାର୍ଯ୍ୟ ସାରିବାକୁ ଗ୍ରାମବାସୀ ଦାବି କରିଛନ୍ତି। ଏନେଇ ଗ୍ରାମବାସୀ ସୋମବାର ଜିଲାପାଳଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ର ସହକାରୀ ଜିଲାପାଳ ପୁଷ୍ପାଞ୍ଜଳି ଚୌଧୁରୀଙ୍କୁ ପ୍ରଦାନ କରିଛନ୍ତି। ବର୍ଷେ ହେବ କୁରୁଗୁଡା ଛକଠାରୁ କୁଟୁଣି ଓ ରୁମ୍ବାତି ୧୭ କିମି ରାସ୍ତା ଅଧାପନ୍ତରିଆ ହୋଇପଡିଛି । ପିଏମଜିଏସୱାଇ ନିର୍ମାଣ ପାଇଁ ରାସ୍ତାକୁ ଖୋଳାଯାଇଛି। ହେଲେ ବର୍ତ୍ତମାନ ପର୍ଯ୍ୟନ୍ତ ଏହା ସରିନାହିଁ । କାମ ହେଉ ନ ଥିବାରୁ ଯାତାୟାତ ବାଧାପ୍ରାପ୍ତ ହେବାସହ ଲୋକମାନେ ବହୁ ସମସ୍ୟାର ସମ୍ମୁଖୀନ ହେଉଛନ୍ତି । ଏହି ରାସ୍ତା ଦେଇ ଗୁଣପୁର ଅଞ୍ଚଳକୁ ଲୋକଙ୍କୁ ଯିବାକୁ ପଡୁଥିବାରୁ ନାନା ହଇରାଣର ଶୀକାର ହେଉଛନ୍ତି । ତୁରନ୍ତ ଏହି ରାସ୍ତା କାମ ସାରିବାକୁ ଚିନସାରି ସମିତି ସଭ୍ୟ ନାଜିତ ରଇତ, ପୂର୍ବତନ ସରପଞ୍ଚ ଜେମଶ ଶବରଙ୍କ ସମେତ ଗ୍ରାମର ମାନ୍ୟଗଣ୍ୟ ବ୍ୟକ୍ତି ଦାବିପତ୍ରରେ ଉଲ୍ଲେଖ କରିଛନ୍ତି ।



ଲୋକମାନେ ସହକାରୀ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରୁଛନ୍ତି ।

# ସୁଖୀ ଜୀବନ ପାଇଁ ଚିତ୍ତ ଶୁଦ୍ଧି ଜରୁରୀ

ଜେକେପୁର,୧୮ ।୧୧(ଡି.ଏନ୍.ଏ.)

ଜେକେପୁରଠାରେ ବ୍ରହ୍ମାକୁମାରୀଙ୍କ ପକ୍ଷରୁ ଦୁଇଦିନିଆ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ପ୍ରଥମ ଦିନରେ ସୁଖୀ ଜୀବନ ଓ ସୁସ୍ଥ ସମାଜ ଉପରେ ସଂସ୍ଥାର ଅବିଭକ୍ତ କୋରାପୁଟ ଜିଲା ନିର୍ଦ୍ଦେଶିକା ନୀଲମ ଦିଦି ବକ୍ତବ୍ୟ ରଖିଥିଲେ। ଚିତ୍ତର ଶୁଦ୍ଧତା ସହ ପରମ ପିତା ପରମାତ୍ମାଙ୍କ ଆଶ୍ରିତ ହେଲେ ସୁଖୀ ଜୀବନ ପଥ ମିଳିବ ବୋଲି ସେ କହିଥିଲେ। ବ୍ରହ୍ମାକୁମାରୀ ସଂସ୍ଥାରେ ନୀଲମ ଦିଦି ୫୦ବର୍ଷ ପୂର୍ତ୍ତି ଅବସରରେ ସୁବର୍ଣ୍ଣ ଜୟନ୍ତୀ ପାଳନ କରାଯାଇଛି। ଏଥିରେ ମୁଖ୍ୟ ଅତିଥିଭାବେ ଜେକେ କାଗଜକଳ ଲୋକସମ୍ପର୍କ ଅଧିକାରୀ ସୁନୀଲ କୁମାର ରଥ ଯୋଗ ଦେଇଥିଲେ। ଅସୁମାରି ଓ ଅପୂରଣୀୟ ଇଚ୍ଛା ହିଁ ଦୁଃଖର ଜନ୍ମଦାତା ବୋଲି ସେ କହିଥିଲେ। ସମ୍ମାନିତ ଅତିଥିଭାବେ ପି. ଗୌରୀ ଶଙ୍କର ରାଓ, ଜେକେ କାଗଜକଳର ହରିହର ଖମାରୀ, ସାମାଜିକ କର୍ମୀ ଭଉଣୀ ରଞ୍ଜନା ପାଣ୍ଡେ ଉପସ୍ଥିତ ଥିଲେ। ଦ୍ୱିତୀୟ ଦିବସରେ ଅନୁସୂଚିତ ଜାତି, ଜନଜାତି ଓ କଲ୍ୟାଣ ବିଭାଗ ମନ୍ତ୍ରୀ ଜଗନ୍ନାଥ ସାରକା ମୁଖ୍ୟ ଅତିଥିଭାବେ ଉପସ୍ଥିତ ଥିଲେ। ସଂସ୍ଥାରେ ନୀଲମ ଦିଦିଙ୍କ ସୁବର୍ଣ୍ଣ ଜୟନ୍ତୀ ଅବସରରେ ତାଙ୍କୁ ସମ୍ମାନିତ କରାଯାଇଥିଲା। ଗୌରୀଶଙ୍କର ବାବୁ, ରଞ୍ଜନା ଭଉଣୀଙ୍କୁ ମଧ୍ୟ ସମ୍ମାନିତ କରାଯାଇଥିଲା। ପ୍ରଥମ ଦିବସ କାର୍ଯ୍ୟକ୍ରମକୁ ରାୟଗଡାର ମୁଖ୍ୟ ଦିଦି ଓ ଦ୍ୱିତୀୟ ଦିନ କାର୍ଯ୍ୟକ୍ରମକୁ କୋରାପୁଟ ସହ ନିର୍ଦ୍ଦେଶିକା ନମିତା ଭଉଣୀ ପରିଚାଳନା କରିଥିଲେ। ଆୟୋଜିକା ସୁମନ ଭଉଣୀ, ବି.କେ. ହରିଶ୍ଚନ୍ଦ୍ର, ଜେକେପୁର ସେବାକେନ୍ଦ୍ରର ଭଗବାନ, ଗୋଲକ, କୁନି, ନମିତା, ରଜନୀ ଉପସ୍ଥିତ ଥିଲେ। ସଞ୍ଜୀବ ଭାଇ ଧନ୍ୟବାଦ ଦେଇଥିଲେ।



ନିଲମ ଦିଦିଙ୍କୁ ସମ୍ମାନିତ କରାଯାଉଛି ।

# ଠିକାଦାରଙ୍କ କାର୍ଯ୍ୟବନ୍ଦ ଆନ୍ଦୋଳନ

ଗୁଣପୁର,୧୮।୧୧(ଡି.ଏନ.ଏ)

ରାୟଗଡା ଜିଲା ଗୁଣପୁର ଭୀମଶଙ୍କର ଠିକାଦାର ସଂଘ ପକ୍ଷରୁ ସୋମବାରଠାରୁ କାର୍ଯ୍ୟବନ୍ଦ ଆନ୍ଦୋଳନ ଆରମ୍ଭ ହୋଇଛି । ଏଥିଲାଗି ଏକ ସ୍ମାରକପତ୍ର ରାଜ୍ୟପାଳ, ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଗୁଣପୁର ଉପଜିଲାପାଳଙ୍କ ଜରିଆରେ ସହକାରୀ ଜିଲାପାଳ ରୀନା ପ୍ରଧାନଙ୍କୁ ପ୍ରଦାନ କରାଯାଇଛି । ରାଜ୍ୟ ସଂଘର ଆହ୍ୱାନକ୍ରମେ ହୋଇଥିବା ଏହି ଆନ୍ଦୋଳନରେ ଗୁଣପୁର ଠିକାଦାର ସଂଘ ସାମିଲ ହୋଇଛି । ଏହି ଅବସରରେ ଠିକାଦାରମାନେ ନୂତନ ବସଷ୍ଟାଣ୍ଡଠାରୁ ଏକ ଶୋଭାଯାତ୍ରାରେ ବାହାରି ଉପଜିଲାପାଳଙ୍କ କାର୍ଯ୍ୟାଳୟଠାରେ ପହଞ୍ଚିଥିଲା । ସେଠାରେ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଥିଲା । ବ୍ୟବସ୍ଥା ନ ଥାଇ ନିର୍ମାଣ ସାମଗ୍ରୀ ପରିବହନ ସମୟରେ ଅନୁମତି ପତ୍ର ଏବଂ ରୟାଲିଟି ରସିଦ ଦାଖଲ ନିର୍ଦ୍ଦେଶର ତୁରନ୍ତ ପ୍ରତ୍ୟାହାର, ୨୦୧୪ର ସ୍ଥିରୀକୃତ ସିଡ୍ୟୁଲରେଟର ୨୦୧୯ ମୂଲ୍ୟଭିତ୍ତିରେ ପୁନଃ ଆକଳନ, ତେଲାଙ୍ଗାନା ସରକାରଙ୍କ ନୀତି ଅନୁଯାୟୀ ଜିଏସଟି ପାଇଁ ୧୦ ପ୍ରତିଶତ ଅଧିକା ପ୍ରାପ୍ୟ ପ୍ରଦାନ, ଭାରତ ସରକାରଙ୍କର ଷ୍ଟାଣ୍ଡାର୍ଡ ଡାଟା ବୁକର ତୁରନ୍ତ ପ୍ରଚଳନ, ଭାରତ ସରକାରଙ୍କ ଟେଣ୍ଡର ନିୟମାବଳୀର ତୁରନ୍ତ ପ୍ରଚଳନ, ଓଡିଶା ସରକାରଙ୍କର ବିଭିନ୍ନ କାର୍ଯ୍ୟରେ –୧୪.୯୯ର ସଂପୂର୍ଣ୍ଣ ପ୍ରତ୍ୟାହାର, ହାଇକୋର୍ଟଙ୍କ ବର୍ଦ୍ଧିତ ମୂଲ୍ୟ ସଂପର୍କିତ ନିର୍ଦ୍ଦେଶ ଅନୁଯାୟୀ ପ୍ରାପ୍ୟ ପ୍ରଦାନ, ଶ୍ରମିକ ମଜୁରି ଉଚିତ ନିର୍ଦ୍ଧାରଣ ଏବଂ ଠିକାଦାରଙ୍କୁ ତତ୍ ସମ୍ପର୍କିତ ପ୍ରାପ୍ୟ ପ୍ରଦାନ ଆଦି ଦାବି କରାଯାଇଛି ବୋଲି ଗୁଣପୁର ଶାଖା ସଭାପତି ଜୀବନ ସାହୁ, ନିରଞ୍ଜନ ପାଢୀ ପ୍ରମୁଖ ପ୍ରକାଶ କରିଛନ୍ତି । ସେହିପରି ଆଇଟିଡିଏ, ଗ୍ରାମ୍ୟ ନିର୍ମାଣ ବିଭାଗ, ପୂର୍ତ୍ତବିଭାଗ, ପୌରସଂସ୍ଥା, କ୍ଷୁଦ୍ର ଜଳସେଚନ ବିଭାଗକୁ ମଧ୍ୟ ଏନେଇ ଠିକାଦାରମାନେ ଅବଗତ କରିଥିଲେ ।

■ ପଲ୍ଲୀରେ ପ୍ରଶାସନ

# ବିଭିନ୍ନ ଯୋଜନା ନେଇ ଆଲୋଚନା

ରାୟଗଡ଼ା ଅଫିସ , ୧୮।୧୧

ରାୟଗଡ଼ା ବ୍ଲକର ହାଟ ସେସକାଲ ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟରେ ପଲ୍ଲୀରେ ପ୍ରଶାସନ କାର୍ଯ୍ୟକ୍ରମ ସୋମବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ରାୟଗଡ଼ା ବିଡ଼ିଓ ରାଜେନ୍ଦ୍ର ମାଝି ଅଧ୍ୟକ୍ଷତା କରିଥିଲେ । ଏବିଡ଼ିଓ ନୃସିଂହ ଚରଣ ପଟ୍ଟନାୟକ ବିଭିନ୍ନ ଯୋଜନା ବିଷୟରେ ଲୋକଙ୍କୁ ଅବଗତ କରାଇଥିଲେ । ଅତିରିକ୍ତ ତହସିଲଦାର ସୁନିଲ ଖରା , ବିଶ୍ୱନାଥ ସେନାପତି , ସିଡ଼ିପିଓ ପୁଷ୍ପାଞ୍ଜଳୀ ମିଶ୍ରଙ୍କ ସମେତ ଶିକ୍ଷା ସ୍ୱାସ୍ଥ୍ୟ, ପଶୁପାଳନ, ମିଶନ ଶକ୍ତି, ମଙ୍ଗଳ ବିଭାଗ ଓ ଅନ୍ୟ ବ୍ଲକସ୍ତରୀୟ ବିଭାଗୀୟ ଅଧିକାରୀମାନେ ଯୋଗ ଦେଇଥିଲେ । ଏହି ଅବସରରେ ପୁଷ୍ଟିକର ଖାଦ୍ୟର ଏକ ପ୍ରଦର୍ଶନୀ ଓ ସ୍ୱାସ୍ଥ୍ୟ ବିଭାଗ ତରଫରୁ ଏକ ମାଗଣା ସ୍ୱାସ୍ଥ୍ୟ ସେବା ଶିବିର କରାଯାଇଥିଲା ଏଥିରେ ୧୧୪ ଜଣଙ୍କର ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା । ସେହିପରି ୪୪ ଜଣ ଆଧାର କାର୍ଡ଼ ଲାଗି ନୂତନ ଭାବେ ପଞ୍ଜୀକରଣ କରିଥିଲେ। ଏଥିରେ ବ୍ଲକ ଅଧ୍ୟକ୍ଷ ପେଦେଣ୍ଟି ରାମୁଲୁ, ଜିଲା ପରିଷଦ ସଦସ୍ୟ ପି . ଗଙ୍ଗାଧରଙ୍କ ସମେତ ସ୍ଥାନୀୟ ନିର୍ବାଚିତ ପ୍ରତିନିଧିମାନେ ଯୋଗ ଦେଇଥିଲେ ।

**WALK-IN-INTERVIEW**

A WALK-IN-INTERVIEW will be held in the Department of Professional Studies, Dhenkanal (Auto.) College, Dhenkanal on Dt.25.11.2019 at 11 A.M. for the recruitment of Faculty and Placement Officer / Coordinator position (s) in the self Financing MBA and M.Sc (Comp Sc.) courses (PPP Mode). Interested 1st Class MBA/PGDMB (Finance/Marketing/HR/IT), MCA/M.Tech/M.Sc (Comp Sc.) Degree holders with P.G. Teaching, Training and Placement Experience may appear Interview with CV, Original Certificate, Mark sheets and recent passport size photograph. Preference will be given to Ph.D and NET qualified holders in respective subjects. No T.A. & D.A is admissible for attending the interview.

**Managing Trustee, Collaborator M/s. CMCE, Bhubaneswar**

# ଶିଶୁର ଅନ୍ତର୍ନିହିତ ଜ୍ଞାନକୁ ବିକଶିତ କରେ ବିଜ୍ଞାନ ମେଳା

ପଦ୍ମପୁର,୧୮।୧୧(ଡ଼ି.ଏନ.ଏ)

ସମଗ୍ର ପୃଥିବୀରେ ମନୁଷ୍ୟ ବିଜ୍ଞାନ ଦ୍ୱାରା ଅସମ୍ଭବକୁ ସମ୍ଭବ କରି ପାରୁଛି । ବିଜ୍ଞାନ ମେଳା ହେଉଛି ଶିଶୁଙ୍କ ଅନ୍ତର୍ନିହିତ ଜ୍ଞାନକୁ ବିକଶିତ କରିବାର ଏକ ମାଧ୍ୟମ । ସୋମବାର ପଦ୍ମପୁରସ୍ଥିତ ସରକାରୀ ବିଜୟାନନ୍ଦ ହାଇସ୍କୁଲ ପରିସରରେ ଅନୁଷ୍ଠିତ ବିଜ୍ଞାନ ମେଳାରେ ଅତିଥିମାନେ ଏହା ମତବ୍ୟକ୍ତ କରିଛନ୍ତି । ଏଥିରେ ପଦ୍ମପୁର ବ୍ଲକର ବିଭିନ୍ନ ବିଦ୍ୟାଳୟରୁ ୫୨ଟି ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା । ଏହି ମେଳାରେ ବ୍ଲକ ଶିକ୍ଷାଧିକାରୀ ପ୍ରସନ୍ନ କୁମାର ନାୟକ, ବରିଷ୍ଠ ଶିକ୍ଷକ ସୁଶାନ୍ତ କୁମାର ପାଣିଗ୍ରାହୀ, ଗୁମୁଡ଼ାସ୍ଥିତ ଦୌପତି ବିଦ୍ୟାପୀଠର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ରାଜକିଶୋର ସାହୁ ପ୍ରମୁଖ ଉପସ୍ଥିତ ଥିଲେ । ଏଥିରେ ଶିକ୍ଷକ ହରିଶରଣ ଦାସ ଓ ଏସ.ଧବଳେଶ୍ୱର ରାଓ ବିଚାରକ ଭାବେ ଯୋଗ ଦେଇ ୧୦ ପ୍ରକଳ୍ପକୁ ମନୋନୀତ କରିଥିଲେ ।



ଅତିଥିମାନେ ପ୍ରକଳ୍ପ ବୁଲି ଦେଖୁଛନ୍ତି ।

अखिल भारतीय आयुर्विज्ञान संस्थान (एम्स), भुवनेश्वर
**ALL INDIA INSTITUTE OF MEDICAL SCIENCES (AIIMS), BHUBANESWAR**
Sijua, Post : Dumuduma, Bhubaneswar - 751019

AIIMS/BBSR/EE (ELEC)/Extnl Light/069/2019 Dated: 18th Nov 2019

**NOTICE INVITING e-TENDER**

The All India Institute of Medical Sciences (AIIMS), Bhubaneswar invites e-Tender for **"Supply, Installation, Testing and commissioning of External Lights Damaged during FANI at Hospital complex, AIIMS, Bhubaneswar"**. Detailed description, terms & conditions and document for processing e-Tender along with last date of submission can be viewed and downloaded from e-Tender portal of AIIMS, Bhubaneswar website **www.aiimsbhubaneswar.nic.in.**

Sd/-
Executive Engineer (Electrical)
AIIMS, Bhubaneswar

■ ମୁନିଗୁଡାରେ ଜିଲାପାଳଙ୍କ ଅଭିଯୋଗ ଶୁଣାଣି

# ବାଇପାସ୍ ରାସ୍ତା, କେନ୍ଦ୍ରୀୟ ବିଦ୍ୟାଳୟ ନିର୍ମାଣ ଦାବି

ମୁନିଗୁଡା, ୧୮ ।୧୧(ଡି.ଏନ୍.ଏ.)

ମୁନିଗୁଡା ବ୍ଲକ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ସୋମବାର ଜିଲାପାଳଙ୍କ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ବିଡିଓ ଦିଲ୍ଲୀପ କୁମାର ବେହେରାଙ୍କ ସଂଯୋଜନାରେ ଅନୁଷ୍ଠିତ ଅଭିଯୋଗ ଶୁଣାଣିରେ ରାୟଗଡା ଜିଲାପାଳ ପ୍ରମୋଦ କୁମାର ବେହେରା ଯୋଗଦେଇ ମୋଟ ୫୦ଟି ଅଭିଯୋଗର ଶୁଣାଣି କରିଥିଲେ। ସେଥିମଧ୍ୟରୁ ୪୮ ବ୍ୟକ୍ତିଗତ ଓ ୨ ଗୋଷ୍ଠୀଗତ ଅଭିଯୋଗ ଥିଲା। ମୁନିଗୁଡାକୁ ଶୀଘ୍ର ବାଇପାସ ରାସ୍ତା ନିର୍ମାଣ, ମିନି ଷ୍ଟାଡିୟମ ପାଇଁ ଦିଆଯାଇଥିବା ସ୍ଥାନରେ ସଂରକ୍ଷିତ ଜଙ୍ଗଲ ରହିଛି। ତେଣୁ ଷ୍ଟାଡିୟମକୁ ସମ୍ପୂର୍ଣ୍ଣ ଜାଗା ମିଳୁନି। ଏହି ସବୁ ସମସ୍ୟାର ସମାଧାନ ପାଇଁ ମୁନିଗୁଡା ବିକାଶ ପରିଷଦ ସମ୍ପାଦକ ସୁଧାକର ମହାରଣା, ସଦସ୍ୟ ଭୀମ ବେହେରା, ମୁନିଗୁଡା କ୍ରିକେଟ ଆସୋସିଏଶନ ଉପସଭାପତି ଜି. କୁମାର ରାଜୁ, ଘନଶ୍ୟାମ ମାର୍ଥା ପ୍ରମୁଖ ଦାବି କରିଥିଲେ। ଏଥିସହ ଶୀଘ୍ର ଜେଏମ୍ଏଫ୍‌ସି କୋର୍ଟ, କେନ୍ଦ୍ରୀୟ ବିଦ୍ୟାଳୟ ନିର୍ମାଣ କରିବାକୁ ଦାବି ହୋଇଥିଲା। ସମସ୍ତ ସମସ୍ୟାର ସମାଧାନ ତୁରନ୍ତ କରାଯିବ ବୋଲି ଜିଲାପାଳ ପ୍ରତିଶ୍ରୁତି ଦେଇଥିଲେ। ସେହିପରି ଏହି ଅଭିଯୋଗ ଶୁଣାଣିରେ ଲୋକଙ୍କ ବିଭିନ୍ନ ସ୍ୱାସ୍ଥ୍ୟଗତ ସମସ୍ୟାକୁ ନେଇ ରେଡକ୍ରସ ପାଣ୍ଠିରୁ ୩ହଜାର ଟଙ୍କାର ଚେକ୍ ଓ ମୁଖ୍ୟମନ୍ତ୍ରୀ ରିଲିଫ ଫଣ୍ଡରୁ ୨୦ ହଜାର ଟଙ୍କାର ଚେକ୍ ପ୍ରଦାନ କରାଯାଇଥିଲା। ଏହି ଅଭିଯୋଗ ଶୁଣାଣିରେ ଅନ୍ୟମାନଙ୍କ ମଧ୍ୟରେ ରାୟଗଡା ଏସ୍‌ପି ଡ. ସର୍ବଣା ବିବେକ ଏମ୍, ପିଏଆଇଡିଟିଏ ଗୋରାଚାନ୍ଦ ଗମାଙ୍ଗ, ଡିଇଓ ପୂର୍ଣ୍ଣଚନ୍ଦ୍ର ବରିହା, ସିଡିଏମ୍‌ଓ, ମୁନିଗୁଡା ବ୍ଲକ ଅଧ୍ୟକ୍ଷ ଶ୍ରୀଧର କରଡ଼ା, ରେଞ୍ଜର ପ୍ରସନ୍ନ କୁମାର ମିଶ୍ର, ତହସିଲଦାର ଦେବାଶିଷ ଗୌଡ଼, ଏସ୍‌ଡିପିଓ ଚନ୍ଦ୍ରଶେଖର ହୋତା, କ୍ଷୁଦ୍ର ଜଳ ସେଚନ ସହକାରୀ ଯନ୍ତ୍ରୀ ମନୋରଞ୍ଜନ ହାଁସଦା, ଜିଲା କୃଷି ଅଧିକାରୀ ରିଲିଜିୟସ ବାଗ ପ୍ରମୁଖଙ୍କ ସମେତ ଜିଲା ଓ ବ୍ଲକସ୍ତରୀୟ ଅଧିକାରୀମାନେ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ ବିଜୟ ବେବର୍ତ୍ତା, କନିଷ୍ଠଯନ୍ତ୍ରୀ ଜୟପ୍ରକାଶ ନାରାୟଣ ଭଟ୍ଟରାଏ, ନିରଞ୍ଜନ ବେହେରା, ବି.ବି. କିସାନ, ଏପିଓ ମାନସୀ ପାତ୍ର, ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ରଞ୍ଜିତା ବେହେରା ପ୍ରମୁଖ ପରିଚାଳନା କରିଥିଲେ।



ଜିଲାପାଳଙ୍କୁ ଅଭିଯୋଗକାରୀମାନେ ନିଜ ଦାବି ଜଣାଉଛନ୍ତି ।

**ODISHA STATE CIVIL SUPPLIES CORPORATION LIMITED**
(A Government of Odisha Undertaking)
PLOT NO. C/2, NAYAPALLI, BHUBANESWAR-751012
CIN : U51211OR1980SGC000894

**Tender No. 16996/OSCSC/Gunny/56/2018-19 Dt. 18.11.2019**

Managing Director, Odisha State Civil Supplies Corporation Ltd. invites tenders in Double Cover System through ONLINE MODE ONLY for the works below:

1. Name of the work : Selection and appointment of transport contractors for road transportation of new gunny bales (one bale contains 500 bags) (i) from Jute mills located in Chhatishgarh to custom millers premises/private hired godowns/OSCSC Ltd. own godowns/hired godowns of CWC & OSWC etc. located in all districts of Odisha and (ii) from Jute mills located in Andhra Pradesh/Vizianagaram, Vishakhapatanam and nearby areas to above locations in districts of Sundargarh, Deogarh, Keonjhar, Balasore & Mayurbhanj (E-Zone only) in the state of Odisha and from Jute mills located in Andhra Pradesh/Elluru, Guntur & nearby areas to above locations in districts of Sambalpur, Balasore, Keonjhar, Jharsuguda, Sundargarh, Deogarh & Mayurbhanj (E-Zone only) in the State of Odisha.
2. **Availability of bid document in the portal : From date 19.11.2019**
3. **Last Date/Time for receipt of bids in the portal : Upto 12.30 PM of dt. 28.11.2019.**
4. **Date/Time of Opening of Technical Bid : On dt. 28.11.2019 at 4.00 PM.**
5. **Name and address of the Officer Inviting Tender : Managing Director, OSCSC Ltd., BBSR.**

Tender Documents & other details can be seen from the e-procurement portal **https://tendersodisha.gov.in.** Amendments/corrigendum/cancellation/retenders etc. if any shall be published only in above website.

**Managing Director, OSCSC Ltd., BBSR**

ଧରିତ୍ରୀ
DHARITRI
ରାୟଗଡା, ମଙ୍ଗଳବାର, ୧୯ ନଭେମ୍ବର, ୨୦୧୯



## ସଂକ୍ଷେପରେ

### ଚାଇଲ୍ଡଲାଇନ୍ ସେ ଦୋସ୍ତି କାର୍ଯ୍ୟକ୍ରମ



**ପାରଳାଖେମୁଣ୍ଡି,୧୮।୧୧ (ସ୍ୱ.ପ୍ର.)** - ପାରଳାଖେମୁଣ୍ଡିସ୍ଥିତ ଗ୍ରେସ୍ ଚାଇଲ୍ଡ ହୋମ୍ ହୋଷ୍ଟେଲରେ 'ଚାଇଲ୍ଡଲାଇନ୍ ସେ ଦୋସ୍ତି' ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଶିଶୁମାନଙ୍କ ସହ ଉତ୍ତମ ସମ୍ପର୍କ ସ୍ଥାପନ କରିବା ସହ ସେମାନଙ୍କୁ ଚାଇଲ୍ଡଲାଇନ୍ ବିଷୟରେ ସଚେତନ କରିବାପାଇଁ ଶିଶୁଦିବସ ଠାରୁ ଏହି କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ଏଥିରେ ଚାଇଲ୍ଡଲାଇନ କର୍ମକର୍ତ୍ତାମାନେ ଶିଶୁମାନଙ୍କୁ ଏକ ସବୁଜ ରଙ୍ଗର ଫିତା ହାତରେ ପିନ୍ଧିବାପାଇଁ ଦିଆଯାଇ ସେମାନଙ୍କୁ ସଚେତନ କରୁଛନ୍ତି। ଏଠାରେ ଚାଇଲ୍ଡଲାଇନର ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କରେ ପିଲାମାନଙ୍କୁ ସଚେତନ କରାଯାଇଥିଲା। ଚାଇଲ୍ଡଲାଇନ୍‌ର ସଂଯୋଜକ ନାଗେଶ୍ୱର ଚୌଧୁରୀଙ୍କ ନେତୃତ୍ୱରେ ସମସ୍ତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିବାବେଳେ ଚାଇଲ୍ଡଲାଇନ୍‌ର ସଦସ୍ୟ ଭେଙ୍କେଟେଶ ସେନାପତି, ଗଙ୍ଗା ଶବର, ଟି. ସୁରେଶ କୁମାର ଏଥିରେ ସହଯୋଗ କରିଥିଲେ।

■ ତିତ୍‌ଲି ପରଠୁ ଗାଁକୁ ଫେରୁନି ବିଜୁଳି

# ନୂଆଗାଁବାସୀଙ୍କ ଭରସା ଡିବିରି ଆଲୁଅ

**ପାରଳାଖେମୁଣ୍ଡି,୧୮।୧୧ (ସ୍ୱ.ପ୍ର.)**

ଗଜପତି ଜିଲା ରାୟଗଡ଼ ବ୍ଲକ୍ କଇଁପୁର ପଞ୍ଚାୟତ ଅଧୀନ ନୂଆଗାଁ ଗ୍ରାମ ଅବହେଳିତ ଅବସ୍ଥାରେ ରହିଛି। ତିତ୍‌ଲି ବାତ୍ୟାରେ ଗାଁ ସମ୍ପୂର୍ଣ୍ଣ କ୍ଷତିଗ୍ରସ୍ତ ହୋଇଥିଲା। ଏଠାରେ ବିଦ୍ୟୁତ୍ ବ୍ୟବସ୍ଥା ସମ୍ପୂର୍ଣ୍ଣ ନଷ୍ଟ ହୋଇଥିଲା। ଗାଁ ଲୋକେ ବିଜୁଳି ଆଲୁଅରୁ ବଞ୍ଚିତ ରହିଛନ୍ତି। ଡିବିରି ବତୀର ଆଲୁଅରେ ହିଁ ଗାଁ ଲୋକେ ଚଳୁଛନ୍ତି। ଇତିମଧ୍ୟରେ ତିତ୍‌ଲି ବାତ୍ୟାକୁ ୧୩ମାସ ପୁରିଥିଲେ ମଧ୍ୟ ଗାଁକୁ ବିଜୁଳି ଆଲୁଅ ଫେରିନାହିଁ କି ପରିସ୍ଥିତି ସ୍ୱାଭାବିକ ହୋଇପାରିନାହିଁ। ନୂଆଗାଁ ଅତ୍ୟନ୍ତ ଛୋଟ ଗ୍ରାମ ହୋଇଥିବାବେଳେ ଏଠାରେ ୫ ପରିବାରର ୩୫ ସଦସ୍ୟ ବସବାସ କରୁଛନ୍ତି। ଏମାନେ ସମସ୍ତେ ଜନଜାତି ଶ୍ରେଣୀର ଏବଂ ଆର୍ଥିକ ସ୍ଥିତି ଖରାପ୍। ସେହିପରି ଗାଁରେ ୫ ପରିବାର ମଧ୍ୟରୁ ୪ ପରିବାରକୁ ସରକାରୀ ଯୋଜନାରେ ଅନ୍ତର୍ଭୁକ୍ତ କରାଯାଇ ପାଇଖାନା ନିର୍ମାଣ କରାଯାଉଥିବାବେଳେ ଅନ୍ୟ ଏକ ପରିବାର ଏଥିରୁ ବଞ୍ଚିତ ରହିଛନ୍ତି। ଯୋଜନାରେ ଅନ୍ତର୍ଭୁକ୍ତ ହୋଇଥିବା ଲୋକଙ୍କ ମଧ୍ୟ ଶୌଚାଳୟ ନିର୍ମାଣ କାର୍ଯ୍ୟ ଅଧାପନ୍ତରିଆ ପଡ଼ିଛି। ଫଳରେ ଅର୍ଦ୍ଧନିର୍ମିତ ଶୌଚାଳୟ ଗଡ଼ିକରେ ଜାଳେଣୀ କାଠ ଓ ଅନ୍ୟାନ୍ୟ ଜିନିଷ ରଖିବାରେ ବ୍ୟବହାର କରୁଥିବା ଦେଖିବାକୁ ମିଳିଛି। ଗାଁରେ ରହୁଥିବା ଯମୁନା ଭୂୟାଁ ଓ ରାମ ଭୂୟାଁ ବାର୍ଦ୍ଧକ୍ୟ ଭତ୍ତା ପାଇବାକୁ ଯୋଗ୍ୟ ହୋଇଥିଲେ ମଧ୍ୟ ତାହା ଏ ପର୍ଯ୍ୟନ୍ତ ମିଳି ନ ଥିବା କହିଛନ୍ତି। ଏଠାରେ ଅନ୍ୟ ଏକ ପ୍ରମୁଖ ସମସ୍ୟା ହେଲା ପାନୀୟଜଳ ସମସ୍ୟା। ଗାଁରେ ଗୋଟିଏ ମାତ୍ର ନଳକୂପ ରହିଥିବାବେଳେ ତାହା ମଧ୍ୟ ଠିକ୍‌ଭାବେ କାର୍ଯ୍ୟ କରୁନି। ଗାଁ ଲୋକେ ଏବେ ବି ଚାଳ ଛପର ଘରେ ବସବାସ କରୁଥିଲେ ମଧ୍ୟ କୌଣସି ଆବାସିକ ଯୋଜନାରେ ଏମାନେ ଅନ୍ତର୍ଭୁକ୍ତ ହୋଇପାରିନାହାନ୍ତି। ସରକାରଙ୍କ ପକ୍ଷରୁ ଗ୍ରାମାଞ୍ଚଳର ବିକାଶ ପାଇଁ ଅନେକ ଯୋଜନା ପ୍ରସ୍ତୁତ ହେଉଛି। ହେଲେ ବିକାଶ ନୂଆଗାଁ ଗ୍ରାମରେ ପହଞ୍ଚିପାରୁନି। ତେଣୁ ପ୍ରଶାସନ ଏଥିପ୍ରତି ଦୃଷ୍ଟିଦେଇ ସମସ୍ୟା ଗୁଡ଼ିକର ସମାଧାନ କରିବା ପାଇଁ ସୁମିତ୍ରା ଶବର, ମାଧବ ଶବର, ନରସିଂହ ଶବର, ଜେନା ଭୂୟାଁ, ପଦ୍ମାବତୀ ଶବର ପ୍ରମୁଖ ଗ୍ରାମବାସୀ ନିବେଦନ କରିଛନ୍ତି।



ଅବହେଳିତ ନୂଆଗାଁ ଗ୍ରାମବାସୀ।

■ ଚାଳ ଛପର ଘରେ ବିତୁଛି ଜୀବନ

■ ପାନୀୟଜଳ ସମସ୍ୟାରେ ଗ୍ରାମବାସୀ

# ସାରଳା ସାହିତ୍ୟ ସଂସଦର ସାହିତ୍ୟ ଆସର

**ପାରଳାଖେମୁଣ୍ଡି,୧୮।୧୧(ସ୍ୱ.ପ୍ର.)**

ସାରଳା ସହିତ୍ୟ ସଂସଦ ବ୍ରହ୍ମପୁର ଶାଖା ପକ୍ଷରୁ ସୋମବାର ପାରଳାଖେମୁଣ୍ଡିସ୍ଥିତ ଉତ୍କଳ ହିତୈଷିଣୀ ସଭାଗୃହ ପରିସରରେ ଏକ ସାହିତ୍ୟ ଆସର ଅନୁଷ୍ଠିତ ହୋଇଛି। ଗଜପତି ଜିଲାପାଳ ଅନୁପମ ଶାହା ଯୋଗଦେଇ ଏହାର ଉଦ୍‌ଘାଟନ କରିଥିଲେ। ସଂସଦର ସଭାପତି ଇଂ. ପ୍ରଭାକର ସ୍ୱାଇଁଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ଏସ୍‌ପି ସାରା ଶର୍ମା ଯୋଗଦେଇ ସାରଳା ଦାସଙ୍କ ଓଡ଼ିଆ ସାହିତ୍ୟ ପ୍ରତି ଅବଦାନ ଏବଂ ସେ କିପରି ଓଡ଼ିଆ ଜାତିର ଦିଗ୍‌ଦର୍ଶକ ଥିଲେ ସେ ସମ୍ପର୍କରେ ଆଲୋକପାତ କରିଥିଲେ। ଉପାନ୍ତ ଅଞ୍ଚଳରେ ସାହିତ୍ୟ ଏବଂ ଓଡ଼ିଆ ଭାଷାର ଉନ୍ନତି କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ସଂସଦ ପକ୍ଷରୁ ସାରସ୍ୱତ ସାଧକ ତଥା ଶିକ୍ଷାବିତ୍ ପୂର୍ଣ୍ଣଚନ୍ଦ୍ର ମହାପାତ୍ରଙ୍କୁ ଏଠାରେ ସମ୍ମାନିତ କରାଯାଇଥିଲା । ସେହିପରି ମୁଖ୍ୟବକ୍ତାଭାବେ ଗୁରୁ ଗୌରହରି ପଣ୍ଡା ଯୋଗଦେଇ ପାରଳାଖେମୁଣ୍ଡି ତଥା ଗଜପତି ଜିଲା ସାହିତ୍ୟ ପାଇଁ କିପରି ଉତ୍ସର୍ଗୀକୃତ ସେ ସମ୍ପର୍କରେ ଆଲୋଚନା କରିଥିଲେ। କାର୍ଯ୍ୟକ୍ରମ ପ୍ରାରମ୍ଭରେ ସଂସଦର ବ୍ରହ୍ମପୁର ଶାଖା ଯୁଗ୍ମ ଆବାହକ ପ୍ରଫେସର ପ୍ରସନ୍ନ କୁମାର ସ୍ୱାଇଁ ପ୍ରାରମ୍ଭିକ ବକ୍ତବ୍ୟ ପ୍ରଦାନ କରି ସାରଳା ଦାସଙ୍କ ଅସାଧାରଣ ପ୍ରତିଭା ଉପରେ ଆଲୋକପାତ କରିଥିଲେ। ସେହିପରି ସଂସଦର କାର୍ଯ୍ୟକାରୀ କମିଟି ସଦସ୍ୟ ନାଟ୍ୟକାର ସଞ୍ଜିତ କୁମାର ପଟ୍ଟନାୟକ ସ୍ୱାଗତ ଭାଷଣ ଦେଇଥିବାବେଳେ ଶିକ୍ଷାବିତ ବିନୋଦ ଚନ୍ଦ୍ର ଜେନା ଧନ୍ୟବାଦ ଦେଇଥିଲେ।

# ଘରୁ ବାହାରି ବୃଦ୍ଧ ନିଖୋଜ

**କାଶୀନଗର, ୧୮।୧୧ (ଡି.ଏନ୍.ଏ.)**

କାଶୀନଗର ଥାନା ଅଲଡ଼ା ପଞ୍ଚାୟତ ଅଧୀନ ଉଲାଭଦ୍ରା ଗ୍ରାମର ଇମିରିକା ମୁକୁନ୍ଦ(୬୫) ନିଖୋଜ ହୋଇଥିବା ଅଭିଯୋଗ ହୋଇଛି। ସେ ଗତ ୧୪ ତାରିଖରେ ଘରୁ ବାହାରିଥିବାବେଳେ ଆଉ ଫେରିନାହାନ୍ତି। ପରିବାର ଲୋକେ ବିଭିନ୍ନ ସ୍ଥାନରେ ଖୋଜାଖୋଜି କରି ବିଫଳ ହେବାପରେ ପୁଅ ଇମିରିକା କ୍ରିଷ୍ଣା ସୋମବାର ଥାନାରେ ଏତଲା ଦେଇଛନ୍ତି। ଏହାକୁ ଭିତ୍ତିକରି ପୋଲିସ ଅନୁସନ୍ଧାନ ଚଳାଇଥିବା ସୂଚନା ମିଳିଛି।

■ ବିଶୁଦ୍ଧ ଜଳ କାରଖାନା

# ସିଲ୍ ପରେ ବି ଚାଲିଛି ଚୋରା କାରବାର

**ପାରଳାଖେମୁଣ୍ଡି, ୧୮।୧୧ (ସ୍ୱ.ପ୍ର.)**

ପାରଳାଖେମୁଣ୍ଡି ସହର ଉପକଣ୍ଠ ରାଣୀପେଣ୍ଠ ସ୍ଥିତ ବିଶୁଦ୍ଧ ପାନୀୟ ଜଳ କାରଖାନା 'ମିନରାଲ ପ୍ଲସ୍'କୁ ଗତ କିଛି ମାସ ତଳେ ପ୍ରଶାସନ ପକ୍ଷରୁ ସିଲ୍ କରାଯାଇଥିଲା। ହେଲେ ଏଠାରେ ଚୋରା କାରବାର ଜାରି ରହିଥିବା ଜଣାପଡ଼ିଛି। ପ୍ରଶାସନର ଏବଂ ସ୍ୱାସ୍ଥ୍ୟ ବିଭାଗର ଟିମ୍ ଏହି କାରଖାନା ଉପରେ ଚଢ଼ାଉ କରି ପାନୀୟଜଳର ମାନ ପରୀକ୍ଷା କରିବା ଏବଂ କାଗଜପତ୍ର ଯାଞ୍ଚ କରିବାପରେ ସିଲ୍ କରିଥିଲା। ଏହାପରେ କାରଖାନାର ସମ୍ମୁଖ ଭାଗ ବନ୍ଦ ରହିଥିଲେ ମଧ୍ୟ ପଛ ପାର୍ଶ୍ୱ ଫାଟକ ଖୋଲାଯାଇ ଚୋରା କାରବାର ଚଳାଇଥିବା ଅଞ୍ଚଳବାସୀ ପ୍ରକାଶ କରିଛନ୍ତି। ତେବେ ଏହା ଜନସାଧାରଣଙ୍କ ସ୍ୱାସ୍ଥ୍ୟର ବିଷୟ। ତେଣୁ ଏହାର ଯାଞ୍ଚ କରାଯାଇ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଦାବି ହେଉଛି।



ବିଶୁଦ୍ଧ ପାନୀୟଜଳ କାରଖାନା।

■ ପାରଳାଖେମୁଣ୍ଡିରେ 'ଟିମ୍ କ୍ଲିନ୍ ସିଟି'

# ୨ ମାନସିକ ଅସୁସ୍ଥଙ୍କୁ ଉଦ୍ଧାର, ସ୍ୱଚ୍ଛତା ଅଭିଯାନ

**ପାରଳାଖେମୁଣ୍ଡି, ୧୮।୧୧ (ସ୍ୱ.ପ୍ର.)**

ଗଜପତି ଜିଲା ପାରଳାଖେମୁଣ୍ଡି ସହରରେ ବ୍ରହ୍ମପୁରର ସ୍ୱେଚ୍ଛାସେବୀ ଦଳ 'ଟିମ୍ କ୍ଲିନ୍ ସିଟି' ପକ୍ଷରୁ ରବିବାର ସ୍ୱଚ୍ଛତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସ୍ୱେଚ୍ଛାସେବୀ ଶକ୍ତିଧର ରାଜଗୁରୁଙ୍କ ନେତୃତ୍ୱରେ ୧୮ଜଣିଆ ଟିମ୍ ପାରଳାଖେମୁଣ୍ଡି ପୌରପରିଷଦ ଅଧୀନ ବିଭିନ୍ନ ଅଞ୍ଚଳ ବୁଲି ମାନସିକ ଅସୁସ୍ଥ ଲୋକଙ୍କୁ ଚିହ୍ନଟ କରିଥିଲେ। ସହରର ପ୍ୟାଲେସ୍ ଛକ ଓ ବଡ଼ବ୍ରାହ୍ମଣ ସାହି ଛକରେ ୨ ମାନସିକ ଅସୁସ୍ଥ ବ୍ୟକ୍ତିଙ୍କୁ ସଫା ସୁତୁରା କରିବା ସହ ନୂତନ ବସ୍ତ୍ର ଏବଂ ଖାଦ୍ୟ ପ୍ରଦାନ କରିଥିଲେ। ସେହିପରି ସହରର ବିଭିନ୍ନ ସ୍ଥାନରେ ଲାଗିଥିବା ପୋଷ୍ଟର, ବ୍ୟାନର୍ ଗୁଡ଼ିକୁ ମଧ୍ୟ ହଟେଇ ସହରକୁ ସୁନ୍ଦର କରିବାକୁ ପ୍ରୟାସ କରିଥିଲେ। ଏହି ଟିମ୍ ସେପ୍ଟେମ୍ବର ୨୬ରୁ ଅଭିଯାନ ଆରମ୍ଭ କରି ପ୍ରାୟ ୩୦ ମାନସିକ ଅସୁସ୍ଥ ବ୍ୟକ୍ତିଙ୍କୁ ସହାୟତାର ହାତ ବଢାଇଥିବା ଜଣାପଡ଼ିଛି। ଗଞ୍ଜାମ ଜିଲାରୁ ଆସି ସ୍ୱେଚ୍ଛାସେବୀ ମାନଙ୍କ ଏଭଳି ସୁନ୍ଦର ପ୍ରୟାସକୁ ସହରବାସୀ ସ୍ୱାଗତ କରିଛନ୍ତି। ଅନ୍ୟପକ୍ଷରେ ଗଜପତି ଏସ୍‌ପି ସାରା ଶର୍ମା ଏବଂ ପାରଳାଖେମୁଣ୍ଡି ଆଦର୍ଶ ଥାନା ଅଧିକାରୀ ବିବେକାନନ୍ଦ ସ୍ୱାଇଁ ମଧ୍ୟ କାର୍ଯ୍ୟକ୍ରମରେ ଟିମ୍‌କୁ ସହଯୋଗ କରିଥିଲେ। ଆଗାମୀ ଦିନରେ ମଧ୍ୟ ସହଯୋଗ ଜାରି ରହିବ ବୋଲି ଏସ୍‌ପି ଶର୍ମା କହିଥିଲେ। ଟିମ୍ କ୍ଲିନ୍ ସିଟିରେ ସ୍ୱେଚ୍ଛାସେବୀ ଅଶୋକ କୁମାର ଶୁକ୍ଳ, ରାଜେଶ କୁମାର ସାହୁ, ସୂର୍ଯ୍ୟନାରାୟଣ ଚୌଧୁରୀ, ରାମଚନ୍ଦ୍ର ପଣ୍ଡାଙ୍କ ସମେତ ୧୮ ସଦସ୍ୟ ରହିଛନ୍ତି।



ଟିମ୍ କ୍ଲିନ୍ ସିଟି ପକ୍ଷରୁ ଜଣେ ମାନସିକ ଅସୁସ୍ଥଙ୍କୁ ସଫାସୁତରା କରାଯାଉଛି।

# ୧୨୩ ଅଭିଯୋଗ ଶୁଣିଲେ ଜିଲାପାଳ, ଏସ୍‌ପି

**ପାରଳାଖେମୁଣ୍ଡି,୧୮।୧୧(ସ୍ୱ.ପ୍ର.)**

ଗଜପତି ଜିଲା ନୂଆଗଡ଼ ବ୍ଲକ୍ ଅନ୍ତର୍ଗତ ସମ୍ବଲପୁର ପଞ୍ଚାୟତ କାର୍ଯ୍ୟାଳୟରେ ସୋମବାର ଯୁଗ୍ମ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏଥିରେ ଜିଲାପାଳ ଅନୁପମ ଶାହା ଯୋଗଦେଇ ବିଭିନ୍ନ ସମସ୍ୟା ସମ୍ପର୍କରେ ଅଭିଯୋଗକାରୀମାନଙ୍କ ସହ ପ୍ରତ୍ୟେକ୍ଷଭାବେ ଆଲୋଚନା କରିଥିଲେ। କାର୍ଯ୍ୟକ୍ରମରେ ମୋଟ ୧୨୩ ଅଭିଯୋଗର ଶୁଣାଣି ହୋଇଥିବାବେଳେ ସେଥିମଧ୍ୟରୁ ୯୬ଟି ବ୍ୟକ୍ତିଗତ ଏବଂ ୨୭ ସାମୂହିକ ଅଭିଯୋଗ ରହିଥିଲା। ସେହିପରି ୪ଜଣଙ୍କୁ ମୁଖ୍ୟମନ୍ତ୍ରୀଙ୍କ ପାଣ୍ଠିରୁ ୨୪ ହଜାର ଟଙ୍କା ସହାୟତା ପ୍ରଦାନ ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଅଭିଯୋଗ ଶୁଣାଣିରେ ମୁଖ୍ୟତଃ ସ୍ୱାସ୍ଥ୍ୟ, ଗମନାଗମନ, ବାର୍ଦ୍ଧକ୍ୟଭତ୍ତା ଆଦି ସମସ୍ୟା ସମ୍ପର୍କରେ ଅଭିଯୋଗ ରହିଥିଲା। ଶୁଣାଣୀ କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଏସ୍‌ପି ସାରା ଶର୍ମା, ନୂଆଗଡ଼ ବ୍ଲକ ଅଧ୍ୟକ୍ଷ ଗୁଡବାଇ ମଣ୍ଡଳଙ୍କ ସମେତ ଜିଲା ଓ ବ୍ଲକସ୍ତରୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।



ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମରେ ଜିଲାପାଳ, ଏସପି ଓ ଅନ୍ୟମାନେ ।

■ ଗଣ୍ଡାହାତୀ ଜଳପ୍ରପାତ

# ଖାଲଖମା ରାସ୍ତା, ପର୍ଯ୍ୟଟକ ନିରାଶ



ଖାଲଖମାରେ ଗଣ୍ଡାହାତୀ ରାସ୍ତା ଖାଲଖମା ହୋଇ ନଷ୍ଟ ହୋଇଛି।

**ପାରଳାଖେମୁଣ୍ଡି,୧୮।୧୧ (ସ୍ୱ.ପ୍ର.)**

ଗଜପତି ଜିଲା ରାୟଗଡ଼ ବ୍ଲକ୍ ଅନ୍ତର୍ଗତ ଗଣ୍ଡାହାତୀ ଜଳପ୍ରପାତ ସମଗ୍ର ରାଜ୍ୟରେ ଜିଲାକୁ ଏକ ସ୍ୱତନ୍ତ୍ର ପରିଚୟ ଦେଇଛନ୍ତି। ଏହା ଜିଲାର ଏକ ପ୍ରମୁଖ ପର୍ଯ୍ୟଟନସ୍ଥଳୀଭାବେ ପରିଚିତ। ଏଠାକାର ପ୍ରାକୃତିକ ସୌନ୍ଦର୍ଯ୍ୟକୁ ଉପଭୋଗ କରିବା ପାଇଁ ରାଜ୍ୟ ଏବଂ ରାଜ୍ୟବାହାରୁ ପର୍ଯ୍ୟଟକ ପହଞ୍ଚିଥାନ୍ତି। ହେଲେ ଏଠାକୁ ଯିବାକୁ ରହିଥିବା ରାସ୍ତା ଖାଲଖମାରେ ଭର୍ତ୍ତି ହୋଇଥିବାରୁ ପର୍ଯ୍ୟଟକ ନିରାଶ ହେଉଛନ୍ତି। ଶୀତ ଋତୁର ଆଗମନ ହୋଇଥିବାବେଳେ ଏଠାରେ ପର୍ଯ୍ୟଟକଙ୍କ ସଂଖ୍ୟା ବୃଦ୍ଧିପାଉଥିବା ଦେଖିବାକୁ ମିଳୁଛି । ପାରଳାଖେମୁଣ୍ଡି ଠାରୁ ଏହି ପର୍ଯ୍ୟଟନସ୍ଥଳୀର ଦୂରତା ପ୍ରାୟ ୨୮ କିମି ହୋଇଥିବାବେଳେ ଅଡାସିଂ ଠାରୁ ୮ କିମି। ପର୍ଯ୍ୟଟକମାନେ ଦୂରଦୂରାନ୍ତରୁ ବିଭିନ୍ନ ଯାନବାହନ ନେଇ ଆସୁଥିବାବେଳେ ରାସ୍ତା ଅବସ୍ଥା ଖରାପ ଯୋଗୁ ଏହି ରାସ୍ତାରେ ଯିବାକୁ ବିପଦ ମଣିବା ସହ ନିରାଶ ମଧ୍ୟ ହେଉଛନ୍ତି। ପର୍ଯ୍ୟଟକଙ୍କସଂଖ୍ୟା ବଢ଼ିଲେ ରାଜସ୍ୱ ବୃଦ୍ଧି ପାଇବା ସହ ଜିଲାର ବିକାଶ ମଧ୍ୟ ହୋଇପାରିବ। ତେଣୁ ଏଥିପ୍ରତି ଦୃଷ୍ଟିଦେଇ ରାସ୍ତା ମରାମତି ପାଇଁ ସହରବାସୀ ଓ ବୁଦ୍ଧିଜୀବୀଙ୍କ ମଧ୍ୟରେ ଦାବି ହେଉଛି।


## ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ଼, ଓଡ଼ିଶା
(ଜଙ୍ଗଲ ଓ ପରିବେଶ ବିଭାଗ, ଓଡ଼ିଶା ସରକାର)

ପରିବେଶ ଭବନ, ଏ/୧୧୮, ନୀଳକଣ୍ଠନଗର, ୟୁନିଟ୍-୮, ଭୁବନେଶ୍ୱର- ୭୫୧୦୧୨

ସଂଖ୍ୟା- ୧୨୩୨୮ / IND-II-PH-810 ତାରିଖ: ................./

### ବିଜ୍ଞାପନ

ଏତଦ୍ୱାରା ସମସ୍ତଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, **ମେସର୍ସ ଜେ.ଏସ୍.ଡବ୍ଲ୍ୟୁ. ଉତ୍କଳ ଷ୍ଟିଲ୍ ଲିମିଟେଡ୍ ଓଡ଼ିଶାର ଜଗତ୍‌ସିଂହପୁର ଜିଲ୍ଲା, ଏରସମା ତହସିଲ ଅନ୍ତର୍ଗତ ପାରାଦ୍ୱୀପ ନିକଟରେ ୧୩.୨ ଏମ୍.ଟି.ପି.ଏ. ଅଶୋଧିତ ଇସ୍ପାତ, ୯୦୦ ମେଗାୱାଟ୍ କ୍ୟାପ୍ଟିଭ୍ ପାୱାର ପ୍ରକଳ୍ପ ଏବଂ ୧୦ ଏମ୍.ଟି.ପି.ଏ. ସିମେଣ୍ଟ ପ୍ରକଳ୍ପ ପ୍ରତିଷ୍ଠା କରିବା ନିମନ୍ତେ** ପରିବେଶୀୟ ମଞ୍ଜୁରୀ ପାଇଁ 'ସର୍ବସାଧାରଣ ଶୁଣାଣି' ତା୨୨।୧୧।୨୦୧୯ରିଖ ଦିବା ୯.୩୦ଘଟିକା ସମୟରେ ଜଗତ୍‌ସିଂହପୁର ଜିଲ୍ଲା, ଏରସମା ତହସିଲ, ଗଡ଼କୁଜଙ୍ଗ ଗ୍ରାମପଞ୍ଚାୟତ ଅନ୍ତର୍ଗତ ଗଡ଼କୁଜଙ୍ଗ ଜଗନ୍ନାଥ ମନ୍ଦିର ସମ୍ମୁଖ (ଖାତା ନଂ. ୬୪୬, ସର୍ବସାଧାରଣ ପ୍ଲଟ୍ ନଂ. ୫୮୩ ଏବଂ ଦାଣ୍ଡ ପ୍ଲଟ୍ ନଂ. ୧୪୭୩) ବଡ଼ଦାଣ୍ଡରେ ହେବାକୁ ଧାର୍ଯ୍ୟ ହୋଇଥିଲା। ଉକ୍ତ ଶୁଣାଣିର ବିଶେଷ ତଥ୍ୟ ବିଭିନ୍ନ ସମ୍ବାଦପତ୍ର ଯଥା: "The Times of India" ଏବଂ ''ଧରିତ୍ରୀ''ରେ ତା ୨୧।୧୦।୨୦୧୯ରିଖରେ ବିଜ୍ଞାପନ ପ୍ରକାଶ କରାଯାଇଥିଲା। କିନ୍ତୁ ୧୬ତମ ବିଧାନସଭାର ୨ୟ ପର୍ଯ୍ୟାୟ ଅଧିବେଶନ (୧୩।୧୧।୨୦୧୯ଠାରୁ ୧୯।୧୨।୨୦୧୯) ଯୋଗୁଁ ୨୨।୧୧।୨୦୧୯ରିଖ ଦିନ ହେବାକୁ ଥିବା ସର୍ବସାଧାରଣ ଶୁଣାଣିକୁ ସ୍ଥଗିତ ରଖାଯାଇଅଛି। ଉକ୍ତ ସର୍ବସାଧାରଣ ଶୁଣାଣି **ତା୨୦।୧୨।୨୦୧୯ରିଖ ଦିବା ୯.୩୦ ଘଟିକା ସମୟରେ ଜଗତ୍‌ସିଂହପୁର ଜିଲ୍ଲା, ଏରସମା ତହସିଲ, ଗଡ଼କୁଜଙ୍ଗ ଗ୍ରାମପଞ୍ଚାୟତ ଅନ୍ତର୍ଗତ ଗଡ଼କୁଜଙ୍ଗ ଜଗନ୍ନାଥ ମନ୍ଦିର ସମ୍ମୁଖ (ଖାତା ନଂ. ୬୪୬, ସର୍ବସାଧାରଣ ପ୍ଲଟ୍ ନଂ. ୫୮୩ ଏବଂ ଦାଣ୍ଡ ପ୍ଲଟ୍ ନଂ. ୧୪୭୩) ବଡ଼ଦାଣ୍ଡ**ରେ ହେବାକୁ ପୁନଃନିର୍ଦ୍ଧାରିତ ହୋଇଛି।

ଭାରତ ସରକାର ପରିବେଶ, ଜଙ୍ଗଲ ଏବଂ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟର ପରିବେଶୀୟ ମଞ୍ଜୁରୀ ନିମନ୍ତେ ଅଧିସୂଚନା ସଂଖ୍ୟା ଏସ୍.ଓ. ୧୫୩୩ (ଇ), ତା୧୪।୦୯।୨୦୦୬ ଅନୁଯାୟୀ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶା, ଭୁବନେଶ୍ୱରଙ୍କୁ ସର୍ବସାଧାରଣ ଶୁଣାଣି କରିବାର କ୍ଷମତା ପ୍ରଦାନ କରିଛନ୍ତି। ଏଥିନିମିତ୍ତ ବୋର୍ଡ, ସର୍ବସାଧାରଣଙ୍କ ସମେତ ପ୍ରକୃତ ଅଧିବାସୀ, ପରିବେଶୀୟ ସଂସ୍ଥା ଏବଂ ପ୍ରସ୍ତାବିତ ପ୍ରକଳ୍ପ ସ୍ଥାପନ ହେଉଥିବା ସ୍ଥାନରେ ଜନବର୍ଗ, ପ୍ରକଳ୍ପ ଯୋଗୁଁ ଉଚ୍ଛେଦ ହେଉଥିବା ବାସିନ୍ଦା, ପ୍ରକଳ୍ପ ଯୋଗୁଁ ପ୍ରଭାବିତ ହେଉଥିବା ବାସିନ୍ଦାମାନଙ୍କଠାରୁ ପ୍ରକଳ୍ପ ସ୍ଥାପନ ଯୋଗୁଁ ପରିବେଶୀୟ ପ୍ରଭାବ ସମ୍ବନ୍ଧୀୟ ପ୍ରସ୍ତାବ, ମତାମତ, ମନ୍ତବ୍ୟ ଓ ଆପତ୍ତିପତ୍ର ଆହ୍ୱାନ କରୁଛନ୍ତି। ଏଥିନିମନ୍ତେ ବ୍ୟକ୍ତିର ଅର୍ଥ କେବଳ ନିମ୍ନମତେ ବୁଝାଯାଉଛି:

(କ) ପରିବେଶୀୟ ମଞ୍ଜୁରୀ ଦ୍ୱାରା ପ୍ରଭାବିତ ହେଉଥିବା ବା ହେବାକୁ ଥିବା ଯେକୌଣସି ବ୍ୟକ୍ତି।

(ଖ) ପ୍ରକଳ୍ପ ସମ୍ବନ୍ଧିତ ପରିବେଶୀୟ ମଞ୍ଜୁରୀ ପାଇଁ ଆଗତ ଦରଖାସ୍ତ ପରିପ୍ରେକ୍ଷୀରେ ତହିଁ ଉପରେ କର୍ତ୍ତୃତ୍ୱ ଜାରି କରିପାରୁଥିବା କୌଣସି ବ୍ୟକ୍ତିବିଶେଷ।

(ଗ) ପରିବେଶ କ୍ଷେତ୍ରରେ କାର୍ଯ୍ୟ କରୁଥିବା କିମ୍ବା / ଏବଂ ପ୍ରସ୍ତାବିତ ପ୍ରକଳ୍ପ ଦ୍ୱାରା ପ୍ରଭାବିତ ହେଉଥିବା (ପଞ୍ଜୀକୃତ ବା ଅଣପଞ୍ଜୀକୃତ) ଯେକୌଣସି ବ୍ୟକ୍ତି ସମୂହଙ୍କ ସଂଘ।

(ଘ) ପ୍ରସ୍ତାବିତ ପ୍ରକଳ୍ପର ସ୍ଥାନୀୟ ସୀମାଭୁକ୍ତ ନିକଟବର୍ତ୍ତୀ ଅଞ୍ଚଳରେ ଯେକୌଣସି ସ୍ଥାନୀୟ କର୍ତ୍ତୃପକ୍ଷ।

ଉପରୋକ୍ତ ବ୍ୟକ୍ତିମାନେ ସେମାନଙ୍କର ପ୍ରସ୍ତାବ, ମତାମତ, ମନ୍ତବ୍ୟ ଏବଂ ଆପତ୍ତି ଇତ୍ୟାଦିକୁ ସଦସ୍ୟ ସଚିବ, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶାଙ୍କୁ ଲିଖିତ ଆକାରରେ ଏହି ବିଜ୍ଞାପନ ପ୍ରକାଶନର ୩୦ ଦିନ ମଧ୍ୟରେ ରେଜିଷ୍ଟ୍ରି ଡାକଯୋଗେ ଜଣାଇପାରିବେ। ଏହାଛଡ଼ା ଉକ୍ତ ପ୍ରସ୍ତାବିତ ପ୍ରକଳ୍ପ ଉପରେ ଲିଖିତ ବା ମୌଖିକ ଭାବେ ମତାମତ ଦେବା ପାଇଁ ଇଚ୍ଛୁକ ବ୍ୟକ୍ତିମାନେ **ତା୨୦।୧୨।୨୦୧୯ରିଖ ଦିବା ୯.୩୦ ଘଟିକା ସମୟରେ ଜଗତ୍‌ସିଂହପୁର ଜିଲ୍ଲା, ଏରସମା ତହସିଲ, ଗଡ଼କୁଜଙ୍ଗ ଗ୍ରାମପଞ୍ଚାୟତ ଅନ୍ତର୍ଗତ ଗଡ଼କୁଜଙ୍ଗ ଜଗନ୍ନାଥ ମନ୍ଦିର ସମ୍ମୁଖ (ଖାତା ନଂ. ୬୪୬, ସର୍ବସାଧାରଣ ପ୍ଲଟ୍ ନଂ.୫୮୩ ଏବଂ ଦାଣ୍ଡ ପ୍ଲଟ୍ ନଂ.୧୪୭୩) ବଡ଼ଦାଣ୍ଡରେ** ଧାର୍ଯ୍ୟ ସର୍ବସାଧାରଣ ଶୁଣାଣି ସମୟରେ ମଧ୍ୟ ଉପସ୍ଥାପନ କରିପାରିବେ।

ପ୍ରସ୍ତାବିତ ପ୍ରକଳ୍ପ ବିଷୟରେ ବିଶଦ୍ ଭାବରେ ଜାଣିବା ପାଇଁ ପରିବେଶୀୟ ପ୍ରଭାବ ମୂଲ୍ୟାୟନ ବିବରଣୀ (Environmental Impact Assessment) ଏବଂ ଏହାର ନିର୍ବାହୀ ସାରାଂଶ (Executive Summary) ଓଡ଼ିଆ ଏବଂ ଇଂରାଜୀ ଭାଷାରେ ନିମ୍ନଲିଖିତ ସ୍ଥାନମାନଙ୍କରେ ମିଳିପାରିବ।

୧. ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ଜଗତ୍‌ସିଂହପୁର।
୨. ଜିଲ୍ଲା ଶିଳ୍ପକେନ୍ଦ୍ର, ଜଗତ୍‌ସିଂହପୁର।
୩. ଜିଲ୍ଲା ପରିଷଦ ମୁଖ୍ୟ ନିର୍ବାହୀ ଅଧିକାରୀ, ଜଗତ୍‌ସିଂହପୁର।
୪. ମୁଖ୍ୟ କାର୍ଯ୍ୟାଳୟ, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶା, ପରିବେଶ ଭବନ, ଏ/୧୧୮, ନୀଳକଣ୍ଠନଗର, ଭୁବନେଶ୍ୱର- ୭୫୧୦୧୨।
୫. ଆଞ୍ଚଳିକ କାର୍ଯ୍ୟାଳୟ, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶା, ପାରାଦ୍ୱୀପ।
୬. ଜଙ୍ଗଲ ଓ ପରିବେଶ ବିଭାଗ, ଓଡ଼ିଶା ସରକାର, ଭୁବନେଶ୍ୱର।

ଏତଦ୍‌ବ୍ୟତୀତ ପରିବେଶୀୟ ପ୍ରଭାବ ମୂଲ୍ୟାୟନ ବିବରଣୀର ନିର୍ବାହୀ ସାରାଂଶ (Executive Summary) ଓଡ଼ିଆ ଏବଂ ଇଂରାଜୀ ଭାଷାରେ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶାର ୱେବ୍‌ସାଇଟ୍ www.ospcboard.orgରୁ ମଧ୍ୟ ମିଳିପାରିବ।

ଏ ବିଷୟରେ ସବିଶେଷ ବିବରଣୀ ପାଇଁ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶାର ଆଞ୍ଚଳିକ କାର୍ଯ୍ୟାଳୟ, ପାରାଦ୍ୱୀପସ୍ଥିତ ଆଞ୍ଚଳିକ ଅଧିକାରୀ କିମ୍ବା ଭୁବନେଶ୍ୱରସ୍ଥିତ ମୁଖ୍ୟ କାର୍ଯ୍ୟାଳୟରେ ସଦସ୍ୟ ସଚିବଙ୍କ ସହ ଯୋଗାଯୋଗ କରାଯାଇପାରେ।

**ସ୍ୱା./- ସଦସ୍ୟ ସଚିବ**



## ODISHA HYDRO POWER CORPORATION LTD.
**OFFICE OF THE SENIOR GENERAL MANAGER (ELECTRICAL)**
**UPPER KOLAB HYDRO ELECTRIC PROJECT**
**AT/PO: BARINIPUT, DIST : KORAPUT-764006,**
**PHONE - 06854-242001, FAX - 06854242038., E-mail : sgmel_ukhep@ohpcltd.com**
**CIN : U40101OR1995SGC003963**

**e-PROCUREMENT NOTICE No.UKHEP/ET - 09/2019-20, Dated: 14.11.19**

No.CAD-591 :- The Unit Head Upper Kolab Hydro Electric Project, Bariniput, Koraput, Odisha invites percentage rate bid in single cover system in ONLINE MODE only from eligible contractors for the works as mentioned below.

| Sl. No. | Name of the work | Approx. Estimated cost (in Rs.) | E.M.D. (in Rs.) | Cost of bid document | Class of Contractor | Availability of Bids online for Bidders | Due date and time of Opening of Technical Bid |
|---|---|---|---|---|---|---|---|
| 1 | Construction of Watch Tower Two Numbers At Power House, UKHE Project, Bariniput | 20,90,910/- | 21000/- | 7080/- (Rs.6000+18% GST) | "B" & "C" Class | From 10:00 A.M. of 25.11.19 to 17:00 hrs. of 09.12.19 | At 11.30 hrs. of 10.12.19 |

1. The Bidders have to participate in ONLINE bidding only through the Govt. e-Procurement portal www.tendersorissa.gov.in by using their compatible Digital Signature Certificate (DSC), 2. Further details like tender specification (DTCN), BOQ and any addendum / corrigendum / cancellation of tender can be seen in the same website.

**04002/11/0046/1920** **Sd./- Unit Head, UKHEP, Bariniput**



## ଓଡ଼ିଶା ଗ୍ରାମ୍ୟ ଉନ୍ନୟନ ଓ ବିପଣନ ସମିତି, ଖୋର୍ଦ୍ଧା
ପଞ୍ଚାୟତିରାଜ ଓ ପାନୀୟଜଳ ବିଭାଗ, ଓଡ଼ିଶା ସରକାର

**Odisha Rural Development & Marketing Society, Khordha**
Panchayati Raj & DW Department, Government of Odisha

### TENDER CALL NOTICE

No. 538/ORMAS Dt. 18.11.2019

**No. CAD-595:-** Sealed tenders are invited from reputed / firms tent houses / security agencies etc. for different works like Tentage and allied works, Printing, Documentation, Security services required for ensuing Pallishree Mela to be held at Haveli Field, Khordha. The detail tender paper alongwith terms and condition may be downloaded from the following websites: www.ormas.org & www.khordha.nic.in from 19.11.2019 to 22.11.2019. The last date and time of receipt bids: 22.11.2019 upto 1.00 PM and tenders will be opened on 22.11.2019 at 3.30 PM in the Conference Hall of DRDA, Khordha. Pallishree Mela will be organised tentatively in the 2nd Week of Dec. 2019.

The Collector and District Magistrate, Khordha reserves the right to reject any or all tenders without assigning any reason thereof.

19088/11/0001/1920 ***Sd./- Dy. CEO, ORMAS, Khordha***



## OFFICE OF THE MUNICIPAL COUNCIL, SUNABEDA

**No.6603** **Dt.18.11.19**

### QUOTATION CALL NOTICE

Sealed quotations are invited from the intending registered firms/ manufacturers/ agencies for Installation & Supplying, fixing & fitting of CCTV with AMC at Semiliguda Town under Sunabeda Municipality. The quotation should reach in the office of the Executive Officer, Sunabeda Municipality through registered post / speed post only up to 1.00 P.M of Dt-26.11.2019 and the same will be opened on same day at 4.00 P.M. in the presence of quotationer or their authorized agent if present. The quotationer should submit the attested copy of valid registration certificate of firm / GST return certificate upto September-2019 / PAN Card / Tin No. along with the quotation paper. The quotationer should submit the copy of work order of similar type work executed in State Govt. & other departments of at least one year towards experience along with the quotation paper. The quotationer should submit warranty certificate . The paper cost and EMD as specified in quotation paper should be deposited in shape of bank draft / banker's cheque in favour of the Executive Officer, Sunabeda Municipality from any nationalized bank and attached the same along with quotation paper. The rate should be quoted inclusive of material cost, labour charges, taxes and transportation charges etc. This Office is not responsible for any postal delay in receipt of the quotation paper. If the successful quotationer will not execute the work in the approved rate the EMD will be forfeited and the same amount will be transferred to the account of the Municipality office Sunabeda. The Quotationer should quote the rate both in figure and words. If any alteration or over writing made in the quotation it should be attested by the Quotationer. Quotation paper along with details of the work is available from 11.00 A.M dt-18.11.2019 to 25.11.2019 up to 5.00 P.M in office website www.sunabedamunicipality.in shall be downloaded & submit with all documents by post after quoting the rate. The undersigned reserves the right to reject any or all the quotation without assigning any reason thereof.

*Yours Faithfully*

**Sd./-**
**Executive Officer**
**Sunabeda Municipality**